୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୯/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, December 19/2024 Page 16 ₹ 7.00 | SAMBALPUR
୫୧ଶ ଭାଗ ୨୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 26 ମୂଲ୍ୟ₹୭/-

# ମୁମ୍ବାଇ ସମୁଦ୍ରରେ ବୋଟ୍ ଓଲଟି ୧୩ ମୃତ

## ଯାତ୍ରୀବାହୀ ବୋଟ୍ ସହ ନୌସେନାର ସ୍ପିଡ୍ ବୋଟ୍‌ର ଧକ୍କା



**ମୁମ୍ବାଇ, ୧୮।୧୨**

ମୁମ୍ବାଇର ଗେଟ୍‌ୱେ ଅଫ୍ ଇଣ୍ଡିଆରୁ ଏଲିଫାଣ୍ଟା ଦ୍ୱୀପ ଯାଉଥିବା ନୀଳକମଳ ନାମକ ଏକ ଯାତ୍ରୀବାହୀ ମୋଟର ବୋଟ୍ ସହ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଭାରତୀୟ ନୌସେନାର ଏକ ସ୍ପିଡ୍ ବୋଟ୍‌ର ଧକ୍କା ହୋଇଛି। ଫଳରେ ଯାତ୍ରୀବାହୀ ବୋଟ୍‌ଟି ଓଲଟି ପଡ଼ିବାରୁ ସେଥିରେ ଥିବା ୧୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୧ ଜଣଙ୍କୁ ଉଦ୍ଧାର କରାଯାଇଛି। ଆଉ କେତେଜଣ ନିଖୋଜଙ୍କୁ ଉଦ୍ଧାର ପାଇଁ ଖୋଜାଚାଲିଛି। ଘଟଣାସ୍ଥଳରେ ତୁରନ୍ତ ନୌସେନାର ତଟରକ୍ଷୀ ବାହିନୀ, ସାମୁଦ୍ରିକ ପୋଲିସ ପହଞ୍ଚି ରେସ୍କ୍ୟୁ ଅପରେଶନ ଚଳାଇଛନ୍ତି। ନୌସେନାର ୧୧ ବୋଟ୍ ଓ ୪ ହେଲିକପ୍ଟର, ସାମୁଦ୍ରିକ ପୋଲିସର ୩ ବୋଟ୍ ଏବଂ ତଟରକ୍ଷୀ ବାହିନୀର ଗୋଟିଏ ବୋଟ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଦୁର୍ଘଟଣାକୁ ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ମଧ୍ୟରେ ୧୦ ଜଣ ସାଧାରଣ ନାଗରିକ ରହିଥିବାବେଳେ ୩ ଜଣ ନୌସେନା କର୍ମଚାରୀ ଥିବା ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଘୋଷଣା କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କ ନିମନ୍ତେ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ନିମନ୍ତେ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

# ‘ପବିତ୍ର ଉପବନ’ର ସୁରକ୍ଷା ପାଇଁ ନୀତି ପ୍ରଣୟନ କର

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

**ନୂଆଦିଲ୍ଲୀ, ୧୮।୧୨(ପି.ଟି.)**

ଦେଶର ବିଭିନ୍ନ ଭାଗରେ ଗୋଷ୍ଠୀଗୁଡ଼ିକ ଦ୍ୱାରା ସୁରକ୍ଷିତ ବନ (ପବିତ୍ର ଉପବନ)ର ସଂରକ୍ଷଣ ପାଇଁ ଏକ ବିସ୍ତୃତ ନୀତି ପ୍ରଣୟନ କରିବାକୁ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଜଷ୍ଟିସ୍ ବି.ଆର୍. ଗଭାଇ, ଏସ୍.ଭି.ଏନ୍. ଭଟ୍ଟି ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଭାରତରେ ଅନେକ ହଜାର ପବିତ୍ର ଉପବନ ରହିଛି। ସେଗୁଡ଼ିକୁ ନେଇ ସୃଷ୍ଟ ଜଙ୍ଗଲ ବା ବୃକ୍ଷରାଜିକୁ ସ୍ଥାନୀୟ ସମୁଦାୟ ସୁରକ୍ଷା ଦେଇଆସୁଛନ୍ତି। ଏହି ପବିତ୍ର ଉପବନର ଭାରତୀୟ ସଂସ୍କୃତି ସହ ଗଭୀର ସମ୍ପର୍କ ଏବଂ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ତେଣୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦେଶବ୍ୟାପୀ ରହିଥିବା ପବିତ୍ର ଉପବନଗୁଡ଼ିକ ସକାଶେ ପ୍ରଶାସନ ଓ ପରିଚାଳନା ଲାଗି ଏକ ବିସ୍ତୃତ ନୀତି ପ୍ରଣୟନ କରିବା ଉଚିତ। ଏହି ଅବସରରେ ୩ ଜଣିଆ ଖଣ୍ଡପୀଠ ଭଗବଦ୍‌ଗୀତାର ଏକ ଶ୍ଳୋକକୁ ଉଦ୍ଧୃତ କରି କହିଛନ୍ତି, ପ୍ରକୃତି ହେଉଛି ସମସ୍ତ ଭୌତିକ ସାମଗ୍ରୀର ଉତ୍ସ: ସୃଷ୍ଟିକର୍ତ୍ତା, ମାଧ୍ୟମ ଏବଂ ସୃଷ୍ଟ ସାମଗ୍ରୀ। ଆତ୍ମା ହେଉଛି ସମସ୍ତ ଚେତନାର ସାଧନ, ଯାହାକି ସୁଖ ଓ ଦୁଃଖକୁ ଅନୁଭବ କରିଥାଏ।

ପବିତ୍ର ଉପବନର ପରିବେଶଗତ ଓ ସାଂସ୍କୃତିକ ଗୁରୁତ୍ୱକୁ ରେଖାଙ୍କିତ କରି ଶୀର୍ଷ ଅଦାଲତ ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ର ଧାରା ୩୬-ସି (ସମୁଦାୟ ସଂରକ୍ଷିତ ଜଙ୍ଗଲ ଘୋଷଣା) ଜରିଆରେ ଜଙ୍ଗଲ ସଂରକ୍ଷଣ ପାଇଁ ସୁପାରିସ କରିଛନ୍ତି। ରାଜସ୍ଥାନରେ ପବିତ୍ର ଉପବନଗୁଡ଼ିକର ସୁରକ୍ଷା ସମ୍ପର୍କରେ ଚିନ୍ତା ବ୍ୟକ୍ତ କରି ଦାଖଲ ଏକ ପିଟିଶନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି। ଖଣ୍ଡପୀଠ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ରାଜସ୍ଥାନର ଜଙ୍ଗଲ ବିଭାଗକୁ ସମ୍ପୃକ୍ତ ଅଞ୍ଚଳରେ ରହିଥିବା ପ୍ରତ୍ୟେକ ପବିତ୍ର ଉପବନର ତୃଣମୂଳ ଓ ସାଟେଲାଇଟ୍ ମ୍ୟାପିଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଇନ୍ଦ୍ରଭୂତି କେଉଁ ଦେଶର

# ବୈଷ୍ଣବ ଚରଣ ସାମଲ ପାଇବେ ‘କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର’

**ଭୁବନେଶ୍ୱର, ୧୮।୧୨(ବନ୍ଦନା ସେଠୀ)**

ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ୨୦୨୪ ବର୍ଷ ପାଇଁ ‘କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର’ ପାଇବାକୁ ମନୋନୀତ ହୋଇଛନ୍ତି। ‘ଭୂତି ଭକ୍ତି ବିଭୂତି’ ପ୍ରବନ୍ଧ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏନେଇ ବୁଧବାର କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି। ପୁରସ୍କାର ବାବଦରେ ତାଙ୍କୁ ୧ଲକ୍ଷ ଟଙ୍କା ଅର୍ଥରାଶି ଦିଆଯିବ। ଏକାଡେମୀ ପୁରସ୍କାର ପାଇବା ସମ୍ପର୍କରେ ପ୍ରଫେସର ସାମଲ କହିଛନ୍ତି, ପୁରସ୍କାର ପାଇଁ କେବେ ଚିନ୍ତା କରେନି। ତେବେ ପୁରସ୍କାର ପାଇବି ଜାଣିବା ପରେ ଆନନ୍ଦ ଲାଗୁଛି। ଜଗନ୍ନାଥ, ରଥଯାତ୍ରା, ଗୀତା ସମ୍ପର୍କିତ ବିଭିନ୍ନ ତତ୍ତ୍ୱ ଆଦି ବହୁ ଉପାଦେୟ କଥା ଏହି ବହିରେ ଉଲ୍ଲେଖ ରହିଛି। ଜଗନ୍ନାଥଙ୍କ ଗୂଢ ତଥ୍ୟକୁ ସରଳ ଭାଷାରେ ଲୋକାଭିମୁଖୀ କରିବା ହିଁ ଏହି ପ୍ରବନ୍ଧ ରଚନାର ମୂଳ ଉଦ୍ଦେଶ୍ୟ ରହିଛି। ଜଗନ୍ନାଥ ହୁଅନ୍ତୁ ଅବା ଗୀତା, ଭାଗବତ ସବୁକିଛି ମଣିଷକୁ ନେଇ ସୃଷ୍ଟି ହୋଇଛି। ଯଦି ସାହିତ୍ୟରେ ମଣିଷ ନାହିଁ, ତେବେ




ତାହାର କିଛି ମୂଲ୍ୟ ନାହିଁ। ମଣିଷ ପ୍ରତି ଶ୍ରଦ୍ଧା, ସହାନୁଭୂତି ନ ରହିଲେ, ଯେଉଁ ଭୂମିରେ ବାସ କରୁଛେ, ସେଥିପ୍ରତି ମମତା ନ ରହିଲେ କିମ୍ବା ଆମ ସଂସ୍କୃତିକୁ ଛାଡି ବାହାର ସଂସ୍କୃତିକୁ ଧରିଲେ ସାହିତ୍ୟ ଦିଗଭ୍ରଷ୍ଟ ହୋଇଯିବ ବୋଲି ପ୍ରବନ୍ଧରେ ଉଲ୍ଲେଖ ରହିଛି। ୨୦୨୫ ମାର୍ଚ୍ଚ ୮ରେ ଦିଲ୍ଲୀର କମନୀ ☞ପୃଷ୍ଠା-୪

# ଶାହାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

## ଆମ୍ବେଡକର ମନ୍ତବ୍ୟ: ଘେରିଲେ ବିରୋଧୀ

**ନୂଆଦିଲ୍ଲୀ, ୧୮।୧୨**

ଭାରତୀୟ ସମ୍ବିଧାନର ସ୍ଥପତି ଡ. ଭୀମରାଓ ଆମ୍ବେଡକରଙ୍କ ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ମନ୍ତବ୍ୟକୁ ନେଇ କ୍ଷୁବ୍ଧ ବିରୋଧୀ ଦଳ ଏମ୍‌ପିମାନେ ବୁଧବାର ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରୁଲ୍ ୧୮୭ ଅଧୀନ ରାଜ୍ୟ ସଭାର ରୁଲ୍ସ ଅଫ୍ ପ୍ରୋସିଡ୍ୟୁର୍ ଆଣ୍ଡ୍ କଣ୍ଡକ୍ଟ ଅଫ୍ ବିଜ୍‌ନେସ୍ ବଳରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସଦସ୍ୟ ଡେରେକ୍ ଓ’ବ୍ରାଏନ୍ ଏନେଇ ନୋଟିସ ଦାଖଲ କରିଛନ୍ତି। ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଉଚ୍ଚ ସଦନରେ ସମ୍ବିଧାନ ସମ୍ପର୍କିତ ବିତର୍କ ବେଳେ ବିବୃତି ରଖି ଆମ୍ବେଡକରଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। ଗୃହର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଶାହାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସୁରକ୍ଷା ଦେଉଥିବା ସମାଲୋଚନା କରିଛନ୍ତି। ଏଥିସହ ଶାହା ମଧ୍ୟରାତ୍ରି ସୁଦ୍ଧା ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଖାର୍ଗେ ଦାବି କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ତାଙ୍କ ଭାଷଣକୁ କଦର୍ଥ କରିଥିବା ଦର୍ଶାଇ ଶାହା ବିରୋଧୀ ଦଳକୁ ଦଳିତ ବିରୋଧୀ ଆଖ୍ୟା ଦେଇଛନ୍ତି। ଶୀତ ଅଧିବେଶନ ଶେଷ ହେବାକୁ ଯାଉଥିବାବେଳେ ଏହି ପ୍ରସଙ୍ଗରେ ଶାସକ-ବିରୋଧୀ ମୁହାଁମୁହିଁ ହେବା ପରେ ସଂସଦ ଭିତରେ ଓ ବାହାରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି।

ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ତମ ବର୍ଷପୂର୍ତ୍ତି ଅବସରରେ ଏହା ଉପରେ ସଂସଦର ଉଭୟ ଗୃହରେ ବିତର୍କ ଚାଲିଥିଲା। ଲୋକ ସଭାରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ବିବୃତି ରଖିଥିଲେ। କଂଗ୍ରେସ ଆମ୍ବେଡକରଙ୍କ ନାମ ଧରି ସରକାରଙ୍କୁ ବାରମ୍ବାର ସମାଲୋଚନା କରୁଥିବାବେଳେ ମଙ୍ଗଳବାର ଶାହା ଉଚ୍ଚ ସଦନରେ ଏହାକୁ ନିନ୍ଦା କରିଥିଲେ। ଶାହା କହିଥିଲେ, ଏବେ ଏକ ଫ୍ୟାଶନ୍ ହୋଇଯାଇଛି ‘ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର। କଂଗ୍ରେସ ନେତାମାନେ ଯେତିକି ଥର ‘ଆମ୍ବେଡକର ଆମ୍ବେଡକର’ ଚିତ୍କାର କରୁଛନ୍ତି,

### କଂଗ୍ରେସ ମୋ ଭାଷଣକୁ କଦର୍ଥ କରିଛି

**ମୁଁ ଏଭଳି ଦଳ ଏବଂ ସଂସ୍କୃତି ସହ ଯୋଡ଼ି ହୋଇରହିଛି ଯେ, ସ୍ୱପ୍ନରେ ମଧ୍ୟ ବାବା ସାହେବ ଆମ୍ବେଡକର ଏବଂ ତାଙ୍କର ବିଚାରଧାରାକୁ ଅପମାନ କରିପାରିବି ନାହିଁ। କଂଗ୍ରେସ ମୋ ଭାଷଣକୁ କଦର୍ଥ କରିବା ସହ ଭ୍ରାନ୍ତି ପ୍ରସାର କରିବାକୁ ଉଦ୍ୟମ କରିଛି।**


ଅମିତ୍ ଶାହା

ସେତେଥର ଭଗବାନଙ୍କ ନାମ ନେଇଥିଲେ ୭ ଜନ୍ମ ଧରି ସ୍ୱର୍ଗରେ ସ୍ଥାନ ପାଇଥାଆନ୍ତେ। କଂଗ୍ରେସ ଆମ୍ବେଡକରଙ୍କ ନାମ ଧରୁଥିବାରୁ ଭାଜପା ଖୁସି, କିନ୍ତୁ ବିରୋଧୀ ଦଳ ତାଙ୍କ ପ୍ରତି ଥିବା ନିଜ ମନୋଭାବର ମଧ୍ୟ ପରିପ୍ରକାଶ କରିବା ଉଚିତ ବୋଲି ସେ କହିଥିଲେ। ଏହାକୁ ନେଇ କଂଗ୍ରେସ ସମେତ ବିରୋଧୀ ଇଣ୍ଡିଆ ବ୍ଲକ୍ ନେତାମାନେ ଏନ୍‌ଡିଏ ସରକାରଙ୍କୁ ଘେରିଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଖାର୍ଗେ କହିଛନ୍ତି, ଦଳିତଙ୍କ ପ୍ରତୀକ ଆମ୍ବେଡକରଙ୍କ ପ୍ରତି ଶାହା ଜାତିଆଣ ମନ୍ତବ୍ୟ ଦେଇଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ତାଙ୍କୁ ସୁରକ୍ଷା ଦେଉଛନ୍ତି। ସେମାନେ ଭାରତୀୟ ସମ୍ବିଧାନ ପରିବର୍ତ୍ତେ ମନୁସ୍ମୃତିର ସିଦ୍ଧାନ୍ତଗୁଡ଼ିକୁ ମାନନ୍ତି। ଶାହାଙ୍କ ମନ୍ତବ୍ୟ କେବଳ ଆମ୍ବେଡକରଙ୍କୁ ନୁହେଁ, ବରଂ ସମସ୍ତ ଭାରତୀୟଙ୍କୁ ଅପମାନିତ କରିଛି। ତେଣୁ ଶାହା ଓ ମୋଦି ଦେଶବାସୀଙ୍କୁ କ୍ଷମାମାଗନ୍ତୁ। ଶାହା ବୁଧବାର ମଧ୍ୟରାତ୍ରି ସୁଦ୍ଧା ସ୍ୱରାଷ୍ଟ୍ରମନ୍ତ୍ରୀ ପଦ ଛାଡ଼ନ୍ତୁ। ଆମ୍ବେଡକରଙ୍କ ପ୍ରତି ମୋଦିଙ୍କ ସମ୍ମାନ ଥିଲେ ସେ ଶାହାଙ୍କୁ ନିଜ ଆଡୁ କ୍ୟାବିନେଟ୍‌ରୁ ବାଦ୍ ଦିଅନ୍ତୁ। ଲୋକ ସଭାରେ ମଧ୍ୟ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ଦଳର ସଦସ୍ୟମାନେ ଶାହାଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି। ଟିଏମ୍‌ସି ସଦସ୍ୟମାନେ ‘ଜୟ ଭୀମ’ ସ୍ଲୋଗାନ ଦେଇ ଶାହାଙ୍କ କ୍ଷମା ଦାବି କରିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ଜାତିଆଣ ଓ ଦଳିତ ବିରୋଧୀ ବୋଲି କହିଛନ୍ତି। ତାଙ୍କ ମନ୍ତବ୍ୟରୁ ଭାଜପାର ମାସ୍କ (ମୁଖାବରଣ) ଖୋଲିଯାଇଛି ଏବଂ ସତ ପଦାକୁ ଆସିଯାଇଛି ବୋଲି ଏକ୍ସ’ରେ ମମତା ପୋଷ୍ଟ ☞ପୃଷ୍ଠା-୪

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅଶ୍ୱିନଙ୍କ ଅବସର



**ବ୍ରିସବେନ୍, ୧୮।୧୨(ପି.ଟି.)**

ବ୍ରିସବେନ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳା ଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଶେଷ ହୋଇଥିବା ବେଳେ ସମସ୍ତଙ୍କୁ ଚକିତ କରି ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି ଭାରତର ପ୍ରିମିୟର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ଭାରତ ପକ୍ଷରୁ ୧୦୬ ଟେଷ୍ଟ ମ୍ୟାଚ୍ ଖେଳିଥିବା ଅଶ୍ୱିନ ୫୩୭ ଅନ୍ତର୍ଜାତୀୟ ଉଇକେଟ ନେଇଛନ୍ତି। ଅନିଲ କୁମ୍ବଳେ (୬୧୯)ଙ୍କ ପରେ ଭାରତର ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ୩୮ ବର୍ଷୀୟ ଅଶ୍ୱିନ ତୁରନ୍ତ କ୍ରିକେଟରୁ ଅବସର ନେଇଥିବା ବେଳେ ଘରୋଇ କ୍ରିକେଟ ଓ କ୍ଲବ କ୍ରିକେଟ ଖେଳିବା ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି। ଏହା ସହ ଆସନ୍ତା ବର୍ଷ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଆଇପିଏଲ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି।

**ଟେଷ୍ଟରେ ଭାରତର ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ**

ମ୍ୟାଚ୍ ପରବର୍ତ୍ତୀ ପ୍ରେସ୍ କନ୍‌ଫରେନ୍ସକୁ ଅଶ୍ୱିନ ଆସିଥିବା ବେଳେ ଅବସର ଘୋଷଣା କରିଥିଲେ। କୌଣସି ପ୍ରଶ୍ନର ଉତ୍ତର ନ ଦେଇ ସେ ସିଧାସଳଖ ଅବସର ଘୋଷଣା କରିଥିଲେ। ଗୁରୁବାର ଅଶ୍ୱିନ ଭାରତ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି। ଅବସରର କିଛି ଘଣ୍ଟା ପୂର୍ବରୁ ଅଶ୍ୱିନ ଓ ବିରାଟ କୋହଲିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ☞ପୃଷ୍ଠା-୪

# ଏକ ଦେଶ, ଏକ ନିର୍ବାଚନ: ଜେପିସିରେ ପ୍ରିୟଙ୍କା ରହିବେ

**ନୂଆଦିଲ୍ଲୀ, ୧୮।୧୨**

ଲୋକ ସଭା ଭୋଟ ସହ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ଉଦ୍ଦିଷ୍ଟ ‘ୱାନ୍ ନେଶନ୍, ୱାନ୍ ଇଲେକ୍ସନ’ ବିଲ୍ ମଙ୍ଗଳବାର ସଂସଦର ନିମ୍ନ ସଦନରେ ଆଗତ ହୋଇଛି। ଉକ୍ତ ବିଧେୟକର ଯାଞ୍ଚ ପାଇଁ ଗଠିତ ହେବାକୁ ଥିବା ଯୁଗ୍ମ ସଂସଦୀୟ କମିଟି



(ଜେପିସି)ରେ ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ରଖିବା ସକାଶେ କଂଗ୍ରେସ ତାଙ୍କୁ ମନୋନୀତ କରିବ। ସେହିପରି କଂଗ୍ରେସର ମନୀଷ ତିୱାରୀ, ରାଜ୍ୟ ସଭା ସଦସ୍ୟ ସୁଖଦେବ ଭଗତ ଓ ରଣଦୀପ ସୂର୍ଯ୍ୟେୱାଲାଙ୍କୁ ମଧ୍ୟ ଏଥିରେ ରଖାଯିବାକୁ ବିରୋଧୀ ଦଳ ଯୋଜନା କରିଛି। ଉକ୍ତ କମିଟିରେ ଲୋକ ସଭାର ୨୧ ଓ ରାଜ୍ୟ ସଭାର ୧୦ ସଦସ୍ୟ ରହିବେ। ଟିଏମ୍‌ସିର କଲ୍ୟାଣ ବାନାର୍ଜୀ, ଡିଏମ୍‌କେର ପି. ୱିଲ୍‌ସନ ଏବଂ ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ ମଧ୍ୟ ବିରୋଧୀ ପକ୍ଷରୁ ଜେପିସିରେ ସାମିଲ ହୋଇପାରନ୍ତି। ପ୍ରକାଶ ଯେ, ସାରା ଦେଶରେ ଏକକାଳୀନ ନିର୍ବାଚନ ପାଇଁ ସମ୍ବିଧାନ (୧୨୯ତମ) ☞ପୃଷ୍ଠା-୪

# ଭିନେଶ ଗୁଗଲରେ ସର୍ବାଧିକ ଖୋଜାଯାଇଥିବା ଭାରତୀୟ

## ଦ୍ୱିତୀୟରେ ନୀତୀଶ କୁମାର, ତୃତୀୟରେ ଚିରାଗ ପାଶୱାନ

**ୱାଶିଂଟନ, ୧୮।୧୨**

ଅଲିମ୍ପିଆନ ରେସ୍‌ଲର ତଥା ହରିୟାଣାର କଂଗ୍ରେସ ବିଧାୟକ ଭିନେଶ ଫୋଗଟ ହେଉଛନ୍ତି ୨୦୨୪ରେ ସର୍ବାଧିକ ଖୋଜା ଯାଇଥିବା ଭାରତୀୟ। ୨୦୨୪ର ଗୁଗଲ ଟ୍ରେଣ୍ଡସ୍ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଏହି ବିଦାୟୀ ବର୍ଷ ଭିନେଶଙ୍କ ପାଇଁ ହୃଦୟବିଦାରକ ରହିଥିଲା। ପ୍ୟାରିସ୍ ଅଲିମ୍ପିକ୍ସର ୫୦ କେ.ଜି. ଫ୍ରିଷ୍ଟାଇଲ ରେସ୍‌ଲିଂ ଇଭେଣ୍ଟର ଫାଇନାଲ ମ୍ୟାଚ୍ ପୂର୍ବରୁ ଭିନେଶଙ୍କୁ ଅଧିକ ୧୦୦ ଗ୍ରାମ ଓଜନ ପାଇଁ ଅଯୋଗ୍ୟ


ଭିନେଶ ଫୋଗଟ


ନୀତୀଶ କୁମାର


ଚିରାଗ ପାଶୱାନ

ଘୋଷଣା କରାଯାଇଥିଲା, ଯାହାକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ଏହାପରେ ଭିନେଶ ନିଜର ଏକ ନୂତନ ଇନିଂସ୍ ଆରମ୍ଭ କରିଥିଲେ। ହରିୟାଣା ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ସେ କଂଗ୍ରେସରେ ଯୋଗ ଦେଇଥିଲେ। ଦଳ ତାଙ୍କୁ ଜୁଲାନା ବିଧାନସଭା ଆସନରୁ ପ୍ରାର୍ଥୀ କରିଥିଲା। ଭିନେଶଙ୍କୁ ନିର୍ବାଚନରେ ସଫଳତା ମିଳିଥିଲା। ଏବେ ସେ ଜୁଲାନାର ବିଧାୟକ ରହିଛନ୍ତି। ଗୁଗଲ ଟ୍ରେଣ୍ଡସ୍ ରିପୋର୍ଟ ଅନୁଯାୟୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ହେଉଛନ୍ତି ଏହି ବିଦାୟୀ ବର୍ଷରେ ଦ୍ୱିତୀୟ ସର୍ବାଧିକ ଖୋଜା ଯାଇଥିବା ଭାରତୀୟ। ୨୦୨୪ରେ ନୀତୀଶ ବିରୋଧୀ ☞ପୃଷ୍ଠା-୪

## ସଂକ୍ଷେପରେ

### ଏନ୍ଏଚ୍ଆର୍ସି ଅଧ୍ୟକ୍ଷ ଚୟନ: ବୈଠକରେ ପ୍ରଧାନମନ୍ତ୍ରୀଙ୍କ ସହ ଖାର୍ଗେ, ରାହୁଲ

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ଭାରତର ପରବର୍ତ୍ତୀ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍ଏଚ୍ଆର୍ସି) ନିଯୁକ୍ତି ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟିର ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯୋଗଦେଇଛନ୍ତି। ଗତ ଜୁନ୍ ୧ରେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରୁଣ କୁମାର ମିଶ୍ରାଙ୍କ କାର୍ଯ୍ୟକାଳ ଶେଷ ହେବା ପରଠୁ ଏନ୍ଏଚ୍ଆର୍ସି ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମିଶ୍ରା ୨୦୨୧ ଜୁନ୍ରୁ ଅଧ୍ୟକ୍ଷ ଥିଲେ। ତାଙ୍କ ପରେ ଏନ୍ଏଚ୍ଆର୍ସି ସଦସ୍ୟା ବିଜୟା ଭାରତୀ ସାୟନି ଏହାର କାର୍ଯ୍ୟକାରୀ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି।

### ନୂଆବର୍ଷରୁ ଉତ୍ତରାଖଣ୍ଡରେ ୟୁସିସି: ଧାମି



ଡେରାଡୁନ୍,୧୮।୧୨

୨୦୨୫ ଜାନୁଆରୀରୁ ଉତ୍ତରାଖଣ୍ଡରେ ଏକକ ଦେୱାନି ସଂହିତା (ୟୁସିସି) ଲାଗୁ ହେବ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସୂଚନା ଦେଇଛନ୍ତି। ଡେରାଡୁନ୍ରେ ଉତ୍ତରାଖଣ୍ଡ ଡେଭେଲପ୍ମେଣ୍ଟ ବୋର୍ଡ (ୟୁଆଇଆଇଡିବି)ର ଏକ ବୈଠକରେ ଧାମି କହିଛନ୍ତି, ରାଜ୍ୟ ସରକାର ୟୁସିସି ସମ୍ପର୍କିତ ହୋମ୍ୱାର୍କ ଶେଷ କରିସାରିଛନ୍ତି। ଏହା ରାଜ୍ୟ ସାରା ୨୦୨୫ ଜାନୁଆରୀରୁ କାର୍ଯ୍ୟକାରୀ ହେବ। ୟୁସିସି ଲାଗୁ କରିବାରେ ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ହେବାକୁ ଯାଉଛି।

### ଉଲ୍ଫା ମୁଖ୍ୟଙ୍କ ମୃତ୍ୟୁଦଣ୍ଡ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ

ନୂଆଦିଲ୍ଲୀ, ୧୮।୧୨

୨୦୦୪ର ଚଟ୍ଟଗ୍ରାମ ଅସ୍ତ୍ରଶସ୍ତ୍ର ଜବତ ମାମଲାରେ ବୁଧବାର ବାଂଲାଦେଶର ଏକ ହାଇକୋର୍ଟ ଆତଙ୍କବାଦୀ ସଙ୍ଗଠନ ଉଲ୍ଫାର ମୁଖ୍ୟ ପରେଶ ବରୁଆଙ୍କ ମୃତ୍ୟୁ ଦଣ୍ଡାଦେଶକୁ କମାଇ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ କରିଛନ୍ତି। ସେହିପରି ଏହି ମାମଲାରେ ଅଭିଯୁକ୍ତ ଥିବା ବାଂଲାଦେଶର ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ଲୁତ୍ଫୋଜ୍ଜମାନ ବାବର ଓ ଅନ୍ୟ ୫ ଜଣଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୦୪ରେ ଭାରତରେ ବିଭିନ୍ନ ଆତଙ୍କବାଦୀ ଗତିବିଧି ପାଇଁ ୧୦ଟି ଟ୍ରକ୍ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଯାଉଥିବାବେଳେ ଏହାକୁ ବାଂଲାଦେଶର ଚଟ୍ଟଗ୍ରାମରୁ ଜବତ କରାଯାଇଥିଲା।

## ଜାତିସଂଘକୁ ସମ୍ବୋଧିତ କରିବେ ଶ୍ରୀଶ୍ରୀ ରବିଶଙ୍କର



ଜାତିସଂଘ ସାଧାରଣ ସଭା ପକ୍ଷରୁ ଡିସେମ୍ବର ୨୧କୁ ବିଶ୍ୱ ଧ୍ୟାନ ଦିବସ ଘୋଷଣା କରାଯିବା ନେଇ ସଂକଳ୍ପନାମା ପାରିତ ହୋଇଥିବା ପରିପ୍ରେକ୍ଷୀରେ ବୈଶ୍ୱିକ ଆଧ୍ୟାତ୍ମିକ ଗୁରୁ ତଥା ମାନବବାଦୀ ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କର ଶନିବାର ୱାର୍ଲ୍ଡ ମେଡିଟେଶନ୍ ଉପରେ ସମ୍ବୋଧିତ କରିବେ। ପ୍ରତିବର୍ଷ ଡିସେମ୍ବର ୨୧ରେ ଧ୍ୟାନ ଉପରେ ଏକ ବାର୍ଷିକ ବୈଶ୍ୱିକ ଉତ୍ସବ ପାଳନ ଉଦ୍ଦେଶ୍ୟରେ ଏହି ଐତିହାସିକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଛି।

**ଡିସେମ୍ବର ୨୧ ବିଶ୍ୱ ଧ୍ୟାନ ଦିବସ**

ଏତିକି ନୁହେଁ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନର ପରିବର୍ତ୍ତନକାରୀ ଲାଭକୁ ଏହା ସ୍ୱୀକୃତି ପ୍ରଦାନ ପୂର୍ବକ ଶାନ୍ତି ଓ ଏକତା ପ୍ରତିଷ୍ଠା ଦିଗରେ ମଧ୍ୟ ଏହା ବେଶ୍ ସହାୟକ ହେବ ବୋଲି ବୁଧବାର ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ପ୍ରଥମ 'ୱାର୍ଲ୍ଡ ମେଡିଟେଶନ୍ ଡେ'ର ବିଷୟବସ୍ତୁ ରହିଛି, 'ମେଡିଟେଶନ୍ ଫର୍ ଗ୍ଲୋବାଲ ପିସ୍ ଆଣ୍ଡ ହାର୍ମୋନି'।

## ଭାରତକୁ ଉଚ୍ଚ ଟିକସର ଧମକ ଦେଲେ ଟ୍ରମ୍ପ୍



ନୂଆଦିଲ୍ଲୀ ଆମେରିକୀୟ ସାମଗ୍ରୀ ଉପରେ ଉଚ୍ଚ ଟିକସ କଷିଲେ ଏହାର ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭାରତୀୟ ପଣ୍ୟ ସାମଗ୍ରୀଗୁଡ଼ିକ ଉପରେ ଆମେ ମଧ୍ୟ ଅନୁରୂପ ଟିକସ ବସାଇବୁ ବୋଲି ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଉଦ୍ଦେଶ୍ୟ ସମ୍ପର୍କରେ ଦୋହରାଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଏହା ପାରସ୍ପରିକ ହେବାକୁ ଯାଉଛି। ସେମାନେ ଆମକୁ ଟିକସ କଷିଲେ, ଆମେ ସେମାନଙ୍କ ଉପରେ ଟିକସ କଷିବୁ। ପ୍ରାୟ ସବୁ ମାମଲାରେ ସେମାନେ ଆମ ସାମଗ୍ରୀ ଉପରେ ଉଚ୍ଚ ଟିକସ ଲଗାଉଛନ୍ତି, କିନ୍ତୁ ଆମେ ସେପରି କରିନାହୁଁ। ଭାରତ ଆମ ଉପରେ ୧୦୦% କଷିଲେ ଆମେ କ'ଣ ସେପରି କରୁଛୁ? ଆମେରିକୀୟ ସାମଗ୍ରୀ ଉପରେ ଭାରତ ଓ ବ୍ରାଜିଲ ସର୍ବାଧିକ ଟିକସ ଲଗାଉଥିବା ନେଇ ମାର୍-ଏ-ଲାଗୋରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟ୍ରମ୍ପ୍ ପ୍ରକାଶ କରିଛନ୍ତି।

# ମଣିପୁର ହିଂସାରେ ଷ୍ଟାରଲିଙ୍କ୍

## ଖଣ୍ଡନ କଲେ ଏଲନ୍ ମସ୍କ




ଇମ୍ଫାଲ/ନୂଆଦିଲ୍ଲୀ/ୱାଶିଂଟନ୍,୧୮।୧୨

ମଣିପୁରରେ ୨୦୨୩ ମେ'ରୁ କୁକି ଓ ମେଇତି ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ଜାତିଆଣ ହିଂସାରେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ଷ୍ଟାରଲିଙ୍କ ଷ୍ଟାରଲିଙ୍କ୍ର ଭୂମିକାକୁ ନେଇ ଦେଶରେ ବଡ଼ ବିବାଦ ମୁଣ୍ଡ ଟେକିଛି। ଡିସେମ୍ବର ୧୬ରେ ଭାରତୀୟ ସେନାର ସ୍ପିୟର କର୍ ପକ୍ଷରୁ ଏକ୍ସ'ରେ ଏକ ପୋଷ୍ଟ କରାଯାଇଥିଲା। ଇମ୍ଫାଲ ପୂର୍ବ ଜିଲାସ୍ଥିତ କେଇରାଓ ଖୁନୋଉରେ ସୁରକ୍ଷା ବଳ ପକ୍ଷରୁ ଉଗ୍ରବାଦୀ ନିରୋଧୀ ଅଭିଯାନବେଳେ ଚଢ଼ାଉରେ ମିଳିଥିବା ଅସ୍ତ୍ରଶସ୍ତ୍ର ସହ ଷ୍ଟାରଲିଙ୍କ୍ ଉପକରଣ ରହିଥିବା ଏଥିରେ ଦର୍ଶାଯାଇଥିଲା। ସୋସିଆଲ ମିଡିଆ ୟୁଜର୍ସ ଏହାକୁ ବହୁଳ ଭାବେ ଶେୟାର କରିବା ପରେ ଜାତିଆଣ ହିଂସାରେ ଷ୍ଟାରଲିଙ୍କ୍ ପ୍ରତିଷ୍ଠାତା ମସ୍କଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ମସ୍କ ଏହାକୁ ଖଣ୍ଡନ କରିବା ସହ ଭାରତରେ ଷ୍ଟାରଲିଙ୍କ୍ ସାଟେଲାଇଟ୍ ବିମ୍କୁ ବନ୍ଦ କରାଯାଇଥିବା ସଫେଇ ଦେଇଛନ୍ତି।

ଗତ ୧୬ରେ ଗୋଇନ୍ଦା ସୂଚନା ପାଇ ଭାରତୀୟ ସେନା ଓ ଆସାମ ରାଇଫଲ୍ସ ଯବାନମାନେ ପାର୍ବତ୍ୟ ଅଞ୍ଚଳ ଓ ଉପତ୍ୟକାରେ ମିଳିତ ତଲାସି ଅଭିଯାନ ଚଳାଇଥିଲେ। ତଲାସି ବେଳେ ଚୂଡ଼ାଚାନ୍ଦପୁର, ଚନ୍ଦେଲ, ଇଷ୍ଟ ଇମ୍ଫାଲ, କାଙ୍ଗ୍ପୋକ୍ପି ଆଦି ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଥିଲେ। ସେଥିରେ ୨୯ଟି ସ୍ନାଇପର, ଅଟୋମେଟିକ୍ ୱେପନ, ରାଇଫଲ୍ସ, ପିସ୍ତଲ, ଦେଶୀ ମୋର୍ଟାର, ଗ୍ରେନେଡ୍ ଆଦି ରହିଥିଲା। ତେବେ ଷ୍ଟାରଲିଙ୍କ୍ର ମଧ୍ୟ କେତେକ ଉପକରଣ ରହିଥିଲା। ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଜଣେ ୟୁଜର ଲେଖିଛନ୍ତି, ଆତଙ୍କବାଦୀମାନେ ଷ୍ଟାରଲିଙ୍କ୍କୁ ବ୍ୟବହାର କରୁଛନ୍ତି। ଏଲନ୍ ମସ୍କ ଏହାକୁ ଦେଖି ଟେକ୍ନୋଲୋଜିର ଦୁରୁପଯୋଗ ରୋକିବେ ବୋଲି ଆଶା। ତେବେ ମସ୍କ ଏହାକୁ ମିଥ୍ୟା ବୋଲି କହିବା ସହ ସାରା ଭାରତରେ ଷ୍ଟାରଲିଙ୍କ୍ର ସୁଇଚ୍ ଅଫ୍ କରାଯାଇଥିବା ସ୍ପଷ୍ଟ କରିଛନ୍ତି।

ରଏଟର୍ସ ସୂତ୍ରରୁ ଜଣାପଡ଼ିଛି ଯେ, ତଲାସି ଅଭିଯାନରେ ସାମିଲ ଥିବା ୨ ଜଣ ସେନା ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସେମାନେ ଠାବ କରିଥିବା ଅସ୍ତ୍ରଶସ୍ତ୍ର ସହ ଷ୍ଟାରଲିଙ୍କ୍ ଉପକରଣ ରହିଥିଲା। କେତେକ ଉପକରଣରେ ଷ୍ଟାରଲିଙ୍କ୍ର ଲୋଗୋ ରହିଛି। ଏହାକୁ ବ୍ୟବହାର କରି ଆତଙ୍କବାଦୀମାନେ ପରସ୍ପର ସହ ଯୋଗସୂତ୍ର ସ୍ଥାପନ କରୁଥିଲେ।



ମଣିପୁରରେ ଠାବ ଅସ୍ତ୍ରଶସ୍ତ୍ର ସହ ଷ୍ଟାରଲିଙ୍କ୍ ଉପରକରଣ।

ଉଗ୍ରପନ୍ଥୀ ବିଦ୍ରୋହୀ ଏହା ବ୍ୟବହାର କରୁଥିବାବେଳ ଦୃଶ୍ୟର ଭିଡିଓଗ୍ରାଫି ମଧ୍ୟ କରାଯାଇଛି। ପ୍ରକାଶ ଯେ, ଗତବର୍ଷ ମେ'ରେ ମଣିପୁରର ମେଇତି ଓ କୁକି-ଜୁ ସମୁଦାୟ ମଧ୍ୟରେ ଜାତିଆଣ ହିଂସା ଲାଗିରହିଛି। ସେବେଠୁ ଅଦ୍ୟାବଧି ଘଟିଥିବା ସଂଘର୍ଷରେ ୨୫୬ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବାବେଳେ ପ୍ରାୟ ୬୦,୦୦୦ ବାସହରା ହୋଇ ଶରଣାର୍ଥୀ ଶିବିରଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଏଭଳି ସ୍ଥିତିରେ ମଣିପୁରରେ ଷ୍ଟାରଲିଙ୍କ୍ ଉପକରଣ ମିଳିବା ପରେ ଟ୍ରମ୍ପ୍ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଥିବା ମସ୍କଙ୍କ ସାଟେଲାଇଟ୍ କମ୍ୟୁନିକେଶନ୍ କମ୍ପାନୀର ଭୂମିକାକାକୁ ନେଇ ନାନା ପ୍ରଶ୍ନ ଉଠିବାରେ ଲାଗିଲାଣି।

## ତାଲିବାନ୍କୁ ଆତଙ୍କବାଦୀ ତାଲିକାରୁ ହଟାଇବ ରୁଷିଆ

ମସ୍କୋ,୧୮।୧୨

ରୁଷିଆ ସରକାର ଏକ ନୂଆ ଆଇନ ଆଣିଛନ୍ତି, ଯଦ୍ୱାରା ସେଠାକାର ଅଦାଲତଗୁଡ଼ିକ ମସ୍କୋ ଦ୍ୱାରା ନିଷିଦ୍ଧ ଘୋଷିତ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରୁ କଟକଣା ହଟାଇବାରେ ସହାୟକ ହେବ। ପାର୍ଲାମେଣ୍ଟର ନିମ୍ନ ସଦନ ଷ୍ଟେଟ୍ ଡୁମାରେ ପାରିତ ଏହି ଆଇନ ବଳରେ ଆଫଗାନିସ୍ତାନର ତାଲିବାନ୍ ଏବଂ ସିରିଆର ନୂଆ ନେତୃତ୍ୱ ସହ ସମ୍ପର୍କ ସ୍ୱାଭାବିକ କରିବା ପାଇଁ ମସ୍କୋର ବାଟ ଫିଟିଯିବ ବୋଲି ଆଶା କରାଯାଉଛି।

ସୂଚନାନୁସାରେ ରୁଷିଆ ପକ୍ଷରୁ ନିଷିଦ୍ଧ ଘୋଷିତ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ତାଲିକାରୁ ସେହି ଅର୍ଗାନାଇଜେଶନ୍ ହଟିଯିବ, ଯାହା ଆଉ ଆତଙ୍କବାଦୀ



କାର୍ଯ୍ୟକଳାପରେ ଜଡ଼ିତ ହେଉନାହିଁ। ଏହି ଆଇନ ବଳରେ ରୁଷିଆର ପ୍ରୋସିକ୍ୟୁଟର ଜେନେରାଲ ଏକ ନିର୍ଦ୍ଦିଷ୍ଟ ଆତଙ୍କବାଦୀ ସଙ୍ଗଠନକୁ ଏହି ତାଲିକାରୁ ବାଦ୍ ଦେବା ପାଇଁ ଅଦାଲତଙ୍କୁ ଅନୁରୋଧ କରିପାରିବେ।

**ଆଣିଲା ନୂଆ ଆଇନ**

ଏହା ପରେ ଜଣେ ବିଚାରପତି ସମ୍ପୃକ୍ତ ସଙ୍ଗଠନକୁ ଆତଙ୍କବାଦୀ ଲିଷ୍ଟରୁ ହଟାଇବା ନେଇ ରମାୟ ଦେଇପାରିବେ। ରୁଷିଆର ଆତଙ୍କବାଦୀ ତାଲିକାରେ ୨୦୦୩ ଫେବୃଆରୀରେ ତାଲିବାନ୍ ଏବଂ ୨୦୨୦ରେ ସିରିଆର ହୟାତ୍ ତହରିର୍ ଅଲ୍-ଶାମ୍ (ଏଚ୍ଟିଏସ୍)କୁ ତାଲିକାଭୁକ୍ତ କରାଯାଇଥିଲା। ଦୀର୍ଘ ୨୦ ବର୍ଷ ଧରି ଆଫଗାନିସ୍ତାନରେ ରହିଥିବା ଆମେରିକୀୟ ସୈନ୍ୟ ସେଠାରୁ ପ୍ରତ୍ୟାବର୍ତ୍ତନ କରିବା ପରେ ୨୦୨୧ ଅଗଷ୍ଟରେ ଇସ୍ଲାମୀୟ ସଙ୍ଗଠନ କ୍ଷମତା ଦଖଲ କରିଥିଲା। ଗତ ଜୁଲାଇରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଥିଲେ, ତାଲିବାନ୍ ଏବେ ଆତଙ୍କବାଦ ନିରୋଧୀ ଲଢ଼େଇରେ ମସ୍କୋର ସହଯୋଗୀ ପାଲଟିଯାଇଛି। ଇତିମଧ୍ୟରେ ସିରିଆର ଗାଦିଚ୍ୟୁତ ରାଷ୍ଟ୍ରପତି ବଶର ଅଲ୍-ଅସାଦ୍ ମସ୍କୋର ରାଜନୈତିକ ଶରଣ ନେଇଛନ୍ତି। ତାଙ୍କୁ କ୍ଷମତାରୁ ହଟାଇବାରେ ମୁଖ୍ୟ ଭୂମିକା ନେଇଥିବା ସିରୀୟ ସଙ୍ଗଠନ ଏଚ୍ଟିଏସ୍କୁ ମଧ୍ୟ ରୁଷିଆର ନିଷିଦ୍ଧ ଘୋଷିତ ଆତଙ୍କବାଦୀ ତାଲିକାରୁ ବାଦ୍ ଦେବା ପାଇଁ ମସୁଧା ଚାଲିଥିବା ଜଣାପଡ଼ିଛି। ଆଫଗାନିସ୍ତାନ ଓ ମଧ୍ୟପ୍ରାଚ୍ୟରେ ଏହି ୨ ସଙ୍ଗଠନ ମସ୍କୋର ପତିଆରା ହ୍ରାସ କରିଥିବାରୁ ରୁଷିଆ ସେମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରି ପୁନଃ ଆଧିପତ୍ୟ ବଜାୟ ରଖିବା ପାଇଁ ଏପରି ଯୋଜନା କରୁଥିବା କୁହାଯାଉଛି।

## ଓସ୍କାର ଦୌଡ଼ରୁ ବାଦ୍ ପଡ଼ିଲା 'ଲାପତା ଲେଡିଜ୍'

ନୂଆଦିଲ୍ଲୀ, ୧୮।୧୨

ସର୍ବଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ଶ୍ରେଣୀରେ ଓସ୍କାର ପୁରସ୍କାର ଦୌଡ଼ରୁ ଆମିର ଖାନଙ୍କ ନିର୍ମିତ 'ଲାପତା ଲେଡିଜ୍' ବୁଧବାର ବାଦ୍ ପଡ଼ିଛି। ତେବେ ଏହି ଶ୍ରେଣୀରେ ବ୍ରିଟେନ୍ର ହିନ୍ଦୀ ଫିଲ୍ମ 'ସନ୍ତୋଷ' ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିଛି। ଓସ୍କାର ପୁରସ୍କାର ୨୦୨୫ର ଘୋଷଣା ଜାନୁଆରୀ ୧୭ରେ କରାଯିବ। ଆମିର ଖାନ୍ ପ୍ରଡକ୍ସନ ପକ୍ଷରୁ ଏନେଇ ଏକ ବୟାନ ଜାରି କରି କୁହାଯାଇଛି, ସର୍ବଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ଶ୍ରେଣୀରେ ଓସ୍କାର ପୁରସ୍କାର ଦୌଡ଼ର 'ଲାପତା ଲେଡିଜ୍' ବାଦ୍ ପଡ଼ିବା ସାମାନ୍ୟ ନିରାଶା ଦେଇଛି। ତେବେ ଫିଲ୍ମକୁ ମିଳିଥିବା ଅବିଶ୍ୱସନୀୟ ସମର୍ଥନ ଓ ବିଶ୍ୱାସ ପାଇଁ ଦର୍ଶକଙ୍କୁ ଢେରସାରା ଧନ୍ୟବାଦ। ତେବେ ଓସ୍କାର ୨୦୨୫ରେ ଭାରତର ଆଶା ଧୂଳିସାତ୍ ହେବା ପରେ ୩ ଥରର ଗ୍ରାମୀ ପୁରସ୍କାର ବିଜେତା ତଥା ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ରିକି କେଜ୍ ଫିଲ୍ମ ଫେଡେରେଶନ ଅଫ୍ ଇଣ୍ଡିଆ(ଏଫ୍ଏଫ୍ଆଇ)କୁ ସମାଲୋଚନା କରିଛନ୍ତି। ଯଦିଓ 'ଲାପତା ଲେଡିଜ୍' ଚଳଚ୍ଚିତ୍ର ଖୁବ୍ ମନୋରଞ୍ଜନର ଖୋରାକ୍ ଯୋଗାଉଥିଲା, ତେବେ ଅନ୍ତର୍ଜାତୀୟ ଫିଚର ଫିଲ୍ମ ଶ୍ରେଣୀ ପାଇଁ ଏହା ଅନୁପଯୁକ୍ତ ଥିଲା। ପ୍ରତ୍ୟେକ ଥର ଏଫ୍ଏଫ୍ଆଇ ପକ୍ଷରୁ ଭୁଲ୍ ଚଳଚ୍ଚିତ୍ର ଚୟନ କରାଯାଉଥିବା କହି ସେ ବର୍ଷିଛନ୍ତି।

**ଏଫ୍ଏଫ୍ଆଇକୁ ରିକି କେଜ୍ଙ୍କ ସମାଲୋଚନା**

## ସାମ୍ବାଦିକା ହେବାକୁ ଚାହୁଁଥିଲେ ରିଚା



ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ରିଚା ଚଢ଼ା ବୁଧବାର ତାଙ୍କର ୩୮ତମ ଜନ୍ମଦିନ ଧୁମଧାମରେ ପାଳନ କରିଛନ୍ତି। ୧୯୮୬ ଡିସେମ୍ବର ୧୮ରେ ପଞ୍ଜାବର ଅମୃତସରରେ ଜନ୍ମଗ୍ରହଣ କରିଥିବା ରିଚା ଅନେକ ଚଳଚ୍ଚିତ୍ରରେ ନିଜର ଦମ୍ଦାର ଅଭିନୟ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ତେବେ ରିଚା ଏକଦା ଅଭିନୟ କ୍ଷେତ୍ରରେ କ୍ୟାରିୟର କରିବାକୁ ଚାହୁଁ ନ ଥିଲେ ବରଂ ସେ ଜଣେ ସାମ୍ବାଦିକା ହେବାକୁ ଚାହୁଁଥିଲେ ବୋଲି ବୁଧବାର ସେ ଏକ ସାକ୍ଷାତ୍କାରରେ କହିଛନ୍ତି। ରିଚା କହିଛନ୍ତି, ସ୍ନାତକ ପଢ଼ା ଶେଷ ହେବା ପରେ ସେ ସାମ୍ବାଦିକତା କ୍ଷେତ୍ରରେ କ୍ୟାରିୟର କରିବାକୁ ଚାହୁଁଥିଲେ। କିନ୍ତୁ ଭାଗ୍ୟ ତାଙ୍କୁ ଚଳଚ୍ଚିତ୍ର ଜଗତକୁ ଟାଣି ଆଣିଥିଲା। ୨୦୦୮ରେ ସେ ଏକ ପତ୍ରିକାରେ ଜଣେ ଇର୍ଣ୍ଟନ୍ ଭାବେ କାର୍ଯ୍ୟ କରୁଥିଲେ। ସେତେବେଳେ ଅଭିନେତା ଅଭୟ ଦେଓଲଙ୍କୁ ଏକ ସାକ୍ଷାତ୍କାର ପାଇଁ ସେ ଅନୁରୋଧ କରିଥିଲେ। ରିଚାଙ୍କୁ ସାକ୍ଷାତ୍କାର ଦେବା ସମୟରେ ଅଭୟ ତାଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ରିଚାଙ୍କର ଥିଏଟର ମାଧ୍ୟମରେ ଅଭିନୟ କରିବାର ଅଭିଜ୍ଞତା ରହିଛି ବୋଲି ଅଭୟ ଜାଣିପାରିଥିଲେ। ତେଣୁ ସେ ତାଙ୍କ ଆଗାମୀ ଫିଲ୍ମ 'ଓଏ ଲକି ଲକି ଓଏ'ରେ ଅଭିନୟ କରିବାକୁ ରିଚାଙ୍କୁ ଅଫର ଦେଇଥିଲେ। ୬ ମାସ ପରେ ଉକ୍ତ ଫିଲ୍ମ ରିଲିଜ୍ ହୋଇଥିଲା। 'ଓଏ ଲକି ଲକି ଓଏ' ମାଧ୍ୟମରେ ରିଚା ବଲିଉଡ୍ରେ ଡେବ୍ୟୁ କରିଥିଲେ। ଏହାପରେ ରିଚା ଆଉ ପଛକୁ ଫେରି ନାହାନ୍ତି। 'ଗ୍ୟାଙ୍ଗ୍ ଅଫ୍ ୱାସେପୁର ପାର୍ଟ ୧', 'ସରବଜିତ', 'ଫୁକ୍ରେ', 'ଫୁକ୍ରେ ରିଟର୍ନସ', 'ଜିଆ ଔର ଜିଆ', 'ଗୋଲିଓଁ କି ରାସଲୀଲା ରାମଲୀଲା', 'ମସାନ' ଆଦି ଫିଲ୍ମରେ ରିଚା ନିଜ ଅଭିନୟର ଜଲୱା ଦେଖାଇଛନ୍ତି।

## ଏପ୍ରିଲ ପୂର୍ବରୁ ଫେରିପାରିବେନି ସୁନୀତା

**ଜୁନ୍ରୁ ଆଇଏସ୍ଏସ୍ରେ ଫସି ରହିଛନ୍ତି**

ୱାଶିଂଟନ, ୧୮।୧୨



ସୁନୀତା ୱିଲିୟମ୍ସ

ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ସାଥୀ ମହାକାଶଚାରୀ ବୁଚ୍ ୱିଲମୋରଙ୍କ ସହ ୬ ମାସରୁ ଅଧିକ ସମୟ ଧରି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍ଏସ୍)ରେ ଫସି ରହିଛନ୍ତି। ତେବେ ଉଭୟଙ୍କୁ ପୃଥିବୀ ଫେରାଇ ଆଣିବାରେ ବିଳମ୍ବ ହେବ ବୋଲି ଆମେରିକୀୟ ମହାକାଶ ଏଜେନ୍ସି(ନାସା) ବୁଧବାର ସୂଚନା ଦେଇଛି। ପୂର୍ବରୁ ସ୍ପେସ୍ ଏକ୍ସ'ର ଡ୍ରାଗନ କ୍ୟାପସୁଲ ମାଧ୍ୟମରେ ୨୦୨୫ ଫେବୃଆରୀରେ ଉଭୟ ସୁନୀତା ଓ ବୁଚ୍ଙ୍କୁ ପୃଥିବୀ ଫେରାଇ ଅଣାଯିବ ବୋଲି ନାସା କହିଥିଲା। ତେବେ ନାସା ନିଜର ଏହି ପୂର୍ବ ସୂଚନାକୁ ବଦଳାଇଛି।

ମାର୍ଚ୍ଚ ଶେଷ ସୁଦ୍ଧା ସୁନୀତା ଏବଂ ବୁଚ୍ଙ୍କୁ ଫେରାଇ ଆଣିବା ସମ୍ଭବ ନୁହେଁ ବୋଲି ନାସା ସ୍ପଷ୍ଟ କରିଛି। ଉଭୟଙ୍କୁ ଫେରାଇ ଆଣିବା ପାଇଁ ନାସାର କ୍ରିଉ-୯ ମିଶନ ଲଞ୍ଚିଂରେ ବିଳମ୍ବ ଘଟିଛି। ନାସାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସ୍ପେସ୍ ଏକ୍ସ'ର ଏକ ନୂତନ ଡ୍ରାଗନ କ୍ୟାପସୁଲର ପ୍ରସ୍ତୁତିରେ ବିଳମ୍ବ ଘଟିଥିବାରୁ କ୍ରିଉ-୯ ମିଶନର ଲଞ୍ଚିଂରେ ମଧ୍ୟ ବିଳମ୍ବ ଘଟୁଛି। ମାର୍ଚ୍ଚ ପୂର୍ବରୁ ଏହି ଲଞ୍ଚିଂ ହେବାର ସମ୍ଭାବନା ନାହିଁ ବୋଲି ଇସ୍ରୋ କହିଛି। ନୂତନ ଡ୍ରାଗନ କ୍ୟାପସୁଲର ପ୍ରସ୍ତୁତି ବେଳେ ନାସା ଏବଂ ସ୍ପେସ୍ ଏକ୍ସ' ପକ୍ଷରୁ ସୁରକ୍ଷାକୁ ବେଶି ପ୍ରାଧାନ୍ୟ ଦିଆଯାଉଥିବା ସେ କହିଛନ୍ତି। ପ୍ରକାଶ ଯେ, ସୁନୀତା ଓ ବୁଚ୍ ଗତ ଜୁନ୍ ୫ରେ ଏକ ସାପ୍ତାହିକ ମିଶନରେ ବୋଇଂର ଷ୍ଟାରଲାଇନର କ୍ୟାପସୁଲ ଜରିଆରେ ଆଇଏସ୍ଏସ୍ ଯାଇଥିଲେ। ତେବେ ଷ୍ଟାର୍ଲାଇନରରେ ବୈଷୟିକ ତ୍ରୁଟି ଦେଖାଯିବା ଯୋଗୁ ଉଭୟଙ୍କୁ ଠିକ୍ ସମୟରେ ଫେରାଇ ଆଣିବାରେ ନାସା ବିଫଳ ହୋଇଥିଲା।




# ରାଜ୍ୟରେ ଖୁବ୍‌ଶୀଘ୍ର ଲାଗୁହେବ ଆୟୁଷ୍ମାନ୍ ଯୋଜନା

## ଓଡ଼ିଶାରେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୧୮।୧୨(ସୁନିତ୍ ମିଶ୍ର)

ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନାର କାର୍ଯ୍ୟକାରିତା ଉପରେ କେନ୍ଦ୍ରର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗୁରୁତ୍ୱ ପ୍ରଦାନ କରିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟରେ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ଟିମ୍ ସହିତ ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛି। ବୈଠକ ପରେ ଖୁବ୍‌ଶୀଘ୍ର ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରିତା ହେବ ବୋଲି ଜଣାପଡ଼ିଛି। ଦିନକ ଭିତରେ ଥରେ ନୁହେଁ ଏହି ଯୋଜନାର କାର୍ଯ୍ୟକାରିତା ନେଇ ଦୁଇ ଥର ବୈଠକ ବସିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର କେତେଜଣ ବରିଷ୍ଠ ଅଧିକାରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଏନେଇ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ଯୋଜନା ଲାଗୁକରିବା ନେଇ ବିସ୍ତୃତ ଆଲୋଚନା ହୋଇଯାଇଛି। କିପରି ଏହି ଯୋଜନା ଇଣ୍ଟିଗ୍ରେଟ୍ ହୋଇପାରିବ ଏବଂ ବ୍ୟାକେଣ୍ଡରେ ଆଇଟି ସିଷ୍ଟମ ଇଣ୍ଟିଗ୍ରେଟ୍ ହେବ ତାକୁ ନେଇ ସବିଶେଷ ଆଲୋଚନା ହୋଇଛି। ଯୋଜନା ଲାଗୁ ନେଇ ପ୍ରତ୍ୟେକ ପଏଣ୍ଟ ଉପରେ ଭଲ ଭାବେ ଆଲୋଚନା ହେଲା। ଆଉ ଏକ ଉଚ୍ଚସ୍ତରୀୟ ଆଲୋଚନା ପରେ ଏହାକୁ ଲାଗୁ କରାଯାଇପାରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାରେ ଏବେ ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଆଗକୁ କେନ୍ଦ୍ରର ଆୟୁଷ୍ମାନ ଯୋଜନାକୁ ମଧ୍ୟ ଲାଗୁ କରାଯିବା ସହ ଲୋକଙ୍କୁ ଏହି ଦୁଇଟି ଯୋଜନା ଲାଗି ଗୋଟିଏ କାର୍ଡର ବ୍ୟବସ୍ଥା କରାଯିବ ବୋଲି କିଛିଦିନ ତଳେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ। ତେବେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ କାହାକୁ ଏବଂ ଆୟୁଷ୍ମାନ୍ ଯୋଜନାରେ କେଉଁମାନେ ସ୍ୱାସ୍ଥ୍ୟସେବା ପାଇବେ ଓ ଏହାର ଗାଇଡ୍‌ଲାଇନ କ'ଣ ହେବ ତାକୁ ନେଇ ରାଜ୍ୟ ସରକାର କିଛି ସ୍ପଷ୍ଟ କରିନାହାନ୍ତି।

# ୨ ମାସରେ ସରିବ ଆବାସ ସର୍ଭେ

ଭୁବନେଶ୍ୱର, ୧୮।୧୨(ଅନିଲ ଦାସ)

ଆସନ୍ତା ୨ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ସର୍ଭେ ଶେଷ ହେବ। ଏବେ ଗ୍ରାମାଞ୍ଚଳରେ ସର୍ଭେ ଆରମ୍ଭ ହୋଇଛି। ଗ୍ରାମସଭା ମାଧ୍ୟମରେ ପ୍ରତ୍ୟେକ ଗାଁରେ ସଚେତନତା କରାଯାଉଛି। ଲୋକଙ୍କୁ ସର୍ଭେରେ ସାମିଲ କରାଯାଉଛି। ଆବାସ ପାଇବାରୁ କାହାକୁ ବାଦ୍ ଦିଆଯିବ ନାହିଁ। ବ୍ୟବସ୍ଥା ଲୋକଙ୍କ ପାଖରେ ପହଞ୍ଚାଇବାର ଆବଶ୍ୟକତା ଅଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ବିଭାଗୀୟ ଟ୍ରେନରମାନେ ଗାଁ ଗାଁରେ ଲୋକଙ୍କୁ ଡାକି ସଚେତନ କରୁଛନ୍ତି। ଯେଉଁ ଗରିବମାନେ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ସାମିଲ କରାଯାଉଛି। ପୂର୍ବ ସରକାରରେ ଆକ୍ରୋଶମୂଳକ ଭାବେ ରାଜନୈତିକ ଅଭିସନ୍ଧି ରଖି ଗରିବମାନଙ୍କୁ ଆବାସ ତାଲିକାରୁ କାଟି ଦିଆଯାଉଥିଲା। ସର୍ଭେକୁ ବିଭାଗ ଅଧିକ ଗୁରୁତ୍ୱ ଦେଉଛି। ମନ୍ତ୍ରୀମାନେ ଜିଲା ଗସ୍ତ ସମୟରେ ଆବାସ ସର୍ଭେର ସମୀକ୍ଷା କରୁଛନ୍ତି। ଦିଲ୍ଲୀ ଗସ୍ତ ସମୟରେ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଆବାସ ସମ୍ପର୍କରେ ଆଲୋଚନା କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି।




## ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଜବତ ଘଟଣା

# ୩ ଅଭିଯୁକ୍ତଙ୍କୁ ଜାମିନ ମିଳିଲା

ଭୁବନେଶ୍ୱର,୧୮।୧୨ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଗିରଫ ୩ ଅଭିଯୁକ୍ତଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ମିଳିଛି। ସର୍ତ୍ତ ଅନୁସାରେ ଅଭିଯୁକ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ(ଇଣ୍ଡିଆ) ଲିଃର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଳ ମୁଖାର୍ଜୀ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ତଥା କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ର କିଛି ଦିନ ପର୍ଯ୍ୟନ୍ତ ବାହାରକୁ ଯାଇପାରିବେ ନାହିଁ। ପ୍ରତ୍ୟେକ ଅଭିଯୁକ୍ତ ବେଲ୍ ବଣ୍ଡ ଆକାରରେ ୧ଲକ୍ଷ ଟଙ୍କା ଜମା କରିବେ। କୌଣସି ପ୍ରକାରେ ପ୍ରମାଣ ନଷ୍ଟ କରିବେ ନାହିଁ। ମାମଲାର ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସାକ୍ଷୀଙ୍କୁ ପ୍ରଭାବିତ ନ କରିବାକୁ ଅଭିଯୁକ୍ତମାନଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ୩ ଅଭିଯୁକ୍ତଙ୍କ ୨ପର୍ଯ୍ୟାୟ ରିମାଣ୍ଡ ସୋମବାର ସରିବା ପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ସେମାନେ ଜାମିନ ଆବେଦନ କରିଥିଲେ। ଉକ୍ତ ଜାମିନ ଆବେଦନର ଶୁଣାଣି ମଙ୍ଗଳବାର ହୋଇଥିବାବେଳେ ରାୟ ସଂରକ୍ଷିତ ରହିଥିଲା।

ଅନ୍ୟପକ୍ଷରେ ବ୍ରିଜ୍ ଆଣ୍ଡ ରୁଫ୍ ଜିଜିଏମ୍ ଚଞ୍ଚଳ ଓ ଆଇଏଫଏସ୍ ବିଷ୍ଣୁପଦ ସେଠୀଙ୍କ ଲିଙ୍କ୍‌କୁ ନେଇ ସିବିଆଇ ଛାନ୍‌ଭିନ୍ ଚଳାଇଥିବା ବେଳେ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ଗତ ୧୦ ତାରିଖରେ ବିଷ୍ଣୁପଦଙ୍କୁ ସିବିଆଇ ସମନ୍ କରିବା ସହ ୧୧ତାରିଖରେ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସରେ ବ୍ୟକ୍ତିଗତ ହାଜର ହେବାକୁ କହିଥିଲା। ଏହାସତ୍ତ୍ୱେ ସେ ଏପର୍ଯ୍ୟନ୍ତ ସିବିଆଇ ନିକଟରେ ହାଜର ହୋଇ ପକ୍ଷ ରଖିନାହାନ୍ତି। ଇତିମଧ୍ୟରେ ବୁଧବାର ଏକ ଚିଠି ସାମ୍ନାକୁ ଆସିଛି। ସିବିଆଇ ସମନ୍ ହୋଇଥିବା ବେଳେ ସେ ଦୁଇ ଦିନ ଦିଲ୍ଲୀ ଯାଇଥିଲେ ବୋଲି ଚର୍ଚ୍ଚା ହେଉଛି। କାରଣ ଡିସେମ୍ବର ୧୧ରୁ ୧୩ ଯାଏ ଦିଲ୍ଲୀସ୍ଥିତ ଅଶୋକ ହୋଟେଲରେ ବିଷ୍ଣୁପଦଙ୍କ ନାମରେ ରୁମ୍ ବୁକ୍ ହୋଇଥିଲା। ତେବେ ସମନ୍ ସତ୍ତ୍ୱେ ବିଷ୍ଣୁପଦ ସିବିଆଇରେ ହାଜର ନ ହୋଇ ଦିଲ୍ଲୀରେ ହୋଟେଲ ରୁମ୍ ବୁକ୍ କରିବାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ସିବିଆଇ ନିକଟରେ ୨ ସୂଚନା ଅଧିକାରୀ କର୍ମୀ ବିଷ୍ଣୁପଦଙ୍କ ବିରୋଧରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଓମ୍‌ଫେଡ୍, ସମବାୟ ସମିତି ବ୍ୟାଙ୍କ, କମ୍ପ୍ୟୁଟର କିଣା ଦୁର୍ନୀତି ଘଟଣାରେ ବିଷ୍ଣୁପଦଙ୍କ ବିରୋଧରେ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଦେବା ସହ ସେମାନେ ତଦନ୍ତ ଦାବି କରିଛନ୍ତି।

**୧୧ରୁ ୧୩ ଦିଲ୍ଲୀ ଅଶୋକ ହୋଟେଲରେ ବିଷ୍ଣୁପଦଙ୍କ ନାମରେ ହୋଇଥିଲା ରୁମ୍ ବୁକ୍**


ବିଷ୍ଣୁପଦ ସେଠୀ

# ଜନପ୍ରତିନିଧିଙ୍କୁ ସମ୍ମାନ ଦେବେ ବାବୁ

## ବୁକ୍ ସର୍କୁଲାର-୪୭ କଡ଼ାକଡ଼ି ପାଳନ ହେବ

ଭୁବନେଶ୍ୱର,୧୮।୧୨ (ଅନିଲ ଦାସ)

ବୁକ୍ ସର୍କୁଲାର-୪୭ କଡ଼ାକଡ଼ି ପାଳନ ହେବ। ଏଥିରେ ଥିବା ବ୍ୟବସ୍ଥା ଅନୁସାରେ ଏମ୍‌ପି ଓ ବିଧାୟକଙ୍କୁ ପ୍ରଶାସନିକ ଅଧିକାରୀମାନେ ସମ୍ମାନ ଜଣାଇବେ। ଅଫିସରମାନେ ଜନପ୍ରତିନିଧିଙ୍କୁ ଅଣଦେଖା କରିପାରିବେ ନାହିଁ। ବୁକ୍‌ସର୍କୁଲାରରେ ଥିବା ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ କଥା ଶୁଣି ଆଇନ ପରିସର ଭିତରେ ରହି ପଦକ୍ଷେପ ନେବେ। ପ୍ରତ୍ୟେକ ମାସରେ ଏମ୍‌ପି ଓ ବିଧାୟକମାନେ କେଉଁ ବିଭାଗ ସହ କ'ଣ ପତ୍ର ବିନିୟମ କରିଛନ୍ତି ସେ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ହେବ। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏ ନେଇ ସମସ୍ତ ବିଭାଗ ସଚିବଙ୍କୁ ଚିଠି ଲେଖି ବୁକ୍ ସର୍କୁଲାର-୪୭ ଆଧାରରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବିଧାୟକ ଓ ଏମ୍‌ପିମାନଙ୍କ ଚିଠି ଏବଂ ସୁପାରିସ ଉପରେ ବିଚାର କରିବା ପାଇଁ ଯେଉଁ ବିଭାଗଗୁଡ଼ିକ ଏପର୍ଯ୍ୟନ୍ତ ଗୋଟିଏ ଲେଖାଏ ସ୍ୱତନ୍ତ୍ର ସେଲ୍ ଖୋଲିନାହାନ୍ତି ସେମାନେ ମଧ୍ୟ ତୁରନ୍ତ ଏହି ସେଲ୍ ଖୋଲିବାକୁ କୁହାଯାଇଛି। ଏହି ସେଲ୍ ଦାୟିତ୍ୱରେ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ଓ ଡିଲିଙ୍ଗ୍ ଅଫିସର ମଧ୍ୟ ନିଯୁକ୍ତି ପାଇବେ। ଏମ୍‌ପି ଓ ବିଧାୟକଙ୍କ ଚିଠି, ସୁପାରିସ ଓ ଅନ୍ୟାନ୍ୟ ଅଭିଯୋଗ ଉପରେ ସେହି ଅଧିକାରୀମାନେ ତୁରନ୍ତ ପଦକ୍ଷେପ ନେବେ। ସମ୍ପୃକ୍ତ ବିଭାଗ ଅଧୀନରେ ଥିବା ନିର୍ଦ୍ଦେଶାଳୟ ଓ ଜିଲା-ବ୍ଲକସ୍ତରୀୟ ଅଫିସ୍ ମଧ୍ୟ ବିଧାୟକ ଓ ଏମ୍‌ପିମାନଙ୍କ ଚିଠି ଏବଂ ସୁପାରିସ ଉପରେ କ'ଣ ପଦକ୍ଷେପ ନେଇଛନ୍ତି ତାହା ପ୍ରତି ମାସର ୧୦ ତାରିଖରେ ନିଜ ବିଭାଗକୁ ପଠାଇବେ। ଯାହାକୁ ସମ୍ପୃକ୍ତ ବିଭାଗ ଏକ ନିର୍ଦ୍ଧାରିତ ଫର୍ମାଟରେ ପ୍ରତି ମାସର ୧୫ତାରିଖରେ ସାଧାରଣ ପ୍ରଶାସନ ବିଭାଗକୁ ପଠାଇବ। ମୁଖ୍ୟ ଶାସନ ସଚିବ ପ୍ରତି ମାସର ୨୦ ତାରିଖରେ ଏହାର ସମୀକ୍ଷା କରିବେ। ଯେଉଁସବୁ ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବିଭାଗଗୁଡ଼ିକ ତାହା ମଧ୍ୟ ସାଧାରଣ ପ୍ରଶାସନ ବିଭାଗକୁ ଏକ ସ୍ୱତନ୍ତ୍ର ରିପୋର୍ଟ ମାଧ୍ୟମରେ ଜଣାଇବେ। ଯଦି ବୁକ୍ ସର୍କୁଲାର-୪୭ ଉଲ୍ଲଂଘନ ହୋଇଥିବାର କୌଣସି ପ୍ରମାଣ ମିଳେ ତେବେ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ ଉକ୍ତ ସର୍କୁଲାରର ରୁଲ୍ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ବୁକ୍ ସର୍କୁଲାର-୪୭ ବ୍ୟବସ୍ଥା ଅନୁଯାୟୀ ବିଧାୟକ ଓ ଏମ୍‌ପିମାନଙ୍କୁ ସରକାରୀ ଅଫିସରମାନେ ଉପଯୁକ୍ତ ସମ୍ମାନ ଦେବାକୁ ବାଧ୍ୟ। ଯଦି କେହି ବିଧାୟକ ଓ ଏମ୍‌ପି କୌଣସି ଅଫିସକୁ ଯାଉଛନ୍ତି ସମ୍ପୃକ୍ତ ଅଧିକାରୀ ଛିଡ଼ା ହୋଇ ତାଙ୍କୁ ସ୍ୱାଗତ ଓ ବିଦାୟ ଦେବେ। ଯଦି ଫୋନ୍ କରିବେ ତାକୁ ମଧ୍ୟ ଗୁରୁତ୍ୱର ସହ ଶୁଣିବେ ଅଥବା ସଙ୍ଗେ ସଙ୍ଗେ କଲ୍ ବ୍ୟାକ୍ କରିବେ। ଯାହାକୁ ସେମାନେ ଏକ ରେଜିଷ୍ଟରରେ ପଞ୍ଜୀକରଣ ମଧ୍ୟ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଏଠାରେ ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୨୦୦୫ ଡିସେମ୍ବର ୨ ତାରିଖରେ ଜାରି ବୁକ୍ ସର୍କୁଲାର-୪୭ର ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ ପାଇଁ ଅଗଷ୍ଟ ୭ରେ ସମସ୍ତ ବିଭାଗକୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ।

ବିଜେଡି ଶାସନ କାଳରେ ବୁକ୍ ସର୍କୁଲାର-୪୭କୁ ଉଲ୍ଲଂଘନ ନେଇ ବିରୋଧୀ ଦଳ ବିଭିନ୍ନ ସମୟରେ ଅଭିଯୋଗ କରିଆସୁଥିଲେ। ସରକାରୀ ଅଫିସରମାନେ ଜନପ୍ରତିନିଧିଙ୍କୁ ଉପଯୁକ୍ତ ସମ୍ମାନ ଦେଉ ନାହାନ୍ତି କିମ୍ବା ବୁକ୍ ସର୍କୁଲାରରେ ଥିବା ବ୍ୟବସ୍ଥାକୁ ପାଳନ କରାଯାଉ ନାହିଁ। ଜନପ୍ରତିନିଧିମାନେ ପଚାରିଥିବା ପ୍ରଶ୍ନର ଉତ୍ତର ମିଳୁନାହିଁ। ପ୍ରଶାସନିକ ଅଧିକାରୀ ଫୋନ୍ ମଧ୍ୟ ଉଠାଉ ନ ଥିବା ଅନେକ ସମୟରେ ବିରୋଧୀ ଦଳ ବିଧାୟକମାନେ ଅଭିଯୋଗ କରୁଥିଲେ।

# ଏକବିଂଶ ଶତାବ୍ଦୀରେ ଭାରତ ଜ୍ଞାନଭିତ୍ତିକ ଅର୍ଥନୀତିର ନେତୃତ୍ୱ ନେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୮।୧୨(ସୁନିତ୍ ମିଶ୍ର)

ଏକବିଂଶ ଶତାବ୍ଦୀରେ ଭାରତ ଜ୍ଞାନଭିତ୍ତିକ ଅର୍ଥନୀତିର ନେତୃତ୍ୱ ନେବ। ଯେତେବେଳେ 'ବିକଶିତ ଭାରତ'ର ସ୍ୱପ୍ନ ବାସ୍ତବ ରୂପ ନେବ ସେତେବେଳେ ଏହା ସମ୍ଭବ ହୋଇପାରିବ। ତେବେ ଏହା କୌଣସି ଗୋଟିଏ ଜାତି କିମ୍ବା ଧର୍ମ ଆଧାରରେ ନୁହେଁ ବରଂ ପ୍ରତ୍ୟେକ ଭାରତୀୟଙ୍କ ପ୍ରଚେଷ୍ଟା ଦ୍ୱାରା ସମ୍ଭବ ହେବ ବୋଲି ବୁଧବାର ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୋଗ (ଏନ୍‌ସିଏମ୍‌ଇଆଇ)ର ୨୦ତମ ପ୍ରତିଷ୍ଠା ଓ ସଂଖ୍ୟାଲଘୁ ଅଧିକାର ଦିବସ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଆମ ଦେଶର ସମ୍ବିଧାନର ଗୌରବମୟ ୭୫ ବର୍ଷ ପୂର୍ତ୍ତି ହୋଇଛି। ସମ୍ବିଧାନ ହିଁ ଦେଶର ସଂଖ୍ୟାଲଘୁଙ୍କୁ ସମ୍ମାନର ସହ ଜୀବନଯାପନର ଅଧିକାର ଦେଇଛି। ଶିକ୍ଷା ମାଧ୍ୟମରେ ସଂଖ୍ୟାଲଘୁଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୋଗ ଗଠନ କରାଯାଇଥିଲା। ଗତ ସାଢ଼େ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର 'ସବ୍‌କା ସାଥ୍-ସବ୍‌କା ବିକାଶ'ର ମନ୍ତ୍ରରେ ପ୍ରତ୍ୟେକ ବଞ୍ଚିତଙ୍କୁ ଆବାସ, ବ୍ୟାଙ୍କ ଆକାଉଣ୍ଟ, ଗ୍ୟାସ୍ ସିଲିଣ୍ଡର, ମାଗଣା ରାଶନ ଭଳି ମୌଳିକ ସୁବିଧା ପ୍ରଦାନ କରୁଛନ୍ତି। ଆମ ପାଇଁ କୌଣସି ଜାତି କିମ୍ବା ଧର୍ମ ନାହିଁ ବରଂ ୪ଟି ବର୍ଗ ଗୁରୁତ୍ୱପୂର୍ଣ୍ଣ। ଏହିମାନେ ହେଉଛନ୍ତି ଗରିବ, କୃଷକ, ମହିଳା ଓ ଯୁବକ। ଏମାନଙ୍କର ସମୁଚିତ ବିକାଶ ହିଁ ଆମର ଲକ୍ଷ୍ୟ। ଜାତୀୟ ଶିକ୍ଷାନୀତିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ସମୟର ଆବଶ୍ୟକତା। ଏହାର ଦ୍ରୁତ କ୍ରିୟାନ୍ୱୟନ, ଏହି ନୀତି ଅଧୀନରେ ଏନ୍‌ସିଆର୍‌ଏଫ୍ ଭଳି ଆଧୁନିକ ବିଷୟବସ୍ତୁକୁ ଲାଗୁ କରିବା ପାଇଁ ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକୁ ଅଧିକ ସହଯୋଗ କରିବାକୁ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରୋଭିଜନାଲି ସିଲେକ୍ଟେଡ ସିଆର୍‌ଇ-୨ କ୍ୟାଣ୍ଡିଡେଟ୍‌ଙ୍କ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ସକାଳ ୯ଟା।
- ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମିତ୍ତ ଖବରଦାତା ସମ୍ମିଳନୀ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ସରଗିଫୁଲ ଉତ୍ସବ, ସ୍ଥାନ: ଆଦିବାସୀ ମେଳା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟରେ କେନ୍ଦ୍ର ସରକାରଙ୍କ ଠିକାଦାରୀ ସଂସ୍ଥା ଓ ଅଣ-ଓଡ଼ିଆ ଠିକାଦାରଙ୍କ ଓଡ଼ିଶାର ଅମଲାଙ୍କ ମିଳିତ ଉଦ୍ୟମରେ ଚାଲିଥିବା ଲୁଟ ସମ୍ପର୍କକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ୟୁନିଟ୍-୩, ସମୟ: ଅପରାହ୍ନ ୪ଟା।
- ଓଡ଼ିଆ ଅସ୍ମିତା ସମ୍ପର୍କିତ ବୌଦ୍ଧିକ ପ୍ରତିଯୋଗିତା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।

## କଟକ

- ତିଗିରିଆ ନିଜିଗଡ଼ସ୍ଥିତ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସେଣ୍ଟ ଜାଭିୟର ସିନିୟର ସେକେଣ୍ଡାରୀ ସ୍କୁଲର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ବାରବାଟୀ ଷ୍ଟାଡିୟମସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା ୩୦।
- କ୍ୟାମ୍ବ୍ରିଜ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, କ୍ୟାଣ୍ଟନମେଣ୍ଟ ରୋଡ୍, ସମୟ: ଅପରାହ୍ନ ୪ଟା ୩୦।
- ଆଇନଜୀବୀ ବିଶ୍ୱେଶ୍ୱର ମିଶ୍ରଙ୍କ ୧୩ତମ ଶ୍ରାଦ୍ଧ ବାର୍ଷିକୀ, ହାଇକୋର୍ଟ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷ, ସମୟ ଅପରାହ୍ନ ୪ଟା ୩୦।

## ଖୋର୍ଦ୍ଧା

- ଖୋର୍ଦ୍ଧା ମହୋତ୍ସବର ୫ମ ଦିବସ, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବାଲେଶ୍ୱର ଝୋଟି ମହୋତ୍ସବ, ସ୍ଥାନ: ପୋଲିସ ଲାଇନ୍ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା।
- ନାଟ୍ୟ ଓ ସାଂସ୍କୃତିକ ସଂସଦର ପ୍ରତିଯୋଗିତା, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ-୨୦୨୪, ସ୍ଥାନ: ରେଞ୍ଜ ସ୍କୁଲ, ଚାନ୍ଦିପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୭ଟା।
- ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା,ସ୍ଥାନ: ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ.ସମୟ: ପୂର୍ବାହ୍ନ ୧୦ଟା୩୦।
- ବଣିକ ସଂଘ ପକ୍ଷରୁ ଜିଲାପାଳ ଅଫିସ୍ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଶିଶୁ ହେପାଜତ ଓ ଶିକ୍ଷା ଅଭିଯାନ ମେଳା, ସ୍ଥାନ : ଭଦ୍ରାସାହି, ବଡବିଲ, ସମୟ: ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୪ଟା।
- ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ମହତାବ ଉଚ୍ଚ ବିଦ୍ୟାଳୟ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନ, ସ୍ଥାନ: ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ ଟା।

## ମୟୂରଭଞ୍ଜ

- ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାରୁଣୀ ରୋଡ୍, ବାରିପଦା, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ଆସିକା କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ଧୋବାଡ଼ିସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର

- ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ପୋର୍ଟ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବଡ଼ପଡିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।
- ବେଥାନୀ କନଭେଣ୍ଟ ସ୍କୁଲର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: କଲେଜ ରୋଡ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ସପ୍ତମ ଓଡ଼ିଆ ନାଟକ ସମ୍ମେଳନ ତୃତୀୟ ସନ୍ଧ୍ୟା ନାଟକ ବିତର୍କିତ ଅପରାହ୍ନ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ପ୍ରଜ୍ଞାନ ମିଶନ ପକ୍ଷରୁ କ୍ରୀୟା ଯୋଗ ଦୀକ୍ଷା, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ସକାଳ ୮ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ବିଶ୍ୱାସ କ୍ଲବ ବନାମ ଶ୍ରୀକ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ଯାଜପୁର ମୂଳ ନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ : ମଧ୍ୟାହ୍ନ ୧୨ଟା।

## ନୟାଗଡ଼

- ଜେମାଦେଇପୁର ପାଟଣା ପଞ୍ଚାୟତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୩ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ରାଜପାଟଣା ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ।

## ରାୟଗଡ଼ା

- ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ମହୋତ୍ସବ ପାଇଁ ମିନି ମାରାଥନ୍, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ପଡିଆ, ସମୟ: ସକାଳ ୭ଟା ୩୦ ।
- ବ୍ଲକ୍‌ସ୍ତରୀୟ ଚଇତି ପାଳନ, ସ୍ଥାନ: ରଥ ପଡିଆ, କଲ୍ୟାଣସିଂପୁର, ସମୟ: ପୂର୍ବାହ୍ନ ୧୦ଟା ।
- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଗୁଡାରି ସରକାରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର, ସ୍ଥାନ : ଗୋପାଳମାଲ ସ୍ଥିତ ଶୋଭାରାମ ବୁଦ୍ଧିଆ ଉଚ୍ଚବିଦ୍ୟାଳୟ, ସମୟ : ପୂର୍ବାହ୍ନ : ୧୦ଟା।
- ଲୋକମହୋତ୍ସବ ଗଣମାଧ୍ୟମ ଉପସମିତିର ବୈଠକ, ସ୍ଥାନ : ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ୫୩ ତମ ବାର୍ଷିକ କ୍ରୀଡା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ଜିଲା ସ୍ତରୀୟ ସ୍କାଉଟ ଗାଇଡ କ୍ୟାମ୍ପର ଉଦ୍‌ଯାପନୀ, ସ୍ଥାନ: ବୀରମହାରାଜପୁର ବାଳକ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର କଲେଜର ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ଦିବସ, ସ୍ଥାନ: ବୀରମହାରାଜପୁର କଲେଜ ପଡିଆ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁର ପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଚ୍ଛ ଶାସନ ସପ୍ତାହ ପାଳନ, ସ୍ଥାନ: ଅତାବିରା ବ୍ଲକ କାର୍ଯ୍ୟାଳୟ ପରିସର ଓ ଭେଡ଼େନ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ରକ୍ତଦାନ ଶିବିର, ସ୍ଥାନ: ସରକାରୀ ବାଳକ ହାଇସ୍କୁଲ ପଡ଼ିଆ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା। -ଆଲୋଚନାଚକ୍ର, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ହିନ୍ଦୀ ବିଭାଗ)ର ବାର୍ଷିକୋତ୍ସବ, ସ୍ଥାନ: ମାଧବ ନଗର, ବରଗଡ଼, ସମୟ: ଅପରାହ୍ନ ୪ଟା ୩୧।
- ପଦ୍ମପୁର ଲୋକମହୋତ୍ସବ ୨ୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଶୋକ ପଡିଆ, ପଦ୍ମପୁର, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ଭାଗବତ ପାରାୟଣ, ସ୍ଥାନ: ପୁଟୁକୁଟୁଡା କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରେଇକେଲା ଶିଶୁମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିଷ୍ଣୁ ସହସ୍ର ନାମ ପାଠ, ସ୍ଥାନ: ଭିକାମପାଲି ପଦ୍ମାସିନି ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଯୁବକଂଗ୍ରେସ ନେତାଙ୍କ ରାଉରକେଲା ଗସ୍ତ, ସ୍ଥାନ: ସେକ୍ଟର-୨୧ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ଓ ଅଭିଭାବକ ବୈଠକ, ସେକ୍ଟର--୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜୀବନୀ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର--୪ ଭଞ୍ଜଭବନ, ସମୟ: ସନ୍ଧ୍ୟା ୬ଟା।
- ଆଦର୍ଶ ସାହିତ୍ୟ ଘରର ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର--୫ ଆଦର୍ଶ ପାଠାଗାର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଦେବଗଡ଼ ମହାବିଦ୍ୟାଳୟର ୫୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଦୃଷ୍ଟି ବ୍ୟାୟାମ ନେଇ ୫ ଦିନିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ୩୪ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦେବଗଡ଼, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା, ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ତୃତୀୟ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- -ଧନୁଯାତ୍ରା ଉପଲକ୍ଷେ ସମ୍ବଲପୁରୀ ଷ୍ଟାର ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ରାତି ୧୦ଟା।

## ବୌଦ୍ଧ

- ଅଷ୍ଟମ ଗଡ଼ଜାତ ଲୋକ ମହୋତ୍ସବ ପଲ୍ଲିଶ୍ରୀ ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସାଧୁଚରଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ବୀରନରସିଂହପୁର, ହରଭଙ୍ଗା, ସମୟ : ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ କ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ କୌଶଳରେ କାର୍ଯ୍ୟ ସାଧନ କରିପାରିବେ। ସହକର୍ମୀଙ୍କୁ ସୁପରାମର୍ଶ ଦେଇ ପ୍ରଶଂସିତ ହୋଇପାରନ୍ତି। ସାଧାରଣ କଥାକୁ ନେଇ ସମ୍ପର୍କୀୟଙ୍କ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡିକ ଅଧାରେ ଅଟକିଯିବ। କର୍ମକ୍ଷେତ୍ରରେ ଶାରୀରିକ କଷ୍ଟ ସ୍ୱୀକାର କରି କାମ ହାସଲ କରିବେ।

**ବୃଷ** ଆଜି ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। କିନ୍ତୁ ଶୁକ୍ରଙ୍କ ସୁପ୍ରଭାବରୁ ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଭୁଲି ପାରିବେ ନାହିଁ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ବନ୍ଧୁମେଳରେ ସାଧାରଣ ବଚସାରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଆଜି ନିଜ ପରିସରର ବ୍ୟକ୍ତିଙ୍କ ସାହାଯ୍ୟରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହେବ। ରାଶ୍ୟାଧିପତିଙ୍କୁ ଗୁରୁଙ୍କ ଦୃଷ୍ଟିରୁ ଭାଙ୍ଗିପଡିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସନ୍ତୋଷଜନକ ଫଳ ପାଇବେ।

**କର୍କଟ** କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ସହ ଗୁରୁଦାୟିତ୍ୱ ବହନ କରି ଚାପଗ୍ରସ୍ତ ହୋଇପାରନ୍ତି। ସାମାଜିକ ସ୍ତରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ିବାକୁ ପଡ଼ିପାରେ। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ଆଶଙ୍କା ରହିଛି। ବିଭିନ୍ନ ପ୍ରକାରର ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିବେ।

**ସିଂହ** ସ୍ୱାସ୍ଥ୍ୟ ପ୍ରତି ଅବିଚାର କଲେ ପଛରେ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ବନ୍ଧୁଙ୍କ ସାହାଯ୍ୟରେ ଅତୀତରେ ସୃଷ୍ଟ ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ରପ୍ତାନି ବାଣିଜ୍ୟ, ବ୍ୟବସାୟ, ପରିବହନରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିବେ।

**କନ୍ୟା** ସମସ୍ୟା ଲାଗିରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଲୋଚନା କାଳରେ ମତ ପାର୍ଥକ୍ୟ ଦେଖା ଦେବ। କର୍ମକ୍ଷେତ୍ରରେ ଶେଷ ସମୟରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସାମାଜିକ ସ୍ତରରେ କ୍ରୀଡ଼ା, ସାହିତ୍ୟ, କଳା, ସାମ୍ବାଦିକତା କ୍ଷେତ୍ରରୁ ପ୍ରଶଂସିତ ହେବେ।

**ତୁଳା** ଆଜି ଆପଣ ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟଦା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ଖୋର ମନୋବୃତ୍ତି ତ୍ୟାଗ କଲେ କେତେକାଂଶରେ ଉପକୃତ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଳମ୍ବ ଘଟିପାରେ।

**ବିଛା** ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ବଦଳି ଯାଇଥିଲେ ମଧ୍ୟ ବନ୍ଧୁଙ୍କ ପୂର୍ବର ସେହି ଅନୁରାଗ ରହିବ ନାହିଁ। ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ସମ୍ଭାବନା ରହିଛି। ସାମୟିକ ପ୍ରତିବନ୍ଧକ କାରଣରୁ ଗତକାଲିଠାରୁ ଭାବୁଥିବା କାମଟିକୁ ଆଜି ଶେଷ କରିପାରିବେନି।

**ଧନୁ** ଆଜି ଆପଣଙ୍କୁ ଅର୍ଥ, ସମ୍ମାନ ସହ ସାମାଜିକ ପ୍ରତିଷ୍ଠା ପ୍ରଦାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ହସଖୁସିର ଆଲୋଚନା ମଧ୍ୟଭାଗରେ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ମୁହଁ ଫେରାଇନେବେ। ଅଥଯା ପ୍ରତିକ୍ରିୟାଶୀଳ ହେଲେ ପ୍ରିୟଜନଙ୍କ ସହ ସମ୍ପର୍କ ହାନି ଘଟିବ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ମକର** ପାରିବାରିକ କ୍ଷେତ୍ରରେ ସବୁ ଭାବିଚିନ୍ତି କରିବା ଭଲ। ବନ୍ଧୁଙ୍କ ପରାମର୍ଶକୁ ନିର୍ବିବାଦରେ ଗ୍ରହଣ ନ କଲେ ବିବାଦୀୟ ହେବାର ଆଶଙ୍କା ଦେଖାଦେବ। ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ପରିସ୍ଥିତିବଶତଃ ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ ହୋଇପାରନ୍ତି।

**କୁମ୍ଭ** ସମ୍ପର୍କୀୟଙ୍କ ଦ୍ୱାରା ସୃଷ୍ଟ ସମସ୍ୟା ପାରିବାରିକ ଜୀବନକୁ ପ୍ରଭାବିତ କରିବ। କର୍ମକ୍ଷେତ୍ରରେ ସରଳ ଭାବେ କୌଣସି କଥାକୁ ଗ୍ରହଣ କରନ୍ତୁ ନାହିଁ। ଜମିଜମା ବିବାଦଜନିତ କଚେରି ମାମଲା ଆପଣଙ୍କ ସପକ୍ଷରେ ଯାଇପାରେ। ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି।

**ମୀନ** ଆଜି ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।ପାରିବାରିକ ଅଶାନ୍ତି ପରିପ୍ରେକ୍ଷୀରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଇବା ଯୋଗୁ ଚିନ୍ତିତ ରହିପାରନ୍ତି। କର୍ମକ୍ଷେତ୍ରରେ ଦକ୍ଷତା ହେତୁ ଉପରିସ୍ଥଙ୍କ ଶ୍ରଦ୍ଧାଭାଜନ ହେବେ।

ଆଜି ଡିସେମ୍ବର ୧୯ ତାରିଖ, ପୌଷ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ଗୁରୁବାର, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୯ ଗତେ ଘ.୦୭.୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୪ଗତେ ଘ.୦୨।୨୫ ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## 'ପବିତ୍ର ଉପବନ'ର ସୁରକ୍ଷା ...

ବିବରଣୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କମିଟି ପକ୍ଷରୁ ୨୦୦୫ ଜୁନ୍ ୧ରେ କରାଯାଇଥିବା ସୁପାରିସ ଅନୁସାରେ ସେଗୁଡ଼ିକୁ 'ଜଙ୍ଗଲ' ଭାବେ ବର୍ଗୀକୃତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏତିକି ନୁହେଁ, ସବୁ ଜିଲାରେ ଥିବା ଏଭଳି ବୃକ୍ଷରାଜି ଉପରେ ସର୍ଭେ ସମ୍ପୂର୍ଣ୍ଣ କରି ବିଜ୍ଞପ୍ତି ଜାରିକରିବାକୁ ମଧ୍ୟ ରାଜସ୍ଥାନ ସରକାରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ଥାନର ରାଜସମନ୍ଦ ଜିଲାସ୍ଥିତ ଏକ ଗ୍ରାମରେ ବିକଶିତ 'ପିପଲତନ୍ତ୍ରୀ ମଡେଲ'ର ଅବତାରଣା କରି ଖଣ୍ଡପୀଠ କହିଛନ୍ତି, ଏକ ସମୁଦାୟର ଲୋକେ ଏକାଠି ହେଲେ କିପରି ଭାବେ ଏକସଙ୍ଗେ ପରିବେଶ ସୁରକ୍ଷା, ଲିଙ୍ଗଗତ ସମାନତା ଓ ଆର୍ଥିକ ଅଭିବୃଦ୍ଧି ହୋଇପାରିବ ତାହା ଏଥିରୁ ସ୍ପଷ୍ଟ ହେଉଛି।

## ବୈଷ୍ଣବ ଚରଣ ସାମଲ ...

ଅଡିଟୋରିୟମ୍‌ଠାରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ପ୍ରଦାନ କରାଯିବ। ଚଳିତବର୍ଷ ଏକାଡେମୀ ପକ୍ଷରୁ ମୋଟ୍ ୨୧ଟି ଭାଷା ଯଥା ଅସମିଆ, ବୋଡୋ, ଇଂଲିଶ, ଗୁଜରାଟୀ, ହିନ୍ଦୀ, ଓଡ଼ିଆ, କନ୍ନଡ଼, କଶ୍ମୀରୀ, କୋଙ୍କଣୀ, ମୈଥିଳି, ମାଲୟାଲମ୍, ମଣିପୁରୀ, ମରାଠୀ, ନେପାଳୀ, ପଞ୍ଜାବୀ, ରାଜସ୍ଥାନୀ, ସଂସ୍କୃତ, ସାନ୍ତାଳୀ, ସିନ୍ଧି, ତାମିଲ ଏବଂ ତେଲୁଗୁରେ ପୁରସ୍କାର ଘୋଷଣା କରାଯାଇଛି। ଏଥିମଧ୍ୟରେ ୮ଟି କବିତା ପୁସ୍ତକ, ୩ଟି ଉପନ୍ୟାସ, ୨ଟି କ୍ଷୁଦ୍ରଗଳ୍ପ, ୩ଟି ପ୍ରବନ୍ଧ, ୩ଟି ଲିଟେରାରୀ କ୍ରିଟିସିଜମ୍, ଗୋଟିଏ ଲେଖାଏ ନାଟକ ଏବଂ ରିସର୍ଚ୍ଚ ରହିଛି।


ବୈଷ୍ଣବ ଚରଣ ସାମଲ

ପରବର୍ତ୍ତୀ ସମୟରେ ବଙ୍ଗଳା, ଡୋଗ୍ରୀ ଏବଂ ଉର୍ଦ୍ଦୁ ଭାଷାରେ ପୁରସ୍କାର ଘୋଷଣା କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ପୁରସ୍କାର ପାଇଁ ଆଞ୍ଚଳିକ ଭାଷା ଓଡ଼ିଆରେ ପ୍ରଫେସର ସାମଲଙ୍କ ସମେତ ଦାଶ ବେନହୁର, ଅନ୍ତର୍ଯ୍ୟାମୀ ମିଶ୍ର, ଆଦିକନ୍ଦ ସାହୁ, ରଞ୍ଜନ କୁମାର ଦାସ, ଗିରିଜା କୁମାର ବଳିୟାରସିଂହ, ମମତା ମିଶ୍ର, ଅପର୍ଣ୍ଣା ମହାନ୍ତି, ସବିତା ପ୍ରଧାନ, ବିରଜା ରାଉତରାୟ, ପଦ୍ମଜ ପାଳ, ଅଜୟ ସ୍ୱାଇଁ, ବିଜୟ ଶତପଥୀ ଓ କୃପାସାଗର ସାହୁଙ୍କ ପୁସ୍ତକ ମନୋନୟନର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। ବିଚାରକ ଭାବେ ଦେବଦାସ ଛୋଟରାୟ, ଶାନ୍ତନୁ କୁମାର ଆଚାର୍ଯ୍ୟ ଏବଂ ପାରମିତା ଶତପଥୀ ରହିଥିଲେ।

ପ୍ରଫେସର ସାମଲ ୧୯୩୯ ଫେବୃଆରୀ ୨୭ରେ ଅବିଭକ୍ତ କଟକ ଜିଲା ଓ ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲା କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଘାଗରା ପଞ୍ଚାୟତର ଚାରିଗାଁଠାରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ଦିନରୁ ସେ ମାଟି-ମାନବ-ସଂସ୍କୃତି ମନସ୍କ। ଏମ୍.ଏ.ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ୧୯୬୬ରେ ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ସରକାରୀ ବୃତ୍ତିରୁ ବିଦାୟ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ପଶ୍ଚିମବଙ୍ଗ ଶାନ୍ତିନିକେତନଠାରେ ଅବସ୍ଥାପିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ କାର୍ଯ୍ୟକରି ୨୦୦୪ରେ ଅବସର ନେଇଥିଲେ। ଏଯାବତ୍ ସେ ପ୍ରାୟ ୧୨୦ଖଣ୍ଡ ପୁସ୍ତକ ରଚନା କରିଛନ୍ତି। 'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ଗଳ୍ପର ଇତିବୃତ୍ତ', 'ଓଡ଼ିଆ ଗଳ୍ପ: ଉନ୍ମେଷ ଓ ଉତ୍ତରଣ', 'ସମୀକ୍ଷାଲୋକ' ଭଳି ଅନେକ ସମୀକ୍ଷା ପୁସ୍ତକ ସହିତ କବିତା, ଶିଶୁ ସାହିତ୍ୟ, ଧର୍ମସାହିତ୍ୟ, ଗ୍ରନ୍ଥ ସମ୍ପାଦନା ତାଙ୍କ ସାରସ୍ୱତ ପ୍ରତିଭା ଓ ବ୍ୟକ୍ତିତ୍ୱର ନିଦର୍ଶନ। 'ଜଣେ ବଣା ବାଟୋଇର କାହାଣୀ' ପ୍ରଫେସର ସାମଲଙ୍କର ଆତ୍ମଜୀବନୀ ଗ୍ରନ୍ଥ। ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୨ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୭ରେ ବିଷୁବ ପୁରସ୍କାର ଓ ୨୦୧୪ରେ ସାରଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାବାଦ ସେ 'ଗୋପୀନାଥ ନନ୍ଦ ପ୍ରବନ୍ଧ ଓ ସମାଲୋଚନା ସମ୍ମାନ' ଓ 'କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର' ଆଦି ସମ୍ମାନରେ ସମ୍ମାନିତ ହୋଇଛନ୍ତି।

## ଅନ୍ତର୍ଜାତୀୟ କ୍ରିକେଟରୁ ...

ଏହି ଆଲୋଚନା ପରେ ସେ ଅବସର ନେଇଥିଲେ। କନ୍‌ଫରେନ୍ସ ପରେ ଭାରତୀୟ ଦଳର ଡ୍ରେସିଂ ରୁମ୍‌ରେ ପହଞ୍ଚିବା ସହିତ ସମସ୍ତ ଖେଳାଳିଙ୍କୁ ଆଲିଙ୍ଗନ କରିଥିଲେ। ଟେଷ୍ଟରେ ଭାରତର ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ରହିଥିବା ଅଶ୍ୱିନ ଭାରତ ପାଇଁ ୧୧୬ ଦିନିକିଆରୁ ୧୫୬ ଉଇକେଟ ଓ ୬୫ ଟି୨୦ ମ୍ୟାଚ୍‌ରୁ ୭୨ ଉଇକେଟ ନେଇଛନ୍ତି। ୨୦୦୯ରେ ଟେଷ୍ଟ ପଦାର୍ପଣ କରିଥିବା ଅଶ୍ୱିନ ୨୦୧୦ରେ ଦିନିକିଆରେ ପଦାର୍ପଣ କରିଥିଲେ।

ଅଶ୍ୱିନ ନିଜ ବିଦାୟୀ ଅଭିଭାଷଣରେ ବିରାଟ କୋହଲି, ଗୌତମ ଗମ୍ଭୀର ଓ ରୋହିତ ଶର୍ମାଙ୍କୁ ପ୍ରଶଂସା କରିଥିଲେ। ଅବସର ସମୟରେ ସମସ୍ତ ସାଥୀ ଖେଳାଳିଙ୍କ ନାମ ନେବା ସମ୍ଭବ ନୁହେଁ। ମାତ୍ର ରୋହିତ, ବିରାଟ, ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରା ମୋ ବଲ୍‌ରେ ୧୦୦ରୁ ଅଧିକ କ୍ୟାଚ୍ ଧରିଥିବାରୁ ସେମାନଙ୍କ ନାମ ମୁଁ ନିଶ୍ଚୟ ନେବାକୁ ଚାହିଁବି। ଏହା ସହ ବିସିସିଆଇ, ବର୍ତ୍ତମାନର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅନ୍ୟ ସାଥୀ ଖେଳାଳିଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ ଅଶ୍ୱିନ। ସେହିପରି ଦୀର୍ଘ ବର୍ଷର କ୍ୟାରିୟରରେ ମିଡିଆ ପକ୍ଷରୁ ମିଳିଥିବା ସମର୍ଥନ ପାଇଁ ସେ ଧନ୍ୟବାଦ ଜଣାଇଥିଲେ। ଅବସର ପରେ ଅଷ୍ଟ୍ରେଲିଆନ୍ ସ୍ପିନର ନାଥନ ଲିୟନ ତାଙ୍କୁ ଏକ ଜର୍ସି ଉପହାର ଦେଇଥିଲେ।

## ଭିନେଶ ଗୁଗଲରେ ...

ମେଣ୍ଟ 'ଇଣ୍ଡିଆ ବ୍ଲକ୍'ରୁ ଅଲଗା ହୋଇ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ମିଶି ବହୁ ଚର୍ଚ୍ଚା ସାଉଣ୍ଟିଥିଲେ। ସେହିପରି କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ଚିରାଗ ପାଶୱାନ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୪ ଲୋକ ସଭା ନିର୍ବାଚନ ଓ ଏହାର ଫଳାଫଳ ଆସିବା ସମୟରେ ଉଭୟ ନୀତୀଶ ଓ ଚିରାଗଙ୍କୁ ଗୁଗଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିଲା। ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଛନ୍ତି। ୨୦୨୪ରେ ସ୍ତ୍ରୀ ନତାଶା ଷ୍ଟେନ୍‌କୋଭିକ୍‌ଠାରୁ ଅଲଗା ହୋଇ ସେ ଚର୍ଚ୍ଚାକୁ ଆସିଥିଲେ। ସେହିପରି ଅଭିନେତାରୁ ରାଜନେତା ପାଲଟିଥିବା ପୱନ କଲ୍ୟାଣ ଏହି ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି। ୨୦୨୪ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନର ଫଳାଫଳ ଆସିବା ପରଠାରୁ ସେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ଏହି ବିଦାୟୀ ବର୍ଷରେ ସର୍ବାଧିକ ଖୋଜାଯାଇଥିବା ୧୦ ଭାରତୀୟ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଭିନେଶ ଓ ପାଣ୍ଡ୍ୟାଙ୍କ ସମେତ ୫ ଜଣ କ୍ରୀଡ଼ାବିତ୍ ରହିଛନ୍ତି। ଅନ୍ୟ ୩ ଜଣ ହେଲେ ଶଶାଙ୍କ ସିଂହ, ଅଭିଷେକ ଶର୍ମା ଓ ଲକ୍ଷ୍ୟ ସେନ୍।

## ଏକ ଦେଶ, ଏକ ନିର୍ବାଚନ...

ସଂଶୋଧନ ବିଧେୟକକୁ ମଙ୍ଗଳବାର କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଆଗତ କରିଥିଲେ। ପ୍ରାୟ ଦେଢ଼ଘଣ୍ଟା ଧରି ବିତର୍କ ଚାଲିବା ପରେ ଏହା ଉପରେ ଭୋଟ ଗ୍ରହଣ କରାଯାଇଥିଲା। ବିଲ୍ ସପକ୍ଷରେ ୨୬୯ ଭୋଟ ପଡ଼ିଥିଲା। ସରକାର ବିଲ୍‌କୁ ଜେପିସିକୁ ପଠାଇବା ପାଇଁ ସୁପାରିସ କରିଥିବାବେଳେ ବାଚସ୍ପତି ଓମ୍ ବିର୍ଲା ଏହା ଉପରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଆସନ୍ତା ୨୦ରେ ସଂସଦର ଶୀତ ଅଧିବେଶନ ଶେଷ ହେବା ପୂର୍ବରୁ ସରକାର ଏ ସଂକ୍ରାନ୍ତ କମିଟି ଗଠନ କରିପାରନ୍ତି ବୋଲି କୁହାଯାଉଛି।

## ଶାହାଙ୍କ ବିରୋଧରେ ...

କରିଛନ୍ତି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପକ୍ଷରୁ ପାଟନାରେ ବିକ୍ଷୋଭ କରାଯାଇଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱରେ ନୂଆଦିଲ୍ଲୀରେ ଶାହାଙ୍କଠାରୁ କ୍ଷମା ଦାବି କରାଯାଇଛି। ବିରୋଧୀଙ୍କ ଶଣ୍ଢୁଆସି ଆକ୍ରମଣର ଜବାବ ଦେବାକୁ ଯାଇ ଶାହା କହିଛନ୍ତି, ସମ୍ବିଧାନ ପ୍ରଣେତାଙ୍କ ପ୍ରତି ତାଙ୍କ ଓ ଭାଜପାର ସମ୍ମାନ ରହିଛି। ଦେଶ ସ୍ୱାଧୀନ ହେବା ପରେ ପ୍ରଥମ କ୍ୟାବିନେଟ୍‌ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦କୁ ନେଇ କଂଗ୍ରେସ ସରକାରଙ୍କ ସହ ଆମ୍ବେଡକରଙ୍କ ମତଭେଦ ରହିଥିଲା। ଏଥିପାଇଁ ତାଙ୍କୁ କ୍ୟାବିନେଟ୍‌ରୁ ଇସ୍ତଫା ଦେବାକୁ ପଡ଼ିଥିଲା। ଦେଶର ବିଭିନ୍ନ ଭାଗରେ ଥିବା ଆମ୍ବେଡକରଙ୍କ ଅଧିକାଂଶ ପ୍ରତିମୂର୍ତ୍ତି ଭାଜପା କ୍ଷମତାକୁ ଆସିବା ପରେ ହିଁ ନିର୍ମାଣ କରାଯାଇଛି। କଂଗ୍ରେସ ଯେଉଁ ବ୍ୟକ୍ତିଙ୍କୁ ଏତେ ବିରୋଧ କରୁଥିଲା, ତାଙ୍କ ନାମ ଧରି ଭୋଟ ବ୍ୟାଙ୍କ ରାଜନୀତି କରିବା କେତେ ଯଥାର୍ଥ ବୋଲି ଖାର୍ଗେଙ୍କୁ ଶାହା ପ୍ରଶ୍ନ କରିଛନ୍ତି।

# ୪ଦଫା ଦାବିରେ ଦିଲ୍ଲୀରେ ଧାରଣା ଦେଲେ ଇପିଏଫ୍ ପେନ୍‌ସନର୍ସ

**ଭୁବନେଶ୍ୱର, ୧୮।୧୨(ବନ୍ଦନା ସେଠୀ)**

ଜାତୀୟ ଇପିଏଫ୍ ପେନସନର୍ସ ସଂଘ ଦ୍ୱାରା ଆୟୋଜିତ ଇପିଏଫ୍ ପେନସନର୍ସଙ୍କ ଧାରଣା ସମାବେଶ ବୁଧବାର ଦିଲ୍ଲୀ ଯନ୍ତର ମନ୍ତରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରକାଶ ୟେଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଧାରଣାରେ ସର୍ବନିମ୍ନ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ହାରରେ ତୁରନ୍ତ ପେନସନ୍ ପ୍ରଦାନ, ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଆଦି ଦାବି ଉପସ୍ଥାପନ କରାଯାଇଛି। ସମାବେଶରେ ଓଡିଶା ସମେତ କର୍ନାଟକ, ମହାରାଷ୍ଟ୍ର, ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୋଆ, ହରିୟାଣା, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ର, ତେଲଙ୍ଗାନା, ତାମିଲନାଡୁ ଓ କେରଳ ଆଦି ବିଭିନ୍ନ ରାଜ୍ୟରୁ ୧ହଜାରରୁ ଊର୍ଦ୍ଧ୍ୱ ନେତୃବୃନ୍ଦ ଯୋଗଦେଇଥିଲେ। ରାଷ୍ଟ୍ରୀୟ ଉପସଭାପତି ତଥା ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ନେତୃତ୍ୱରେ ଓଡିଶାର ବିଭିନ୍ନ ଜିଲାରୁ ବହୁ ପେନସନର୍ସ ଏଥିରେ ଯୋଗଦେଇଥିଲେ। ଆଇଏନ୍‌ଟିୟୁସିର ସର୍ବଭାରତୀୟ ଉପସଭାପତି ରାମଚନ୍ଦ୍ର ଖୁଣ୍ଟିଆ ଇପିଏଫ୍ ପେନସନର୍ସଙ୍କ ସମସ୍ୟା ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତା ଓ କ୍ରମାଗତ ଅବହେଳାକୁ ନିନ୍ଦା କରିଥିଲେ। ଏନେଇ ସେ ପ୍ରଧାନମନ୍ତ୍ରୀ, କଂଗ୍ରେସ ସଭାପତି ଏବଂ ବିରୋଧୀ ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରକାଶ କରିଥିଲେ। ମହାରାଷ୍ଟ୍ର ଓ କେରଳର ୬ଜଣ ଏମ୍‌ପି ଏଥିରେ ଯୋଗଦେଇ ପେନସନର୍ସଙ୍କ ଦାବିକୁ ଦୃଢ ସମର୍ଥନ ଜଣାଇ ସଂସଦରେ ଏହାକୁ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଦେଶବ୍ୟାପୀ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଗଠନର ପ୍ରମୁଖ କର୍ମକର୍ତ୍ତା ଭୀମରାଓ ଡୁଙ୍ଗରେ, ପୁଣ୍ଡଳୀକ ପାଣ୍ଡେ ପ୍ରମୁଖ ଚେତାବନୀ ଦେଇଥିଲେ।

# ତାମିଲନାଡୁରେ ୨ ଓଡ଼ିଆ ଯୁବକଙ୍କୁ ହତ୍ୟା

**ଚେନ୍ନାଇ, ୧୮।୧୨**

ତାମିଲନାଡୁର ବେଲ୍ଲୋର ଜିଲାରେ ମଙ୍ଗଳବାର ୨ ଜଣ ଓଡ଼ିଆ ଯୁବକଙ୍କୁ କେତେଜଣ ଅଚିହ୍ନା ବ୍ୟକ୍ତି ନିର୍ମମ ଭାବେ ହତ୍ୟା କରିଛନ୍ତି। ରାସ୍ତାକଡ଼ରେ ୨ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବାର ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଉଭୟଙ୍କ ମୁଣ୍ଡରେ ଗଭୀର କ୍ଷତ ରହିଥିଲା। ଉଭୟ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ୨ ମୃତକ ଓଡ଼ିଶାର ମୁନା ଓ ଧ୍ରୁବଲିଶ୍ ହୋଇଥିବା ପୋଲିସ କହିଛି। ଫିଙ୍ଗର ପ୍ରିଣ୍ଟ ବିଶେଷଜ୍ଞ ଓ ସନ୍ଧାନୀ କୁକୁରର ସାହାଯ୍ୟ ନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ରାଜ୍ୟରେ ବଢୁଛି ଶିଶୁ ଯୌନ ନିର୍ଯାତନା

ଭୁବନେଶ୍ୱର,୧୮।୧୨
(ସୁଚିସ୍ମିତା ସାହୁ)

- ୩ ବର୍ଷରେ ୨୬୫ ପୋକ୍ସୋ ଅଭିଯୋଗ ପଞ୍ଜୀକୃତ
- ୨ବର୍ଷରେ ଖୋର୍ଦ୍ଧାରେ ସର୍ବାଧିକ ୫୭ ଅଭିଯୋଗ

ଦିନକୁ ଦିନ ଆଇନ ଦୃଢ଼ ହେଉଛି, ଏଥିସହ ଦଣ୍ଡାଦେଶ ମଧ୍ୟ ବଢୁଛି। ତଥାପି ରାଜ୍ୟରେ ଶିଶୁ ଯୌନ ନିର୍ଯାତନା କମିବା ବଦଳରେ ବଢ଼ିବାରେ ଲାଗିଛି। ପ୍ରତିଦିନ କେଉଁଠି ନା କେଉଁଠି ନିରୀହ କୋମଳମତି ଶିଶୁଙ୍କ ସହ ଏଭଳି ଘଟଣା ଘଟୁଛି। ଘରେ, ବାହାରେ ସବୁଠି ସେମାନେ ଯୌନ ନିର୍ଯାତନା, ଅସଦାଚରଣ, ଶିଶୁ ଶ୍ରମିକ ଓ ବାଲ୍ୟବିବାହ ଭଳି ଘୃଣ୍ୟ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ପରିବାର ଭିତରେ ବି ପିଲାଙ୍କ ସୁରକ୍ଷା ବିପନ୍ନ ହେବାରେ ଲାଗିଛି। ଶିଶୁଙ୍କ ପ୍ରତି ଚିହ୍ନା ପରିଚିତ, ବନ୍ଧୁବାନ୍ଧବ ଓ ପଡ଼ୋଶୀଙ୍କ ଏଭଳି ଘୃଣ୍ୟ ନଜର ଉଦ୍‌ବେଗ ସୃଷ୍ଟିକରିଛି। ବସ୍ତି ଅଞ୍ଚଳରେ ନିଶାଗ୍ରସ୍ତ ଅବସ୍ଥାରେ ଏଭଳି ଅଧିକାଂଶ ଘଟଣା ଘଟୁଥିବା ନଜିର ରହିଛି। ଗତ ୩ବର୍ଷ ଭିତରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍)ରେ ୨୬୫ଟି ଯୌନ ନିର୍ଯାତନା ମାମଲା (ପୋକ୍ସୋ ଆକ୍ଟ) ପଞ୍ଜୀକୃତ ହୋଇଛି। ୨୦୨୪ରେ ୧୭୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ୭୬ଟି ଶିଶୁ ଯୌନ ନିର୍ଯାତନା ମାମଲା ରହିଛି। ତଥ୍ୟ ଅନୁସାରେ, ଖୋର୍ଦ୍ଧା ଜିଲାରେ ହିଁ ସବୁଠାରୁ ଅଧିକ ୨୨ଜଣ ଶିଶୁ ଏଭଳି ନିର୍ଯାତନାର ସମ୍ମୁଖୀନ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ରେ ୧୨, କଟକରେ ୭, ମାଲକାନାଗିରି ଓ ଅନୁଗୋଳରେ ୪ଟି ଲେଖାଏ ଅଭିଯୋଗ ପଞ୍ଜୀକୃତ ହୋଇଛି। ସେହିପରି ୨୦୨୩ ମସିହାରେ ୧୦୫ଟି ପୋକ୍ସୋ ମାମଲା ପଞ୍ଜୀକୃତ ହୋଇଥିବାବେଳେ ଖୋର୍ଦ୍ଧାରେ ସର୍ବାଧିକ ୩୫ଟି ମାମଲା ରହିଛି। ଏହା ତଳକୁ କଟକରେ ୧୯, କେନ୍ଦୁଝର ୮, ଜଗତ୍‌ସିଂହପୁର ୪ ଓ କନ୍ଧମାଳରେ ୩ଟି ଅଭିଯୋଗ ପଞ୍ଜୀକୃତ ହୋଇଛି। ଅନ୍ୟପକ୍ଷରେ ୨୦୨୨ ମସିହାରେ ୮୪ଟି ଓ ୨୦୨୧ରେ ୧୦୫ଟି ପୋକ୍ସୋ ମାମଲା ପଞ୍ଜୀକୃତ ହୋଇଥିବା ଓଏସ୍‌ସିପିସିଆର୍ ତଥ୍ୟରୁ ଜଣାପଡ଼ିଛି। ଏହାବାଦ୍ ବିଭିନ୍ନ ଥାନାରେ ରହିଥିବା ମହିଳା ଓ ଶିଶୁ ଡେସ୍କରେ ମଧ୍ୟ ଅଭିଯୋଗ ହେଉଛି।

### ଦଣ୍ଡ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି

ସାମାଜିକ କର୍ମୀ ଅନୁରାଧା ମହାନ୍ତି କହିଛନ୍ତି, ପରିବାର ଲୋକମାନେ ପିଲାଙ୍କ ସହ ସାଙ୍ଗ ପରି ମିଶିବା ଦରକାର। ଛୋଟ ବୟସରୁ ହିଁ ତାଙ୍କୁ ଖରାପ ଓ ଭଲ ଟଚ୍(ଛୁଇଁବା) ସମ୍ବନ୍ଧରେ ଜଣାଇବା ଉଚିତ। ପରିବାର ଲୋକମାନେ ପିଲାଙ୍କ ଉପରେ ନ ରାଗି ତାଙ୍କୁ ଏ ବିଷୟରେ ବୁଝେଇବା ଦରକାର। ପୋକ୍ସୋ ମାମଲାରେ ଦୃଢ଼ ଆଇନ କରାଯାଇଛି। ଦୀର୍ଘଦିନ ଧରି ଦୋଷୀଙ୍କୁ ଦଣ୍ଡ ଦିଆଯାଉ ନ ଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ଦଣ୍ଡ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଏଥିସହ ଅଭିଭାବକ ଓ ପିଲାମାନଙ୍କୁ ସଚେତନ କରାଯିବା ଦରକାର ବୋଲି ସେ କହିଛନ୍ତି।

## ସହରାଞ୍ଚଳରେ ସର୍ବାଧିକ ଘଟଣା

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ତଥ୍ୟରୁ ଜଣାପଡ଼ିଛି, କେବଳ ଅପହଞ୍ଚ ଇଲାକାରେ ନୁହେଁ, ସହରାଞ୍ଚଳରେ ରହୁଥିବା ଶିଶୁମାନେ ମଧ୍ୟ ଅସଦାଚରଣର ସମ୍ମୁଖୀନ ହେଉଛନ୍ତି। ଖୋର୍ଦ୍ଧା, କଟକ, ପୁରୀ ଭଳି ଜିଲାର ସ୍ଥିତି ଉଦ୍‌ବେଗଜନକ ରହିଛି। ବିଶେଷକରି ରାଜଧାନୀ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ହିଁ ସର୍ବାଧିକ ଘଟଣା ଘଟିଥିବା ଜଣାପଡ଼ିଛି। ପଞ୍ଜୀକୃତ ମାମଲା ମଧ୍ୟରେ ଅଧିକାଂଶ ୧୦ବର୍ଷରୁ କମ୍ ବୟସର ପିଲା ଏହି ନିର୍ଯାତନାର ଶିକାର ହୋଇଛନ୍ତି। ଅଧିକାଂଶ ସମୟରେ ପିଲାମାନେ ଭୟରେ ଘର ଲୋକଙ୍କୁ କହିପାରନ୍ତି ନାହିଁ। ସେହିପରି ରାସ୍ତାକଡ଼ରେ ରହୁଥିବା ବଞ୍ଜାରା ପିଲାଙ୍କ ସଙ୍ଗେ ଏଭଳି ଘଟଣା ଘଟୁଥିବା ନଜିର ରହିଛି। ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ମନ୍ଦାକିନୀ କର କହିଛନ୍ତି, ଶିଶୁ ସୁରକ୍ଷା ଆୟୋଗରେ ଶିଶୁଙ୍କ ସମସ୍ତ ପ୍ରକାର ଅଭିଯୋଗ ପଞ୍ଜୀକୃତ ହେଉଛି। ଆୟୋଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅଭିଭାବକଙ୍କ ସହ ଶିଶୁଙ୍କୁ ବ୍ଲକ୍ ଓ ଜିଲାସ୍ତରୀୟ ସଚେତନ କରାଯାଉଛି। ଏପରି ଘଟଣା ଘଟିଲେ ତୁରନ୍ତ ହେଲ୍‌ପଲାଇନ ନମ୍ବର କିମ୍ବା ନିକଟସ୍ଥ ଥାନା, ଅଙ୍ଗନୱାଡି କେନ୍ଦ୍ରରେ ଜଣାଇବାକୁ ପରାମର୍ଶ ଦେଉଛୁ। ତେବେ ପରିବାର ଲୋକେ ସଚେତନ ହୋଇ ଅଭିଯୋଗ କରୁଥିବାରୁ ମାମଲା ବଢୁଥିବା ସେ କହିଛନ୍ତି।

# ଟାୱାର ଲଗାଇଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା



ଗହୀରମଥାରେ ଜବତ ହୋଇଥିବା ବାଲେଶ୍ୱର ଅଞ୍ଚଳର ଟ୍ରଲର ସହ ୧୧ ମତ୍ସ୍ୟଜୀବୀ।

## ଅଲିଭ ରିଡ୍‌ଲେଙ୍କୁ ବାଉଁଶ ଟାୱାର ବିପଦ ଘଟଣା

### ବାଲେଶ୍ୱର ଟ୍ରଲରରେ ତନ୍ତିଆପାଳ ଶାସନ ଗାଁର ଡ୍ରାଇଭରଙ୍କ ସହ ୧୧ ଗିରଫ

ମହାକାଳପଡ଼ା, ୧୮।୧୨
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଅଲିଭ ରିଡ଼ଲେଙ୍କୁ ବାଉଁଶ ଟାୱାର ବିପଦ ସମ୍ପର୍କିତ ଖବର ବୁଧବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ବେଆଇନ ଭାବେ ଟାୱାର ବସାଇଥିବା ବ୍ୟକ୍ତିଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ସୁରକ୍ଷା ଆଇନ ୧୯୭୨ ଅନୁସାରେ ଏକ ମାମଲା ରୁଜୁ ହୋଇଛି। ବୁଧବାର ଭୋରୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ପ୍ରବେଶ କରି ମାଛ ଧରୁଥିବା ବାଲେଶ୍ୱର ଅଞ୍ଚଳର ମା' ସୁନା ତାରିଣୀ-୯ ନାମକ ଟ୍ରଲରକୁ ଏକକୁଳାନାଶିଠାରୁ ବନ ବିଭାଗର ପାଟ୍ରୋଲିଂ ଟିମ୍ ଜବତ କରିଛି। ଜବତ ଟ୍ରଲରରୁ ଗିରଫ ହୋଇଥିବା ୧୧ ମତ୍ସ୍ୟଜୀବୀ ଭଦ୍ରକ, ବାଲେଶ୍ୱର ଅଞ୍ଚଳର ହୋଇଥିବାବେଳେ ଡ୍ରାଇଭରଙ୍କ ଘର ଗହୀରମଥା ତନ୍ତିଆପାଳ ଶାସନ ଗାଁର ହେମନ୍ତ ଗୋଲ (୩୫) ବୋଲି ଜଣାପଡ଼ିଛି। ୧୧ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ଟ୍ରଲର ଯନ୍ତ୍ରାଂଶ, ୩ କୁଇଣ୍ଟାଲ ମାଛ, ମୋବାଇଲ ଫୋନ, ଫିଶିଂ ନେଟ, ଜିପିଏସ୍ ଆଦି ଜବତ କରିଛି ବନ ବିଭାଗ। ଏଥିରେ ବୁଝାପଡୁଛି ସ୍ଥାନୀୟ ମତ୍ସ୍ୟଜୀବୀ ଓ ଡ୍ରାଇଭରମାନେ ଟ୍ରଲର ମାଲିକଙ୍କଠାରୁ ମୋଟା ଅଙ୍କର ଦରମା ନେବା ସହ ଧରାଯାଇଥିବା ମାଛର ୨୦ ପ୍ରତିଶତ ଅର୍ଥ ରାଶି ବ୍ୟବସ୍ଥା ରହିଥିବାରୁ ସେମାନେ ଲୋଭର ବଶବର୍ତ୍ତୀ ହୋଇ ଘରେ ଟାୱାର ଲଗାଇ ସୂଚନା ପାଇ ନିଷିଦ୍ଧାଞ୍ଚଳରେ ମାଛ ମାରି ଚତୁରତାର ସହ ଖସି ଯିବାରେ ସକ୍ଷମ ହେଉଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଅଲିଭ ରିଡ୍‌ଲେ କଇଁଛଙ୍କ ପାଇଁ ନିଷିଦ୍ଧାଞ୍ଚଳ ଘୋଷଣା ସହ ମାଛ ଧରା ଉପରେ ୭ମାସ କଟକଣା ଜାରି ରହିଛି। ଏହାକୁ ବେଖାତିର କରି ଗତ ସପ୍ତାହରେ ମାଛ ମାରିଥିବା ବେଳେ ଟ୍ରଲର ମାଡ଼ ଓ ଗାଞ୍ଜି ଜାଲରେ ପଡ଼ି ଅଲିଭ ରିଡ୍‌ଲେ କଇଁଛଙ୍କ ଜୀବନ ଯାଇଥିଲା। ଗହୀରମଥାର ଲଞ୍ଚଖୋଲା ସମୁଦ୍ର ବେଳାଭୂମିରେ ମୃତ ଅଲିଭ ରିଡ୍‌ଲେ କଇଁଛ ଲାଗିଥିଲେ। ହେଲେ ଦୀର୍ଘବର୍ଷ ଧରି ବେଆଇନ ଭାବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବାଲେଶ୍ୱର, ଧାମରା, ଭଦ୍ରକ, ବଳରାମଗଡି, କଷାଫଳ, ଦୀଘା, ପଶ୍ଚିମବଙ୍ଗ ଆଦି ଅଞ୍ଚଳର ଟ୍ରଲର ମାଛ ଧରିବାରେ ମଙ୍ଗ ଧରିଛନ୍ତି ସ୍ଥାନୀୟ ଅଞ୍ଚଳର ଡ୍ରାଇଭର ଓ ମତ୍ସ୍ୟଜୀବୀ। ବାଲେଶ୍ୱରର ଟ୍ରଲର ତନ୍ତିଆପାଳ ଅଞ୍ଚଳର ଡ୍ରାଇଭର ଓ ମତ୍ସ୍ୟଜୀବୀମାନଙ୍କ ଘରେ ବାଉଁଶରେ ଝୁଲୁଛି ଭିଏଚଏଫ୍ ଟାୱାର। ବନ ବିଭାଗ ପାଟ୍ରୋଲିଂ ଟିମ୍ ସମୁଦ୍ରକୁ ପଇଁତରା ପାଇଁ ଗଲା ବେଳେ ଡ୍ରାଇଭରଙ୍କ ଘରୁ ବେତାର ଯନ୍ତ୍ର ମାଧ୍ୟମରେ ଫୋନ୍ କଲ୍ ଯାଉଛି। ଏଥିଯୋଗୁ ଟ୍ରଲରଗୁଡ଼ିକ ସାମୁଦ୍ରିକ ଅଭୟାରଣ୍ୟରୁ ଦୂରେଇ ଯାଉଛନ୍ତି। ଫଳରେ ପଇଁତରା ମାରିବାକୁ ଯାଇଥିବା ବନ ବିଭାଗ ଟିମ୍ ଖାଲି ହାତରେ ଫେରୁଛନ୍ତି। ଏ ସଂକ୍ରାନ୍ତରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ବୁଧବାର ବାଲେଶ୍ୱର ଅଞ୍ଚଳର ଏକ ଟ୍ରଲର ଜବତ ହୋଇଛି। ୧୧ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ବେଆଇନ ଭିଏଚଏଫ୍ ଟାୱାର ସ୍ଥାପନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ପଚାରିବାରେ ଡିଏଫ୍‌ଓଙ୍କ ସହ ଆଲୋଚନା କରିବା ସହ ମାମଲା ପଞ୍ଜୀକୃତ ହୋଇଛି। ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଜଗତ୍‌ସିଂହପୁର ଜିଲା ସହକାରୀ ଜିଲାପାଳ ନିଲମ୍ବିତ

ଭୁବନେଶ୍ୱର,୧୮।୧୨(ଅନିଲ ଦାସ)

କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଗତ୍‌ସିଂହପୁର ଜିଲାର ସହକାରୀ ଜିଲାପାଳ(ଆସିଷ୍ଟାଣ୍ଟ କଲେକ୍ଟର) ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ନିଲମ୍ବିତ କରାଯାଇଛି। ଜିଲା ଅଭିଯୋଗ କମିଟି ଏବଂ ଜିଲାପାଳଙ୍କ ରିପୋର୍ଟ ଆଧାରରେ ଅଭିଯୁକ୍ତ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ନିଲମ୍ବନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆସନ୍ତା ୩ ମାସ ମଧ୍ୟରେ ଜଣେ ମହିଳା ତଦନ୍ତକାରୀ ଅଧିକାରୀ ଏବଂ ଜଣେ ମହିଳା ମାର୍ଶଲିଂ ଅଧିକାରୀଙ୍କ ଜରିଆରେ ସମସ୍ତ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୦ ତାରିଖରେ ଜଗତ୍‌ସିଂହପୁର ଜିଲାର ସହକାରୀ ଜିଲାପାଳ(ଆସିଷ୍ଟାଣ୍ଟ କଲେକ୍ଟର) ଉମେଶ ଚନ୍ଦ୍ର ଲେଙ୍କା ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକାରିଣୀ ମହିଳା ତାଙ୍କ ଉପରେ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଆଣିଥିଲେ।

ମହିଳା ସଶକ୍ତୀକରଣ ପାଇଁ ଆମ ସରକାର ବଦ୍ଧପରିକର ଏବଂ ମହିଳା ହିଂସା ଓ ନିର୍ଯାତନାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

# ରାୟଗଡ଼ାରେ ମେଡିକାଲ କଲେଜ ସ୍ଥାପନ ନେଇ ପ୍ରକ୍ରିୟା ଆରମ୍ଭ

ରାୟଗଡ଼ା,୧୮।୧୨
(ଆଶିଷ ରଞ୍ଜନ ପଣ୍ଡା)

- ସଂରକ୍ଷିତ ହେଲା ୧୧୯ ଏକର ଜମି
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଘୋଷଣା ନେଇ ଚର୍ଚ୍ଚା

ରାଜ୍ୟର ସମସ୍ତ ଆକାଂକ୍ଷା ଜିଲାରେ ମେଡିକାଲ କଲେଜ ସ୍ଥାପନା ନେଇ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଘୋଷଣା କରିବା ପରେ ରାୟଗଡ଼ାରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାୟଗଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ହୋଇଥିବା ସୂଚନା ମିଳିଛି । ରାୟଗଡ଼ା ସହର ଉପକଣ୍ଠ ବାରିଝୋଲା ମୌଜାରେ ରାଜସ୍ୱ ବିଭାଗ ମେଡିକାଲ କଲେଜ ପାଇଁ ୧୧୯ ଏକର ସରକାରୀ ଜମି ଚିହ୍ନଟକରି ତାକୁ ସଂରକ୍ଷିତ ରଖିଛି। ସରକାରଙ୍କ ନିର୍ଦ୍ଦେଶ ଆସିଲେ ସେହି ଜମି ମେଡିକାଲ କଲେଜ ପାଇଁ ପ୍ରଦାନ କରାଯିବ। ଜମି ହସ୍ତାନ୍ତର ପରେ କିସମରେ ମଧ୍ୟ ପରିବର୍ତ୍ତନ କରାଯିବ। ଏହି ଜମିରେ ମେଡିକାଲ କଲେଜ ସହ ନୂତନ ହସ୍ପିଟାଲ ମଧ୍ୟ ନିର୍ମାଣ ହେବ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୬ରେ ଦୁଇଦିନିଆ ରାୟଗଡା ଗସ୍ତରେ ଆସୁଥିବାବେଳେ ସେହି ସମୟରେ ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର ଦେଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ମେଡିକାଲ କଲେଜ ସ୍ଥାପନା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ପୂର୍ବ ସରକାର ସମୟରେ ଗତ ବର୍ଷ ଆଦାନୀ ଗ୍ରୁପ୍ ରାୟଗଡ଼ାଠାରେ ଏକ ମେଡିକାଲ କଲେଜ ସ୍ଥାପନା ପାଇଁ ଇଚ୍ଛା ପ୍ରକଟ କରିଥିଲା। ଏଥିପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କୁ ଆଦାନୀ ଗ୍ରୁପ୍ ପକ୍ଷରୁ ପତ୍ର ମଧ୍ୟ ଦିଆଯାଇଥିଲା। ଏହାପରେ ସରକାର ଆଉ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଦାନୀ ଗ୍ରୁପ୍ ମଧ୍ୟ ନୀରବ ରହିଲେ। ବର୍ତ୍ତମାନ ଜିଲାରେ ମେଡିକାଲ କଲେଜ ହେବା ନେଇ ଆଶା ଉଜ୍ଜୀବିତ ହୋଇଛି । ହେଲେ ମେଡିକାଲ କଲେଜ ସରକାରୀ ହେବ ନା ପିପିପି ମୋଡ୍‌ରେ କରାଯିବ ତାହା ଜଣାପଡ଼ିନାହିଁ।

# ୨୨ରୁ ଆର୍ମି ଅଫିସର, ବାନ୍ଧବୀଙ୍କୁ ଜେରା

ଭୁବନେଶ୍ୱର,୧୮।୧୨
(ସତ୍ୟଜିତ୍ ରାଉତ)

**ଭରତପୁର ଥାନା ନିର୍ଯାତନା ଘଟଣାର ଶୁଣାଣି**

- ତଦନ୍ତ ରିପୋର୍ଟ ସହ ଭିଡିଓ କ୍ଲିପ୍ ଦାଖଲ କଲା କ୍ରାଇମବ୍ରାଞ୍ଚ
- ଆର୍ମି ଅଫିସର, ବାନ୍ଧବୀଙ୍କ ପକ୍ଷରୁ ୨ ଦିନ ପରେ ଦିଆଯିବ ଜେରା ତାଲିକା

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ପକ୍ଷରୁ ବୁଧବାର ଶୁଣାଣି ହୋଇଛି। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ତିନୋଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ଏହାର ରିପୋର୍ଟ କପି ଦାଖଲ କରିବାକୁ କମିଶନଙ୍କ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ତେବେ ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ କମିଶନରଙ୍କ ନିକଟରେ ଏହି ମାମଲାରେ ରିପୋର୍ଟ ସହ ଜବତ ଭିଡିଓ କ୍ଲିପ୍ ଦାଖଲ କରାଯାଇଛି। ଅନ୍ୟପକ୍ଷରେ ସେପ୍ଟେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ଭରତପୁର ଥାନାରେ ହୋଇଥିବା ଷ୍ଟେଶନ୍ ଡାଏରୀଗୁଡ଼ିକୁ ଦାଖଲ କରିବାକୁ ପୂର୍ବରୁ ପୋଲିସକୁ କମିଶନ କହିଥିଲେ। ପରେ କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ଭରତପୁର ଥାନାକୁ ଯାଇ ଉକ୍ତ ଷ୍ଟେଶନ୍ ଡାଏରୀ ସଂକ୍ରାନ୍ତୀୟ ଦସ୍ତାବିଜ୍‌କୁ ଜବତ କରି କମିଶନଙ୍କ ନିକଟରେ ଦାଖଲ କରିଛନ୍ତି। ତେବେ ଆସନ୍ତା ୨୨, ୨୩ ଓ ୨୪ ତାରିଖରେ ଅଭିଯୁକ୍ତ ପୋଲିସ ଅଫିସରଙ୍କ ପକ୍ଷରୁ ଆର୍ମି ଅଫିସର ଓ ବାନ୍ଧବୀଙ୍କୁ ଜେରା କରାଯିବ। ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ପକ୍ଷରୁ ସେମାନଙ୍କ ଓକିଲ ଆର୍ମି ଅଫିସର ଓ ବାନ୍ଧବୀଙ୍କୁ ଜେରା କରିବେ। ତେବେ ପୋଲିସ ଅଫିସରଙ୍କ ପକ୍ଷରୁ ଜେରା ତାଲିକା ଦିଆଯାଇଥିବା ବେଳେ ଆର୍ମି ଅଫିସର ଓ ବାନ୍ଧବୀଙ୍କ ପକ୍ଷରୁ ସମୟ ନିଆଯାଇଛି। ଆର୍ମି ଅଫିସର ଓ ବାନ୍ଧବୀଙ୍କ ପକ୍ଷରୁ ଆଉ ଦୁଇଦିନ ପରେ ଜେରା ତାଲିକା ଦିଆଯିବ ବୋଲି କମିଶନଙ୍କ ନିକଟରେ କୁହାଯାଇଛି। ତେବେ ଏହି ଜେରା ପ୍ରକ୍ରିୟା ସରିବା ପରେ ଉଭୟ ପକ୍ଷ ଆଉ କେଉଁମାନଙ୍କୁ ଜେରା ପାଇଁ ଚାହୁଁଛନ୍ତି, ସେନେଇ କମିଶନଙ୍କୁ ସାକ୍ଷୀ ତାଲିକା ଦେଲେ, ସେମାନଙ୍କୁ ନୋଟିସ କରାଯିବ ବୋଲି ସଚିବ ଶୁଭେନ୍ଦ୍ର ସୂଚନା ଦେଇଛନ୍ତି। ବୁଧବାର ଭୁବନେଶ୍ୱରସ୍ଥିତ ସର୍କିଟ୍ ହାଉସ୍‌ରେ ହୋଇଥିବା ଶୁଣାଣି ବେଳେ କମିଶନଙ୍କ ଟିମ୍ ସମେତ ଉଭୟ ପକ୍ଷର ଓକିଲ, ରାଜ୍ୟ ସରକାରଙ୍କ ଓକିଲ ଓ କ୍ରାଇମବ୍ରାଞ୍ଚର ତଦନ୍ତ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ ରାତିର ଦୁର୍ବ୍ୟବହାର ଅଭିଯୋଗକୁ ନେଇ ଆର୍ମି ଅଫିସର ଓ ବାନ୍ଧବୀ ଭରତପୁର ଥାନା ଯାଇଥିଲେ। ହେଲେ ସେଠାରେ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ଥାନା ଆଇଆଇସିଙ୍କ ସହ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏଥିସହ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତଭାର ଦେବା ସହ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।






# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ବରଗଡ଼ର ଶିଶୁ



ଆହ୍ୱାନ ମହାକୁର

ବରଗଡ଼,୧୮।୧୨
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ଗାଁ ଗ୍ରାମର ଜଣେ ଶିଶୁ ଆହ୍ୱାନ ମହାକୁର(୨ବର୍ଷ) ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ସେ ଏକବର୍ଷ ୧୦ମାସ ବୟସରେ ଭାରତର ସ୍ୱାଧୀନତା ସଂଗ୍ରାମୀ, ରାମାୟଣ, ମହାଭାରତ, ଦେଶର ଜାତୀୟ ଫଳ, ଜାତୀୟ ଫୁଲ, ଜାତୀୟ ପଶୁ, ଜାତୀୟ ପକ୍ଷୀ, ଜାତିର ପିତାଙ୍କ ସମେତ ଅନେକ ମହାପୁରୁଷଙ୍କ ଉପରେ ଆଧାରିତ ପ୍ରଶ୍ନର ଠିକ୍ ଉତ୍ତର ଦେଇ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଅଡ଼ଗାଁ ଗ୍ରାମର ଶାନ୍ତିଲତା ଏବଂ ନିଶିକାନ୍ତଙ୍କ ପୁଅ ଆହ୍ୱାନଙ୍କ ଏଭଳି କୃତିତ୍ୱକୁ ନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

# ପିଲାଙ୍କ ଭିତରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ଦକ୍ଷତା ରହିଛି: ମନ୍ତ୍ରୀ

**ସର୍ଗି ଫୁଲ୍-୨୦୨୪ ଉଦ୍‌ଘାଟିତ**

ଭୁବନେଶ୍ୱର,୧୮।୧୨ (ସୁଚିସ୍ମିତା ସାହୁ)



'ସର୍ଗି ଫୁଲ୍'କୁ ଉଦ୍‌ଘାଟନ କରିବା ଅବସରରେ ପୁରସ୍କୃତ ଛାତ୍ରୀଛାତ୍ର ଓ ଅନ୍ୟ ଅତିଥିଙ୍କ ସହ ମନ୍ତ୍ରୀ ରବି ନାରାୟଣ ନାଏକ।

ରାଜ୍ୟସ୍ତରୀୟ ସର୍ଗି ଫୁଲ୍ ଉତ୍ସବ-୨୦୨୪ ଭୁବନେଶ୍ୱରସ୍ଥିତ ଆଦିବାସୀ ପଡ଼ିଆରେ ଆରମ୍ଭ ହୋଇଛି। ତିନିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବକୁ ବୁଧବାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ଉପାସକ। ସମୟାନୁକ୍ରମେ ଜନଜାତି ସମ୍ପ୍ରଦାୟ ସର୍ଗି ଫୁଲ୍ ବା ଶାଳଫୁଲକୁ ଖାଦ୍ୟ ଭାବେ ଗ୍ରହଣ କରିଆସୁଥିଲେ। ଆଦିବାସୀ ଲୋକଙ୍କ ଗୁଜରାଣ ମେଣ୍ଟାଉଥିବାରୁ ସେମାନେ ତାକୁ ପୂଜା କରିବା ଆରମ୍ଭ କରିଥିଲେ। ତେଣୁ ସର୍ଗି ଫୁଲ୍ ହେଉଛି ସେମାନଙ୍କର ପ୍ରେରଣାର ଉତ୍ସ। ତେବେ ଜନଜାତିଙ୍କ କିଶୋର ସୃଜନଶକ୍ତିକୁ ଅଧିକ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ସର୍ଗି ଫୁଲ୍ ଉତ୍ସବ ଆରମ୍ଭ ହୋଇଛି। ଆମ ପିଲାମାନେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ଭଳି ଦକ୍ଷତା ଓ ସାମର୍ଥ୍ୟ ରଖିଛନ୍ତି। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଗୁଣାବଳୀ ଦେଖାଇବା ହେଉଛି ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ।

ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ଏହି ରାଜ୍ୟସ୍ତରୀୟ ଉତ୍ସବ ଆୟୋଜିତ ହୋଇଛି। ଉତ୍ସବରେ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ବନିତା ଦାଶ, ଅତିରିକ୍ତ ଶାସନ ସଚିବ ନାରାୟଣ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୪ ଦଶମ ବୋର୍ଡ଼ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ୧୦ଜଣ ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ସହ ମାନପତ୍ର ଓ ଜନଜାତି ସମ୍ପର୍କିତ ପୁସ୍ତକ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଜଗତ୍‌ସିଂହପୁରରୁ ମିଲି ଟୁଡୁ, କଳାହାଣ୍ଡିରୁ ସୁପ୍ରଭା ନାଏକ, ମହେଶ ମହାର, ନନ୍ଦିନୀ ନାଏକ, ଟୁମ୍‌କି ନାଏକ, ଲଭ୍‌ଲି ନାଏକ, ଖୋର୍ଦ୍ଧାରୁ କ୍ରିଷ୍ଣା ଟୁଡୁ, ସମ୍ବଲପୁରରୁ ସୁନେଲି ପ୍ରଧାନ, ନବରଙ୍ଗପୁରରୁ ରଶ୍ମିତା ଭତ୍ରା ଓ ଗଜପତିରୁ କବିତା ଗମାଙ୍ଗ।

ଅନ୍ୟପକ୍ଷରେ ବିଜ୍ଞାନ ମେଳାରେ ୪୦ଟି ଷ୍ଟଲରେ ୮୦ଜଣ ଛାତ୍ରୀଛାତ୍ରଙ୍କ ସମେତ ୪୦ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ସାମୁଦ୍ରିକ ପରିମଣ୍ଡଳର ସଂରକ୍ଷଣ, ପରିବେଶ ଅନୁକୂଳ ବାର୍ତ୍ତାବରଣ, କୃତ୍ରିମ ବୁଦ୍ଧିମତ୍ତା, ଭାରତୀୟ ଅନ୍ତରୀକ୍ଷ ଗବେଷଣା, ସ୍ମାର୍ଟ କ୍ଲାସରୁମ୍ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ୫ଟି ଡୋମରେ ତିନିଦିନ ଧରି ବିଭିନ୍ନ କର୍ମଶାଳାର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

# ସୋ ଆମ୍ ଆଇ ଫାଉଣ୍ଡେଶନକୁ 'ନେକ୍ସସ ଅଫ୍ ଗୁଡ୍ ପୁରସ୍କାର'

ଭୁବନେଶ୍ୱର, ୧୮।୧୨
(ବନ୍ଦନା ସେଠୀ)

ଓଡ଼ିଶାର 'ସୋ ଆମ୍ ଆଇ ଫାଉଣ୍ଡେଶନ'କୁ 'ନେକ୍ସସ ଅଫ୍ ଗୁଡ୍ ପୁରସ୍କାର' ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ପିଏ ଚାମ୍ବର ଅଫ୍ କମର୍ସଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରକାଶ ସିଂହଙ୍କଠାରୁ ଫାଉଣ୍ଡେଶନର ପ୍ରତିଷ୍ଠାତା ପିନାକୀ ମହାନ୍ତି ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ସୋନାଲି ମହାନ୍ତି ପୁରସ୍କାର ଗ୍ରହଣ କରିଛନ୍ତି। ଶାସନ, ଶିକ୍ଷା ଏବଂ ସ୍ଥିରତାରେ ଅନୁକରଣୀୟ ତଥା ପ୍ରଭାବଶାଳୀ ପଦକ୍ଷେପ ପାଇଁ ବ୍ୟକ୍ତିବିଶେଷ ଓ ସଂଗଠନଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯାଏ। ଏହା ସାଧାରଣତଃ ସାମାଜିକ-ଆର୍ଥିକ ପ୍ରଗତିର ମଡେଲ। କ୍ଷୁଧାମୁକ୍ତ ଓଡ଼ିଶା ଗଠନ ଏହି ଫାଉଣ୍ଡେଶନ୍‌ର ଲକ୍ଷ୍ୟ ରହିଛି। ଏହି କ୍ରମରେ ଫାଉଣ୍ଡେଶନ ପକ୍ଷରୁ ଫୁଡ୍ ବ୍ୟାଙ୍କ୍ ଖୋଲାଯାଇ ବିଭିନ୍ନ ପାର୍ଟି ଓ ହୋଟେଲରୁ ବଳକା ବା ଅତିରିକ୍ତ ଖାଦ୍ୟ ସଂଗ୍ରହ କରାଯାଇ ଭୋକିଲା ରହୁଥିବା ଅଭାବୀ ଲୋକଙ୍କୁ ବଣ୍ଟନ କରାଯାଇଥାଏ। ଏଥିସହ ସହରର ବିଭିନ୍ନ ବସ୍ତିର ୨୦୦ କିଶୋରୀ କିଶୋରଙ୍କୁ ମେହେନ୍ଦି, ସୌନ୍ଦର୍ଯ୍ୟ, ରୋଷେଇ ଭଳି ବିଭିନ୍ନ କୌଶଳର ତାଲିମ ଦିଆଯାଇ ସେମାନଙ୍କୁ ଆର୍ଥିକ ସଶକ୍ତ ଓ ଆତ୍ମନିର୍ଭରଶୀଳ କରାଇବା ଭଳି ପଦକ୍ଷେପ ନେଇଛି ଏହି ସଂସ୍ଥା। ସେହିପରି ଗତ ୨ବର୍ଷ ଧରି ଭୁବନେଶ୍ୱର ଏମ୍‌ସରେ ପ୍ରତିଦିନ ପ୍ରାୟ ୬୦୦ ଲୋକଙ୍କୁ ଏବଂ କଟକର ଏସ୍‌ସିବି ମେଡିକାଲ କଲେଜରେ ଗତ ୧ବର୍ଷ ଧରି ପ୍ରାୟ ୨୫୦ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଆସୁଛି। ୨୦୧୯ରେ ପ୍ରତିଷ୍ଠିତ 'ସୋ ଆମ ଆଇ ଫାଉଣ୍ଡେଶନ' ହଙ୍ଗର ଫ୍ରି ଓଡ଼ିଶା ଇନିସିଏଟିଭ୍ ଅଭିଯାନରେ ଗତ ପାଞ୍ଚ ବର୍ଷ ମଧ୍ୟରେ ୨୦ ଲକ୍ଷରୁ ଅଧିକ ଲୋକଙ୍କୁ ଖାଦ୍ୟ ପରିବେଷଣ କରିଥିବା ସୂଚନା ଦିଆଯାଇଛି।

ଏ ପୃଥିବୀ ନିମ୍ନପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡ଼ିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। -ଶ୍ରୀଅରବିନ୍ଦ



# ଇନ୍ଦ୍ରଭୂତି କେଉଁ ଦେଶର



ଦେବଦତ୍ତ ପଟ୍ଟନାୟକ

ପାରମ୍ପରିକ ତାନ୍ତ୍ରିକ କାହାଣୀ ଅନୁଯାୟୀ, ଇନ୍ଦ୍ରଭୂତି ନାଲି ପକ୍ଷୀମାନଙ୍କୁ ଆକାଶରେ ଉଡୁଥିବାର ଦେଖିଲେ। ସେ ହୃଦୟଙ୍ଗମ କଲେ ଯେ ସେମାନେ ପକ୍ଷୀ ନୁହନ୍ତି, ବରଂ ଲାଲ୍ ରଙ୍ଗ ପୋଷାକରେ ଭିକ୍ଷୁମାନେ ଆକାଶକୁ ଉଠୁଥିଲେ। ଏହି ଭିକ୍ଷୁମାନଙ୍କ ମଧ୍ୟରୁ ଜଣେ ଇନ୍ଦ୍ରଭୂତିଙ୍କ ଜିଜ୍ଞାସା ପୂରଣ କରିବା ପାଇଁ ଏକ ପୁସ୍ତକ ସହ ଖଣ୍ଡା, ଘଣ୍ଟି, ପଦ୍ମ ଏବଂ ଚକ୍ର ପକାଇଦେଲେ। ଏହି ପୁସ୍ତକରେ ବିଭିନ୍ନ ବିଚାରଧାରା, ମନ୍ତ୍ର ଓ ନିର୍ଦ୍ଦେଶସବୁ ରହିଥିଲା, ଯାହାକୁ ଇନ୍ଦ୍ରଭୂତି ବୁଝିପାରି ନ ଥିଲେ। ତେଣୁ ସେ କୁକୁରମାନଙ୍କ ରାଜା କୁକୁରାଜଙ୍କ ସାହାଯ୍ୟ ଲୋଡ଼ିଥିଲେ, ଯିଏ ଭୈରବ ନାମରେ ଜଣାଶୁଣା। କେବଳ ଇନ୍ଦ୍ରଭୂତିଙ୍କ ଭଉଣୀ ଲକ୍ଷ୍ମୀଙ୍କରା ତାଙ୍କ ପାଖରେ ଥିଲାବେଳେ ସେ ଏହି ରହସ୍ୟ ପ୍ରକାଶ କରିବେ ବୋଲି କହିଥିଲେ। କୁକୁରମାନେ ବାସ୍ତବରେ କୁକୁର ନ ଥିଲେ। ସେମାନେ ଥିଲେ ଡାକିନୀ, ସ୍ୱରୂପ ବଦଳାଉଥିବା ମହିଳା ତାନ୍ତ୍ରିକ ଗୁରୁ। ଏହି ଘଟଣା ୧୨୦୦ ବର୍ଷ ପୂର୍ବେ ଓଡ୍ଡିୟାନାରେ ଘଟିଥିଲା। ପାଶ୍ଚାତ୍ୟ ପଣ୍ଡିତମାନେ ଯୁକ୍ତି କରନ୍ତି ଯେ, ଏହି ଓଡ୍ଡିୟାନା ପାକିସ୍ତାନର ସ୍ୱାତ୍ ଉପତ୍ୟକାରେ ଅଛି। କିନ୍ତୁ ସେହି ସମୟର ଚାଇନା ପରିବ୍ରାଜକଙ୍କ ଅନୁଯାୟୀ, ସ୍ୱାତ୍ ଉପତ୍ୟକାର ଅଧିକାଂଶ ଭାଗ ହୁନ ଆକ୍ରମଣକାରୀଙ୍କ ଦ୍ୱାରା ଧ୍ୱଂସ ହୋଇଯାଇଥିଲା। ବୌଦ୍ଧ ଧର୍ମାବଲମ୍ବୀମାନେ କଶ୍ମୀର ଉପତ୍ୟକାକୁ ଚାଲିଯାଇଥିଲେ, କିନ୍ତୁ ତାହା ହିନ୍ଦୁତନ୍ତ୍ରର ଗଡ଼ ଥିଲା। ବର୍ତ୍ତମାନ ପଣ୍ଡିତମାନେ ନିଶ୍ଚିତ ଯେ, ଓଡ୍ଡିୟାନା ହେଉଛି ଓଡ଼ିଶା। ତାନ୍ତ୍ରିକ କାହାଣୀ ଅନୁଯାୟୀ, ଓଡ୍ଡିୟାନାର ଦୁଇଟି ରାଜ୍ୟ ଥିଲା: ସମ୍ବଲ ଏବଂ ଲଙ୍କାପୁରୀ। ପୂର୍ବଟି ଥିଲା ଇନ୍ଦ୍ରଭୂତିଙ୍କ ବୌଦ୍ଧ ରାଜ୍ୟ। ଏକଦା ରାକ୍ଷସ ରାଜା ରାବଣଙ୍କ ଘର ଥିବା ଲଙ୍କାପୁରୀ (ମହାଯାନ ବୌଦ୍ଧଧର୍ମ ପୁସ୍ତକ ଲଙ୍କାବତାର-ସୂତ୍ରରେ ବୌଦ୍ଧଧର୍ମୀ ବୋଲି ଉଲ୍ଲେଖ ଥିବା ଦେଖାଯାଏ) ଜଣେ ହିନ୍ଦୁ ରାଜାଙ୍କ ଦ୍ୱାରା ଶାସିତ ହୋଇଥିଲା।

ଯୁଦ୍ଧ ସମାପ୍ତ କରିବାକୁ ରାଜା ଜଳନ୍ଧର ଏବଂ ଇନ୍ଦ୍ରଭୂତିଙ୍କ ଭଉଣୀ ଲକ୍ଷ୍ମୀଙ୍କରାଙ୍କ ମଧ୍ୟରେ ବିବାହ ସ୍ଥିର ହୋଇଥିଲା। ସେ କିନ୍ତୁ ଜଣେ ହିନ୍ଦୁରାଜାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ବିବାହ ନ କରି ଏକ ଶ୍ମଶାନରେ ରହିଲେ ଓ ତାଙ୍କ ଭାଇଙ୍କ ପରି ସେ ମହାସିଦ୍ଧ ପାଲଟିଗଲେ। ଜଳନ୍ଧର ତାଙ୍କ ଶିଷ୍ୟ ହେବାକୁ ଚାହୁଁଥିଲେ, କିନ୍ତୁ ସେ ତାଙ୍କୁ ପରାମର୍ଶ ଦେଇଥିଲେ ଯେ, ଯଦି ସେ ପ୍ରକୃତରେ ଏଥିପାଇଁ ଅଧିକ ଆଗ୍ରହୀ, ତେବେ ତାଙ୍କ ମହଲର ଶୌଚାଳୟ ସଫା କରୁଥିବା ତଥା ବିଖ୍ୟାତ ତାନ୍ତ୍ରିକ ଗୁରୁଙ୍କଠାରୁ ଶିକ୍ଷା କରନ୍ତୁ। ଏବେ ସେହି ସମ୍ବଲ ସମ୍ବଲପୁର ଭାବରେ ଜଣାଶୁଣା। ଲଙ୍କାପୁରୀ ସୋନପୁର (ସୁବର୍ଣ୍ଣ ସହର) ଭାବରେ ଜଣାଶୁଣା, ଯେଉଁଠାରେ ଲଙ୍କେଶ୍ୱରୀ ଦେବୀଙ୍କୁ ପୂଜା କରାଯାଏ। ହିନ୍ଦୁ ଏବଂ ବୌଦ୍ଧ ଇତିହାସରେ ଓଡ଼ିଶାକୁ ପ୍ରକୃତ



ଲଙ୍କା (ଲଙ୍କାପୁରୀ)ଏବଂ ସମ୍ବଲ ଭାବେ ଏଯାବତ ସ୍ଥାନ ଦିଆଯାଇ ନାହିଁ। ଏହା ସହ ହିନ୍ଦୁ କାର୍ଯ୍ୟକର୍ତ୍ତାମାନେ ଲଙ୍କାକୁ ଦକ୍ଷିଣର ଏବଂ ସମ୍ବଲକୁ ତିବ୍ବତ, ଭୁଟାନ୍ ଏପରିକି ପାକିସ୍ତାନର ବୋଲି ଦର୍ଶାଇବାକୁ ପସନ୍ଦ କରନ୍ତି। ହିନ୍ଦୁ ତୀର୍ଥଯାତ୍ରୀଙ୍କ ଆଗମନ ବଢ଼ାଇବାକୁ ଶ୍ରୀଲଙ୍କାର ପର୍ଯ୍ୟଟନ ମନ୍ତ୍ରଣାଳୟ ଲଙ୍କାକୁ ରାବଣ ଦ୍ୱୀପ ଭାବରେ ଦର୍ଶାଏ। ଅନ୍ୟପକ୍ଷରେ ହିନ୍ଦୁଧର୍ମର ପ୍ରସାରକୁ ବଢ଼ାଇବା ପାଇଁ ଏହି ପଦକ୍ଷେପକୁ ଭାରତ ସରକାର ମଧ୍ୟ ସମର୍ଥନ କରୁଛନ୍ତି। କିନ୍ତୁ ବିଦ୍ୱାନ୍‌ମାନେ ବହୁ ପୂର୍ବରୁ ଯୁକ୍ତି କରିଆସିଛନ୍ତି ଯେ, ଶ୍ରୀଲଙ୍କା ସହିତ ରାବଣର ସମ୍ପର୍କ କେବଳ ଦଶମ ଶତାବ୍ଦୀରେ ଅର୍ଥାତ୍ ଚୋଳ ବିଜୟ ଏବଂ ତାମିଲ ରାମାୟଣ ରଚନା ସମୟରେ ଆରମ୍ଭ ହୋଇଥିଲା।

ଶ୍ରୀଲଙ୍କାରେ ମିଳୁଥିବା ସୁନା ଓଡ଼ିଶାରେ ମଧ୍ୟ ମିଳିଥାଏ। ଓଡ଼ିଶାରେ ସୁବର୍ଣ୍ଣପୁର (ଯାହା ଏବେ ସୋନପୁର)ରୁ ବାହାରିଥିବା ସୁବର୍ଣ୍ଣରେଖା (ସୁବର୍ଣ୍ଣ-ଧାରା) ନଦୀଶଯ୍ୟାରୁ ଏହା ମିଳୁଥିଲା। କିନ୍ତୁ ଲଙ୍କାପୁରୀ (ସୋନପୁର)ରେ ବଢୁଥିବା ଶାଳଗଛ ଶ୍ରୀଲଙ୍କାରେ ନାହିଁ। ସେଗୁଡ଼ିକ ଓଡ଼ିଶାରେ ଦେଖିବାକୁ ମିଳେ। ଲଙ୍କାର ମୂଳ ନାମ ଥିଲା 'ଶାଳନ-କଟଙ୍କଟା' ଅର୍ଥାତ୍ ଶାଳ ଜଙ୍ଗଲର ଶାସକ। ଏହା ବ୍ୟତୀତ ବାଲ୍ମୀକି ରାମାୟଣର ଭୌଗୋଳିକ କ୍ଷେତ୍ର ଦକ୍ଷିଣରେ ଗୋଦାବରୀଯାଏ ସୀମିତ ଥିଲା ଏବଂ କେନ୍ଦ୍ରୀୟ ଭାରତର ଅନେକ ଆଦିବାସୀ ସମ୍ପ୍ରଦାୟର ମତ ଯେ, ସେମାନେ ରାବଣଙ୍କ ପୂର୍ବଜ ପୁଲସ୍ତ୍ୟଙ୍କ ବଂଶଧର।

ବୌଦ୍ଧ ଧର୍ମ ସହିତ ଓଡ଼ିଶାର ଗଭୀର ସମ୍ପର୍କ ରହିଛି। କିନ୍ତୁ ଏହାକୁ ଭାରତୀୟ ଐତିହାସିକମାନେ ବିଶେଷକରି ଏବକାର ରାଜନୈତିକ କ୍ଷମତାଶାଳୀ ହିନ୍ଦୁତ୍ୱବାଦୀ ଐତିହାସିକ ଗୋଷ୍ଠୀ ମଧ୍ୟ ଅଣଦେଖା କରିଛନ୍ତି। ଏହା ନିର୍ବାଣପ୍ରାପ୍ତିର ବୌଦ୍ଧ ଧର୍ମ ନୁହେଁ। ଏହା ଥିଲା ଦୈନନ୍ଦିନ ସମସ୍ୟା ସମାଧାନର ତଥା ଭାଗ୍ୟ, ସମୃଦ୍ଧ ଓ ବିଚାରଧାରାର ବୌଦ୍ଧ ଧର୍ମ, ଯାହା ସ୍ଥାନୀୟ ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କୁ ଅଧିକ ଆକର୍ଷିତ କରିଥିଲା। ବୁଦ୍ଧଙ୍କୁ ଖାଇବାକୁ ଦେଇଥିବା ପ୍ରଥମ ବ୍ୟବସାୟୀମାନେ ଉତ୍କଳ (ଓଡ଼ିଶାର ଅନ୍ୟ ଏକ ପୁରୁଣା ନାମ)ରୁ ଆସିଥିଲେ। ସେମାନେ କିଭଳି ଖ୍ୟାତି ଓ ଧନ ଅର୍ଜନ କରିବେ, ସେଥିପାଇଁ ବୁଦ୍ଧ ସେମାନଙ୍କୁ ସ୍ତୂପ ନିର୍ମାଣ କରିବାକୁ ଶିଖାଇଥିଲେ। ଫଳରେ ସେମାନଙ୍କୁ ଭିକ୍ଷୁ ହେବାକୁ ପଡୁ ନ ଥିଲା। ଓଡ଼ିଶାର ବନ୍ଦର ଓ ଲୁହାଖଣି ପାଇବା ପାଇଁ ଅଶୋକ ଲଢ଼ିଥିବା କଳିଙ୍ଗ (ଓଡ଼ିଶାର ଆଉ ଏକ ନାମ) ଯୁଦ୍ଧ ପରେ ଓଡ଼ିଶାରେ ବୌଦ୍ଧଧର୍ମ ଆଡ଼କୁ ମୁହାଁଇଥିଲେ। ମହାଯାନ ବୌଦ୍ଧ ପଣ୍ଡିତ ନାଗାର୍ଜୁନ ଆଧୁନିକ ଓଡ଼ିଶା ଏବଂ ଛତିଶଗଡ଼ ସୀମାରେ ଥିବା ଦକ୍ଷିଣ କୋଶଳରେ ଜନ୍ମଗ୍ରହଣ କରିଥିଲେ। ଏହାର ରାଜଧାନୀ ସିର୍‌ପୁର ଏକ ପ୍ରମୁଖ ବୌଦ୍ଧସ୍ଥଳ। ପରେ ସେ ଓଡ଼ିଶାର ଦକ୍ଷିଣରେ ଥିବା କୃଷ୍ଣାନଦୀ ଅବବାହିକାକୁ ଚାଲିଗଲେ, ଯେଉଁଠାରେ ଅମରାବତୀ ଏବଂ ନାଗାର୍ଜୁନାକୋଣ୍ଡା ଭଳି ବୌଦ୍ଧ ସ୍ଥଳ ରହିଛି।

ଆଦି ଶଙ୍କରାଚାର୍ଯ୍ୟ ୭ମ ଶତାବ୍ଦୀରେ ଓଡ଼ିଶା ଆସିଥିଲେ ଓ ବୌଦ୍ଧଧର୍ମ ଉପରେ ବିତର୍କ କରିଥିଲେ। ସେ ଶୂନ୍ୟରୂପ ଆଦି ବୁଦ୍ଧଙ୍କ ପୁରୁଷୋତ୍ତମଙ୍କ ପରିଚୟକୁ ଜଗନ୍ନାଥଙ୍କୁ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ୧୦୦ରୁ ଅଧିକ ବୌଦ୍ଧସ୍ଥଳ, ଯେପରିକି ବିହାର (ବିହାରର ନାଳନ୍ଦା ପରି), ଚୈତ୍ୟ, ସ୍ତୂପ ଅଛି ଏବଂ ପୁରାତନ ସ୍ଥଳୀରେ କ୍ଷୁଦ୍ର ସ୍ତୂପଗୁଡ଼ିକ ଏକ ବୃତ୍ତାକାର ବା ମଣ୍ଡଳ ଭାବେ ସ୍ତୂପ ନିର୍ମାଣ କରାଯାଇଥିଲା। ଏହି ମଣ୍ଡଳ ଓଡ଼ିଶାରୁ ଜାଭା, ଇଣ୍ଡୋନେସିଆକୁ ପ୍ରସାରିତ ହୋଇଥିଲା, ଯେଉଁଠାରେ ଅଷ୍ଟମ ଶତାବ୍ଦୀରେ ବୃତ୍ତାକାର ତାନ୍ତ୍ରିକ ବୋରବୋଦୁର ଢାଞ୍ଚା ନିର୍ମିତ ହୋଇଥିଲା। ଓଡ଼ିଶାର ରତ୍ନଗିରି ବିହାରରେ ତାରା ମୂର୍ତ୍ତି ରହିଛି। ଏହା ଚାରିପାଖରେ ୮ଜଣ ପ୍ରତିଷ୍ଠିତ ପରିବ୍ରାଜକ ଓ ବଣିକ ରହିଛନ୍ତି। ୮ମ ଶତାବ୍ଦୀର ଏହାର ପୁରୁଷ ମୂର୍ତ୍ତି ମହାରାଷ୍ଟ୍ରରେ ଦେଖିବାକୁ ମିଳେ। ଲଳିତଗିରି, ଉଦୟଗିରି ଏବଂ ଲାଙ୍ଗୁଡ଼ି ପରି ସ୍ଥାନମାନଙ୍କରେ ବୋଧିସତ୍ତ୍ୱ ଏବଂ ଯୋଗିନୀ ଓ ତାରାଙ୍କର ଅନେକ ଶହ ଶହ ମୂର୍ତ୍ତି ଅଛି। ସେସବୁ ବାସ୍ତବରେ ଶାକ୍ୟମୁନି ବୁଦ୍ଧଙ୍କ କାହାଣୀ କୁହନ୍ତି। ଏହା ଏହି ମୂର୍ତ୍ତିଗୁଡ଼ିକ ହେଉଛନ୍ତି ଜ୍ୱଳନ୍ତ ଖଣ୍ଡାଧାରୀ ମଞ୍ଜୁଶ୍ରୀ, ମହାଯାନ ବୌଦ୍ଧ ଧର୍ମର ଅବଲୋକିତେଶ୍ୱର ପଦ୍ମପାଣି ଏବଂ ବଜ୍ରଯାନ ବୌଦ୍ଧଧର୍ମର ବଜ୍ରପାଣି ହେରୁକା। ଏହା ବ୍ୟତୀତ ଦଶମ ଶତାବ୍ଦୀରୁ ଆରମ୍ଭ ହୋଇଥିବା ସମସ୍ତ ତାନ୍ତ୍ରିକ ପରମ୍ପରାର କେନ୍ଦ୍ର ୬୪ ଯୋଗିନୀଙ୍କ ଦୁଇଟି ବୃତ୍ତାକାର ମନ୍ଦିର ଓଡ଼ିଶାର ଭୁବନେଶ୍ୱର ଏବଂ ବଲାଙ୍ଗୀରରେ ଦେଖିବାକୁ ମିଳେ। ସପ୍ତଦଶ ଶତାବ୍ଦୀର ବୌଦ୍ଧ ଐତିହାସିକ ତାରାନାଥଙ୍କ ଅନୁଯାୟୀ ମୁସଲମାନ ସେନାପତି ଭକ୍ତିୟାର ଖିଲଜି ନାଳନ୍ଦା ଆକ୍ରମଣ କରିବାର ତିନି ଶତାବ୍ଦୀ ପରେ ଗଜପତି ରାଜାମାନେ ୧୫-୧୬ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ବୌଦ୍ଧ ବିହାରକୁ ସମର୍ଥନ କରିଥିଲେ। ତ୍ରୟୋଦଶ ଶତାବ୍ଦୀ ପରେ ଜଗନ୍ନାଥ ମନ୍ଦିର ସଂସ୍କୃତିର ଉତ୍‌ଥାନ ଘଟିଥିଲା ଏବଂ ମୁସଲମାନ ନାବିକମାନଙ୍କ ହାତକୁ ଉପକୂଳ ଭିତ୍ତିକ ବ୍ୟବସାୟିକ ନେଟ୍‌ୱର୍କ ଚାଲିଯାଇଥିଲା। ବୌଦ୍ଧଧର୍ମ ଧୀରେ ଧୀରେ ଦୁର୍ବଳ ହୋଇ ଶେଷରେ ଅପସରି ଯାଇଥିଲା। କିନ୍ତୁ ଇନ୍ଦ୍ରଭୂତିଙ୍କ ପାଳିତ ପୁତ୍ର ପଦ୍ମସମ୍ଭବ ଓଡ଼ିଶାରୁ ଉତ୍ତରକୁ ନେପାଳ ଦେଇ ତିବ୍ବତରେ ପହଞ୍ଚିଥିଲେ ଏବଂ ବୌଦ୍ଧଧର୍ମର ତାନ୍ତ୍ରିକ ଶିକ୍ଷାକେନ୍ଦ୍ର ଆରମ୍ଭ କରିଥିଲେ, ଯାହାସବୁ ସ୍ଥାନୀୟ ଆଦିବାସୀ ଦେବଦେବୀଙ୍କ ପ୍ରଭାବ ହ୍ରାସ କରି ବୁଦ୍ଧଙ୍କ ଶିକ୍ଷାର ରକ୍ଷକ ସାଜିଥିଲେ।

-devduttofficial@gmail.com

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ଲାଗି ରାଞ୍ଚିର ମନୋଜ ରଞ୍ଜନଙ୍କ ଅଭିନବ ପ୍ରୟାସ ପ୍ରଶଂସନୀୟ। ମନୋଜ ପେସାରେ ଶିକ୍ଷକ। ସେ ଅଳିଆଗଦା ହେଉଥିବା ସ୍ଥାନରେ ସୁନ୍ଦର ବଗିଚା କରି ରହୁଥିବା କଲୋନିରେ ସ୍ୱଚ୍ଛତା ଆଣିପାରିଛନ୍ତି। ମନୋଜ ରାଞ୍ଚିର ହର୍ମୁ ହାଉସିଂ କଲୋନିରେ ରୁହନ୍ତି। ସ୍କୁଲ ସମୟ ପରେ ସେ ବଗିଚା କାମରେ ଲାଗିଯାଆନ୍ତି। କଲୋନିର ରାସ୍ତାକଡ଼ରେ ଗୋଟିଏ ସ୍ଥାନରେ ସବୁବେଳେ ଅଳିଆ ଜମା ରହି ପରିବେଶ ପ୍ରଦୂଷଣ କରୁଥିବାରୁ ସେଠାରେ ଏଭଳି ବଗିଚା କରିଛନ୍ତି। ସେ ଏହି ବଗିଚାରେ ପ୍ରାୟ ୨୦୦ ପ୍ରକାର ଗଛ ଲଗାଇଛନ୍ତି। ଏଥିମଧ୍ୟରେ ବହୁ ଔଷଧୀୟ ଓ ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ରହିଛି। ଅଦରକାରୀ ଭାବେ ଏଣେତେଣେ ପଡ଼ିରହିଥିବା କୁଣ୍ଡସବୁ ସଂଗ୍ରହ କରି ସେଥିରେ ଗଛ ଲଗାଇଛନ୍ତି। ଏହି ବଗିଚା ଆକର୍ଷଣୀୟ ହୋଇଥିବାରୁ ସେଠାରେ ଲୋକଙ୍କ ଭିଡ଼ ଜମୁଛି ଏବଂ ସେଲ୍‌ଫି ନେଉଛନ୍ତି। ବଗିଚା ଆରମ୍ଭ କରିବା ସମୟରେ ଫୁଲକୁଣ୍ଡ ଓ ଗଛଗୁଡ଼ିକୁ କିଛି ଲୋକ ଚୋରି କରି ନେଇ ଯାଉଥିଲେ। କିନ୍ତୁ ସେମାନେ ଏହାର ଗୁରୁତ୍ୱ ଉପଲବ୍ଧି କରିବା ପରେ ମନୋଜଙ୍କୁ ସହଯୋଗ କରିବାକୁ ଆଗେଇ ଆସିଥିଲେ। ମନୋଜଙ୍କ ଦୁଇ ଝିଅ ଏହି ବଗିଚାର ଯତ୍ନ ନେବାରେ ତାଙ୍କୁ ସାହାଯ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୭୫

- ଭାରତୀୟ ଜାତୀୟ କଂଗ୍ରେସରେ ସିକମ କଂଗ୍ରେସ ମିଶିଯିବାକୁ ନୀତିଗତ ନୀତିଗତ ଭାବରେ ନିଷ୍ପତ୍ତି କରିଛି।
- ହିମାଚଳ ପ୍ରଦେଶ ବ୍ୟତୀତ ଅନ୍ୟ ତଫସିଲଭୁକ୍ତ ଅଞ୍ଚଳ ଥିବା ରାଜ୍ୟରେ ଆଦିବାସୀ ଉପଦେଷ୍ଟା ପରିଷଦ ଗଠିତ।
- ପାଲେଷ୍ଟାଇନ ଜନସାଧାରଣଙ୍କୁ ସେମାନଙ୍କ ଜାତୀୟ ସ୍ୱାଧୀନତା ହାସଲ କରିବା ପାଇଁ ଅଧିକାର ଦେବା ସଂକ୍ରାନ୍ତରେ ଜାତିସଂଘ ସାଧାରଣ ଆସେମ୍ବ୍ଲି ଏକ କମିଟି ଗଠନ କରିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 3 | | | | 2 |
| | | 8 | 2 | | | 1 | | |
| | | | | | 1 | | | |
| | | | | | | 2 | | 4 |
| | 1 | 3 | | 7 | 8 | 9 | | |
| 4 | | | 9 | | 6 | | | |
| 8 | 4 | | | | 3 | | 2 | |
| | 9 | | 1 | | | | | 8 |
| | | 1 | | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 6 | 8 | 7 | 1 | 4 | 5 | 2 |
| 8 | 7 | 4 | 9 | 2 | 5 | 3 | 6 | 1 |
| 2 | 5 | 1 | 3 | 6 | 4 | 7 | 8 | 9 |
| 9 | 6 | 2 | 5 | 4 | 7 | 8 | 1 | 3 |
| 1 | 3 | 7 | 6 | 8 | 2 | 9 | 4 | 5 |
| 4 | 8 | 5 | 1 | 3 | 9 | 2 | 7 | 6 |
| 5 | 2 | 8 | 7 | 1 | 3 | 6 | 9 | 4 |
| 7 | 4 | 9 | 2 | 5 | 6 | 1 | 3 | 8 |
| 6 | 1 | 3 | 4 | 9 | 8 | 5 | 2 | 7 |

ଗତକାଲିର ଉତ୍ତର

# ଟ୍ରମ୍ପ୍ ଓ ସମ୍ଭାବ୍ୟ ଅର୍ଥନୀତି



ନଳିନୀକାନ୍ତ ଧର

ଆମେରିକାର ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥର ପାଇଁ ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରମ୍ପ୍ କେବଳ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇନାହାନ୍ତି ବରଂ ସର୍ବାଧିକ ଜନପ୍ରିୟ ଭୋଟ ପାଇ ଆମେରିକାରେ ତଥାକଥିତ ଟ୍ରିଫେକ୍ଟର କୁହାଯାଉଥିବା ସମସ୍ତ ଗୃହ ଯଥା ପ୍ରେସିଡେନ୍ସି, ସିନେଟ୍ ଓ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭରେ ରିପବ୍ଲିକାନ୍ ଦଳ ସଂଖ୍ୟା ଗରିଷ୍ଠତା ଲାଭ କରିଛି।

ଟ୍ରମ୍ପ୍ ୨୦୧୮ରେ ରାଷ୍ଟ୍ରପତି ଥିବା ସମୟରେ ଚାଇନା ସହ କିପରି ବାଣିଜ୍ୟ ଯୁଦ୍ଧ ଚାଲୁଥିଲା ତାହା ଉଣା ଅଧିକେ ସମସ୍ତେ ଜାଣନ୍ତି। ବର୍ତ୍ତମାନ ମଧ୍ୟ ତାଙ୍କର ନିର୍ବାଚନୀ ଘୋଷଣାନାମା ଓ ସମସ୍ତ ବିତର୍କରେ ଆମେରିକୀୟ କମ୍ପାନୀକୁ ପ୍ରୋତ୍ସାହନ ଦେବାକୁ ଯାଇ ଚାଇନାଠାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୫୦ରୁ ୬୦ ପ୍ରତିଶତ ତଥା ଅନ୍ୟାନ୍ୟ ଦେଶ ପାଇଁ ୧୦ରୁ ୨୦ ପ୍ରତିଶତ ଶୁଳ୍କ ଲାଗୁ କରିବେ ବୋଲି ଘୋଷଣା କରିଛନ୍ତି ଓ ମୁଦ୍ରାସ୍ଫୀତି ବୃଦ୍ଧି ପାଇଲେ ସୁଧ ହାର ହ୍ରାସ ପ୍ରକ୍ରିୟା ଯାହା ଆରମ୍ଭ ହୋଇଥିଲା ତାହା ବାଧାପ୍ରାପ୍ତ ହେବ। ଚାଇନା ସାମଗ୍ରୀ ଉପରେ ମାତ୍ରାଧିକ ଆମଦାନୀ ଶୁଳ୍କ ବୃଦ୍ଧି କରିବାର କାରଣ ଚାଇନାର ଆମେରିକା ସହ ବାଣିଜ୍ୟ ବଳକା ହାରାହାରି ୪୦୦ ବିଲିୟନ ଡଲାର ଯାହା ଅପେକ୍ଷାକୃତ ଖୁବ୍ ଅଧିକ। ଚାଇନାର ଉତ୍ପାଦନ କ୍ଷମତା ଆବଶ୍ୟକଠାରୁ ଖୁବ୍ ଅଧିକ ହୋଇଥିବାରୁ ନିଜର ନିମ୍ନଗାମୀ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ପାଇଁ ବିଦେଶକୁ ଶସ୍ତାରେ ଅନେକ ଉତ୍ପାଦିତ ସାମଗ୍ରୀ ରପ୍ତାନି କରିବା ଫଳରେ ବହୁ ବିକାଶୋନ୍ମୁଖୀ ଦେଶର ନିଜସ୍ୱ ଅର୍ଥନୀତି ପ୍ରଭାବିତ ହେବା ସହ ସେମାନଙ୍କର ଏକ ଡିଫ୍ଲେସିଓନାରି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଅଛି। ଅବଶ୍ୟ ଚାଇନାର ରପ୍ତାନି ସାମଗ୍ରୀର ଦରବୃଦ୍ଧି ହେଲେ ଭାରତର ଇଲେକ୍ଟ୍ରୋନିକ୍, ରସାୟନ ପଦାର୍ଥ ଇତ୍ୟାଦିର ରପ୍ତାନି ବୃଦ୍ଧି ପାଇବ। ପୃଥିବୀରେ ଆମେରିକା ସର୍ବବୃହତ୍ ଅର୍ଥନୀତି ସହ ଭାରତର ମଧ୍ୟ ବାଣିଜ୍ୟ ବଳକା ରାଶି ହାରାହାରି ୩.୫ ଲକ୍ଷ କୋଟି ଟଙ୍କା। ତେଣୁ ଆମକୁ ଆମେରିକା ସହ ସାଧାରଣ ପରିସ୍ଥିତିରେ ପ୍ରତ୍ୟାକ୍ରମଣ ନୀତି ଅବଲମ୍ବନ ନ କରି ବରଂ ଆପୋସ ବୁଝାମଣାରେ କିପରି ଉଭୟ ଦେଶ ଲାଭବାନ୍ ହେବେ ଭାରତକୁ ଏହାର ନୀତି ଓ କୌଶଳ ନିର୍ଣ୍ଣୟ କରିବା ଶ୍ରେୟସ୍କର ହେବ।

ଆମେରିକାର ମୋଟ ଘରୋଇ ଉତ୍ପାଦନ ପୃଥିବୀର ୨୮ ପ୍ରତିଶତ ହୋଇଥିବାବେଳେ ଏହାର ପୁଞ୍ଜିବଜାର କ୍ରମାଗତ ବୃଦ୍ଧି ପାଇ ପୃଥିବୀର ୬୫ ପ୍ରତିଶତ ହୋଇଯାଇଛି ଓ ବିଗତ ଦଶନ୍ଧିରେ ଏହା ନିବେଶକଙ୍କୁ ଅଧିକ ଲାଭ ଦେଇପାରିଛି। ଆମେରିକୀୟ କମ୍ପାନୀର କର ହ୍ରାସ ଓ ଅନୁଦାନ ବୃଦ୍ଧି ଫଳରେ ହୁଏତ ସେମାନେ ଆହୁରି ଲାଭବାନ୍ ହେବେ। ତେଣୁ ନିଜ ଦେଶରେ ପୁଞ୍ଜିବଜାର ଅଧିକ ଲାଭ ହେଉଥିବାରୁ ବିଦେଶୀ ପୁଞ୍ଜିନିବେଶକ ଭାରତ ସହ ଅନ୍ୟାନ୍ୟ ବିକାଶୋନ୍ମୁଖୀ ଦେଶରୁ ପୁଞ୍ଜି ପ୍ରତ୍ୟାହାର କରି ଆମେରିକାରେ ନିବେଶ କରିବା ଶ୍ରେୟ ମଣୁଛନ୍ତି ଓ ଏହି ମର୍ମରେ ଡଲାର ମଜଭୁତ ହେଲେ ଓ ଆମର ଆମଦାନୀ ମୁଖ୍ୟତଃ ଡଲାରରେ ହୋଇଥିବାରୁ ଆମଦାନୀ ବ୍ୟୟବହୁଳ ହେବ। ଆମେରିକା ଘରୋଇ ଶିଳ୍ପରେ ଅନୁଦାନ ବୃଦ୍ଧି କରିବ ବୋଲି ଆଶା କରାଯାଏ। ବିଦେଶୀ ପୁଞ୍ଜିନିବେଶକାରୀଙ୍କ ପୁଞ୍ଜି ପ୍ରତ୍ୟାବର୍ତ୍ତନ ଫଳରେ ଏହି ମର୍ମରେ ଅଧିକାଂଶ ଦେଶରେ ପୁଞ୍ଜିବଜାର ସୂଚକାଙ୍କ ହ୍ରାସ ପାଇଛି ଏବଂ ଭାରତରେ ଏହା ୧୦ପ୍ରତିଶତ ହ୍ରାସ ପାଇଛି। ପୁଞ୍ଜି ପ୍ରତ୍ୟାବର୍ତ୍ତନ ହେଲେ ଡଲାର ମଜଭୁତ ହେବ ଓ ବର୍ତ୍ତମାନ ମଧ୍ୟ ଟଙ୍କାର ଡଲାର ତୁଳନାରେ ସର୍ବୋଚ୍ଚ ନିମ୍ନ ସ୍ତରକୁ ୮୪.୫୦ରେ ପହଞ୍ଚିଛି। ବିଶ୍ୱସ୍ତରରେ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ପଡୁଥିବା ଅନୁଦାନରେ ଆମେରିକା ବିକଶିତ ରାଷ୍ଟ୍ରଭାବରେ ଯେଉଁ ଅନୁଦାନ ଦେଉଥିଲା ତାହା ହୁଏତ ହ୍ରାସ ପାଇବ ଯାହାକି ବିକାଶଶୀଳ ଦେଶ ସହ ଭାରତ ପାଇଁ ଶୁଭଙ୍କର ନୁହେଁ। ଭାରତ ୮୫ ପ୍ରତିଶତ ଖଣିଜ ତୈଳ ଆମଦାନୀ ଉପରେ ନିର୍ଭରକରେ। ଟ୍ରମ୍ପ୍ ନିଜ ଦେଶରେ ଡ୍ରିଲିଂ କ୍ଷମତା ବଢ଼ାଇବା ସହ ପ୍ରାକୃତିକ ଇନ୍ଧନ ସପକ୍ଷବାଦୀ ଥିବାରୁ ହୁଏତ ତୈଳ ଦର ହ୍ରାସ ହୋଇପାରେ, ଯାହା ଭାରତ ଅର୍ଥନୀତିକୁ ସହାୟକ ହେବ। ଟ୍ରମ୍ପ୍ ଅଧିକ ନିଯୁକ୍ତି ସୃଷ୍ଟିକରିବାକୁ ଯାଇ ଇମିଗ୍ରେଶନ ନିୟମ ଆପଣାଇଲେ ଆମେରିକାରେ ହାରାହାରି ୧୨୦ ଲକ୍ଷ ବେଆଇନ ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରିବା ତାଙ୍କର ମୂଳ ଲକ୍ଷ୍ୟ ହେବ ଓ ଭାରତୀୟ ସଂଖ୍ୟା ଏମାନଙ୍କ ମଧ୍ୟରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ। ଦ୍ୱିତୀୟତଃ ଭାରତୀୟ ବୈଷୟିକ ଜ୍ଞାନ ଉତ୍ସ, ଆଇଟି ତଥା ଅନ୍ୟାନ୍ୟ କ୍ଷେତ୍ରରୁ ପାଉଥିବା ଏଚ୍.୧ବି ଭିସା ସଂଖ୍ୟା ହୁଏତ କିଛି ମାତ୍ରାରେ ହ୍ରାସ ପାଇପାରେ। ଆମେରିକାରେ ଜନ୍ମିତ ଭାରତୀୟଙ୍କର ନାଗରିକତ୍ୱ ଅଧିକାରକୁ କ୍ଷୁଣ୍ଣ କରିବେ ବୋଲି ଯେଉଁ ଆଶଙ୍କା ସୃଷ୍ଟି ହେଉଛି ତାହା ଆଇନଗତ ନୁହେଁ, ତେଣୁ ଏହାକୁ ପ୍ରଣୟନ କରିବା କଷ୍ଟକର ହେବ। ଅନେକ ଦ୍ୱନ୍ଦ୍ୱ ଦେଇ ଗତି କରୁଥିବା କ୍ରିପ୍ଟୋ କରେନ୍ସି ସାମାନ୍ୟ ପ୍ରାଧାନ୍ୟ ଲାଭ କରିପାରେ। ୨୦୨୬ ଜୁଲାଇ ସୁଦ୍ଧା ୨ ଟ୍ରିଲିୟନ ଡଲାର ସରକାରୀ ଖର୍ଚ୍ଚକାଟ ସରକାରୀ ଯୋଜନା ବିଦେଶୀ କମ୍ପାନୀଗୁଡ଼ିକ ଉପରେ କିଛି ମାତ୍ରାରେ ପ୍ରଭାବ ପଡ଼ିବ। ଆମେରିକା ବହୁଦେଶୀୟ ଚୁକ୍ତି ଯଥା ଆଇପିଇଏଫ୍ ଓ କ୍ୱାର୍ଡ ଇତ୍ୟାଦିରେ ସ୍ୱାକ୍ଷର କଲେ ମଧ୍ୟ କେତେକ ମୌଳିକ ନିଷ୍ପତ୍ତି, ବିଚାରଧାରାରୁ ଓହରିଯିବ ନାହିଁ। ଟ୍ରମ୍ପ୍ ଯୁଦ୍ଧ ଉପରେ ବିଶ୍ୱାସ ରଖୁ ନ ଥିବାରୁ ହୁଏତଃ ଭୌଗୋଳିକ ରାଜନୈତିକ ବାତାବରଣରେ ଉନ୍ନତି ଘଟିବ ଓ ନୂତନ ସମୀକରଣ ସୃଷ୍ଟି ହୋଇପାରେ।



ଆମେରିକାର ସମସ୍ତ ସଦନରେ ତାଙ୍କ ଦଳର ସଂଖ୍ୟାଗରିଷ୍ଠତା ଓ ତାଙ୍କ ପ୍ରତି ଅନୁକୂଳ ମତ ରଖୁଥିବା ସୁପ୍ରିମ କୋର୍ଟ ସହ ଏହା ତାଙ୍କର ଦ୍ୱିତୀୟ ପାଳି ହୋଇଥିବାରୁ ସେ ହୁଏତ ଅଧିକ କଠୋର ନିଷ୍ପତ୍ତି ନେବେ ବୋଲି ଆଶାକରାଯାଏ। ସାମଗ୍ରିକ ଭାବରେ ଟ୍ରମ୍ପ୍ ନିଜ ଦେଶକୁ ସୁହାଇଲା ଭଳି ବିଭିନ୍ନ ଦେଣନେଣଭିତ୍ତିକ ବ୍ୟାପାରକୁ ବେଶି ଗୁରୁତ୍ୱ ଦେବାର ସମ୍ଭାବନା ରହିଛି। ତେଣୁ ବହୁକ୍ଷେତ୍ରରେ ସମୟୋପଯୋଗୀ କୌଶଳ ଆପଣାଇ ଭାରତ ନିଜର ସ୍ୱାର୍ଥ ସାଧନ ପାଇଁ ଆଲୋଚନା ଓ ମୂଳଚାଲ କରିପାରିବ।

ରାଉରକେଲା
ମୋ:୯୪୩୭୩୪୪୬୫୪

# କଳାଧନ ମହଜୁଦକାରୀ



ଅଭିମନ୍ୟୁ ଧଳ

ଭାରତର ଉଚ୍ଚତମ ନ୍ୟାୟାଳୟ କହିଛନ୍ତି, ''କଳାଧନ ମହଜୁଦକାରୀମାନେ ଜଣେ ଜଣେ ଆତଙ୍କବାଦୀ''। ବାସ୍ତବିକ କଳାଧନ ଅଧିକାରୀମାନେ କୋଟି କୋଟି ଜନତାଙ୍କ ଟିକସକୁ ଦୁର୍ନୀତି ଉପାୟରେ ହଡପକରି ଟଙ୍କାର ପାହାଡ଼ ଉପରେ ବସି ଅଟ୍ଟହାସ୍ୟ କରନ୍ତି। ସୀମାନ୍ତରେ ଆତଙ୍କବାଦୀମାନେ ଯେତିକି ରକ୍ତପାତ ଘଟାନ୍ତି ଓ ସେମାନେ ମଧ୍ୟ ନିପାତ ହୁଅନ୍ତି, କିନ୍ତୁ ଦେଶ ଭିତରେ ଏହି ଆତଙ୍କବାଦୀମାନେ କୋଟିକୋଟି ଲୋକଙ୍କ ରକ୍ତଶୋଷି ଟିଙ୍କ ହୋଇଯାନ୍ତି। ଆମ ସୈନିକମାନେ ସୀମାନ୍ତରେ ଆତଙ୍କୀ ନିପାତ କରୁଥିବା ବେଳେ ଦେଶ ମଧ୍ୟରେ ଅର୍ଥନୈତିକ ଅପରାଧ ଶାଖା, ଭିଜିଲାନ୍ସ ଭଳି ସଂସ୍ଥା ଏମାନଙ୍କୁ ଠିକ୍ ଢଙ୍ଗରେ ନ୍ୟାୟାଳୟରେ ଦୋଷୀସାବ୍ୟସ୍ତ କରିପାରୁ ନାହାନ୍ତି। ଭିକାରି, ସାଧୁ, ସନ୍ନ୍ୟାସୀ ଏବଂ ଅଭାବ ଓ ଅନଟନରେ ଥିବା ଗରିବ ଲୋକମାନେ ଟିକସ ଦେଇଥାନ୍ତି। ଏହିଭଳି ଲୋକଙ୍କ ଟିକସକୁ ଗର୍ଭସ୍ଥକରି ହଜମ କରନ୍ତି ଏହି ଧନଲୋଭୀ ମାନେ।

ଭାରତ ସ୍ୱାଧୀନତା ପ୍ରାପ୍ତି ପରେ ଏହି ଦୁର୍ନୀତି ରାକ୍ଷସମାନେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଆଖପାଖରେ ବୁଲୁଥିଲେ କିନ୍ତୁ ପ୍ରବେଶ କରିବାର ସୁଯୋଗ ନ ଥିଲା। ଇନ୍ଦିରା ଗାନ୍ଧୀଙ୍କ ସମୟରେ ଏମାନେ ଅନାୟାସରେ ସୁଯୋଗ ପାଇଲେ। ଏହାର କୁପରିଣତି ଭୋଗିଲେ ରାଜୀବ ଗାନ୍ଧୀ। ସେ କହିଥିଲେ, କେନ୍ଦ୍ରରୁ ସାଧାରଣ ଲୋକଙ୍କ ପାଇଁ ଯେଉଁ ୧ଟଙ୍କା ଯାଏ ବାଟମାରଣା ପାଇଁ ହିତାଧିକାରୀଙ୍କ ପାଖରେ ପହଞ୍ଚେ ମାତ୍ର ୧୧ ପଇସା। ଦୁର୍ନୀତିର ମୂଳ ଉତ୍ପାଟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରୟାସ କେତୋଟି କାରଣ ପାଇଁ ସଫଳ ହୋଇପାରୁ ନାହିଁ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ବିରୋଧରେ ଯେଉଁ ଜାଲ ବସାଇଥିଲେ ସେଥିରେ କେବଳ କେରାଣ୍ଡି, ଗଡିଶା ସେରଣ୍ଡା, ବୋଦସି ଭଳି ମାଛ ଲାଗୁଥିଲେ। ମୋହନ ସରକାର ୩୯ଟି ବଡ଼ ରୋହି, ମିରିକାଳି, ଭାକୁଡ଼ ମାଛ ଧରିବାରେ ସଫଳ ହୋଇଛନ୍ତି। କାହାର ୬୫ ପ୍ଲଟ୍ ତ ଘରେ ଶୋ'ରୁମ୍ ଭଳି ମହଣ ମହଣ ସୁନା। ଏକାଧିକ ସୁରମ୍ୟ ଅଟ୍ଟାଳିକା ତ କାହାର ଫାର୍ମ ହାଉସ। କିଏ ବିଦେଶ ବୁଲିବାର ମଜା ନେଉଛନ୍ତି। ଏହି ଧନ ତାଙ୍କର ପିତୃ ଅର୍ଜିତ, ନିଜ ଅର୍ଜିତ ଝାଳବୁହା ନୁହେଁ।

ତିନିବର୍ଷ ତଳେ ଏହି ଦୁର୍ନୀତିଗ୍ରସ୍ତ ଆତଙ୍କବାଦୀମାନଙ୍କ ମଧ୍ୟରୁ ମାତ୍ର ୪୬% ଦଣ୍ଡିତ ହେଉଥିଲେ ଏବେ ଏହା ୫୦%କୁ ବୃଦ୍ଧି ପାଇଛି। ତେବେ ଅବଶିଷ୍ଟ ଅର୍ଦ୍ଧେକ ନିର୍ଦ୍ଦୋଷ ହୋଇ ମୁଣ୍ଡ ଉଚ୍ଚା କରି ଚାଲୁଛନ୍ତି କିପରି। ଭିଜିଲାନ୍ସ ଜବତ କରିଥିବା ସମ୍ପତ୍ତି ଯେ କଳାଧନ ଏହାକୁ କୋର୍ଟରେ ପ୍ରମାଣ କରିପାରୁନି। ଏହାର କାରଣ ବର୍ଷ ବର୍ଷ ଧରି ଏହି ମକଦ୍ଦମା ଚାଲୁଥିବାରୁ କୌଣସି ଗଳାବାଟ ଦେଇ ଏମାନେ ଖସିଯିବାର ସୁଯୋଗ ପାଉଛନ୍ତି। କଳାଧନକୁ ଧଳା କରିବା ପାଇଁ ସେମାନେ ପର୍ଯ୍ୟାପ୍ତ ସମୟ ପାଉଛନ୍ତି। କେବଳ ଏତିକି ନୁହେଁ ଜଣେ ଲାଞ୍ଚୁଆ କର୍ମଚାରୀ ଜାମିନରେ ଆସି ଅଧା ଦରମା ପାଇଲେ ମଧ୍ୟ ବିଲେଇ କ୍ଷୀର ପାତ୍ରରେ ମୁହଁ ପୂରାଇଲା ଭଳି ପୁନର୍ବାର ଗଣ୍ଡିଲି ପୂର୍ଣ୍ଣ କରିବାରେ ଲାଗିପଡୁଛନ୍ତି। କେତେଜଣ କର୍ମଚାରୀ ତିନି ତିନି ଥର ଧରାପଡ଼ି ଚାକିରି ଫେରିପାଇବା ଓ ପ୍ରମୋଶନ ପାଇବା ଆଶ୍ଚର୍ଯ୍ୟ ନୁହେଁ କି।

ଲୋକଙ୍କର କାମ ନ ହେଲେ ସେ ଲାଞ୍ଚଦେଇ କାମ କରି ନେବାକୁ ବାଧ୍ୟ ହେଉଛନ୍ତି। ୨୦୨୩ରେ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା ୨୫୬ଟି ମାମଲାରେ ତଦନ୍ତ ଆରମ୍ଭ କରିଥିଲା। ମୋଟାମୋଟି ଭାବେ ଏହି ବର୍ଷ ୪୦୮ଟି ମାମଲା ଶେଷ କରାଯାଇ ୩୬୧ଟିରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିଲା। ୧୬୬ ଜଣଙ୍କୁ ବାନ୍ଧିଥିଲା। ଯେଉଁମାନଙ୍କ ଭିତରେ ୨୭ ଜଣ ପ୍ରଥମ ଶ୍ରେଣୀ, ୩୧ ଜଣ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ଅଫିସର ଥିଲେ। ଏମାନଙ୍କ ମଧ୍ୟରୁ ୩୧ ଜଣଙ୍କ ମୃତ୍ୟୁ ଓ ଆଇନ ଅଦାଲତଙ୍କ ନିର୍ଦ୍ଦେଶ ଯୋଗୁ ମାମଲା ବନ୍ଦ କରାଯାଇଥିଲା ୨୫୦ଟି ମାମଲାରେ ବିଚାର କରାଯାଇ ସେଥିରୁ ୧୨୪ଟି ଦଣ୍ଡବିଧାନ ହୋଇଥିଲା। ଯେଉଁଥିରେ ୨୧ ଜଣ ପ୍ରଥମ ଶ୍ରେଣୀ ଓ ୧୪ ଜଣ ଦ୍ୱିତୀୟ ଶ୍ରେଣୀ ଅଫିସରଙ୍କ ସମେତ ୧୬୩ ଜଣ ଦଣ୍ଡିତ ହୋଇଥିଲେ। ଏହିହିସାବ ଅନୁଯାୟୀ ଭିଜିଲାନ୍ସ ମାମଲାରେ ଦଣ୍ଡବିଧାନ ହାର ୫୦% ଦର୍ଶାଯାଇଥିଲେ ମଧ୍ୟ ୨୦୨୩ ଶେଷ ସୁଦ୍ଧା ୩୬୦୦ରୁ ଅଧିକ ମାମଲା ବିଚାର ଅପେକ୍ଷାରେ ରହିଛି। କଳାଧନରେ ବଳୀୟାନ ଏହି ଦୁର୍ନୀତିଖୋରମାନେ ରାଜ୍ୟ ପାଇଁ କଳଙ୍କ, ସମାଜର ଶତ୍ରୁ। ଭିଜିଲାନ୍ସ ଏମାନଙ୍କ ଗୁମର ଫିଟାଇବା ସଙ୍ଗେ ସଙ୍ଗେ ଫାଷ୍ଟ ଟ୍ରାକ୍ କୋର୍ଟରେ ତୁରନ୍ତ ବିଚାର କରାଯାଇ ନ୍ୟାୟ ପ୍ରକାଶ ପାଉ। ଏହା ହିଁ ହେବ ସରକାରଙ୍କର ଶ୍ରେଷ୍ଠ ସଫଳତା।

ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୯୮୬୧୦୪୮୦୫୨

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟା ଏକ ଦୁର୍ବଳ ମାନସିକତା

ମହାଶୟ,

ଆଜିକାଲି ଛାତ୍ରାଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ଅଧିକ। କେତେକଣ ଛାତ୍ରଛାତ୍ରୀ ପାଠର ଚାପ ହେତୁ ଆତ୍ମହତ୍ୟା କରୁଛନ୍ତି। ଆଉ କେତେକେ ପ୍ରେମଜନିତ ଘଟଣାରେ ଅସଫଳ ହୋଇ ଏହି ପନ୍ଥା ଆପଣାଉଛନ୍ତି। ଛାତ୍ରୀମାନଙ୍କ କ୍ଷେତ୍ରରେ ଏହା ଅଧିକ। କେତେକଣ ବ୍ୟକ୍ତି ପରିବାରର ଭରଣପୋଷଣ କରିବାରେ ଅକ୍ଷମ ହୋଇ କିମ୍ବା ଚାଷବାସରେ ଋଣ ଶୁଝି ନ ପାରି ଆତ୍ମହତ୍ୟା କରୁଛନ୍ତି। ବୋହୂଟି ଯୌତୁକଜନିତ ଘଟଣାରେ ଶାଶୁଘରର ଲୋକମାନଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। କେତେକଣ ଚାକିରିଆ ଶ୍ରେଣୀର ବ୍ୟକ୍ତି ଲାଞ୍ଚ ଗ୍ରହଣ କରୁଥିବା ବେଳେ ଧରାପଡ଼ି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାଆନ୍ତି। ଯେତେବୁଝିଏ ଆତ୍ମହତ୍ୟା ବିଷୟରେ ଆଲୋଚନା ହେଲା ସେ ସବୁର ମୁଖ୍ୟ କାରଣ ଦୁର୍ବଳ ମାନସିକତା ଛଡ଼ା ଆଉ କିଛି ନୁହେଁ। ସମାଜରେ ଚଳିବାକୁ ହେଲେ ଆମକୁ ଧୈର୍ଯ୍ୟର ସହ ସବୁ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରିବା ଉଚିତ। ଆତ୍ମହତ୍ୟା ସମାଧାନର ବାଟ ନୁହେଁ।

-ଭଗବାନ ଦାସ, ନାରାୟଣପୁର, କେନ୍ଦ୍ରାପଡ଼ା

## ଚିରନ୍ତନୀ

କୁଟୀର ଦୁଆରେ ବିଲୋକି ସୁଷମା ଶାଟୀର
ହେଲି ବାଇ
ସୁନା ପାଲଟିଲା ଶତେକ ସପନ ମାଟିର
ମନେ ନାହିଁ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କାର୍ଯ୍ୟରେ ଅବହେଳା: ଆର୍‌ଏମ୍‌ସି କର୍ମଚାରୀ ନିଲମ୍ବିତ

**ନୂଆପଡ଼ା,୧୮।୧୨ (ମକାରୁ ବେମାଲ):** ନୂଆପଡ଼ା ଜିଲା ବୋଡେନ ବ୍ଲକର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି)ରେ କାର୍ଯ୍ୟରତ ଜଣେ ଅସ୍ଥାୟୀ କର୍ମଚାରୀଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେ ହେଲେ ଆଲୋକ ରଞ୍ଜନ ବେହେରା। ସୂଚନାକ୍ରମେ ଆଲୋକ ଖରିଆର ରୋଡ ନିୟନ୍ତ୍ରିତ ବଜାର କମିଟିରେ ସିଜନାଲ ଷ୍ଟାଫ୍ (ଅସ୍ଥାୟୀ କର୍ମଚାରୀ) ଭାବରେ ନିୟୋଜିତ ହୋଇଥିଲେ । ଧାନ କ୍ରୟ ସମୟରେ ଦୁଇମାସ ପାଇଁ ସେ ନିୟନ୍ତ୍ରିତ ବଜାର କମିଟି ଖରିଆର ରୋଡ ଅଧୀନରେ କାର୍ଯ୍ୟ କରନ୍ତି। ହେଲେ କାର୍ଯ୍ୟରେ ଅବହେଳା କରିଥିବାରୁ ଗତ ରବିବାର ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ଆର୍‌ଏମ୍‌ସି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି ପ୍ରକାଶ କରିଛନ୍ତି ।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ

ବୋଡ଼େନ,୧୮।୧୨ (ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡେନ ବ୍ଲକ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ହେମନ୍ତ କୁମାର ମୁଣ୍ଡଙ୍କ ଅଧକ୍ଷତାରେ ବୋଡେନ ଥାନା ଅଧିକାରୀ ଗୋବିନ୍ଦ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗର ଉପକାରିତା ଏବଂ ଶୃଙ୍ଖଳିତ ଜୀବନଚର୍ଯ୍ୟା ସୁସ୍ଥତାର ମୂଳ ମନ୍ତ୍ର ବୋଲି ମତ ପ୍ରକାଶ କରିଥିଲେ। ଖେଳ ଶିକ୍ଷକ ପରମେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୋଡାଲ ଅଫିସର ଗୟାଧର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରୁଛନ୍ତି।

### ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ପାଟଣାଗଡ,୧୮।୧୨ (ସଚ୍ଚିଦାନନ୍ଦ ମହାକୁର):** ପାଟଣାଗଡସ୍ଥିତ ହରିଶଙ୍କର ସମ୍ମିଳନୀ ସଦନ ଠାରେ ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଆସନ୍ତା ଜାନୁୟାରୀ ୧୦ ତାରିଖରେ ହେବାକୁ ଥିବା ଲୋକ ମହୋତ୍ସବ ପାଇଁ ବିଭିନ୍ନ କମିଟି ଗଠନ କରିବା ସହ କିପରି ଏହି ଉତ୍ସବ ଶାନ୍ତିଶୃଙ୍ଖଳା ସହିତ ହୋଇପାରିବ ସେନେଇ ଏହି ବୈଠକରେ ମୁଖ୍ୟତଃ ଆଲୋଚନା ହୋଇଥିଲା । ବୈଠକରେ ପାଟଣାଗଡ ଏନଏସି ଅଧକ୍ଷା ମାନସୀ ବିଶାଲ,ସହକାରୀ ଜିଲ୍ଲାପାଳ ନିରୁପମା ଟେଟେ, ମସଫିଲ କେରକେଟା, ବିଡିଓ ସୁମନ ମିଞ୍ଜ, ତହସିଲଦାର ରୁଦ୍ର ମୋହନ ନାୟକ, ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରକାଶ ମିଶ୍ର, ବେଲପଡା ତହସିଲଦାର ଜ୍ଞାନରଞ୍ଜନ ମିଝୀ ,ଜିପିଓ ଦେବେନ୍ଦ୍ର ସାହୁ , ଉପଖଣ୍ଡ ସୂଚନା ଓ ଲୋକ ସଂପର୍କଅଧିକାରୀ ସରୋଜ ମେହେରଙ୍କ ସମେତ ଉପଖଣ୍ଡର ସମସ୍ତ ବିଭାଗୀୟ କର୍ମଚାରୀମାନେ ବୈଠକରେ ଯୋଗ ଦେଇଥିଲେ ।

# ମା’ ଲଙ୍କେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କୋକସରା,୧୮।୧୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡକେନ୍ଦୁଗୁଡା ଖେଳପଡ଼ିଆରେ ବୁଧବାର ମା’ ଲଙ୍କେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମା’ ଲଙ୍କେଶ୍ୱରୀ ଯୁବକ ସଂଘ ସଭାପତି ଆଦିତ୍ୟ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଡୁଡୁକାଠେଙ୍ଗା ଓ ତେନ୍ତୁଳିପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡୁଡୁକାଠେଙ୍ଗା ଦଳ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ବେହେରା ଓ ବଡ ପୋଡାଗୁଡା



ମୁଖ୍ୟ ଅତିଥି କ୍ରିକେଟ ଖେଳ ଉଦ୍‌ଘାଟନ କରୁଛନ୍ତି।

ମଧ୍ୟରେ ହୋଇଥିବାବେଳେ ବେହେରା ଦଳ ବିଜୟୀ ହୋଇଥିଲା। ତିଳକ ରଞ୍ଜନ ନାଗ ଓ ବିନୟ ରାଉତ ଖେଳ ପରିଚାଳନା କରିଥିଲେ। କୋକସରା, ଜୟପାଟଣା ଓ ଧର୍ମଗଡ ବ୍ଲକର ୨୪ଟି କ୍ରିକେଟ ଟିମ ଟୁର୍ନାମେଣ୍ଟରେ ଭାଗ ନେଉଥିବା ଜଣାପଡିଛି।

# ନୂଆପଡ଼ା ସହର ଉପକଣ୍ଠରେ ହାତୀପଲ, ଲୋକେ ଆତଙ୍କିତ

**ନୂଆପଡ଼ା,୧୮।୧୨ (ମକାରୁ ବେମାଲ)**

ନୂଆପଡ଼ା ସହର ଉପକଣ୍ଠରେ ବୁଧବାର ହାତୀପଲ ବୁଲୁଥିବା ଦେଖି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୂଚନା ମୁତାବକ ପୂର୍ବାହ୍ନ ୧୦ଟାରେ ପଳସାବୋଡ଼ା ଗାଁ ନିକଟରେ ୩ ଟିକିଆ ହାତୀପଲ ରହିଥିବା ଲୋକେ ଦେଖିଥିଲେ। ସେଠାରେ କିଛି ସମୟ ରହିଲା ପରେ ସେମାନେ ବିଜୁ ଏକ୍ସପ୍ରେସ ୱେ ପାରି ହୋଇ ଜୁନାନୀ ଗାଁ ଦେଇ ହରିପୁର ଗୁରୁକୁଳ ଆଶ୍ରମ ଦେଇ ସାଲିହା ପାହାଡ ପଟେ ଯାଇଛନ୍ତି। ବର୍ତ୍ତମାନ ଖଳାରେ ଚାଷୀ ଧାନ ରଖି ରାତିରେ ଜଗି ରହୁଛି। ମଣ୍ଡି ଭିତରକୁ ହାତୀ ପଶି ଆସିଲେ ଧାନ ଖାଇବା ସହ ଲୋକଙ୍କୁ ଆକ୍ରମଣ କରିବା ଭୟକରି ଚାଷୀ ମଣ୍ଡିରେ ଶୋଇପାରୁ ନ ଥିବା କହିଛନ୍ତି । କୌଣସି କ୍ଷୟକ୍ଷତି କରିବା ପୂର୍ବରୁ ବନ ବିଭାଗ ହାତୀକୁ ଅନ୍ୟତ୍ର ଘଉଡାଇବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

**JAY SANKAR SEVASHRAM, CHILDREN HOME (CCI)**
Regd. Office: At/P.O.: Belsara, Via: Ujalpur, Dist.: Sundargarh, Odisha, PIN - 770011
Contact: 9777391338 / 7735716917 / 7077557584

**ADVERTISEMENT**

Applications are invited from eligible candidates to be engaged on purely contractual consolidated remuneration basis for the different posts lying vacant in Jay Sankar Sevashram, Belsara (Recognized Child Care Institution by the OSCPS, WCD & Mission Shakti, Government of Odisha). Details may be downloaded from website: **https://sundargarh.odisha.gov.in/notice.category.recruitment**. Candidates are also apply online through link **https://forms.gle/wVGwbspMec54iudm9** & also submit a hard copy of application form and it's enclosures to address: **Secretary, Jay Sankar Sevashram, At/P.O.: Belsara, P.S.: Lephripara, Dist.: Sundargarh (Odisha), PIN - 770011 on or before Dt.09.01.2025 by 12.00 mindnight positively through Speed Post/Registered Post only.**

Sd./- Secretary, Jay Sankar Sevashram, Belsara

ଡିଆଇଇଟିରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

# ‘ସମାଜ ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

**ବଲାଙ୍ଗୀର, ୧୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର କଳା ସଂସ୍କୃତି ମଣ୍ଡପଠାରେ ନବାଗତ ଗୁରୁ ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ଡ଼. ଜୟପ୍ରକାଶ ଦାଶ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଜ୍ଞାନେନ୍ଦ୍ର ମଲ୍ଲିକ, ଡ. ମନ୍ଦର ସାହୁ, ମମତା ସାହୁ, ଆରତୀ ସାହୁ, ସ୍ୱାଗତିକା ବଳିଆର ସିଂ,



ଡିଆଇଇଟି ସ୍ୱାଗତ ସମାରୋହରେ ମଞ୍ଚାସୀନ ଅଧକ୍ଷ ଓ ବରିଷ୍ଠ ଶିକ୍ଷକ ,ପ୍ରଶିକ୍ଷକ।

ମୀନାକ୍ଷୀ ମେହେର ଓ ଅନ୍ୟ ଶିକ୍ଷକ, ପ୍ରଶିକ୍ଷକ ମଞ୍ଚାସୀନ ହୋଇଥିଲେ। ଡିଆଇଇଟି ପ୍ରଥମ ବର୍ଷ ଗୁରୁ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ବର୍ଷ ଗୁରୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମଞ୍ଚାସୀନ ଡିଆଇଇଟି ଅଧକ୍ଷ ଏବଂ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକମାନେ ଜଣେ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିବା ସହ ସମାଜ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବାକୁ ପରାମର୍ଶ ଦେଇଥିଲେ। ଗୁରୁ ଛାତ୍ରୀଛାତ୍ରମାନେ ସେମାନଙ୍କର ବ୍ୟକ୍ତିଗତ, ଚାରିତ୍ରିକ ତଥା ବୃତ୍ତିଗତ ବିକାଶ ଦିଗରେ ବ୍ରତୀ ହେବାକୁ ଗୁରୁତ୍ୱ ଆରୋପ କରିଥିଲେ। ସଭା ପରେ ଗୁରୁ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

କାର୍यपालक अभियंता का कार्यालय
ग्रामीण विकास विशेष प्रमंडल, साहेबगंज

**आवश्यक सूचना**

इस कार्यालय के द्वारा आमंत्रित ई0 निविदा को अपरिहार्य तकनीकी कारणवश स्थगित की जाती है :–

| क्र0 | प्रकाशित निविदा संख्या | P.R. No. |
|---|---|---|
| 01 | RDD/SD/SAHIBGANJ/08/3rd call/2024-25 | P.R. No. 340913 (Rural Development) (24-25) |

कार्यपालक अभियंता
ग्रामीण विकास विशेष प्रमंडल,
साहेबगंज।

PR.NO.342289 Rural Development(24-25):D

# ଯଶୋବନ୍ତଙ୍କୁ ମିଥିଳା ଜାତୀୟ ଯୁବ ସମ୍ମାନ

**ଭବାନୀପାଟଣା,୧୮।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ତିଳଯୋଡି ଗ୍ରାମର ଯୁବ ସାମାଜିକ କର୍ମୀ ଯଶୋବନ୍ତ ରଣା ମିଥିଳା ଜାତୀୟ ଯୁବ ସମ୍ମାନ–୨୦୨୪ରେ ସମ୍ମାନିତ ହୋଇଛନ୍ତି। ବିହାର ରାଜ୍ୟର ଦରଭଙ୍ଗାସ୍ଥିତ ମିଥିଳାଠାରେ ସ୍ଥାନୀୟ ଆୟାଚି ନଗର ଫାଉଣ୍ଡେଶନ ଦ୍ୱାରା ସଂଗଠନର ୮ମ ସ୍ଥାପନା ଦିବସରେ ତାଙ୍କୁ ସମ୍ମାନିତ କରାଯାଇଛି। ପ୍ରତିବର୍ଷ ଦେଶର ୧୫ ଜଣ ଯୁବ ସାମାଜିକ କର୍ମୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଶିବନ ପାଶୱାନ, ଡା. କୃନାଲ କୋଶଲ ବ୍ଲଡ଼ ବ୍ୟାଙ୍କ ମୁଖ୍ୟ ଦରଭଙ୍ଗା, ମଦନ ଝା, ଅଜୟ ଝା, ରାନୀ ଝା ଓ





ଯଶୋବନ୍ତ ରଣାଙ୍କୁ ସମ୍ମାନିତ କରାଯାଉଛି।

ଆୟାଚି ନଗର ଫାଉଣ୍ଡେଶନ ପ୍ରତିଷ୍ଠାତା ବିକି କୋଶଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ୧୫ ଯୁବ ସାମାଜିକ କର୍ମୀଙ୍କୁ ସମ୍ମାନିତ କରିଥିଲେ। ଏହି ସଫଳତା ପାଇଁ ଜିଲାର ବିଭିନ୍ନ ସଂଗଠନ, କ୍ଲବ, ବୁଦ୍ଧିଜୀବୀ ଯଶୋବନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ୋତ୍ସବ

ଥୁଆମୂଳ ରାମପୁର,୧୮।୧୨ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ସୀତାକାନ୍ତ ରଣା କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ଅନିରୁଦ୍ଧ ମୁଦୁଲି ସମସ୍ତ ପ୍ରକାର କ୍ରୀଡ଼ା ପରିଚାଳନା କରିଥିଲେ। ମୋଟ ୧୮ଟି ଇଭେଣ୍ଟରେ ୧୯୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ସଭାରେ କଲମପୁର ଯୋଗ ଶିକ୍ଷକ ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଂଗୀତା ଧରୁଆ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଅଧକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥର ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର/ଏଚ୍‌କ୍ୟୁ-ଏସ୍‌ଟିଓଆର୦ଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍‌)/୪/୨୦୨୪-ଏସ୍‌ଏଲ୍‌ଇ/୪ ତାରିଖ: ୧୭।୧୨।୨୦୨୪

**ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ-୨୦୨୫ ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ**

**ନିଲାମ କାର୍ଯ୍ୟକ୍ରମ ୪ର୍ଥ ତ୍ରୈମାସ ୨୦୨୪-୨୫**

| ମାସ | ଡିଭିଜନ ଏବଂ ଡିପୋ | | | | |
|---|---|---|---|---|---|
| | ଆଦ୍ରା ଡିଭିଜନ | ଖଡ଼ଗପୁର ଡିପୋ | ଚକ୍ରଧରପୁର ଡିଭିଜନ | ଖଡ଼ଗପୁର ଡିଭିଜନ | ରାଞ୍ଚି ଡିଭିଜନ |
| ଜାନୁଆରୀ ୨୦୨୫ | ୦୬।୦୧।୨୦୨୫ | ୦୭।୦୧।୨୦୨୫ | ୦୨।୦୧।୨୦୨୫ | ୦୨।୦୧।୨୦୨୫ | ୦୩।୦୧।୨୦୨୫ |
| | ୧୩।୦୧।୨୦୨୫ | ୧୪।୦୧।୨୦୨୫ | ୦୮।୦୧।୨୦୨୫ | ୦୯।୦୧।୨୦୨୫ | ୧୦।୦୧।୨୦୨୫ |
| | ୨୦।୦୧।୨୦୨୫ | ୨୧।୦୧।୨୦୨୫ | ୧୫।୦୧।୨୦୨୫ | ୧୬।୦୧।୨୦୨୫ | ୧୭।୦୧।୨୦୨୫ |
| | ୨୭।୦୧।୨୦୨୫ | ୨୮।୦୧।୨୦୨୫ | ୨୨।୦୧।୨୦୨୫ | ୩୦।୦୧।୨୦୨୫ | ୨୪।୦୧।୨୦୨୫ |
| | | | ୨୯।୦୧।୨୦୨୫ | | ୩୧।୦୧।୨୦୨୫ |
| ଫେବୃଆରୀ ୨୦୨୫ | ୦୩।୦୨।୨୦୨୫ | ୦୪।୦୨।୨୦୨୫ | ୦୫।୦୨।୨୦୨୫ | ୦୬।୦୨।୨୦୨୫ | ୦୭।୦୨।୨୦୨୫ |
| | ୧୦।୦୨।୨୦୨୫ | ୧୧।୦୨।୨୦୨୫ | ୧୨।୦୨।୨୦୨୫ | ୧୩।୦୨।୨୦୨୫ | ୧୪।୦୨।୨୦୨୫ |
| | ୧୨।୦୨।୨୦୨୫ | ୧୪।୦୨।୨୦୨୫ | ୧୯।୦୨।୨୦୨୫ | ୧୭।୦୨।୨୦୨୫ | ୧୮।୦୨।୨୦୨୫ |
| | ୧୭।୦୨।୨୦୨୫ | ୧୮।୦୨।୨୦୨୫ | ୨୬।୦୨।୨୦୨୫ | ୨୦।୦୨।୨୦୨୫ | ୨୧।୦୨।୨୦୨୫ |
| | ୨୪।୦୨।୨୦୨୫ | ୨୫।୦୨।୨୦୨୫ | | ୨୭।୦୨।୨୦୨୫ | |
| ମାର୍ଚ୍ଚ ୨୦୨୫ | ୦୩।୦୩।୨୦୨୫ | ୧୧।୦୩।୨୦୨୫ | ୦୫।୦୩।୨୦୨୫ | ୦୬।୦୩।୨୦୨୫ | ୦୭।୦୩।୨୦୨୫ |
| | ୧୦।୦୩।୨୦୨୫ | ୧୮।୦୩।୨୦୨୫ | ୧୨।୦୩।୨୦୨୫ | ୧୩।୦୩।୨୦୨୫ | ୧୩।୦୩।୨୦୨୫ |
| | ୧୩।୦୩।୨୦୨୫ | ୨୦।୦୩।୨୦୨୫ | ୧୯।୦୩।୨୦୨୫ | ୨୦।୦୩।୨୦୨୫ | ୨୧।୦୩।୨୦୨୫ |
| | ୧୭।୦୩।୨୦୨୫ | ୨୫।୦୩।୨୦୨୫ | ୨୬।୦୩।୨୦୨୫ | ୨୪।୦୩।୨୦୨୫ | ୨୮।୦୩।୨୦୨୫ |
| | ୨୪।୦୩।୨୦୨୫ | | | ୨୭।୦୩।୨୦୨୫ | |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ ।

(PR-922) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ଗାର୍ଡେନ ରିଚ୍

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

# କାଦୋମେରି ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ପରେଡ୍‌ରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ନୂଆପଡ଼ା,୧୮।୧୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ କାଦୋମେରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭୁବନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବାରିକ ମୁଖ୍ୟଅତିଥି, ସମିତି ସଭ୍ୟ ନିରୋଦ ଶବର, ସିଆର୍‌ସିସି ଦେବରାଜ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୋହନ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଜୁନିୟର, ସବ୍‌ଜୁନିୟର ଓ ସିନିୟର ବର୍ଗରେ ବାଳିକାବାଳକ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ ପ୍ରଦାନ କରିଥିଲେ । ସମୀର କୁମାର ବେହେରା ମଞ୍ଚ ପରିଚାଳନା ଓ ଟେକାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସିଗ୍‌ନାଲିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୮୧-ଏସ୍‌ଏନ୍‌ଟି-ପିଆର୍‌ଓଜେ-ଟେଣ୍ଡର-୨୦୨୪, ତାରିଖ: ୦୪।୧୨।୨୦୨୪। କାର୍ଯ୍ୟର ନାମ: ଦ.ପୂ.ମ. ରେଳପଥର ବିଳାସପୁର ଡିଭିଜନର ପେଣ୍ଡ୍ରା ରୋଡ୍–ହାରୀ–ଭେଙ୍କଟ ନଗର–ନିଗାଉରା–କଇଥାରୀ–ଛୁଲହା–ଅନୁପପୁର ସେକ୍ସନ ମଧ୍ୟରେ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂରେ ପରିବର୍ତ୍ତନ ସମେତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସହିତ ଅଟୋ ସିଗ୍‌ନାଲିଂର ବ୍ୟବସ୍ଥା ଏବଂ ପେଣ୍ଡ୍ରା ରୋଡ୍–ଅନୁପପୁର ସେକ୍ସନରେ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ, ଏମ୍‌ଏସ୍‌ଡିଏସି ଏବଂ ଆଇପିଏସ୍ ଇତ୍ୟାଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ, କମିଶନିଂ, ସମସ୍ତ ଆଭ୍ୟନ୍ତରୀଣ ଓ ବାହ୍ୟ କାର୍ଯ୍ୟର ନିର୍ବାହ ଏବଂ କୁଡ଼ିଆଗୁଡ଼ିକର ନିର୍ମାଣ ଓ ବିଦ୍ୟୁତୀକରଣ। **ଟେଣ୍ଡର ମୂଲ୍ୟ: ₹୪୮,୯୧,୯୮,୪୨୧.୩୪** (₹ ଅଠଚାଳିଶ କୋଟି ଏକାନବେ ଲକ୍ଷ ଅଠାନବେ ହଜାର ଚାରିଶହ ଏକୋଇଶ ଓ ଚଉତିରିଶ ପଇସା ମାତ୍ର)। **ବିଡ୍ ଅମାନତ (ଅଗ୍ରିମ ଟଙ୍କା): ₹୨୫,୯୬,୦୦୦/-** (₹ ପଚିଶ ଲକ୍ଷ ଛୟାନବେ ହଜାର ମାତ୍ର)।

**ଟେଣ୍ଡର ସମାପ୍ତି: ତା୦୬।୦୧।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ।**

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ 'ଇ' ଟେଣ୍ଡର ଦସ୍ତାବିଜର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍: **https://www.ireps.gov.in** ପରିଦର୍ଶନ କରନ୍ତୁ।

ଡେପୁଟି ଚିଫ୍ ସିଗ୍‌ନାଲ ଟେଲି. ଇଞ୍ଜିନିୟର
CPR/10/373 (ପ୍ରୋଜେକ୍ଟ-II) ବିଳାସପୁର ।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION**

No. MM-337 Gajapati, Odisha, PIN - 761200
E-mail: dfo.parlakhemundi@odisha.gov.in

**INVITATION FOR BIDS**

**E-Procurement Bid Identification No. DFO-PKD-03/2024-25**

| | | |
|---|---|---|
| 1 | Name of Work | Construction of Buildings |
| 2 | No. of Works | 01 No. |
| 3 | No. of Covers | Single Cover |
| 4 | Estimated Cost | Rs.19.80 lakhs |
| 5 | Period of Completion | Three Calendar Months |
| 6 | Date & Time of availability of Bid documents in portal | From 10.00 A.M. of Dated 16.12.2024 to 05 P.M. of Dated 26.12.2024 |
| 7 | Last date/time for receipt of Bids in the portal | Upto 5.00 P.M. of Dated 26.12.2024 |
| 8 | Date of Opening of Bid Documents | At 11.30 A.M. of 27.12.2024 |
| 9 | Class of Contractor | "D" & "C" Class Contractor |
| 10 | Name and address of Officer Inviting Bid | Divisional Forest Officer, Paralakhemundi Division |

Further, details can be seen from the e-Procurement portal **https://tenderodisha.gov.in** the Addendum/Corrigendum if any will be hosted in the website only.

Sd./- Divisional Forest Officer
Paralakhemundi Division

OIPR-08050/11/0005/2425

# ଜିଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବଲାଙ୍ଗୀର, ୧୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ପକ୍ଷରୁ ୫୩ତମ ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରି ଏହି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୧୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କ୍ରୀଡାଙ୍ଗନରେ ପରେଡ ସହ ପରିକ୍ରମା କରି ମୁଖ୍ୟଅତିଥିଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ସୁଶ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର କ୍ରିଡାବିତଙ୍କ ପକ୍ଷରୁ ଶପଥ ପାଠ କଲାପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ପ୍ରଥମ ଦିବସରେ ପୁରୁଷ ୧୦୦୦ ମିଟର ଦୌଡରେ ହେମନ୍ତ ସେଠ, ୧୫୦୦ ମିଟରରେ ସଞ୍ଜୀବ କୁମାର ନାଏକ, ସଟପୁଟ ଥ୍ରୋରେ ମହାଦେବ ସା, ବାଳକ ୨୩ ବର୍ଷ ବର୍ଗ ୧୫୦୦ ମିଟରରେ କ୍ଷୀତିରାମ ମାଝି, ହାଇଜମ୍ପରେ ପ୍ରତୀକ ଶତପଥୀ, ୧୦୦ ମିଟର ଦୌଡରେ ଡିଙ୍ଗର ଡାଣ୍ଡିଆ, ସଟ୍‌ପୁଟ ଥ୍ରୋରେ ରୋହିତଶ୍ୱ ବାରିକ, ବାଳକ ୨୦ ବର୍ଗ ୧୫୦୦ ମିଟରରେ ହରିଶ ପଧାନ, ସଟପୁଟରେ ବିଜୟ ସେଠ, ହାଇଜମ୍ପରେ



ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଦୌଡ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି।

**ଅଂଶଗ୍ରହଣ କରୁଛନ୍ତି ୧୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ**

ସଙ୍କେତ ନିଶାଲ, ବାଳକ ୧୮ବର୍ଷ ବର୍ଗ ୧୦୦୦ ମିଟରରେ ପ୍ରେମରାଜ ଷାଣ୍ଡ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ଡିସକସ ଥ୍ରୋରେ ସୌମ୍ୟରଞ୍ଜନ ବିଶ୍ୱାଳ, ବାଳକ ୧୬ ବର୍ଗ ୬୦୦ ମିଟରରେ ଆକାଶ ମେହେର, ସଟପୁଟରେ ସମୀର ନାଗ, ମହିଳା ଡିସକସ ଥ୍ରୋରେ ସମୀକ୍ଷା ନନ୍ଦ, ବାଳିକା ୨୩ ବର୍ଷ ବର୍ଗ ଡିସକସ ଥ୍ରୋରେ ଶାମୁକା ଭୁଏ, ସଟପୁଟ ଥ୍ରୋରେ ଶ୍ରଦ୍ଧାଞ୍ଜଳି ମିଶ୍ର, ୧୦୦ମିଟରରେ ଇପ୍‌ସିତା ମାଝି, ବାଳିକା ୨୦ ବର୍ଗରେ ୧୫୦୦ ମିଟରରେ ରିମା ସୁନା, ୧୦୦ ମିଟରରେ ନମିତା ବାରିକ, ବାଳିକା ୧୮ବର୍ଷ ବର୍ଗ ୧୦୦୦ ମିଟରରେ ଅର୍ଚ୍ଚନା ପଧାନ, ଡିସକସ ଥ୍ରୋରେ ରେଖା ସାହୁ, ଜେଭାଲିନ ଥ୍ରୋରେ ସମ୍ପଦ ମହାନ୍ତି ଓ ବାଳିକା ୧୬ ବର୍ଗ ୬୦୦ ମିଟରରେ ସିମରାନ ଜାଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମକୁ ପୂର୍ବତନ କ୍ରୀଡା ଶିକ୍ଷକ ସୁନୀଲ ବିଶ୍ୱାଳ, ହେମନ୍ତ ପଧାନ ଓ ନରସିଂ ନାଇଡୁ ପରିଚାଳନା କରିଥିଲେ। କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱ ଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ କ୍ରୀଡା ସମ୍ପାଦକ ବିଭୂତି ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧକ୍ଷ ହେମନ୍ତ ବେହେରା ମଞ୍ଚାସୀନ ଥିଲେ । କ୍ରିକେଟ ସମ୍ପାଦକ ଓମପ୍ରକାଶ ଚାନ୍ଦ, ଫୁଟବଲ ସମ୍ପାଦକ ଶରତ ନନ୍ଦ, ବରିଷ୍ଠ ସଭ୍ୟ ଉମାକାନ୍ତ ସେଠ, ସୁଧୀର ଚନ୍ଦ୍ର ପଣ୍ଡା, ଶିଶିର ବହିଦାର, ଗୌରଚନ୍ଦ୍ର ପ୍ରଧାନ, ରବିନ୍ଦ୍ର କୁମାର ମିଶ୍ର, ପ୍ରଭାତ କୁମାର ମିଶ୍ର, ଜୟରାମ ମିଶ୍ର, ଭାବଗ୍ରାହୀ ରଥ ଓ ସିଦ୍ଧେଶ୍ୱର ମିଶ୍ର ଉପସ୍ଥିତ ଥିଲେ । ଏହି ଅବସରରେ ୨୦୨୩ ଓ ୨୪ରେ ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ବଲାଙ୍ଗୀର ଜିଲାର କୃତି ପ୍ରତିଯୋଗୀ ଚିନ୍ମୟ ନାଗ, ନରେଶ ରୋହିଦାଶ, ଜୀବନମୁକ୍ତି ବିଲଙ୍ଗ, ଶ୍ରଦ୍ଧାଞ୍ଜଳି ମିଶ୍ର ଓ ମହେନ୍ଦ୍ର ହାଁସଦାଙ୍କୁ ସମ୍ମାନିତ କରାଯାଇଥିଲା ।

ई – प्रोक्योरमेन्ट सेल
कार्यपालक अभियंता का कार्यालय,
भवन निर्माण विभाग, भवन प्रमण्डल, साहेबगंज
ईमेल नं. exenbcd816109@gmail.com

**ई- प्रोक्योरमेन्ट नोटिस**

**e – Tender reference no. BCD, SAHIBGANJ/04F2 /2024-25 Date- 17.12.2025**

1. कार्य की विवरणीः–

| क्र | योजना का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | बेबसाइट में ई–निविदा प्रकाशन की तिथि | ई–निविदा प्राप्ति की अंतिम तिथि | ई–निविदा खोलने की तिथि | कार्य पूर्ण करने की अवधि | निविदा खोलने का स्थान |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Renovation of 12 Court Building at Sahibganj. | 161.31 | 325500.00 | 10000.00 | 23.12.2024 (पूर्वाहन् 10:30 बजे से) | 08.01.2025 (पूर्वाहन् 10:30 बजे तक) | 09.01.2025 (अपराहन् 12:30 बजे) | 06 माह | ई– प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, झारखण्ड, राँची, लिंक टैंक रोड, पिन कोड–834001 |
| 2 | Renovation of 12 Court Building at Rajmahal. | 151.35 | 305500.00 | 10000.00 | | | | | |

नोटः– 1. केवल ई– निविदा ही स्वीकार किया जायेगा।
2. प्राक्कलित राशि घट बढ़ सकती है। अग्रधन की राशि परिमाण विपत्र की राशि के अनुसार होगी।
3. परिमाण विपत्र एवं EMD की राशि केवल online माध्यम से ही स्वीकार होगा। online माध्यम से किये गये भुगतान की पावति बेबसाइट पर आवश्यक रुप से अपलोड करेंगे।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबाबदेही संबंधित निविदादाता की होगी।
5. विस्तृत जानकारी के लिए http://jharkhandtenders.gov.in_ पर लॉग ऑन करे ।

कार्यपालक अभियंता,
भवन प्रमंडल, साहेबगंज।

PR.NO.342283 Building(24-25):D

# ସପ୍ତାହରେ ୨ଦିନ ଧାନ ସଂଗ୍ରହ ଅନୁମତି ଦିଅ

■କିନାଲୋଇ ଧାନ ସଂଗ୍ରହ କେନ୍ଦ୍ରରେ ପଡ଼ି ରହିଛି ୩୫ଶହ ବସ୍ତା ଧାନ

■ଜିଲାପାଳଙ୍କ ନିର୍ଦ୍ଦେଶରେ ଉଠିଲା ୫ ଶହ ବସ୍ତା

**ସମ୍ବଲପୁର,୧୮।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କିନୋଲୋଇ ଧାନ ସଂଗ୍ରହ କେନ୍ଦ୍ରରେ ସପ୍ତାହରେ ଦିନେ ବଦଳରେ ଦୁଇଦିନ ସଂଗ୍ରହ ଅନୁମତି ଦେବାକୁ କିନାଲୋଇ ବୀଣାପାଣି କୃଷକ ସଙ୍ଗଠନ ଦାବି କରିଛି। ଏନେଇ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ଗତ ନଭେମ୍ବର ୨୨ରୁ ଧାନ ବିକ୍ରୟ ପାଇଁ ଟୋକନ ପାଇଥିବା ଅଞ୍ଚଳର ଚାଷୀମାନଙ୍କ ପ୍ରାୟ ୩୫୦୦ବସ୍ତା ଧାନ ବିକ୍ରି ନ ହୋଇ କିନାଲୋଇ ମଣ୍ଡିରେ ପଡ଼ିରହିଛି। ସପ୍ତାହକୁ ମାତ୍ର ଦିନେ ଶୁକ୍ରବାର ଏଠାରେ ଧାନ ବିକ୍ରି ହେଉଥିବାରୁ ସମସ୍ୟା ସୃଷ୍ଟି ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ମିଲର ପ୍ରତିନିଧିମାନେ ଧାନ କୁଇଣ୍ଟାଲ ପିଛା ୬ରୁ ୮ କେଜି ପର୍ଯ୍ୟନ୍ତ କଟ୍‌ନୀ ଦାବି କରୁଛନ୍ତି। ଏଥିରେ ଚାଷୀମାନେ ରାଜିହେଉ ନ ଥିବାରୁ ସେମାନଙ୍କୁ ଏହି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଚାଷୀମାନଙ୍କୁ ମିଳିଥିବା ଟୋକନ୍‌ର ଅବଧି ୧୯ତାରିଖରେ ଶେଷ ହେଉଛି। ଏଣୁ ଏପର୍ଯ୍ୟନ୍ତ ଏଠାରେ ପଡ଼ିଥିବା ଧାନ ସଂଗ୍ରହ ହୋଇ ନ ଥିବାରୁ ଚାଷୀମାନେ ବିଷମ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଗତ ୧୭ ତାରିଖ ଅତିରିକ୍ତ ଯୋଗାଣ ଅଧିକାରୀ, ସମବାୟ ସମିତି ଉପନିବନ୍ଧକ, ସହକାରୀ ଉପନିବନ୍ଧକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ୮ ଜଣ ମିଲର୍ ପ୍ରତିନିଧି ଓ ଅଞ୍ଚଳର ଚାଷୀ ପ୍ରତିନିଧିଙ୍କୁ ନେଇ ଏକ ସମନ୍ୱିତ ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ଏଥିରେ କୌଣସି ସୁଫଳ ମିଳି ନ ଥିଲା। ତେଣୁ ଏଠାରେ ପାଖାପାଖି ଏକମାସ ଧରି ପଡ଼ି ରହିଥିବା ଧାନକୁ ତୁରନ୍ତ ଉଠାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଙ୍ଗଠନର ଚାଷୀମାନେ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଥିଲେ। ସଙ୍ଗଠନ ପ୍ରତିନିଧିମାନେ ବୁଧବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରସ୍ଥ ହୋଇ ଉକ୍ତ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରିବା ସହ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଜିଲାପାଳ ମଣ୍ଡିରେ ପଡ଼ିରହିଥିବା ସମସ୍ତ ଧାନ ଉଠାଇବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ତାଙ୍କ ନିର୍ଦ୍ଦେଶରେ ତୁରନ୍ତ ବୁଧବାର ଗୋଟିଏ ଗାଡ଼ିରେ ୫ ଶହରୁ ଊର୍ଦ୍ଧ୍ୱ ବସ୍ତା ଧାନ ଉଠିଥିବା ସୂଚନା ମିଳିଛି। ତେବେ ଟୋକନ ଅବଧି ଶେଷ ପୂର୍ବରୁ ଚାଷୀଙ୍କ ସମସ୍ତ ଧାନ ଉଠାଯିବ ଓ ଆଗକୁ ଚାଷୀଙ୍କ ଧାନ କିଭଳି ସୁରୁଖୁରୁରେ ସଂଗ୍ରହ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଏଥିପୂର୍ବରୁ ସଙ୍ଗଠନ ପ୍ରତିନିଧିମାନେ ଜିଲା ମୁଖ୍ୟମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳକୁ ଯାଇ ସେଠାରେ ଅତିରିକ୍ତ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗଙ୍କ ସହ ଉକ୍ତ ସମସ୍ୟା ନେଇ ଆଲୋଚନା କରିଥିଲେ। ସଙ୍ଗଠନ ପକ୍ଷରୁ ଏହି ଦାବିପତ୍ରର ଏକାକିତା ନକଲ ସମ୍ବଲପୁର ଏସ୍‌ପିଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଜିଲାପାଳଙ୍କୁ ସାକ୍ଷାତ ବେଳେ ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଙ୍ଗଠନ ଆବାହକ ଅଶୋକ ପ୍ରଧାନ, ମା' ବୀଣାପାଣି କୃଷକ ସଙ୍ଗଠନର ବୁଦ୍ଧଦେବ ନାୟକ, ଦିଲୀପ କୁମାର ନାୟକ, ସୁମନ୍ତ ମହାରଣା, ଟିଙ୍କୁ ନାୟକ, ସହଦେବ ମାଝି, ଗଙ୍ଗାଧର ପ୍ରଧାନ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଚାଷୀ ସାମିଲ ହୋଇଥିଲେ।



କିନାଲୋଇ ଧାନ ସଂଗ୍ରହ କେନ୍ଦ୍ରରେ ବିକ୍ରି ନ ହୋଇ ପଡ଼ି ରହିଛି ଧାନବସ୍ତା।

## ଯନ୍ତ୍ରୀଙ୍କ କ୍ୱାର୍ଟର୍ସରୁ ଚୋରି, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୧୮।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ କାର୍ତ୍ତିକ କିସାନଙ୍କ ସରକାରୀ କ୍ୱାର୍ଟର୍ସରୁ ଗତ ନଭେମ୍ବର ୨୭ରେ ଚୋରି କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିଛି ଧନୁପାଲି ଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ପେନସନପଡ଼ାର ଅମିର ଚୌଧୁରୀ ଓରଫ କେତୁ(୨୫)। ତାଙ୍କଠାରୁ ଚୋରି ହୋଇଥିବା ଏକ ଏଲଇଡି ଟିଭି, ପିତ୍ତଳ ବାସନ ଓ ଇନଭର୍ଟର ବ୍ୟାଟେରୀ ପୋଲିସ ଜବତ କରିଛି। କ୍ୱାର୍ଟର୍ସରେ କେହି ନ ଥିବା ବେଳେ ତାଲାଭାଙ୍ଗି ଅଭିଯୁକ୍ତ ଉକ୍ତ ସାମଗ୍ରୀ ଚୋରି କରିଥିଲେ। ଏହାକୁ ନେଇ ଥାନାରେ ଏକ ମାମଲା(୪୯୪/୨୪)ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

**JAY SANKAR SEVASHRAM, CHILDREN HOME (CCI)**
Regd. Office: At/P.O.: Belsara, Via: Ujalpur, Dist.: Sundargarh, Odisha, PIN - 770011
Contact: 9777391338 / 7735716917 / 7077557584

**ADVERTISEMENT**

Applications are invited from eligible candidates to be engaged on purely contractual consolidated remuneration basis for the different posts lying vacant in Jay Sankar Sevashram, Belsara (Recognized Child Care Institution by the OSCPS, WCD & Mission Shakti, Government of Odisha). Details may be downloaded from website: **https://sundargarh.odisha.gov.in/notice.category.recruitment**. Candidates are also apply online through link **https://forms.gle/wVGwbspMec54iudm9** & also submit a hard copy of application form and it's enclosures to address: **Secretary, Jay Sankar Sevashram, At/P.O.: Belsara, P.S.: Lephripara, Dist.: Sundargarh (Odisha), PIN - 770011 on or before Dt.09.01.2025 by 12.00 mindnight positively through Speed Post/Registered Post only**.

Sd./- Secretary, Jay Sankar Sevashram, Belsara

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, साहेबगंज**

**आवश्यक सूचना**

इस कार्यालय के द्वारा आमंत्रित ई0 निविदा को अपरिहार्य तकनीकी कारणवश स्थगित की जाती है :—

| क्र0 | प्रकाशित निविदा संख्या | P.R. No. |
|---|---|---|
| 01 | RDD/SD/SAHIBGANJ/08/3rd call/2024-25 | P.R. No. 340913 (Rural Development) (24-25) |

कार्यपालक अभियंता
ग्रामीण विकास विशेष प्रमंडल, साहेबगंज।

PR.NO.342289 Rural Development(24-25):D

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥର ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର/ଏଚ୍‌କ୍ୟୁ-ଏସ୍‌ଟିଓଆର୦ଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍‌)/୪/୨୦୨୪-ଏସ୍‌ଏଲ୍‌ଇ/୪ ତାରିଖ: ୧୭।୧୨।୨୦୨୪

**ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ-୨୦୨୫ ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ**

**ନିଲାମ କାର୍ଯ୍ୟକ୍ରମ ୪ର୍ଥ ତ୍ରୈମାସ ୨୦୨୪-୨୫**

| ମାସ | ଡିଭିଜନ ଏବଂ ଡିପୋ | | | | |
|---|---|---|---|---|---|
| | ଆଦ୍ରା ଡିଭିଜନ | ଖଡ଼ଗପୁର ଡିପୋ | ଚକ୍ରଧରପୁର ଡିଭିଜନ | ଖଡ଼ଗପୁର ଡିଭିଜନ | ରାଞ୍ଚି ଡିଭିଜନ |
| ଜାନୁଆରୀ ୨୦୨୫ | ୦୬।୦୧।୨୦୨୫ | ୦୭।୦୧।୨୦୨୫ | ୦୨।୦୧।୨୦୨୫ | ୦୨।୦୧।୨୦୨୫ | ୦୩।୦୧।୨୦୨୫ |
| | ୧୩।୦୧।୨୦୨୫ | ୧୪।୦୧।୨୦୨୫ | ୦୮।୦୧।୨୦୨୫ | ୦୯।୦୧।୨୦୨୫ | ୧୦।୦୧।୨୦୨୫ |
| | ୨୦।୦୧।୨୦୨୫ | ୨୧।୦୧।୨୦୨୫ | ୧୫।୦୧।୨୦୨୫ | ୧୬।୦୧।୨୦୨୫ | ୧୭।୦୧।୨୦୨୫ |
| | ୨୭।୦୧।୨୦୨୫ | ୨୮।୦୧।୨୦୨୫ | ୨୨।୦୧।୨୦୨୫ | ୩୦।୦୧।୨୦୨୫ | ୨୪।୦୧।୨୦୨୫ |
| | | | ୨୯।୦୧।୨୦୨୫ | | ୩୧।୦୧।୨୦୨୫ |
| ଫେବୃଆରୀ ୨୦୨୫ | ୦୩।୦୨।୨୦୨୫ | ୦୪।୦୨।୨୦୨୫ | ୦୫।୦୨।୨୦୨୫ | ୦୬।୦୨।୨୦୨୫ | ୦୭।୦୨।୨୦୨୫ |
| | ୧୦।୦୨।୨୦୨୫ | ୧୧।୦୨।୨୦୨୫ | ୧୨।୦୨।୨୦୨୫ | ୧୩।୦୨।୨୦୨୫ | ୧୪।୦୨।୨୦୨୫ |
| | ୧୨।୦୨।୨୦୨୫ | ୧୪।୦୨।୨୦୨୫ | ୧୯।୦୨।୨୦୨୫ | ୧୬।୦୨।୨୦୨୫ | ୧୮।୦୨।୨୦୨୫ |
| | ୧୭।୦୨।୨୦୨୫ | ୧୮।୦୨।୨୦୨୫ | ୨୬।୦୨।୨୦୨୫ | ୨୦।୦୨।୨୦୨୫ | ୨୧।୦୨।୨୦୨୫ |
| | ୨୪।୦୨।୨୦୨୫ | ୨୫।୦୨।୨୦୨୫ | | ୨୭।୦୨।୨୦୨୫ | |
| ମାର୍ଚ୍ଚ ୨୦୨୫ | ୦୩।୦୩।୨୦୨୫ | ୧୧।୦୩।୨୦୨୫ | ୦୫।୦୩।୨୦୨୫ | ୦୬।୦୩।୨୦୨୫ | ୦୭।୦୩।୨୦୨୫ |
| | ୧୦।୦୩।୨୦୨୫ | ୧୮।୦୩।୨୦୨୫ | ୧୨।୦୩।୨୦୨୫ | ୧୩।୦୩।୨୦୨୫ | ୧୩।୦୩।୨୦୨୫ |
| | ୧୩।୦୩।୨୦୨୫ | ୨୦।୦୩।୨୦୨୫ | ୧୯।୦୩।୨୦୨୫ | ୨୦।୦୩।୨୦୨୫ | ୨୧।୦୩।୨୦୨୫ |
| | ୧୭।୦୩।୨୦୨୫ | ୨୫।୦୩।୨୦୨୫ | ୨୬।୦୩।୨୦୨୫ | ୨୪।୦୩।୨୦୨୫ | ୨୮।୦୩।୨୦୨୫ |
| | ୨୪।୦୩।୨୦୨୫ | | | ୨୭।୦୩।୨୦୨୫ | |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ।

(PR-922) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ଗାର୍ଡେନ ରିଚ୍

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

## ୧୨ଶ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଦେବଗଡ଼,୧୮।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ସହର ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ରେ ଦୁଇ ଦିନ ଧରି ବିଦ୍ୟା ବିକାଶ ଇଂଲିଶ ମିଡିୟମ ବିଦ୍ୟାଳୟ ପକ୍ଷରୁ ୧୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଦିନ ରାଜ୍ୟ ସାମ୍ବାଦିକ ସଂଘ ଓଡ଼ିଶାର ରାଜ୍ୟ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର ଯୋଗଦେଇ ଉଦଘାଟନ କରିଥିଲେ। ସେହିପରି ଦ୍ୱିତୀୟ ଦିନ ଉଦ୍‌ଯାପିତ ଉତ୍ସବରେ ଯୁବ ନେତା ସୁଧୀର କୁମାର ବ୍ରହ୍ମା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ସଭାପତିମାନସ ଦେବତାଙ୍କ ସଭାପତିତ୍ୟରେ ପ୍ରିନ୍ସିପାଲ ଅର୍ଚ୍ଚନା ବାରିକ ଉପସ୍ଥିତି ଥିବା ବେଳେ କାର୍ଯ୍ୟକ୍ରମ ଡଲି ଦେହୁରୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଶିକ୍ଷକ ସାଗରିକା ମହାପାତ୍ର, ଅଭିନାସ ଗଙ୍ଗଦେବ, ଖୁଦିରାମ ସାହୁ, ନିକିତା କରନଙ୍କ ସମତେ ଅନ୍ୟ କର୍ମଚାରୀମାନେ ପ୍ରମୁଖ ସହଯୋଗ କରିଥିଲେ।




କୃତୀ ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ।

## ସମ୍ବଲପୁରୀ ଗୀତରେ ଦର୍ଶକ ମତୁଆଲା



ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି।

**ଚତୁର୍ଥ ଦିନରେ ଗଡ଼ଜାତ ଲୋକ ମହୋତ୍ସବ**

**ହରଭଙ୍ଗା,୧୮।୧୨(ନରେନ୍ଦ୍ର କୁମାର ସାହୁ)**

କଳା ଓ ସଂସ୍କୃତିର ମହାମିଳନ ଗଡ଼ଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବୁଧବାର ଥିଲା ଚତୁର୍ଥ ଦିବସ । ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରନରସିଂହପୁରସ୍ଥିତ ସାଧୁଚରଣ ହାଇସ୍କୁଲ ପଡିଆଠାରେ ଚାଲିଥିବା ଲୋକ ମହୋତ୍ସବ ଚଳିତବର୍ଷ ଅଷ୍ଟମ ବର୍ଷରେ ପହଞ୍ଚିଥିବା ବେଳେ ଏଥର ୭୦ଗୋଟି ବିଭିନ୍ନ ଷ୍ଟଲ , ଦର୍ଶକଙ୍କ ପାଇଁ ମିନାବଜାର ଓ ଫାଷ୍ଟଫୁଡ ଷ୍ଟଲର ପସରା ଖୋଲାଯାଇଛି । ଚତୁର୍ଥ ଦିନ ସନ୍ଧ୍ୟାରେ ବୀରନରସିଂହପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟା କଲ୍ୟାଣୀ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଲିଉଡ ଗାୟିକା ସଞ୍ଜୁ ମହାନ୍ତି, ଜିଲା ପରିଷଦ ସଭ୍ୟା କଳ୍ପନା ସାହୁ ଯୋଗ ଦେଇ ଥିଲେ । ମଞ୍ଚକୁ ବି ସିଦ୍ଧହସ୍ତା ବିସ୍ମୟୀ ପରିଚାଳନା କରିଥିବା ବେଳେ ମମତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ମେଲୋଡି ଗାୟକ ପ୍ରସନ୍ନଜିତ ସାମଲ ଓ ଗାୟିକା ସଞ୍ଜୁ ମହାନ୍ତି ଗୀତ ଓ ନାଚ ପରିବେଷଣ କରିଥିଲେ । ପରେ ନଟରାଜ କଳାପରିଷଦ ଫୁଲବାଣୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ପିଙ୍ଗଳାବେଡା, କରଡି, ବିରାମଚନ୍ଦ୍ରପୁର, ଡୁମୁରିମୁଣ୍ଡା, ଚାରିଛକ, କେଳାକଟା, ଗମ୍ଭାରିପଦର ଆଦି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବୌଦ୍ଧ ଜିଲାର ସମ୍ବଲପୁରୀ ଗାୟକ ସାମଲ ମଞ୍ଚରେ ସମ୍ବଲପୁରୀ ଗୀତ ଏ ବଉଲ ରସିଆ ପଛେ ପଡିଗଲିନ ଗାଇବା ପରେ ପୁରା ଦର୍ଶକ ମତୁଆଲା ହେବା ସହ ମଞ୍ଚ ଆଗରେ ନାଚ କରିଥିଲେ । ଏହାସହ ସମ୍ବଲପୁରୀ ଢୋଲ, ନିଶାନ , ତାସାରେ ପୁରା ମହୋତ୍ସବ ଦୁଲିକି ଉଠିଥିଲା । ଉଲ୍ଲେଖନୀୟ ସେବା ପାଇଁ ହରଭଙ୍ଗା ବ୍ଲକର ଶ୍ରେଷ୍ଠ ଅଶାକର୍ମୀ ନୂଆପଡାର ଅର୍ଚ୍ଚନା ଆଚାର୍ଯ୍ୟ ଓ ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ହରେକୃଷ୍ଣପୁରର ରୁମି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାସ୍ତା ଅବସ୍ଥା ଶୋଚନୀୟ

**ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ**

**କନ୍ଧମାଳ,୧୮।୧୨(ଆଦିତ୍ୟ ଶେଖର ମିଶ୍ର)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ କଣ୍ଟାମାଳ ସିନ୍ଧିଗୋରା ରାସ୍ତାର ମଲିକୁଦ ଛକରୁ ଉପରପଡା, ଗୁର୍ଦାପଡା, ଦଣ୍ଡିପଡ଼ା ପର୍ଯ୍ୟନ୍ତ ଯାଇଥିବା ୨ କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ଏହି ଅଣଓସାରିଆ ରାସ୍ତା ସାମାନ୍ୟ ବର୍ଷା ହେଲେ କାଦୁଅ ପଚ୍‌ପଚ୍ ହୋଇପଡୁଛି। ରାସ୍ତାର ଅଧିକାଂଶ ସ୍ଥାନ ଖାଲଖମା ହୋଇଥିବାରୁ ଯାତାୟତ କରିବା କଷ୍ଟକର ହେଉଛି । ବର୍ଷା ଦିନ ହେଲେ ଏହି ରାସ୍ତାରେ ଚାରିଚକିଆ ଯାନ ତ ଦୂରର କଥା ଚାଲି କି ଯିବା ମଧ୍ୟ କଷ୍ଟକର ହୋଇ ପଡୁଛି। ହେଲେ ରାସ୍ତାର ଦୁରାବସ୍ଥା ପ୍ରତି ବିଭାଗୀୟ ଅଧିକାରୀଙ୍କ ନଜର ପଡୁନାହିଁ। ଉକ୍ତ ରାସ୍ତା ବନ ବିଭାଗ ଅଧୀନରେ ଥିବାରୁ ବୁଧବାର ଅଞ୍ଚଳର ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କୁ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ପରେ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କରି ବନଖଣ୍ଡ ଅଧିକାରୀଙ୍କ ଅନୁମତି କ୍ରମେ ଉକ୍ତ ରାସ୍ତା ମରାମତି ପାଇଁ ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୩୦ରେ କୁଦୋପାଲିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ

**ସମ୍ବଲପୁର,୧୮।୧୨(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ କୁଦୋପାଲି ଓଡ଼ିଶାର ଜାଲିଓ୍ୱାନା ବାଗ ତଥା ରକ୍ତ ତୀର୍ଥ ଭାବେ ସ୍ୱତନ୍ତ୍ର ପରିଚୟ ରହିଛି। ଚଳିତ ମାସ ୩୦ ତାରିଖରେ ବୀର ଛବିଳ ସାଏ ସ୍ମୃତି କମିଟି ପକ୍ଷରୁ ରଣଭୂମି କୁଦୋପାଲିଠାରେ ସହିଦ ହୋଇଥିବା ଛବିଳ ସାଏଙ୍କ ସମେତ ୫୭ଜଣ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯୋଗଦେଇ ସହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସାମିଲ ହେବେ । ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ବେଦ ଭୂଷଣ, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ କୁଦୋପାଲି ଗ୍ରାମ ଓ କୁଦୋପାଲି ପାହାଡ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅଧିକାରୀମାନେ ବିଭିନ୍ନ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ବୁଲି ଦେଖିଥିଲେ । ସେହିପରି ବୀର ଛବିଳ ସାଏ ସ୍ମୃତି କମିଟି ଅଧ୍ୟକ୍ଷ ତଥା ଭାଜପା ରାଜ୍ୟ ଉପସଭାପତି ନାଉରି ନାୟକ, କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଜୟବ୍ରତ ଦେ, ସଂଯୋଜକ କିଶୋର ମହାକୁଡ, ଆଇନଜୀବୀ ପ୍ରଦୀପ ସୁପକାର, ଭାଜପା ନେତା ଚନ୍ଦ୍ର ଶେଖର ପଣ୍ଡା, ଭରତ ସାହୁ, ଚନ୍ଦନ ସାହାଣୀ, ଶ୍ୟାମଳ ବିଶ୍ୱାସ, ମାଧବ ଓରାମଙ୍କ ସହ ଜିଲା ପ୍ରଶାସନର ଅଧିକାରୀମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟ, ବିଧାୟକ, ସାଂସଦ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜନ କମିଟି କର୍ମକର୍ତ୍ତାମାନେ ସୂଚିତ କରିଛନ୍ତି ।

ସୂଚନାଯୋଗ୍ୟ ଯେ, କୁଦୋପାଲି ପାହାଡ଼ ପ୍ରକୃତ ପକ୍ଷେ ଇଂରେଜ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ମୂକସାକ୍ଷୀ। ଏହି ଐତିହାସିକ ସ୍ଥାନର ପ୍ରାଚୀନ କୀର୍ତ୍ତି, ମନ୍ଦିର, ଗୁମ୍ଫା ଅସ୍ତିତ୍ୱ ହରାଇବାକୁ ବସିଛି। କିର୍ତ୍ତିରାଜିର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ଆବଶ୍ୟକ ରହିଛି । ତେଣୁ ରାଜ୍ୟ ଓ କେନ୍ଦ୍ର ସରକାର ଏହି ଐତିହାସିକ ସ୍ଥାନକୁ ବିକଶିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଐତିହାସିକ ତଥ୍ୟ ଅନୁସାରେ ୧୮୫୭ ଡିସେମ୍ବର ୩୦ରେ ବୀର ସୁରେନ୍ଦ୍ର ସାଏ, ଭାଇ ଛବିଳ ସାଏ ଓ ତାଙ୍କ ସାଥୀ କୁଦୋପାଲି ଘାଟିରେ ବିଶ୍ରାମ ନେଉଥିଲେ । ପ୍ରାତଃ ସମୟରେ ହଠାତ ଘୋଡ଼ା ଟାପୁ ଶବ୍ଦ ଶୁଭିଥିଲା । ବୀର ସୁରେନ୍ଦ୍ର ସାଏ ଓ ସାଥୀମାନେ କୁଦୋପାଲି ଦୁର୍ଗରେ ଥିବାବେଳେ ଶତାଧିକ ଇଂରେଜ ସୈନିକ ଚତୁଃପାର୍ଶ୍ୱରୁ ଘେରିଯାଇଥିଲେ। ପରସ୍ପର ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା । ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କୁ ଆହତ କରି ଫେରାର ହୋଇଯାଇଥିଲେ। କିନ୍ତୁ ତାଙ୍କ ଭାଇ ଛବିଳ ସାଏଙ୍କ ସମେତ ୫୩ଜଣ ସଂଗ୍ରାମୀ ଜୀବନ ହାରିଥିଲେ । ୧୧ଜଣଙ୍କୁ ଇଂରେଜମାନେ ଗିରଫ କରିଥିଲେ। ପରବର୍ତ୍ତୀ ସମୟରେ ଗିରଫମାନଙ୍କ ମଧ୍ୟରୁ ୪ଜଣଙ୍କୁ ଫାଶୀ ଦିଆଯାଇଥିଲା। ଗୋଟିଏ ଘଟଣାରେ ୫୭ଜଣ ସହୀଦ ହେବା ବିରଳ ଘଟଣା । ଏଥିରେ ପାହାଡ଼ ଓ ଗାଁ ଖୁଲି ମାଟି ରକ୍ତରଞ୍ଜିତ ହୋଇଥିଲା। ସେଥିପାଇଁ ସେହିଦିନଠାରୁ ଏହି ସ୍ଥାନକୁ ରକ୍ତତୀର୍ଥ ବୋଲି କୁହାଯାଉଛି। ଏଭଳି ଜଘନ୍ୟକାଣ୍ଡ ଘଟାଇବା ପରେ ମଧ୍ୟ ଇଂରେଜ ସୈନିକ ଗାଁର ପ୍ରତ୍ୟେକ ଘରକୁ ଯାଇ ସୁରେନ୍ଦ୍ର ସାଏଙ୍କୁ ଖୋଜିଥିଲେ। ମହିଳା ଓ ବୃଦ୍ଧମାନଙ୍କ ଉପରେ ଅତ୍ୟାଚାର ମଧ୍ୟ କରିଥିଲେ। ସଂପ୍ରତି ସେ ସମୟର ପ୍ରତ୍ୟକ୍ଷଦର୍ଶୀ ନାହାନ୍ତି , କିନ୍ତୁ ସେମାନଙ୍କ ଦାୟାଦ ବସବାସ କରୁଛନ୍ତି ।

**କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଯୋଗଦେବା ଚର୍ଚ୍ଚା**



କୁଦୋପାଲି ପାହାଡ ଅଞ୍ଚଳରେ ଜିଲା ପ୍ରଶାସନ ଅଧିକାରୀ ଓ ବୀର ଛବିଳ ସାଏ ସ୍ମୃତି କମିଟି କର୍ମକର୍ତ୍ତା।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ସିଗ୍‌ନାଲିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୮୧-ଏସ୍‌ଏନ୍‌ଟି-ପିଆର୍‌ଓଜେ-ଟେଣ୍ଡର-୨୦୨୪, ତାରିଖ: ୦୪।୧୨।୨୦୨୪। କାର୍ଯ୍ୟର ନାମ: ଦ.ପୂ.ମ. ରେଳପଥର ବିଳାସପୁର ଡିଭିଜନର ପେଣ୍ଡ୍ରା ରୋଡ୍-ହାରୀ-ଭେଙ୍କଟ ନଗର-ନିଗାଉରା-କଇଥାରୀ-ଛୁଲହା-ଅନୁପପୁର ସେକ୍ସନ ମଧ୍ୟରେ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂରେ ପରିବର୍ତ୍ତନ ସମେତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସହିତ ଅଟୋ ସିଗ୍‌ନାଲିଂର ବ୍ୟବସ୍ଥା ଏବଂ ପେଣ୍ଡ୍ରା ରୋଡ୍-ଅନୁପପୁର ସେକ୍ସନରେ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ, ଏମ୍‌ଏସ୍‌ଡିଏସି ଏବଂ ଆଇପିଏସ୍ ଇତ୍ୟାଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ, କମିଶନିଂ, ସମସ୍ତ ଆଭ୍ୟନ୍ତରୀଣ ଓ ବାହ୍ୟ କାର୍ଯ୍ୟର ନିର୍ବାହ ଏବଂ କୁଡ଼ିଆଗୁଡ଼ିକର ନିର୍ମାଣ ଓ ବିଦ୍ୟୁତୀକରଣ। **ଟେଣ୍ଡର ମୂଲ୍ୟ:** ₹୪୮,୯୧,୯୮,୪୨୧.୩୪ (₹ ଅଠଚାଳିଶ କୋଟି ଏକାନବେ ଲକ୍ଷ ଅଠାନବେ ହଜାର ଚାରିଶହ ଏକୋଇଶ ଓ ଚଉତିରିଶ ପଇସା ମାତ୍ର)। **ବିଡ୍ ଅମାନତ (ଅଗ୍ରିମ ଟଙ୍କା):** ₹୨୫,୯୬,୦୦୦/- (₹ ପଚିଶ ଲକ୍ଷ ଛୟାନବେ ହଜାର ମାତ୍ର)।

**ଟେଣ୍ଡର ସମାପ୍ତି: ତା୦୬।୦୧।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ।**

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ 'ଇ' ଟେଣ୍ଡର ଦସ୍ତାବିଜର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍: **https://www.ireps.gov.in** ପରିଦର୍ଶନ କରନ୍ତୁ।

ଡେପୁଟି ଚିଫ୍ ସିଗ୍‌ନାଲ ଟେଲି. ଇଞ୍ଜିନିୟର
CPR/10/373 (ପ୍ରୋଜେକ୍ଟ-II) ବିଳାସପୁର।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION**

No. MM-337 Gajapati, Odisha, PIN - 761200
E-mail: dfo.parlakhemundi@odisha.gov.in

**INVITATION FOR BIDS**

**E-Procurement Bid Identification No. DFO-PKD-03/2024-25**

| | | | |
|---|---|---|---|
| 1 | Name of Work | : | Construction of Buildings |
| 2 | No. of Works | : | 01 No. |
| 3 | No. of Covers | : | Single Cover |
| 4 | Estimated Cost | : | Rs.19.80 lakhs |
| 5 | Period of Completion | : | Three Calendar Months |
| 6 | Date & Time of availability of Bid documents in portal | : | From 10.00 A.M. of Dated 16.12.2024 to 05 P.M. of Dated 26.12.2024 |
| 7 | Last date/time for receipt of Bids in the portal | : | Upto 5.00 P.M. of Dated 26.12.2024 |
| 8 | Date of Opening of Bid Documents | : | At 11.30 A.M. of 27.12.2024 |
| 9 | Class of Contractor | : | "D" & "C" Class Contractor |
| 10 | Name and address of Officer Inviting Bid | : | Divisional Forest Officer, Paralakhemundi Division |

Further, details can be seen from the e-Procurement portal **https://tenderodisha.gov.in** the Addendum/Corrigendum if any will be hosted in the website only.

Sd./- Divisional Forest Officer
Paralakhemundi Division

OIPR-08050/11/0005/2425

**ई - प्रोक्योरमेन्ट सेल**
**कार्यपालक अभियंता का कार्यालय,**
**भवन निर्माण विभाग, भवन प्रमण्डल, साहेबगंज**
ई॰मेल नं॰ exenbcd816109@gmail.com

**ई- प्रोक्योरमेन्ट नोटिस**

**e – Tender reference no. BCD, SAHIBGANJ/04F2 /2024-25 Date- 17.12.2025**

1. कार्य की विवरणीः—

| क | योजना का नाम | प्राक्कलित राशि (लाख में) | अग्रघन की राशि | परिमाण विपत्र का मूल्य | बेबसाइट में ई—निविदा प्रकाशन की तिथि | ई—निविदा प्राप्ति की अंतिम तिथि | ई—निविदा खोलने की तिथि | कार्य पूर्ण करने की अवधि | निविदा खोलने का स्थान |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Renovation of 12 Court Building at Sahibganj. | 161.31 | 325500.00 | 10000.00 | 23.12.2024 (पूर्वाहन् 10:30 बजे से) | 08.01.2025 (पूर्वाहन् 10:30 बजे तक) | 09.01.2025 (अपराहन् 12:30 बजे) | 06 माह | ई— प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, झारखण्ड, राँची, लिंक टैंक रोड, पिन कोड—834001 |
| 2 | Renovation of 12 Court Building at Rajmahal. | 151.35 | 305500.00 | 10000.00 | | | | | |

नोटः— 1. केवल ई— निविदा ही स्वीकार किया जायेगा।
2. प्राक्कलित राशि घट बढ़ सकती है। अग्रघन की राशि परिमाण विपत्र की राशि के अनुसार होगी।
3. परिमाण विपत्र एवं EMD की राशि केवल online माध्यम से ही स्वीकार होगा। online माध्यम से किये गये भुगतान की पावति बेबसाइट पर आवश्यक रुप से अपलोड करेंगे।
4. निविदा शुल्क एवं अग्रधन की राशि का ई—भुगतान जिस खाता से किया जायगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबाबदेही संबंधित निविदादाता की होगी।
5. विस्तृत जानकारी के लिए http://jharkhandtenders.gov.in_ पर लॉग ऑन करे ।

कार्यपालक अभियंता,
भवन प्रमंडल, साहेबगंज।

PR.NO.342283 Building(24-25):D

## ସଂକ୍ଷେପରେ

### ବାଣୀପୀଠ ମହୋତ୍ସବରେ ସମ୍ମାନିତ ହେବେ କବି ସୁଶାନ୍ତ ରଣା

**ରିଷିଡ଼ା,୧୮।୧୨ (ସୁଶାନ୍ତ ମଲ୍ଲିକ):** କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବାଣୀପୀଠ, ମୟୂରଭଞ୍ଜ ପକ୍ଷରୁ ୪୫ତମ ବାଣୀପୀଠ ମହୋତ୍ସବ ଆସନ୍ତା ୨୬ରୁ ୨୯ ତାରିଖ ଯାଏ ହେବାକୁ ସ୍ଥିର ହୋଇଛି। ଏଥିରେ କଳାହାଣ୍ଡି ଜିଲାର ଯୁବକବି ସୁଶାନ୍ତ ରଣାଙ୍କୁ 'କବିପ୍ରାଣ' ଉପାଧିରେ ସମ୍ମାନିତ କରିବାକୁ ଅନୁଷ୍ଠାନ ନାମ ଘୋଷଣା କରିଛି। କର୍ଲାମୁଣ୍ଡା ବ୍ଲକ୍ ତେରେସିଂହା ଗ୍ରାମର ସୁଶାନ୍ତ ରଣା ଜଣେ କବି, ଗାଳ୍ପିକ ତଥା ଯୁବ ସାମ୍ବାଦିକ। ଛାତ୍ର ଜୀବନରୁ ହିଁ ସାହିତ୍ୟ ପ୍ରତି ଆଗ୍ରହ ରଖିଥିବା ରଣା ଶତାଧିକ କବିତା ଓ ଗଳ୍ପ ଲେଖିବା ସହ ଲେଖା ଜାରି ରଖିଛନ୍ତି। ଓଡ଼ିଶାର ବିଭିନ୍ନ ଖବରକାଗଜ ଓ ସାମାଜିକ ଗଣମାଧ୍ୟମରେ ତାଙ୍କ ରଚିତ ଅନେକ କବିତା, ଗଳ୍ପ ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। କବିତା, ଗଳ୍ପ ଓ ସାମ୍ବାଦିକତା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

### ଓଏଭିର ବାର୍ଷିକ କ୍ରୀଡ଼ା ଉତ୍ସବ

**ଖଡ଼ିଆଳ,୧୮।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ବାଦୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ସପ୍ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମେଜର ଡା. ରାମଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଓ ଖଡ଼ିଆଳ କ୍ରୀଡ଼ା ସଂଘ ସମ୍ପାଦକ ସନ୍ତୋଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପାଦେୟତା ଉପରେ ଆଲୋକପାତ କରିଥଲେ। ପରେ ମାରାଥନ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଶଟ୍‌ପୁଟ ଥ୍ରୋ, ଡିସ୍‌କସ୍ ଥ୍ରୋ, ଫୁଟ୍‌ବଲ, ବ୍ୟାଡ୍‌ମିଣ୍ଟନ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାୟକ ମୁଖ୍ୟ ଅତିଥି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥଲେ। ଖେଳ ଶିକ୍ଷକ ଅଂଶୁମାନ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଥୁଆମୂଳ ରାମପୁର,୧୮।୧୨ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ସମିତି ସଭାଗୃହଠାରେ ବୁଧବାର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ୨୭ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳିତ କଳାହାଣ୍ଡି ଉତ୍ସବ କିଭଳି ଅଧିକ ଆକର୍ଷଣୀୟ ହେବ ସେ ବିଷୟରେ ଆଲୋଚନା କରାଯାଇ ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ଓ ବ୍ଲକ ଅଧ୍ୟକ୍ଷ ମାଝୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଆସନ୍ତା ଜାନୁଆରୀ ୭ ଓ ୮ ତାରିଖରେ ବ୍ଲକ ସଦର ବାବା ଖଣ୍ଡୁଆଳ ଖେଳ ପଡିଆଠାରେ ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଚଳିତ ମାସ ୨୨ଠାରୁ ଜାନୁଆରୀ ୪ ତାରିଖ ଭିତରେ ବ୍ଲକର ୨୪ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଉତ୍ସବ ପାଳନ କରାଯିବ। ଏହାର ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମାଣିକ୍ୟ ଚନ୍ଦ୍ର ନାଏକ, ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ମାଝୀ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମନ୍ତ ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, ଖବରଦାତା ବଳଭଦ୍ର ବାଗ, ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ମେଦିନିପୁର ମଣ୍ଡିରୁ ଉଠିନାହିଁ ଧାନ

**ଭବାନୀପାଟଣା,୧୮।୧୨ (ଉତ୍ତମ କୁମାର ଦାଶ)**

- ଚାଷୀ ଓ ଏଜେଣ୍ଟ ମଧ୍ୟରେ ଛିଣ୍ଡୁନି ଗଣିତ
- ବୁଝାମଣା ଚୂଡ଼ାନ୍ତ ହେଲେ ଉଠିବ ୪୫ହଜାର କୁଇଣ୍ଟାଲ ଧାନ

କଳାହାଣ୍ଡି ଜିଲାରେ ନଭେମ୍ବର ଶେଷରେ ମଣ୍ଡି ଖୋଲିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଅନେକ ମଣ୍ଡିରୁ ଧାନ ଉଠିନାହିଁ। ଏଥିପାଇଁ ଧାନର ମାନ ନିର୍ଣ୍ଣୟ ପ୍ରକ୍ରିୟା (ଆନାଲାଇଜର) ଚାଷୀଙ୍କ ପାଇଁ କାଳ ସାଜିଛି। ଫେୟାର ଆଭରେଜ କ୍ୱାଲିଟି (ଏଫ୍‌ଏକ୍ୟୁ) ଧାନ ସମୁଦାୟ ବ୍ୟବସ୍ଥାକୁ ଅଟକାଇ ରଖିଛି। ଅତି ଉନ୍ନତ କିସମର ସଫା ଓ ସୁଖା ଧାନକୁ ମଧ୍ୟ ଏଫ୍‌ଏକ୍ୟୁ ମାନ୍ୟତା ମିଳିବା କଷ୍ଟକର ହୋଇପଡିଛି।

ଉଦାହରଣ ଭାବେ ଭବାନୀପାଟଣା ବ୍ଲକ ମେଦିନପୁର ମଣ୍ଡିକୁ ନିଆଯାଇପାରେ। ଏଠାରେ ଦୀର୍ଘଦିନ ହେବ ମଣ୍ଡିରୁ ଧାନ ଉଠିପାରୁ ନାହିଁ। ବ୍ଲକର ୫ଟି ପଞ୍ଚାୟତର ରେଜିଷ୍ଟ୍ରିଭୁକ୍ତ ୯୨୪ଜଣ ଚାଷୀଙ୍କ ଧାନ ଉଠି ନ ଥିବା ଜଣାପଡିଛି। ଗତବର୍ଷ ଏହି ମଣ୍ଡିରୁ ୪୩ହଜାର କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଚଳିତ ବର୍ଷ ୪୫ହଜାର କୁଇଣ୍ଟାଲ ଧାନ ଉଠିବ ବୋଲି ଆକଳନ କରାଯାଇଛି। ମେଦିନିପୁର ମଣ୍ଡିରେ ଶତାଧିକ ଚାଷୀଙ୍କ ବୈଠକ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଧାନର ମାନ ନିର୍ଣ୍ଣୟ ସମ୍ପର୍କରେ ଆଲୋଚନା ପରେ ମଧ୍ୟ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ମିଲରଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟମାନେ ମାନ ଖରାପ ଥିଲେ ଧାନ ଉଠାଇବାକୁ ମଙ୍ଗୁନାହାନ୍ତି। ଏଜେଣ୍ଟଙ୍କ ସ୍ପଷ୍ଟ ମତ ଯେ ଆନାଲାଇଜର ମେଶିନ ରିପୋର୍ଟ ଅନୁସାରେ ଧାନର ମାନ ନିର୍ଣ୍ଣୟ ପରେ କେତେ କେଜି କଟାଯିବ ସ୍ଥିର ହେବ। ଚାଷୀମାନେ ଅନିଚ୍ଛା ସତ୍ତ୍ୱେ ୪କେଜି କାଟିବାକୁ ରାଜି ହୋଇଥିଲେ। ତେବେ ୧ରୁ ୧୦ ପଏଣ୍ଟ ଭିତରେ ଧାନର ମାନ ଠିକ ନ ଥିଲେ ୪କେଜି ଏବଂ ତା'ଠାରୁ ଅଧିକ ହେଲେ ଅଧିକ କଟାଯାଇ ଧାନ କ୍ରୟ କରାଯିବ। ଚାଷୀ କିନ୍ତୁ ଏହି ଯୁକ୍ତିରେ ରାଜି ହୋଇ ନ ଥିଲେ। ଉନ୍ନତମାନର ଧାନକୁ ୪କେଜି କଟନୀରେ ଚାଷୀ ଟେକିଦେବାକୁ ନିଷ୍ପତ୍ତି ପରେ ବି ଏଜେଣ୍ଟ ସହମତି ପ୍ରକାଶ କରି ନ ଥିଲେ। ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ କୁହାଯାଉଛି ମଣ୍ଡିରେ ଗୋଟିଏ କେଜି କଟ୍‌ନୀ ହେବନି ଏବଂ ଦଲାଲମୁକ୍ତ ମଣ୍ଡି ହେଉ। ହେଲେ ଜିଲା ପ୍ରଶାସନର ଭୂମିକା ଏଠି ଗୌଣ ପାଲଟିଯାଉଛି। ସନ୍ଧ୍ୟାରେ ମେଦିନିପୁର ମଣ୍ଡିକୁ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ତହସିଲଦାର ଓ ସହ ଯୋଗାଣ ଅଧିକାରୀ ଓ ଅନ୍ୟମାନେ ଯାଇ ଚାଷୀଙ୍କ ସହିତ ଆଲୋଚନା କରି ଫେରିଥିଲେ। ଚଳିତବର୍ଷ ମଧ୍ୟ ମିଲର୍ସ ଓ ଏଜେଣ୍ଟଙ୍କ ମର୍ଜିରେ ଧାନ ବିକ୍ରି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ ଯାହା କହିଲେ ମଧ୍ୟ ଚୂଡାନ୍ତ ନିଷ୍ପତ୍ତି ନେବାରେ ମିଲର୍ସ ହିଁ ଗେମ ଚେଞ୍ଜର ଭଳି ନିଜ ଭୂମିକା ନିଭେଇବେ। ମିଲର୍ସ ତଥା ଏଜେଣ୍ଟ ଓ ଚାଷୀଙ୍କ ଭିତରେ ବୁଝାମଣା ଠିକ ହେଲେ ଧାନ ଉଠିବ ସତ ହେଲେ ଚାଷୀ କଟନୀ ନାଁରେ ଯେଉଁ କ୍ଷତି ସହିବ ସେଥିପାଇଁ କିଏ ଉତ୍ତରଦାୟୀ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**କର୍ଲାମୁଣ୍ଡା,୧୮।୧୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କୁଶୁର୍ଲା ଜୋରାଡବରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପରିଚାଳନା ସମିତି ସଭାପତି ଶିବରାମ ସାହୁ ସଭାପତିତ୍ୱ କରିଥିଲେ। କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ ମୁଖ୍ୟ ଅତିଥି, ଟିଟିଲାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ଡମ୍ବରୁଧର କର୍ମୀ ମୁଖ୍ୟବକ୍ତା ଓ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ରେଗଡା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଶଶାଙ୍କ ଶେଖର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମିତି ସମ୍ପାଦକ କ୍ଷୀରୋଦ ବଡମାଲି ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ କୈଳାସ ପ୍ରଧାନ ବିବରଣୀ ପାଠ ଓ ଉପସଭାପତି ପ୍ରଭା ରଞ୍ଜନ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଗୀତାଞ୍ଜଳି ସାହୁ ସଭା ସଂଯୋଜନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ୨୨ରୁ ବୁଢାଡଙ୍ଗରେ ଲୋକୋ ମହୋତ୍ସବ



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।

**କେସିଙ୍ଗା,୧୮।୧୨(ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୨ରୁ ଦୁଇଦିନ ଧରି ବୁଢାଡଙ୍ଗର ଲୋକୋ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ବିଏସ୍‌ଏ କାର୍ଯ୍ୟାଳୟଠାରେ ଅନୁଷ୍ଠାନ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ ବୁଢାଡଙ୍ଗର ମନ୍ଦିରରୁ ଜଗନ୍ନାଥ ମନ୍ଦିରର ସାଂସ୍କୃତିକ ମଞ୍ଚ ପର୍ଯ୍ୟନ୍ତ ଏକ ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରା ବାହାରିବ। ଏଥିରେ ବହୁ ସାଂସ୍କୃତିକ ଦଳ ସାମିଲ ହେବେ। ଏହି ଦିନ ଏକ ଚିତ୍ରକଳା ପ୍ରଦର୍ଶନୀ ହେବ। ସେହିପରି ଉଦ୍‌ଯାପନୀ ଦିବସରେ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହେବ। ଉଲ୍ଲେଖନୀୟ ସେବା କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉତ୍ସବରେ ଛଉ, ଓଡିଶୀ, ସମ୍ବଲପୁରୀ, ବଜାଶାଲ, ଢେମ୍‌ସା, ଘୋଡା ନାଚ, ବାଘ ନାଚ, ସଙ୍ଗୀତ ବିଚିତ୍ରା ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଷ୍ଠାନର ମୁଖ୍ୟ ସଞ୍ଚାଳକ ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ପାଦକ ଅକ୍ଷୟ କୁମାର ଦାସ, ଉପଦେଷ୍ଟା ଅମିୟ ନନ୍ଦ, କଲେଜ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ, କୋଷାଧ୍ୟକ୍ଷ ବିକ୍ରମ ବାରିକ ଉପସ୍ଥିତ ଥିଲେ।

## ତୀରନ୍ଦାଜୀ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଲେ ସଞ୍ଜୟ

**ଲାଞ୍ଜିଗଡ଼,୧୮।୧୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ମଦନଗୁଡ଼ା ଗ୍ରାମର ସଞ୍ଜୟ ମାଝୀ ଜାତୀୟ ଏନ୍‌ଟିପିସି ସିନିୟର ତୀରନ୍ଦାଜୀ ପ୍ରତିଯୋତାରେ କାଂସ୍ୟ ପଦକ ଜିତିଛନ୍ତି। ଝାଡ଼ଖଣ୍ଡ ଜାମଶେଦପୁରସ୍ଥିତ ଗୋପାଲ ମଇଦାନରେ ଡିସେମ୍ବର ୧୫ରୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ସଞ୍ଜୟ କାଂସ୍ୟ ପଦକ ହାସଲ କରି ରାଜ୍ୟ ତଥା ଜିଲା ପାଇଁ ଗୌରବ ଆଣିଛନ୍ତି। ସଞ୍ଜୟ ଲାଞ୍ଜିଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷା ସହ କୋଚ ସୀମାଞ୍ଚଳ କାତ୍ରାକାଙ୍କଠାରୁ ତୀରନ୍ଦାଜୀ ତାଲିମ ନେଉଥିଲେ। ସେ ବର୍ତ୍ତମାନ ଭୁବନେଶ୍ୱର କିସ୍ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। କିସ୍ ବିଦ୍ୟାଳୟ ପକ୍ଷରୁ ସିନିୟର ବାଳକ ବିଭାଗରେ ସଞ୍ଜୟ ଭାଗନେଇ ୫୦ ମିଟର ବ୍ୟବଧାନରେ ୩୨୭ ପଏଣ୍ଟ ଓ ୩୦ ମିଟର ବ୍ୟବଧାନରେ ୩୨୮ ମୋଟ ୬୫୫ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ


ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଖଡ଼ିଆଳ,୧୮।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଦମାପଲା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଖଡ଼ିଆଳ ଗୋଷ୍ଠୀ ଶିକ୍ଷାଧିକାରୀ କାହ୍ନୁ ଚରଣ ନାଏକ ବିଶିଷ୍ଟ ଅତିଥି, ଖଡ଼ିଆଳ ସହ ଶିକ୍ଷାଧିକାରୀ ମୋତିଲାଲ ବେହେରା, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜତ କୁମାର ସାହୁ, ଶିକ୍ଷାବିତ ସତିଶ କୁମାର ପଟ୍ଟନାୟକ, ସିଆର୍‌ସିସି ସିଲୁ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଡ. ସୁଶାନ୍ତ କୁମାର ବିଶି ମୁଖ୍ୟବକ୍ତା ଭାବରେ ଯୋଗଦେଇ ପ୍ରାଥମିକ ଶିକ୍ଷାରେ ଶିକ୍ଷକ, ଅଭିଭାବକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବତନ ସିଆର୍‌ସିସି ଓମ୍ ପ୍ରକାଶ ଚଲାନ ଓ ଖବରଦାତା ମୋତିଲାଲ ବାଗ, ଦେବାନନ୍ଦ ତାଣ୍ଡିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଇଓଙ୍କ ବଦଳି ବାତିଲ ପାଇଁ ଦାବିପତ୍ର

**କୋକସରା,୧୮।୧୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ପଞ୍ଚାୟତରେ ଅବସ୍ଥାପିତ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଅନ୍ୟ ପଞ୍ଚାୟତକୁ ବଦଳି ହୋଇଛି। ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ପିଇଓ ଭବିଷ୍ୟତ ପଟେଲଙ୍କ ବଦଳି ବାତିଲ କରି ପୁନର୍ବାର କୋକସରା ଗ୍ରାମ ପଞ୍ଚାୟତରେ ଅବସ୍ଥାପିତ କରିବାକୁ ବୁଧବାର ବିଡିଓ ଡ଼. ହିମାଞ୍ଚଳ ମାଝିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମତେ କୋକସରା ପଞ୍ଚାୟତର ପିଇଓ ପଟେଲଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଅନ୍ୟ ପଞ୍ଚାୟତକୁ ବଦଳି କରାଯାଇ ତାଙ୍କ ସ୍ଥାନରେ ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ଏଠାରେ ଅବସ୍ଥାପିତ ଥିବା ପିଇଓ ବିରଞ୍ଚି ଖର୍ସେଲଙ୍କୁ ନିଯୁକ୍ତ କରାଯାଇଛି। ତେବେ ଖର୍ସେଲ ବ୍ଲକରେ ଭାରପ୍ରାପ୍ତ ଜିପିଡ଼ିଓ ଦାୟିତ୍ୱରେ ମଧ୍ୟ ରହିଛନ୍ତି। ଏଣୁ ସେ ରହିଲେ ପଞ୍ଚାୟତ ପାଇଁ ଯଥେଷ୍ଟ ସମୟ ଦେଇପାରିବେ ନାହିଁ ଓ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ନେଇ ସଭ୍ୟାସଭ୍ୟ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ୧୦ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ ନ କଲେ ୱାର୍ଡମେମ୍ବରମାନେ ପଞ୍ଚାୟତରେ ତାଲା ମାରି ସାମୂହିକ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ ସଭ୍ୟ ଟୁନା ବାଗ, ପାର୍ଥ ଗୋପାଳ, କାମାକ୍ଷ ପ୍ରଧାନୀ, ନଳିନୀ ପ୍ରଭା ପଣ୍ଡା, ବିନୋଦିନି ବିଶି, ସୁଜାତା ରାଉତ, ଶୋଭନୀ ଦୁର୍ଗା, ଅନିତା ମାଝୀ, ଲୋଚନା ବିଶି, କ୍ଷୀର ପାଣିଗ୍ରାହୀ, ଖଲୋନୀ ନାଗ ପ୍ରମୁଖ ଉପସ୍ଥିତ ଥିଲେ।


ୱାର୍ଡ ସଭ୍ୟାସଭ୍ୟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ଖଡ଼ିଆଳ,୧୮।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ମହାମାୟା ପବ୍ଲିକ୍ ସ୍କୁଲର ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ରିଲେ ରେସ୍, ସଟ୍ ପୁଟ୍, ଡିସ୍‌କସ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ, କ୍ରିକେଟ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। କଲେଜ ଅଧ୍ୟକ୍ଷା ସୁନୀତା ତିୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମହାମାୟା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ସାହୁ ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଭାବରେ ଏକାଡେମିକ ଇନ୍‌ଚାର୍ଜ ଶିରିଶ କୁମାର ସାହୁ, ନୂଆପଡ଼ା ଜିଲା ପ୍ରେସ୍ କ୍ଲବ ସଭାପତି ପରମେଶ୍ୱର ବାରିକ ଯୋଗଦେଇଥିଲେ। ଜୁନିୟର ଗ୍ରୁପ୍‌ରେ ରାଜକିଶୋର ତାଣ୍ଡି ଓ ମନିକା ଭୋଇ, ସିନିୟର ଗ୍ରୁପ୍‌ରେ ସ୍ୱୟଂକିଶୋର ଦଣ୍ଡସେନା ଓ ଚିନ୍ମୟୀ ବେହେରା, ହାୟର ସେକେଣ୍ଡାରିରେ ସାଗର ସାହୁ ଓ ନିଖିତ ପତିମା ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ରୋଷନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ଶିବିରରେ ମଞ୍ଚାସୀନ ଅତିଥିମାନେ।

**କଲମପୁର, ୧୮।୧୨(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କ୍ଷିତିସୁତା ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି, ବ୍ଲକ୍ ଅଧ୍ୟକ୍ଷା ମୋତି ବିହାରୀ, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ସିଡିପିଓ ନିର୍ବାସିନୀ ଦେଈ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ୍‌ର ୧୧ ପଞ୍ଚାୟତରୁ ଆସିଥିବା ୩୫୩ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥି ମଧ୍ୟରୁ ୨୧୮ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୬୭ଜଣଙ୍କୁ ବସ୍‌ପାସ୍ ମିଳିଥିବାବେଳେ ୫୩ଜଣଙ୍କୁ ଟ୍ରେନ୍ ପାସ୍ ଦିଆଯାଇଥିଲା। ଭତ୍ତା ପାଇଁ ୩ଜଣ, ଘର ପାଇବା ପାଇଁ ୪୯ଜଣ ଆବେଦନ କରିଥିଲେ। ୨ଜଣଙ୍କୁ ଟ୍ରାଇ ସାଇକେଲ ଓ ୩ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଅବିନାଶ ନେଗି, ମୂକ, ବଧିର ବିଭାଗର ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଚକ୍ଷୁ ବିଭାଗରୁ ବିକାଶ ରଞ୍ଜନ ନାୟକ, ଶ୍ରବଣ ବିଭାଗରୁ ଆରାଧନା ବେହେରୁକ ଯୋଗଦେଇ ସେବା ପ୍ରଦାନ କରିଥିଲେ। ସେହିପରି କଲମପୁର ପଞ୍ଚାୟତ ପରିସରରେ ସାମାଜିକ ସମୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କଲମପୁର ସରପଞ୍ଚ ସୂର୍ଯ୍ୟକାନ୍ତି ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ନାୟକ ପରିଚାଳନା କରିଥିଲେ।

# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ମହାସଭା ପ୍ରସ୍ତୁତି

**କେସିଙ୍ଗା,୧୮।୧୨(ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ବାଲ୍‌ସି ମଣ୍ଡଳ ପକ୍ଷରୁ ଆସନ୍ତା ଜାନୁୟାରୀ ୫ରେ ହେବାକୁ ଥିବା ସାମାଜିକ ଉତ୍ସବ ଓ ଅଷ୍ଟମ ମହାସଭା ପାଇଁ ମଣ୍ଡଳ ସଭାପତି ମନୋହର ସାହୁଙ୍କ ଆବାହକତ୍ୱରେ ଗିରିଗୋବର୍ଦ୍ଧନ ପୀଠ ନିକଟରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ନୀଳମଣି ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସାଧାରଣ ସମ୍ପାଦକ ନବୀନ କିଶୋର ସାହୁ ମହାସଭାକୁ କିଭଳି ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଜିଲା ଉପସଭାପତି ଯୁବରାଜ ସାହୁ, ଜିଲା ସହସମ୍ପାଦକ ସୁଲପାଣି ସାହୁ, ବ୍ଲକ ସଭାପତି ଚକ୍ରଧର ସାହୁ, ମଣ୍ଡଳ ସମ୍ପାଦକ ଅଶ୍ୱିନୀ କୁମାର ସାହୁ, ମଣ୍ଡଳ ସଦସ୍ୟ ଡୁମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

# ଯୁଗ୍ମ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ଭବାନୀପାଟଣା,୧୮।୧୨(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ଅମଳା ଭବନଠାରେ ବୁଧବାର ଯୁଗ୍ମ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚିତ୍ରଶିଳ୍ପୀ ତଥା ଡାକ୍ତର ଦୀନବନ୍ଧୁ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ କୃଷ୍ଣଚନ୍ଦ୍ର ପ୍ରଧାନ, ଶାନ୍ତି ନିକେତନର ସ୍ନାତକୋତ୍ତର ଡିଗ୍ରୀ ଛାତ୍ରୀ ସୁଶ୍ରୀ ପଲ୍ଲବୀ ପ୍ରିୟଦର୍ଶିନୀ, ଡୋଳାମଣି ସାହୁ, ଜଗତ ଗହୀର, ଯୋଗେଶ୍ୱର ଦାସ, ମଧୁସୂଦନ ପ୍ରଧାନ, ସ୍ୱପ୍ନା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଆରମ୍ଭରେ ଶାସ୍ତ୍ରିଜୀ ଶିକ୍ଷା ନିକେତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଛାତ୍ର ଅଂଶଗ୍ରହଣ କରିଛନ୍ତି।


ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅତିଥି।

# ଶିକ୍ଷକଙ୍କ ଅନୁପସ୍ଥିତି ନେଇ ସ୍କୁଲରେ ତାଲା

**ଲାଞ୍ଜିଗଡ଼,୧୮।୧୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ବେଡାଗାଁ ପଞ୍ଚାୟତ ଡମସୁଲିମ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅନୁପସ୍ଥିତ ରହୁଥିବା ଅଭିଯୋଗରେ ବୁଧବାର ଅଭିଭାବକମାନେ ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ। ସୂଚନାନୁସାରେ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିବାବେଳେ ୨ଦୁଇଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ହେଲେ ଜଣେ ଶିକ୍ଷକ ବର୍ଷସାରା ସ୍କୁଲ ମାଟି ମାଡୁ ନ ଥିବା ଅଭିଯୋଗକରି ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କୁ ଅନ୍ୟ ସ୍ଥାନକୁ ବଦଳିକରି ନୂତନ ଶିକ୍ଷକ ନ ଦେଲା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି ଅଭିଭାବକମାନେ ପ୍ରକାଶ କରିଥିଲେ। ଖବର ପାଇ ଲାଞ୍ଜିଗଡ଼ ଏବିଇଓ ସୁଜଳଦେବ ମୁଣ୍ଡ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା


ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି ଏବିଇଓ।

**ଏବିଇଓଙ୍କ ହସ୍ତକ୍ଷେପ ପରେ ସ୍ୱାଭାବିକ ହେଲା ପାଠପଢ଼ା**

ଜାନୁଆରୀ ୧୦ ତାରିଖ ଭିତରେ ନୂତନ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଅଭିଭାବକମାନେ ସ୍କୁଲରୁ ତାଲା ଖୋଲି ଧାରଣାରୁ ଓହରିଥିଲେ। ୧୦ ତାରିଖ ସୁଦ୍ଧା ପ୍ରତିଶ୍ରୁତି ପାଳନ ନ ହେଲେ ଆନ୍ଦୋଳନ ଜୋର୍‌ଦାର କରିବେ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଲଚମନ ହରପାଲଙ୍କ ସମେତ ସୀମାଞ୍ଚଳ ହରପାଲ, ବସନ୍ତ ହରପାଲ, ଲଳିତ ହରପାଲ, ହୃଦାନନ୍ଦ ହରପାଲ, କେଶରୁ ମାଝୀ, ସସ୍ମିତା ମାଝୀ, ମତି ମାଝୀ, ବେଣୁମତି ହରପାଲ ପ୍ରମୁଖ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ସକାଳେ ପଳାଇଥିଲେ, ଅପରାହ୍ନରେ ଉଦ୍ଧାର

**ବଲାଙ୍ଗୀରରୁ ଉଦ୍ଧାର ଛାତ୍ର ଆବାସିକ ବିଦ୍ୟାଳୟକୁ ହସ୍ତାନ୍ତର**

**ତରଭା, ୧୮।୧୨(ମାନଭଞ୍ଜନ ମିଶ୍ର):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଞ୍ଚଳର ଏକ ସରକାରୀ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟ ହଷ୍ଟେଲରୁ ବୁଧବାର ପାହାନ୍ତାରୁ ୧୦ଜଣ ଛାତ୍ର କୁଆଡେ ପଳାଇଥିଲେ। ହଷ୍ଟେଲରୁ ବାହାରି ସେମାନେ ଚାରଭଟା ତରଭା ରାସ୍ତାରେ ଚାଲି ଚାଲି କୁମ୍ଭାରମୁଣ୍ଡା ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ବଲାଙ୍ଗୀର ଯାଉଥିବା ଏକ ଘରୋଇ ବସ୍‌ରେ ଦଶ ଜଣରୁ ନଅ ଜଣ ଯାଇଥିବା ବେଳେ ଜଣେ ସେହି ଅଞ୍ଚଳର ତାଙ୍କ ସମ୍ପର୍କୀୟଙ୍କ ଘରେ ରହିଯାଇଥିବା ଜଣା ପଡିଥିଲା। କମସରା ଫାଣ୍ଡି ପୋଲିସ ଖବର ପାଇ ସମ୍ପୃକ୍ତ ବସ୍‌ର ପିଛା କରିଥିଲେ। ବଲାଙ୍ଗୀର ଟାଉନ ଥାନା ସହ ଯୋଗାଯୋଗ କରି ସମ୍ପୃକ୍ତ ଛାତ୍ରମାନଙ୍କୁ ବଲାଙ୍ଗୀରରୁ ଉଦ୍ଧାର କରି କମଶରା ଫାଣ୍ଡିକୁ ଆଣିଥିଲେ। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଫାଣ୍ଡି ଅଧିକାରୀ ଗଜାନନ ବେହେରାଙ୍କଠାରୁ ଉଦ୍ଧାର ଛାତ୍ରଙ୍କୁ ହଷ୍ଟେଲ ନେଇଥିଲେ। ତେବେ କେଉଁ କାରଣରୁ ପିଲା ହଷ୍ଟେଲରୁ ପଳାଇଥିଲେ ତାହା ଜଣାପଡିନାହିଁ। ଘଟଣାର ତଦନ୍ତ ଜାରି ରହିଥିବା ତରଭା ବିଡିଓ ଗଙ୍ଗାରାମ ବୁଡେକ, ଡବ୍ଲୁଇଓ ସାଲଖାନ ମାଝୀ କହିଛନ୍ତି। ଏନେଇ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ଗାଇସିଲେଟ, ୧୮।୧୨(ଦୁର୍ଗାପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅରୁଣ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଡ. ବିଜୟ ରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଡ. ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ବୁଦ୍ଧଦେବ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ବିଦ୍ୟାଳୟର ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର କୋଷାଧ୍ୟକ୍ଷ ଶାଶ୍ୱତରଞ୍ଜନ ପୁରୋହିତ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ନାଟକ ଉପସ୍ଥାପନା କରାଯାଇଥିଲା।

### ଫୁଟବଲ ଖେଳାଳି, ଅବସରପ୍ରାପ୍ତ ଡାକ ବିଭାଗ କର୍ମଚାରୀଙ୍କ ଦେହାନ୍ତ

**ସୋହେଲା, ୧୮।୧୨( ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲାର ଅବସରପ୍ରାପ୍ତ ଡାକ ବିଭାଗ କର୍ମଚାରୀ ଟଙ୍କଧର ଝାଙ୍କରଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୭ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଝାଙ୍କର ଜଣେ ଉଚ୍ଚକୋଟିର ଫୁଟ୍‌ବଲ ଖେଳାଳି ଥିଲେ। ସେ ମୃତ୍ୟୁ ପର୍ଯ୍ୟନ୍ତ ସୋହେଲାର ବହୁ ସାମାଜିକ ସଙ୍ଗଠନରେ ସକ୍ରିୟ ଭୂମିକା ତୁଲାଇ ଆସୁଥିଲେ।

# ମଣ୍ଡିରୁ ଉଠୁନି ଧାନ, ରାସ୍ତାକୁ ଓହ୍ଲାଇଲେ ଚାଷୀ

**ବରଗଡ଼, ୧୮।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ଦିନକ ପରେ ୨ମାସ ପୂରିବ। ମାତ୍ର ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଦେଖାଯାଇଥିବା ସମସ୍ୟା ଅସମାହିତ ହୋଇ ରହିଛି। ଧାନବିକ୍ରିରେ ଟୋକନ କଟକଣା ବାଧକ ସାଜିଛି। ଅନ୍ୟପଟେ ଟୋକନ ଆଧାରରେ ଚାଷୀମାନେ ମଣ୍ଡିକୁ ଧାନ ଆଣୁଥିଲେ ସୁଦ୍ଧା ଧାନକ୍ରୟ ସଂସ୍ଥା ତାହା ତୁରନ୍ତ କିଣୁନାହିଁ ଏବଂ ମିଲର୍ସମାନେ ଆସୁ ନ ଥିବା ଯୋଗୁ ମଣ୍ଡିରୁ ଧାନ ମଧ୍ୟ ଉଠୁ ନାହିଁ। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲାର ଭେଡ଼େନ ବ୍ଲକରେ ଏଭଳି ଚାଷୀ ଅସନ୍ତୋଷ ବୁଧବାର ଆନ୍ଦୋଳନ ରୂପ ନେଇଥିଲା। ଉକ୍ତ ବ୍ଲକ ଅନ୍ତର୍ଗତ କୁବେଡ଼େଗାରେ ରହଥିବା ମଣ୍ଡିରେ ଧାନ କିଣାବିକାରେ ଅଚଳାବସ୍ଥା ଲାଗି ରହିଥିବା ଯୋଗୁ ଚାଷୀମାନେ ମଣ୍ଡି ସମ୍ମୁଖ ଛକରେ ଧାନବସ୍ତା ରଖିବା ସହିତ ରାସ୍ତା ଉପରେ ବସି ବରଗଡ଼-ଭେଡ଼େନ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୩ଘଣ୍ଟା ଧରି ଯାନବାହାନ ଚଳାଚଳ ବନ୍ଦ ହୋଇଥିଲା।



ଆନ୍ଦୋଳନରେ ଚାଷୀ ଏବଂ ବିଭାଗୀୟ ଅଧିକାରୀ ଆଲୋଚନା କରୁଛନ୍ତି।

ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଯାନବାହାନ ଅଟକି ରହିଥିଲା।

ଖବରପାଇ ଭେଡ଼େନ ତହସିଲଦାର ରଶ୍ମିତା ସାହୁ, ଅତିରିକ୍ତ ତହସିଲଦାର ଦେବାନନ୍ଦ ସାହୁ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ସଦର ସିଏସ୍‌ଓ ବ୍ୟୋମକେଶ ମାଝି, ଡିଆର୍‌ସିଏସ୍ ଯୁଗଳ କିଶୋର ଦାଶ ଏବଂ ପୋଲିସ ଅଧିକାରୀମାନେ ଆନ୍ଦୋଳନସ୍ଥଳକୁ ପହଞ୍ଚିଥିଲେ। ଆନ୍ଦୋଳନରେ ବସିଥିବା ଚାଷୀ ପ୍ରତିନିଧିଙ୍କ ସହିତ ଆଲୋଚନା କରି ମଣ୍ଡିରୁ ନିୟମିତ ଧାନ ଉଠାଣ ନେଇ ସେମାନେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ରାସ୍ତାରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଭେଡ଼େନ ବ୍ଲକ କୃଷକ ସଙ୍ଗଠନର ସଭାପତି ଉତ୍ପନ୍ନ କୁମାର ଭୋଇ, ସମ୍ପାଦକ ସୁଦାମ ପାତ୍ର, ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ନରେନ୍ଦ୍ର ଭୋଇଙ୍କ ସମେତ ଜୟଦେବ ପ୍ରଧାନ, ମଧୁସୂଦନ ତ୍ରିପାଠୀ, କ୍ଷୀରୋଦ୍ର ବାରିକ, ସୁବୋଧ ଶତପଥି, ସିଦ୍ଧେଶ୍ୱର ପ୍ରଧାନ, ପ୍ରଦୀପ ବେହେରା, ବିକାଶ ଭୋଇ, ପ୍ରହଲ୍ଲାଦ ପ୍ରଧାନ, ପ୍ରଦୀପ ଭୋଇ, ନବୀନ ଭୋଇ, ଅଶୋକ ପଧାନ, କ୍ଷୀରୋଦ ସାହୁ, ତପୋଧନ ଭୋଇ, ଅତୁଲ୍ୟ ଭୋଇ, କିଶୋର ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତେବେ ଆଗାମୀ ଦିନରେ ଧାନସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକଭାବେ ନ ଚାଲିଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ବିକାଶମୂଳକ ପ୍ରକଳ୍ପର ସାମାଜିକ ସମୀକ୍ଷା

**ବରଗଡ଼, ୧୮।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ତେଜାଗୋଲା, କେଲେଣ୍ଡାପାଲି ଏବଂ ସୁକୁଡ଼ା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୨୪ ମସିହା ଏପ୍ରିଲ ମାସ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ବ୍ୟବହୃତ କାଗଜପତ୍ର ଯାଞ୍ଚ ତଥା ଗୃହ ପରିଦର୍ଶନ ପରେ ବାହାରିଥିବା ବିଭିନ୍ନ ସମସ୍ୟା ଏବଂ ଅଭିଯୋଗ ଗ୍ରାମ୍ୟ ସମ୍ବଳ କର୍ମୀ, ଜନସାଧାରଣଙ୍କ ଦ୍ୱାରା ଗ୍ରାମସଭାରେ ଉପସ୍ଥିତ ହିତାଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଗୋଷ୍ଠୀ ସାମାଜିକ ସମୀକ୍ଷକ ସାହୁ ତେଜାଗୋଲା ପଞ୍ଚାୟତ ଗ୍ରାମସଭାରେ ଯୋଗଦେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଗ୍ରାମସଭାରେ ତେଜାଗୋଲା ପଞ୍ଚାୟତର ସରପଞ୍ଚ ଅମ୍ବାଳିକା ପଧାନ, କେଲେଣ୍ଡାପାଲି ସରପଞ୍ଚ ସୁବ୍ରତ ବାଗ, ସୁକୁଡ଼ା ସରପଞ୍ଚ ନିଳିମା ବନଛୋର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରିତେଶ ଭୁଏ, ଉମେଶ କୁମାର ସେଠ, ନବୀନ କୁମାର ସାହୁ, ଏଡ଼ିଇଓ ଡାକ୍ତର ସାହୁ, ଡୋଲାମଣି ସାହୁ, ଗ୍ରାମ ରୋଜଗାର ସହାୟକ ନିଳିମା କାଲୋଙ୍କ ସମେତ ଗ୍ରାମ୍ୟ ସମ୍ବଳ କର୍ମୀ, ଶ୍ରମିକ, ପଞ୍ଚାୟତର ୱାର୍ଡ଼ସଭ୍ୟା, ୱାର୍ଡ଼ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ଗ୍ରାମ୍ୟ ସମ୍ବଳ କର୍ମୀ ଶୈଳ୍ୟ ମହାନନ୍ଦ, ମାଧବୀ ଖମାରୀ, ପଦ୍ମାବତୀ ସାହୁ, ଅଞ୍ଜୁ ସାହୁ, ସୁଜାତା ପାଣ୍ଡେ, ଉର୍ବଶୀ ସା, ମମତା ସାହୁ, ଗୋଲାବତୀ ଭୋଇ ପ୍ରମୁଖ ଯୋଗଦେଇ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖଇର ଗଣ୍ଡି ସହ ପିକ୍‌ଅପ୍ ଭ୍ୟାନ ଜବତ



ବନବିଭାଗ ଦ୍ୱାରା ଜବତ ହୋଇଥିବା ଖଇର ଗଣ୍ଡି।

**ପଦ୍ମପୁର, ୧୮।୧୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ବନାଞ୍ଚଳ କାର୍ଯ୍ୟାଳୟ ତରଫରୁ ଚଢାଉ କରାଯାଇ ଖଇର ଗଣ୍ଡି ସହ ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଛି। ଗାଇସିଲେଟ ଥାନା ଅନ୍ତର୍ଗତ ବଡ ସାହାଜବାହାଲ ଗ୍ରାମରୁ ଜଗଲପାଟ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଓଆର ୦୩ଜି ୩୭୧୪ ନମ୍ବର ପିକ୍‌ଅପ୍ ଭ୍ୟାନ ଯାଉଥିବାବେଳେ ଚଢ଼ାଉ କରାଯାଇଥିଲା। ଗାଡିରୁ ପାଖାପାଖି ୩.୫ଟନର ଖଇର ଗଣ୍ଡି ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୩ଲକ୍ଷ ୫୦ହଜାର ହେବ ବୋଲି ରେଞ୍ଜର ସୁଦାମ ଜଗଦଲା ସୂଚନା ଦେଇଛନ୍ତି। ଏହି ଘଟଣାରେ ଟେଙ୍କନାପାଲିର ଗାଡି ଡ୍ରାଇଭରଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି। ଚଢାଉରେ ରେଞ୍ଜର ସୁଦାମ ଜଗଦଲାଙ୍କ ସମେତ ମାନଠେଠୁଆ, କେଶ ବୁଡେକ, ବାସୁଦେବ ସାହୁ, ଗଣେଶ ସାହୁ ପ୍ରମୁଖ ସାମିଲ ଥିଲେ।

# ଲୋକକଳା ସଂସ୍କୃତିକୁ ଲୋକ ମହୋତ୍ସବ ବଞ୍ଚାଇ ରଖିବ

**ପଦ୍ମପୁର, ୧୮।୧୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଅଶୋକ ଖେଳ ପଡିଆ ଠାରେ ସ୍ଥାନୀୟ ଟାଉନ କ୍ଲବ ଦ୍ୱାରା ଆୟୋଜିତ ଚତୁର୍ଥ ପଦ୍ମପୁର ଲୋକମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଧିବଦ୍ଧ ଭାବରେ ଲୋକ ମହୋତ୍ସବର ସାଂସ୍କୃତିକ ପର୍ବକୁ ଉଦ୍‌ଘାଟନ କରିଛନ୍ତି। ଏ ଅଞ୍ଚଳ ହେଉଛି କଳା ଓ ସାଂସ୍କୃତିକ ଅଞ୍ଚଳ। ଏଣୁ ଏହିପରି ଆୟୋଜନ କଳାକାରଙ୍କ ବିକାଶ ଏବଂ ହଜି ଯାଉଥିବା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆୟୋଜିତ ହେବା ଉଚିତ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ପଦ୍ମପୁର ଏଡିଏମ୍ କୁଣାଲ ମୋତିରାମ ଚୌହାଣ ଏବଂ ଉପଜିଲାପାଳ ସ୍ନେହା ଅରୁଗୁଳା ଯୋଗ ଦେଇଥିଲେ। କ୍ଲବର ସଭାପତି ପ୍ରିତେଶ କୁମାର ବହିଦାର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।



ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

**ପଦ୍ମପୁର ଲୋକମହୋତ୍ସବ ସାଂସ୍କୃତିକ ପର୍ବ ଉଦ୍‌ଘାଟିତ**

ପ୍ରଥମେ ସମସ୍ତ ଅତିଥି ମା' ସମଲେଶ୍ୱରୀ ଓ ବାବା ନୃସିଂହନାଥଙ୍କ ଫଟୋ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିଲେ। କଣ୍ଠଶିଳ୍ପୀ ପ୍ରତ୍ୟୁଷ ମିଶ୍ର ପ୍ରଥମେ ଏକ ସମଲେଇ ଭଜନରୁ ଆରମ୍ଭ କରିଥିବାବେଳେ ସ୍ଥାନୀୟ ଟଙ୍କିକିଆ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ତେବେ ଆଜିର ପର୍ବରେ ସୋନପୁରର ଶୁଆଙ୍ଗ ସାଂସ୍କୃତିକ ଅନୁଷ୍ଠାନ, ବାଳିକା ଉଚ୍ଚ ବିଦ୍ୟାଳୟ ସାଂସ୍କୃତିକ ଦଳ, ସର୍ବୋଦୟ ଉଚ୍ଚ ବିଦ୍ୟାଳୟ ଲୁଇସିଂହା, ମହିଳା ମହାବିଦ୍ୟାଳୟ ପଦ୍ମପୁର, ଅତାବିରା କୁରଫୁଲ ସାଂସ୍କୃତିକ ଅନୁଷ୍ଠାନ, ପ୍ରକାଶ ସାହୁ ଏବଂ ଅନୁଷ୍ଠାନ, ସାରଙ୍ଗିନୀ ସାଂସ୍କୃତିକ ଅନୁଷ୍ଠାନ ଛତିଶଗଡ଼, ପଦ୍ମପୁର ଜେନିଥ ଲାୟନ୍ସ ଗୁରୁକୁଳର ସାଂସ୍କୃତିକ ଦଳ ନିଜର ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନବ ପ୍ରଭାତ ବିଦ୍ୟାଳୟ ନୂଆପାଲିର ଛାତ୍ରମାନଙ୍କର ଆଖଡ଼ା ଓ ଯୋଗାସନ ପ୍ରଦର୍ଶନ ସମସ୍ତଙ୍କୁ ବେଶ ମୁଗ୍ଧ କରିଥିଲା। କ୍ଲବର ସମ୍ପାଦକ କୁନାଲ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପ୍ରାଧ୍ୟାପକଙ୍କ ଅଶ୍ଳୀଳ ବାର୍ତ୍ତା ଭାଇରାଲ ଘଟଣାର ତଦନ୍ତ ଶେଷ

**ପଦ୍ମପୁର, ୧୮।୧୨(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ବିରଞ୍ଚି ସାହୁଙ୍କ ହ୍ୱାଟ୍ସଆପ୍ ବାର୍ତ୍ତାଳାପ ଭାଇରାଲ ପରେ ମହାବିଦ୍ୟାଳୟରେ ଆଇନଶୃଙ୍ଖଳା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ଓ ବୁଧବାର ଏହି କମିଟି ତଦନ୍ତ କରିଥିବା ଜଣାପଡ଼ିଛି। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଝୁନୁ ପରିଡାଙ୍କ ଅଧ୍ୟକ୍ଷତାରେ ଏହି କମିଟିର ଅଧ୍ୟାପିକା ରୀନା ଧର୍ମବିନାୟକ, ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେଙ୍କ ସମେତ ନିମନ୍ତ୍ରିତ ସଦସ୍ୟ ଭାବେ ପଦ୍ମପୁର ଆଇଆଇସି ମମତା ନାୟକ, ପୀଡିତା ଛାତ୍ରୀଙ୍କ ସମେତ ଯେଉଁମାନଙ୍କ ନାମ ଆସିଥିଲା ଏବଂ ଯେଉଁମାନେ ଅଭିଯୋଗ କରିଥିଲେ ସେମାନଙ୍କ ବୟାନ ରେକର୍ଡ କରିବା ସହିତ ଘଟଣାରେ ସମ୍ପୃକ୍ତ ପ୍ରାଧ୍ୟାପକଙ୍କୁମଧ ପଚରାଉଚୁରା କରିଥିଲେ। ଗୁରୁବାର ଏହି କମିଟି ତଦନ୍ତ ରିପୋର୍ଟ ମହାବିଦ୍ୟାଳୟ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କୁ ଦେବେ। ତେବେ ତଦନ୍ତ ରିପୋର୍ଟ ପାଇଲା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବବୋଲିଅଧ୍ୟକ୍ଷପଣ୍ଡାକହିଛନ୍ତି।

## ହିନ୍ଦୁ ମହିଳା ମଞ୍ଚର ଜାଗରଣ ଅଭିଯାନ



ଜାଗରଣ ଅଭିଯାନରେ ହିନ୍ଦୁ ମହିଳା ମଞ୍ଚର ପ୍ରତିନିଧିବୃନ୍ଦ।

**ବରଗଡ଼, ୧୮।୧୨(ପ୍ରେମାନନ୍ଦ ଖମାରୀ)**

ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚପକ୍ଷରୁ ଜାଗରଣ ଅଭିଯାନ ବୁଧବାରରୁ ଆରମ୍ଭ ହୋଇଛି। ଜିଲାର ଅତାବିରାରୁ ମଞ୍ଚ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ମହିଳାମାନଙ୍କ କ୍ଷେତ୍ରରେ ଶୌର୍ଯ୍ୟତ୍ୱ ଏବଂ ସଂସ୍କୃତି ପ୍ରତି ନିଷ୍ଠା ଜାଗରଣ ଉଦ୍ଦେଶ୍ୟରେ ଚାଲିଥିବା ଏହି ଅଭିଯାନରେ ଦର୍ଶନା ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ସଂଘମିତ୍ରା ପଟେଲ, କିରନ ଅଗ୍ରୱାଲ, ଉମା ଅଗ୍ରୱାଲ, ପ୍ରିୟଦର୍ଶନୀ ଅର୍ଚ୍ଚନା ବାଗ, କ୍ଷୀରେଶ୍ୱରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତାବିରା ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଆସନ୍ତା ଜାନୁଆରୀ ୨୬ତାରିଖ ସାଧାରଣତନ୍ତ୍ର ଦିବସ ଅବସରରେ ଉକ୍ତ ସଙ୍ଗଠନ ଶୌର୍ଯ୍ୟ ଶୋଭାଯାତ୍ରା ଆରମ୍ଭ ସହିତ ଏହାକୁ ଲୋକାଭିମୁଖୀ କରିବାକୁ ପ୍ରୟାସ କରିବ ବୋଲି ସଭାପତି ଦର୍ଶନା ଅଗ୍ରୱାଲ, ଉପଦେଷ୍ଟା ଜୟଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

# ବୀରତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ବରଗଡ଼, ୧୮।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସଦର ମହକୁମାରେ ଜିଲାସ୍ତରୀୟ ବୀରତା ଦିବସ ପାଳନ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା



ମଧ୍ୟ ମଞ୍ଚାସୀନ ଥିଲେ। ବୈଠକରେ ପୂର୍ତ୍ତବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶହୀଦ ସ୍ମୃତି କମିଟିର ଅଧ୍ୟକ୍ଷ, ସମ୍ପାଦକ, ବରିଷ୍ଠ ନାଗରିକ କମିଟିର ଅଧ୍ୟକ୍ଷ, ସମ୍ପାଦକ, କୋଶଲ ରାଜ୍ୟ ସମନ୍ୱୟ ସମିତିର ଅଧ୍ୟକ୍ଷ ସମ୍ପାଦକ, ଘେଁସ୍ କୁଞ୍ଜଳ ସିଂ କ୍ଲବର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ। ଆସନ୍ତା ଜିଲାସ୍ତରୀୟ ବୀରତା ଦିବସ ପାଳନର ରୂପରେଖ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଜିଲାସ୍ତରୀୟ ବୀରତା ଦିବସକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ବୈଠକରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

# ଉକିଆ ୨୦୨୪ ଉଦ୍‌ଯାପିତ

**ପାଇକମାଳ, ୧୮।୧୨(ବଡ ଶତପଥି)**

- ଗନ୍ଧମାର୍ଦ୍ଦନ ଖଣି ଖନନକୁ ବିରୋଧ
- ଦେଶୀ ବିହନ, ଜୈବିକ ଖତସାର ବ୍ୟବହାର ନେଇ ପଦଯାତ୍ରା

ବରଗଡ ଜିଲା ପାଇକମାଳ ବ୍ଲକ୍ ବରତୁଣ୍ଡା ପଞ୍ଚାୟତ ସୁରୁଙ୍ଗିଦାଦରଠାରେ ଗନ୍ଧମାର୍ଦ୍ଦନ ଖଣି ଖନନକୁ ବିରୋଧ ନେଇ ମହାସଭା ଓ ମାସ ଅନୁଷ୍ଠାନ ସହାୟତାରେ ୨୦ତମ ଉକିଆ ୨୦୨୪ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୨୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଗ୍ରାମର ଚାଷୀମାନେ ସୁରୁଙ୍ଗିଦାଦର ଗ୍ରାମ ଦେବୀ ଗୁଡିଠାରୁ ବିହନ ପଦଯାତ୍ରା କରି ସଭାସ୍ଥଳକୁ ଯାଇ ଅତିଥିମାନଙ୍କ ଦ୍ୱାରା ଉକିଆ ୨୦୨୪ର ପତାକା ଉତ୍ତୋଳନ କରିଥିଲେ। ଚାଷୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିହନ ବୃକ୍ଷରେ ଅତିଥି ଓ ଚାଷୀମାନେ ମିଳିତ ଭାବେ ସୁତା ବନ୍ଧନ କରି ଦେଶୀ ବିହନକୁ ସୁରକ୍ଷା ପାଇଁ ଓ ଗନ୍ଧମାର୍ଦ୍ଦନ ପର୍ବତରେ ଖଣି ଖନନ କରି ନ ଦେବା ପାଇଁ ଏକ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା କୃଷି ଅଧିକାରୀ ପଦ୍ମପୁର ଭାସ୍କର ପଣ୍ଡା, ସମ୍ମାନିତ ଅତିଥି ଭାବେ ପଦ୍ମପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା, ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା, ପାଇକମାଳ ବ୍ଲକ୍ କୃଷି ଅଧିକାରୀ ସୋମନାଥ ମହାପାତ୍ର, ଓଡିଶା ଜୀବିକା ମିଶନ ପରିଚାଳକ ସତ୍ୟ କୁମ୍ଭାର ଯୋଗଦେଇ ପାରମ୍ପରିକ ବିହନରେ ଚାଷ, ମାଟି ସୁରକ୍ଷା, ବିଷମୁକ୍ତ ଫସଲ ଆଦି ବିଷୟରେ ମତ ପୋଷଣ କରିଥିଲେ। ଉକ୍ତ ସଭାକୁ ମହାସଂଘର ସଭାପତି ସୁବାସ ଚନ୍ଦ୍ର ମହାନ୍ତି ଓ ସମ୍ପାଦିକା ଅପସନା ସାହୁ ପରିଚାଳନା କରିଥିଲେ। ହିମାଞ୍ଜଳୀ ଦାସ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ କୃଷି ଜନ୍ତ୍ରପାତି, ୪୨ ପ୍ରକାର ଦେଶି ବିହନ ଓ ଜୈବିକ ଖତସାର ସହିତ ବିଭିନ୍ନ ହାତ ତିଆରି ଜିନିଷ ପ୍ରଦର୍ଶିତ କରାଯିବା ସଙ୍ଗେ ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେସବ ଦନସନା, ବ୍ୟାସଦେବ ବାରିକ, ରେବତୀ ରାଉତ, ଫକୀର ରଣା, ଥବିର ଭୋଇ, ଦିଗେଶ କପାଟ, ରିତେସ ବଗର୍ତ୍ତୀ ପ୍ରମୁଖ ସହଯୋଗ କରିଥିଲେ। ଆଦିକନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




ଦେଶୀ ବିହନ, ଜୈବିକ ଖତସାର ବ୍ୟବହାର ନେଇ ପଦଯାତ୍ରା କରାଯାଇଛି।

# ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ

**୨୧୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ**

**ବରପାଲି, ୧୮।୧୨(ଚିତ୍ତରଞ୍ଜନ ସାହୁ)**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମମାଟି ବରପାଲିସ୍ଥିତ ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ଖେଳପଡିଆଠାରେ ୫୧ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ଜିଲାପାଳ ଆଦିତ୍ୟ ଗୋଏଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଜେପୁର ବିଧାୟକ ସନତ ଗଡତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପଦମପୁର ବିଧାୟିକା ବର୍ଷାରାଣୀ ସିଂ ବରିହା, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଆର୍‌ଡିସି ବିକାଶ ପ୍ରଧାନ, ଏଡିଏମ ମହେନ୍ଦ୍ର ମହାପାତ୍ର, ପୂର୍ବତନ ଡିଇଓ ସୁବୋଧ ଦାଶ, ଜିଲା ଶିକ୍ଷାଅଧିକାରୀ ରାଧାକାନ୍ତ ଛତ୍ରୀ, ସହ ଜିଲା ଶିକ୍ଷାଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଧିରୋଜ୍ ପଟ୍ଟନାୟକ, ଡିଆଇଇଟି ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶାଶ୍ୱତୀ ଦାଶ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କର ଅଭିଭାଷଣରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ତରଫରୁ ନିଆଯିବାକୁ ଥିବା ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବିଭିନ୍ନ ବର୍ଗର ଶିକ୍ଷକଙ୍କ ସମସ୍ୟା ସମାଧାନ ଅତିଶୀଘ୍ର କରାଯିବା ପାଇଁ ସୂଚନା ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରର ବ୍ୟାଣ୍ଡ ଗ୍ରୁପ୍ ସ୍ୱାଗତ କରି ମଞ୍ଚ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ପ୍ରଥମେ ମା' ସମଲେଶ୍ୱରୀ, ଶ୍ରୀଜଗନ୍ନାଥ ଓ ଏ ମାଟିର ବରପୁତ୍ର ସ୍ୱଭାବକବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଓ ଜିଲା ବିଜ୍ଞାନ ନିରୀକ୍ଷକଙ୍କ ଉଦ୍ଦେଶ୍ୟ ଜ୍ଞାପନ ତଥା ଏହାର ଆଭିମୁଖ୍ୟ ସମ୍ବନ୍ଧରେ ଉଦ୍‌ବୋଧନ ଦେବା ପରେ ସ୍ୱଭାବ କବିଙ୍କ କାଳଜୟୀ କବିତା 'ବିଶ୍ୱ ଦେଖ ମଧୁମୟରେ ଜୀବନ' ସାମୂହିକ ଭାବରେ ଗାନ କରାଯାଇଥିଲା। ଭେଡେନ ବ୍ଲକ ଗର୍ଭଣା ପ୍ରାଥମିକ ବିଦ୍ୟାଳୟର କୁନି ଛାତ୍ରମାନେ ପରିବେଶ ସୁରକ୍ଷା ଓ ସମୟାନୁବର୍ତ୍ତିତା ଉପରେ ଚିତ୍ତାକର୍ଷକ ପାଲା ପରିବେଷଣ କରିଥିଲେ। ସଭାକୁ ସଂଯୋଜନା କରିଥିଲେ ରାଜେଶ ଖମାରୀ ଓ ଦ୍ୱାଦଶ ପ୍ରଧାନ। ଶେଷରେ ଏସ୍‌ସିଇଆରଟିର ସହ ନିର୍ଦ୍ଦେଶିକା ପ୍ରଲିପ୍ତା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରେ ମନ୍ତ୍ରୀଙ୍କ ଦ୍ୱାରା ରକେଟ ଉତ୍‌କ୍ଷେପଣ କରାଯାଇଥିଲା। ଏହା ଜିଲା ବିଜ୍ଞାନ କେନ୍ଦ୍ରର ଦାୟିତ୍ୱରେ ଥିବା ଗୋପୀନାଥ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାପିତ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦର୍ଶନୀ ଷ୍ଟଲ୍‌ରେ ଫିତାକଟାଯାଇ ବିଜ୍ଞାନ ମେଳାର ଶୁଭାରମ୍ଭ କରାଯାଇଥିଲା। ଏହି ପ୍ରଦର୍ଶନୀରେ ସମୁଦାୟ ୨୧୦ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହେଉଛି, ଯାହା ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।




ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ସକାଳେ ପଳାଇଥିଲେ, ଅପରାହ୍ନରେ ଉଦ୍ଧାର

**ବଲାଙ୍ଗୀରରୁ ଉଦ୍ଧାର ଛାତ୍ର ଆବାସିକ ବିଦ୍ୟାଳୟକୁ ହସ୍ତାନ୍ତର**

ତରଭା, ୧୮।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଞ୍ଚଳର ଏକ ସରକାରୀ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟ ହଷ୍ଟେଲରୁ ବୁଧବାର ପାହାନ୍ତାରୁ ୧୦ଜଣ ଛାତ୍ର କୁଆଡେ ପଳାଇଥିଲେ। ହଷ୍ଟେଲରୁ ବାହାରି ସେମାନେ ଚାରଭଟା ତରଭା ରାସ୍ତାରେ ଚାଲି ଚାଲି କୁମ୍ଭାରମୁଣ୍ଡା ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ବଲାଙ୍ଗୀର ଯାଉଥିବା ଏକ ଘରୋଇ ବସ୍‌ରେ ଦଶ ଜଣରୁ ନଅ ଜଣ ଯାଇଥିବା ବେଳେ ଜଣେ ସେହି ଅଞ୍ଚଳର ତାଙ୍କ ସମ୍ପର୍କୀୟଙ୍କ ଘରେ ରହିଯାଇଥିବା ଜଣା ପଡିଥିଲା। କମସରା ଫାଣ୍ଡି ପୋଲିସ ଖବର ପାଇ ସମ୍ପୃକ୍ତ ବସ୍‌ର ପିଛା କରିଥିଲେ। ବଲାଙ୍ଗୀର ଟାଉନ ଥାନା ସହ ଯୋଗାଯୋଗ କରି ସମ୍ପୃକ୍ତ ଛାତ୍ରମାନଙ୍କୁ ବଲାଙ୍ଗୀରରୁ ଉଦ୍ଧାର କରି କମଶରା ଫାଣ୍ଡିକୁ ଆଣିଥିଲେ। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଫାଣ୍ଡି ଅଧିକାରୀ ଗଜାନନ ବେହେରାଙ୍କଠାରୁ ଉଦ୍ଧାର ଛାତ୍ରଙ୍କୁ ହଷ୍ଟେଲ ନେଇଥିଲେ। ତେବେ କେଉଁ କାରଣରୁ ପିଲା ହଷ୍ଟେଲରୁ ପଳାଇଥିଲେ ତାହା ଜଣାପଡିନାହିଁ। ଘଟଣାର ତଦନ୍ତ ଜାରି ରହିଥିବା ତରଭା ବିଡିଓ ଗଙ୍ଗାରାମ ବୁଡେକ, ଡବ୍ଲୁଇଓ ସାଲଖାନ ମାଝୀ କହିଛନ୍ତି। ଏନେଇ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ମହିଳା ଚାଷୀ।

# ମହୁଲରୁ ପ୍ରସ୍ତୁତ ହେବ ପୁଷ୍ଟିଯୁକ୍ତ ଖାଦ୍ୟ ପଦାର୍ଥ

**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଅଭିନବ ପ୍ରୟାସ**

ସୁନ୍ଦରଗଡ,୧୮।୧୨(ଜୟ ନାରାୟଣ ମେଣ୍ଡୁଲି)

ବଣ, ପାହାଡ ଏବଂ ଖଣିଜ ସମ୍ପଦରେ ଭରା ଆଦିବାସୀ ବହୁଳ ଜିଲା ହେଉଛି ସୁନ୍ଦରଗଡ଼। ଏହି ଜିଲାର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ପରିବାରଙ୍କ ମୁଖ୍ୟ ଜୀବିକା ହେଉଛି କୃଷି। ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀମାନେ ବନଜାତ ଦ୍ରବ୍ୟ ସଂଗ୍ରହକରି ନିଜର ଜୀବିକା ନିର୍ବାହ କରିଥାନ୍ତି। ଉପଲବ୍ଧ ବନଜାତ ଦ୍ରବ୍ୟର ସିଂହ ଭାଗ ହେଉଛି ମହୁଲ ଫୁଲ। ଏହାକୁ ସଂଗ୍ରହକରି ନିଜର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ସ୍ୱଳ୍ପ ମୂଲ୍ୟରେ କୁଚିଆ ବେପାରୀମାନଙ୍କୁ ଗ୍ରାମବାସୀମାନେ ବିକ୍ରୟ କରିଥାନ୍ତି। ପରବର୍ତ୍ତୀ ଅବସ୍ଥାରେ ବେପାରୀମାନେ ଏହାକୁ ନେଇ ଦେଶୀ ମଦ ଭାଟି ମାଲିକମାନଙ୍କୁ ବିକ୍ରୀକରି ଅର୍ଥ ଉପାର୍ଜନ କରନ୍ତି। ଏଥିରୁ ଉତ୍ପାଦିତ ମାଦକ ଦ୍ରବ୍ୟକୁ ବ୍ୟବହାରକରି ବିଭିନ୍ନ ସମୟରେ ଜୀବନ ହାନି ଘଟିବା ସହିତ କେତେକ ପରିବାର ସର୍ବସ୍ୱ ହରାଇ ବସିଥାନ୍ତି। ଏଥିରୁ ଦୂରେଇ ରହିବା ପାଇଁ ବନସୁରକ୍ଷା ସମିତିର ସଦସ୍ୟ ଏବଂ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତରୀୟ ଜନପ୍ରତିନିଧିମାନଙ୍କ ନିକଟରୁ ପ୍ରାପ୍ତ ପ୍ରସ୍ତାବକୁ ଆଧାରକରି ସୁନ୍ଦରଗଡ ବନଖଣ୍ଡର ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ଉଦ୍ୟମରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ୟ ପର୍ଯ୍ୟାୟ ଅଧୀନରେ କାର୍ଯ୍ୟରତ ଉଜ୍ଜଳପୁର, ଲେଫ୍ରିପଡା, ହେମଗିରି, ସୁନ୍ଦରଗଡ ଏବଂ ବଡଗାଁ ବନାଞ୍ଚଳର ସମୁଦାୟ ୧୫୬ଟି ବନସୁରକ୍ଷା ସମିତିର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀ ଏବଂ ଅତି ଗରିବ ପରିବାରର ୯୬୦ ଜଣ ସଦସ୍ୟାଙ୍କୁ ନେଇ ମହୁଲ ଫୁଲରୁ ବିଭିନ୍ନ ପୁଷ୍ଟି ଯୁକ୍ତ ଖାଦ୍ୟ ପ୍ରସ୍ତୁତ ପାଇଁ ତାଲିମ ଶିବିର ଆୟୋଜିତ ହୋଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଂଶଗ୍ରହଣକାରୀମାନେ ଉକ୍ତ ସାମଗ୍ରୀ ଗୁଡିକୁ ପ୍ରସ୍ତୁତ କରି ନିଜ ପରିବାରରେ ବ୍ୟବହାର କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସ୍ୱଳ୍ପ ବିନିଯୋଗ କରି ଅଧିକ ଲାଭ ପାଇବା ନିମନ୍ତେ ଏହା ଏକ ପ୍ରକୃଷ୍ଟ ରୋଜଗାର ଭିତ୍ତିକ ପନ୍ଥା ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପଧାନ, ସହକାରୀ ବନ ସଂରକ୍ଷକ ରାଜ କୁମାର ସେଠୀ, ବନାଞ୍ଚଳ ଅଧିକାରୀ ଉଜ୍ଜଳପୁର ଦେବଦତ୍ତ ନନ୍ଦ, ବନାଞ୍ଚଳ ଅଧିକାରୀ ବଡଗାଁ ପ୍ରଦୀପ ଭୁତିଆ, ବନାଞ୍ଚଳ ଅଧିକାରୀ ଲେଫ୍ରିପଡା ଅଶ୍ୱିନ କୁମାର ପଟେଲ, ବନାଞ୍ଚଳ ଅଧିକାରୀ ହେମଗିରି ପ୍ରକାଶ କୁମାର ନାଏକ ଏବଂ ବନାଞ୍ଚଳ ଅଧିକାରୀ ସୁନ୍ଦରଗଡ ସଦର ଉମାଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ସଭ୍ୟ ସମ୍ପାଦକ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ୟ ପର୍ଯ୍ୟାୟର ଖଣ୍ଡୀୟ ପରିଚାଳନା ଏକକ ଓ କ୍ଷେତ୍ର ପରିଚାଳନା ଏକକର ସମସ୍ତ କର୍ମକର୍ତ୍ତା ଏବଂ ସହଭାଗୀ ବେଶରକାରୀ ସଂସ୍ଥା ସେବକର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ବଡ଼ଗାଁ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ବଡ଼ଗାଁ,୧୮।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ବନଜା ରାଣୀ ଷଡ଼ଙ୍ଗୀଙ୍କ ପୌରହିତରେ ଅନୁଷ୍ଠିତ ଏହି ଉତ୍ସବକୁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟିତ କରିଥିଲେ। ଉତ୍ସବରେ ମୁଖ୍ୟ ବକ୍ତାଭାବେ ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା ଯୋଗଦେଇଥିଲେ। ଅଧ୍ୟାପକ ହେମନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ସଂଯୋଜକ ତାପସ କ୍ରୀଡା ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷା ବନଜା ରାଣୀ ଷଡ଼ଙ୍ଗୀ କ୍ରୀଡାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କ୍ରୀଡା ଉତ୍କର୍ଷତା ପାଇଁ ଆମ ଜିଲାର ଅବଦାନ ଉପରେ କହିଥିଲେ। ମୁଖ୍ୟ ବକ୍ତା ଆଇଆଇସି ଆଶିଷ କୁମାର ଜେନା ଛାତ୍ରୀଛାତ୍ରମାନଙ୍କୁ କୋଠାର ନିଷ୍ଠା ଓ ଅନୁଶାସନ ଦେଇ କ୍ରୀଡାର ଅବଦାନ ଏବଂ ଏହା ଛାତ୍ରଙ୍କ ଚରିତ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ପ୍ରଧାନ କ୍ରୀଡା ପ୍ରବୃତ୍ତିକୁ ଅଧିକ ଚରିତାର୍ଥ କରିବା ପାଇଁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମାଳବିକା ସାମଲ, ଅଧ୍ୟାପକ ସୁଶାନ୍ତ କୁମାର ବିଶି, ଲକ୍ଷ୍ମୀକାନ୍ତ ସାହୁ, କର୍ମଚାରୀ ଝରଣା ସାହୁ, ଲୋକନାଥ ବେହେରା, ଉତ୍ତମ ପଣ୍ଡାଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଶେଷରେ କ୍ରୀଡା ଶିକ୍ଷକ ଜିତେନ୍ଦ୍ର ବୁଢ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।


କ୍ରୀଡା ଉତ୍ସବରେ ଯୋଗଦେଇଥିବା ଅତିଥି।

## ଟାଙ୍ଗରପାଲି ଏନ୍‌ଏମ୍ କଲେଜରେ ଆଇନ ସଚେତନତା ଶିବିର

ସୁନ୍ଦରଗଡ,୧୮।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ବୁଧବାର ଟାଙ୍ଗରପାଲି ଏନଏମ କଲେଜରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧୀକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଶିଖାରାଣୀ ରଥଙ୍କ ତତ୍ତ୍ୱାବଧାନରେରେ ଆୟୋଜିତ ଏହି ଶିବିରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଭିଡିଓ କନଫରେନ୍ସିଂ ନିୟମ-୨୦୨୦, ସିଭିଲ ପଦ୍ଧତି ଏଡିଆର ନିୟମ -୨୦୦୭ ଏବଂ ମଧ୍ୟସ୍ଥତା ନିୟମ, କର୍ମ କ୍ଷେତ୍ରରେ ଯୌନ ଉତ୍ପୀଡନ ରୋକିବା ଆକ୍ଟ(ପୋସ ଆକ୍ଟ) ଉପରେ ସଚେତନ କରାଯାଇଥିଲା। ଏହି ଶିବିରରେ ଜିଲା ଆଇନସେବା ପ୍ରାଧୀକରଣର ସଚିବ ଡ. ରୀନତି ମିଶ୍ର, ସାମାଜିକ କର୍ମୀ ସ୍ନେହଲତା ପଟେଲ, ନ୍ୟାୟ ରକ୍ଷକ କମଳ ଲୋଚନ ସେନ,ଏନଏମ କଲେଜର ଅଧ୍ୟକ୍ଷ ରଶ୍ମି ରଞ୍ଜନ ପଟ୍ଟନାୟକ, ସଦର ଥାନା ଆଇଆଇସି ସସ୍ମିତା ଦେବତା, ନିଉଟନ କଲେଜର ଅଧ୍ୟକ୍ଷ ଏସ ବଡପଣ୍ଡାଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା,ଅଧ୍ୟାପକ,କର୍ମଚାରୀ ତଥା ଛାତ୍ରୀଛାତ୍ର ମାନେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାଧୀକରଣର ସଚିବ ଡ. ରୀନତି ମିଶ୍ର କର୍ମ କ୍ଷେତ୍ରରେ ଯୌନ ଉତ୍ପୀଡନ ରୋକିବା ନିମନ୍ତେ ଥିବା ଆଇନ ବ୍ୟବସ୍ଥା ତଥା ଆକ୍ଟିଭ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସହିତ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସମସ୍ତେ ଏହି ନିୟମ ବିଷୟରେ ଜାଣିବା ଆବଶ୍ୟକ ବୋଲି କହିଥିଲେ। ଏଥିସହିତ ଓଡିଶା ଉଚ୍ଚ ନ୍ୟାୟାଳୟ ଭିଡିଓ କନଫରେନ୍ସିଂ-୨୦୨୦,ଏଡିଆର ନିୟମ-୨୦୦୭ ଓ ମଧ୍ୟସ୍ଥତା ନିୟମିତ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଶେଷରେ ଏମଏମ କଲେଜ ଅଧ୍ୟକ୍ଷ ରଶ୍ମିରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀ।



ବୀରମିତ୍ରପୁର ଟାଉନ ହଲରେ ବ୍ଲକ ଓ ପୌରାଞ୍ଚଳରେ ହୋଇଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଉପବାଚସ୍ପତି ଭବାନୀଶଙ୍କର ଭୋଇ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଉପବାଚସ୍ପତି

କୁଆଁରମୁଣ୍ଡା,୧୮।୧୨(ମହେନ୍ଦ୍ର କୁମାର ସାହୁ)

ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇ ବୁଧବାର କୁଆଁରମୁଣ୍ଡା ବ୍ଲକ ସମେତ ବୀରମିତ୍ରପୁର ପୌରାଞ୍ଚଳର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉପବାଚସ୍ପତି ଭୋଇଙ୍କ ସହ ଏହି ସମୀକ୍ଷା ବୈଠକରେ ବୀରମିତ୍ରପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଶଙ୍କର ଓରାମ ମଞ୍ଚାସୀନ ରହି କୁଆଁରମୁଣ୍ଡା ବ୍ଲକ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଗ୍ରାମ୍ୟ ପାନୀୟ ଜଳ ବିଭାଗର ଅଧିକାରୀଙ୍କ ଠାରୁ ସେମାନଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ବିଷୟରେ ପଚାରିବା ବୁଝିବା ସହ ଠିକଭାବେ କାର୍ଯ୍ୟ କରିବାକୁ ତାଗିଦ୍ କରିଥିଲେ। ଅନୁରୂପଭାବେ ବୀରମିତ୍ରପୁର ମ୍ୟୁନିସିପାଲଟି ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀମାନଙ୍କ ଠାରୁ ପୂର୍ବତନ ବିଧାୟକ ଓରାମ ପଚାରି ବୁଝିବା ସହ ଠିକଭାବେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଆମ ସରକାରଙ୍କ ଦ୍ୱାରା ପ୍ରାଥମିକ ସ୍କୁଲର ରୂପାନ୍ତରଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକ କିଭଳି ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଠିକଭାବେ ହୋଇପାରିବ ସେ ନେଇ ଉପବାଚସ୍ପତି ଭୋଇ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ପାନପୋଷ ଉପଜିଲାପାଳ ବିଜୟ ନାୟକ ମଧ ଉପସ୍ଥିତ ଥିଲେ। ସମୀକ୍ଷା କାର୍ଯ୍ୟକ୍ରମ ପୂର୍ବରୁ ଉପବାଚସ୍ପତି ଭୋଇ,ପୂର୍ବତନ ବିଧାୟକ ଶଙ୍କର ଓରାମ ଓ ଅନ୍ୟମାନେ ବୀରମିତ୍ରପୁର ବସ୍ ଷ୍ଟାଣ୍ଡ ନିକଟରେ ଥିବା ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ବୀରମିତ୍ରପୁରରେ ସମୀକ୍ଷା ପରେ ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ସହ ପୂର୍ବତନ ବିଧାୟକ ଶଙ୍କର ଓରାମ ନୂଆଗାଁ ବ୍ଲକ ଯାଇ ସେଠାରେ ମଧ୍ୟ ଅନୁରୂପ ସମୀକ୍ଷା କରିଛନ୍ତି।

## ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସୁନ୍ଦରଗଡ,୧୮।୧୩(ଜୟନ୍ତୀ ନାରାୟଣ ମେଣ୍ଡୁଲି)

ଦର୍ଲିପାଲି ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗତ ୧୭ ଓ ୧୮ତାରିଖ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୩୨୫ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ ଦର୍ଲିପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ନଳିନୀ କୁମୁରା ଓ ବିଦ୍ୟାଳୟର ଆଲୁମୁନି ସଭ୍ୟାସଭ୍ୟ ଯୋଗଦେଇ ଖେଳ କୁଦ ଉପଯୋଗୀତା ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ। ଉଦଯାପନୀ ସମାରୋହରେ ଗ୍ରାମର ସମାଜସେବୀ ତଥା ଆଲୁମୁନି ସଭ୍ୟ ସୁନୀଲ ପଟେଲ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଦୌଡ କୁଦ ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାର ପରିଚାଳନା ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ନାୟକ ଓ ଖେଳ ଶିକ୍ଷକ ଆଲୋକ ପଟେଲଙ୍କ ଦ୍ୱାରା କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ସୁନ୍ଦରଗଡ଼ ନାଟ୍ୟ ଜଗତର କିମ୍ବଦନ୍ତୀ ପୁରୁଷ ପ୍ରଦୀପଙ୍କ ପୁଣ୍ୟତିଥି ଦିବସ

ସୁନ୍ଦରଗଡ,୧୮।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ର କଳା, ସଂସ୍କୃତି ଓ ନାଟକ ଜଗତର କିମ୍ବଦନ୍ତୀ ପୁରୁଷ ତଥା ପ୍ରଖ୍ୟାତ ନାଟ୍ୟ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ପୁଣ୍ୟତିଥି ବୁଧବାର ପାଳିତ ହୋଇଯାଇଛି। ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଭୋଳଙ୍କ ସ୍ମୃତି ଚାରଣ କରାଯାଇ ସୁନ୍ଦରଗଡ କଳା, ସଂସ୍କୃତି ଓ ନାଟକ ଦିଗରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ସେ ଥିଲେ ଏକାଧାରରେ ଓଡ଼ିଶାର ଜଣେ ସୁନାମଧନ୍ୟ ଲେଖକ, ପ୍ରଯୋଜକ, ନିର୍ଦ୍ଦେଶକ ଓ ନାଟ୍ୟକାର। ତାଙ୍କ ରଚିତ ଅନେକ ନାଟକ ଆଜି ମଧ ଲୋକଙ୍କ ଦେହରେ ଏକ ଅପୂର୍ବ ଶିହରଣ ସୃଷ୍ଟିକରେ। ତାଙ୍କ ଅବର୍ତ୍ତମାନରେ ମଧ ତାଙ୍କ କାଳଜୟୀ ସୃଜନା ଅନେକ ସ୍ଥାନରେ ମଞ୍ଚସ୍ଥ ହୋଇ ଅନେକ ପ୍ରଶଂସା ସାଉଁଟିଛି। ସ୍ୱର୍ଗତ ଭୋଳଙ୍କ ରଚିତ ଓ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର "ଚିନି" ଓଡ଼ିଶାର ପୁରପଲ୍ଲୀରେ ଆଦୃତ ହୋଇଥିଲା। "ମାଉ", କାଉଁର, ମାମୁଁ ପରି ଅନେକ ନାଟକ ପାଇଁ ସେ ସବୁଦିନେ ମନେ ରହିବେ ବୋଲି ତାଙ୍କ ସହଯୋଗୀମାନେ ପ୍ରକାଶ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସୁନ୍ଦରଗଡର ଅନ୍ୟତମ ପୁରାତନ ସାଂସ୍କୃତିକ ସଂସ୍ଥା ନବଜୀବନର ସଭାପତି ପ୍ରଭାତ କୁମାର ଭୋଳ ଅଧ୍ୟକ୍ଷତା କରି ସ୍ୱର୍ଗତ ଭୋଳଙ୍କ ଅବଦାନକୁ ସ୍ମରଣ କରିଥିଲେ। ସ୍ୱର୍ଗତ ଭୋଳଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ତଥା ପୁଷ୍ପପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ସୁମନ ଅର୍ପଣ କରିଥିଲେ। ଉକ୍ତ ସ୍ମୃତି ସଭାରେ ନବଜୀବନ ସଭାପତି ପ୍ରଭାତ ଭୋଳ, ଦେବେନ ଅମାତ, ରୀତା ସାହୁ, ଲକ୍ଷିପ୍ରୀୟା ପତି, ଇଚ୍ଛାରାଣୀ ସାହୁ, ସଚିନ ସାହୁ, ରାଜକିଶୋର ମହାରଣା, ଗୁଣନିଧି ମହାନ୍ତି, ମନୋଜ ମହାରଣା, ବିଜୟ ମହାରଣା, ଶ୍ୟାମ ନନ୍ଦନ ସହାୟ, କିଶୋର ରଥ, ଅଶ୍ୱିନୀ ପଟେଲ, ରୋନକ ପଟେଲ, ଆଶିଷ ଦେ, ଲିଜାରାଣୀ ସାହୁ, ଜୟଦେବ ପାତ୍ର, ଗୋପକୃଷ୍ଣ ନାଏକ, କୁମୁଦ ପଣ୍ଡା ଓ ପ୍ରଭାସ ଭୋଳ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଭୋଳଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ସ୍ମୃତିରେ ବସନ୍ତ ମହୋତ୍ସବ ଆସନ୍ତା ଫେବୃଆରୀ ଦ୍ୱିତୀୟ ସପ୍ତାହରେ ୩ ଦିନ ଧରି ଅନୁଷ୍ଠିତ ହେବ। ଯେଉଁଥିରେ ପ୍ରତିଦିନ ୨ଟି ନାଟକ ଅନୁଷ୍ଠିତ ହେବ ତଥା ଏହି ମହୋତ୍ସବରେ ରାଜ୍ୟରେ ବିଭିନ୍ନ ସ୍ଥାନରୁ ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକ ଅଂଶଗ୍ରହଣ କରିବେ ବୋଲି ନବଜୀବନ ସଭାପତି ଭୋଳ ପ୍ରକାଶ କରିଛନ୍ତି।


ଶୋକସଭାରେ ଅତିଥିଙ୍କ ସହ ଅନ୍ୟମାନେ।

## ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


କ୍ରୀଡା ଉତ୍ସବରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

ସୁନ୍ଦରଗଡ,୧୮।୧୨(ଜୟ ନାରାୟଣ ମେଣ୍ଡୁଲି)

ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗୀତା ସୋମବାର ଓ ମଙ୍ଗଳବାର ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦିବସରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରି କ୍ରୀଡାର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡା ନିରୀକ୍ଷକ ଚନ୍ଦ୍ରଶେଖର ସାହୁ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କୁ କ୍ରୀଡା ପ୍ରତି ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିବସରେ ବରିଷ୍ଠ ନାଗରିକ ତଥା ପଞ୍ଚଶିକ୍ଷା ସେତୁର ସଭାପତି ବେଣୁମାଧବ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା ବିଭାଗର ଅବସରପ୍ରାପ୍ତ ଜିଲା କ୍ରୀଡା ନିରୀକ୍ଷକ ସଂଯୁକ୍ତା ବହିଦାର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ସଂଯୁକ୍ତା ବହିଦାରଙ୍କ ଲିଖିତ ପୁସ୍ତକ "ଦିବ୍ୟ ଆନୁଭୂତି"ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତା ପରିଚାଳନାରେ କ୍ରୀଡା ଶିକ୍ଷକ ସୁନୀଲ ଭୋଇ,ଆକାଶ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ପରିଚାଳିତ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ଯୁବତୀ ମୃତ

ରାଜଗାଙ୍ଗପୁର,୧୮।୧୨(ଅଶୋକ ପାଣି):

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧିନ ଜଗଦ୍ଧାତ୍ରୀ ମନ୍ଦିର ନିକଟରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଯୁବତୀ ହେଲେ ବିଶ୍ରା ବ୍ଲକ ଭାଲୁଲତା ଗ୍ରାମର ରଶ୍ମି ଓରାମ(୨୦)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଅନୁଯାୟୀ, ରଶ୍ମି ନିଜ ବନ୍ଧୁଙ୍କ ସହ ବାଇକ ଯୋଗେ ମନ୍ଦିରା ଡ୍ୟାମରୁ ଘରକୁ ଫେରୁଥିବା ବେଳେ ଏକ ଟ୍ରକ ସହ ଦୁର୍ଘଟଣା ଘଟିଥିଲା। ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଜିଲା ଲଘୁ ଉଦ୍ୟୋଗ ଆସୋସିଏଶନର ନୂତନ କର୍ମକର୍ତ୍ତା




ଝାରସୁଗୁଡ଼ା,୧୮।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଘୁ ଉଦ୍ୟୋଗ ଆସୋସିଏଶନର ନୂତନ କର୍ମକର୍ତ୍ତା ଆସନ୍ତା ୨୦୨୫-୨୭ ବର୍ଷ ପାଇଁ ସ୍ଥାନୀୟ ହୋଟେଲଠାରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବିକାଶ କୁମାର ସୁଲତାନିଆ, ଉପସଭାପତି ଭାବେ ଆଶିଷ ବନ୍ଧନ, ସାଧାରଣ ସମ୍ପାଦକ ଭାବେ ରବି ଲୋକଚାନ୍ଦିନୀ, କୋଷାଧ୍ୟକ୍ଷ ଭାବେ ମୋହନ ମୁରକା, ଯୁଗ୍ମ ସମ୍ପାଦକ ଭାବେ ନିମିଷ ସିଂଘାଣିଆ, ଉପଦେଷ୍ଟା ଭାବେ ଚନ୍ଦ୍ରମଣି ମିଶ୍ର, ଏଚ୍.ସି. ଗୁପ୍ତା, ବିଜୟ ପଟେଲ, ରାଜ ହୋରା ମନୋନୀତ ହୋଇଛନ୍ତି। ସଭାପତି ଭାବେ ମନୋନୀତ ହେବା ପରେ ବିକାଶ କୁମାର ସୁଲତାନିଆ କହିଛନ୍ତି ଯେ, ଝାରସୁଗୁଡ଼ାରେ ବଡ଼ବଡ଼ ଉଦ୍ୟୋଗ ରହିଥିବା ବେଳେ ଆମେ ଅନେକ ଛୋଟ ଉଦ୍ୟୋଗ କରି ଜିଲଶର ବେକାରୀ ସମସ୍ୟା ଦୂର କରିବା ସହିତ ଜିଲାର ଅର୍ଥନୈତିକ ଉନ୍ନତି ପାଇଁ ପ୍ରୟାସ ଜାରି ରଖିବୁ ବୋଲି କହିଛନ୍ତି।

### ହାତୀ ଚଲାପଥ ପାଇଁ ରାସ୍ତା ନିର୍ମାଣକୁ ବିରୋଧ

ଝାରସୁଗୁଡ଼ା,୧୮।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଦଳକୀ ପଞ୍ଚାୟତ କୁମୁଡାପାଲିଠାରେ ସ୍ଥାନୀୟ ଲୋକେ ହାତୀଙ୍କ ଚାଲପଥ ପାଇଁ ରାସ୍ତା ନିର୍ମାଣ କାମକୁ ବିରୋଧ କରିଛନ୍ତି। ହାତୀ କରିଡରରେ ରାସ୍ତା ନିର୍ମାଣ ହେଲେ ସେହି ରାସ୍ତା ଦେଇ ବିଭିନ୍ନ କମ୍ପାନୀର ଭାରୀଯାନ ଚଳାଚଳ କରିବା ସହ ହାତୀମାନେ ରାସ୍ତା ପରିବର୍ତ୍ତନ କରି ଗାଁରେ ପଶି ବିଭିନ୍ନ କ୍ଷତି କରିବେ ବୋଲି କହି କୁମୁଡାପାଲି ଗ୍ରାମବାସୀ ଜିଲାପାଳଙ୍କଠାରେ ରାସ୍ତା ନିର୍ମାଣ ବନ୍ଦ କରିବାକୁ ବୁଧବାର ପୂର୍ବାହ୍ନ ୧୧ଟାରେ ଭେଟି ଦାବି କରିଛନ୍ତି। ତୁରନ୍ତ ରାସ୍ତା କାମ ବନ୍ଦ ନ କଲେ ଜିଲାପାଳ ଅଫିସ ଆଗରେ ଧାରଣା ଦେବୁ ବୋଲି ଗ୍ରାମବାସୀ କହିଛନ୍ତି।

# ଏଫ୍ଏକ୍ୟୁ ମାନ ଧାନ, କଟ୍‌ନିଛଟ୍‌ନି ନେଇ ଚିନ୍ତାରେ ଚାଷୀ

ଝାରସୁଗୁଡ଼ା,୧୮।୧୨(ଆଶିଷ ରଞ୍ଜନ ଦାଶ)



ସମାସିଂହା ପାକ୍ସରୁ ଧାନ ନ ଉଠି ପଡ଼ିଛି।

- ଏଯାଏ ମଣ୍ଡିରୁ ଉଠିନାହିଁ ପ୍ୟାକେଟ ଧାନ
- ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଜୋର୍‌ଦାର

ଝାରସୁଗୁଡା ଜିଲାର ଚାଷୀମାନେ ଚଳିତ ଖରିଫରେ ଧାନ କିଣାରେ ଏଫ୍ଏକ୍ୟୁ ମାନ ଓ କଟନିଛଟନି ନେଇ ଚିନ୍ତାରେ ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ମଣ୍ଡିରୁ ଗୋଟିଏ ପ୍ୟାକେଟ ଧାନ ଉଠି ପାରିନାହିଁ। ଜିଲାର ସରବାହାଲ, କୋଲାବିରା, ସମାସିଂହା, ସାହସପୁର, ବାବୁଚିଢ଼ିହି, ଲଇକେରା, କିର୍ମିରା ଆଦି ପାକ୍ସରେ ଶହ ଶହ କୁଇଣ୍ଟାଲ ଧାନ ପଡ଼ିଛି। କିନ୍ତୁ ଏଫ୍ଏକ୍ୟୁ ମାନ ପୂରଣ ନ କରୁଥିବା କହିବା ସହିତ କୁଇଣ୍ଟାଲ ପ୍ରତି ୫ କେଜି ଧାନ କାଟିବା ପାଇଁ କୁହାଯାଉଛି। ଏଭଳି ସ୍ଥିତିରେ ଚାଷୀମାନେ ମଣ୍ଡି ଧାନ ଆଣିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା ବେଳେ ଟୋକନ ମଧ୍ୟ ଲାପ୍ସ ହେବାର ଆଶଙ୍କା ଦେଖାଦେଲାଣି। ଏଭଳି ପରିସ୍ଥିତି ଦେଖି ଅଣ୍ଡର ରେଟରେ ଧାନ କିଣିବା ପାଇଁ ଦଲାଲମାନେ ମଧ୍ୟ ସକ୍ରିୟ ହେବାକୁ ବସିଲେଣି। ବୁଧବାର ସମାସିଂହା ପକ୍ସରେ ବଳରାମ ପଟେଲ ୬୦ କୁଇଣ୍ଟାଲ ୯୭କେଜି, ଭାଗବତ ସାହୁ ୩୨କୁଇଣ୍ଟାଲ ୬୩ କେଜି ଧାନ, ଭୋଗରାପାଲି ପାକ୍ସରେ କୁଳମଣି କିଷାନ ୩୬ କୁଇଣ୍ଟାଲ, ଲଳିନ୍ଦ୍ର ଠାକୁର ୧୭କୁଇଣ୍ଟାଲ ୬୮ କେଜି ଧାନ ପକାଇଛନ୍ତି। ହେଲେ ଧାନ କିଣାକୁ ନେଇ ଚିନ୍ତାରେ ଅଛନ୍ତି। ବୁଧବାର ଜିଲାର ଚାଷୀ ସଙ୍ଗଠନ ଜିଲାପାଳଙ୍କୁ ଭେଟି ସମସ୍ୟା ସମାଧାନ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ ବୋଲି କହିଛନ୍ତି। ଫଳରେ ଜିଲାପାଳ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସମସ୍ୟା ସମାଧାନ କରିବାକୁ ଆଶ୍ୱାସନା ଦେଇଛନ୍ତି। ଜିଲାର ଚାଷୀ ସଙ୍ଗଠନର ହେମନ୍ତ ସାଗର କୁମୁରା କହିଛନ୍ତି ଯେ, ଗୁରୁବାର ଧାନକିଣା ଛୁଟି ଥିବାରୁ ଶୁକ୍ରବାର ଧାନକିଣା ସମସ୍ୟା ସମାଧାନ ନ ହେଲେ ଜିଲାବ୍ୟାପି ଚାଷୀ ଆନ୍ଦୋଳନକୁ ଜୋରଦାର କରିବା ସହିତ ରାଜରାସ୍ତାକୁ ଓହ୍ଲାଇ ସରକାର ବିରୋଧରେ ପ୍ରତିବାଦ କରାଯିବ ବୋଲି କହିଛନ୍ତି।

# ବୁଲ୍‌ଗେରିଆରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ହେବେ

ଦେବଗଡ଼,୧୮।୧୨(ଶଶାଙ୍କ ଶେଖର ଝାଙ୍କର)

**ଦେବଗଡ଼ ଜିଲାର ଆଇଏଫ୍ଏସ୍ ଅଫିସର ଅରୁଣ କୁମାର ସାହୁ**



ବୁଲ୍‌ଗେରିଆରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହେବେ ଓଡ଼ିଆ ପୁଅ ଅରୁଣ କୁମାର ସାହୁ। ବୁଲ୍‌ଗେରିଆରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ଅରୁଣ କୁମାର ସାହୁ ନିଯୁକ୍ତ ହୋଇଥିବା ନେଇ ବୁଧବାର ବୈଦେଶିକ ବର୍ହିବିଭାଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ୟୁରୋପ ମହାଦେଶର ଦକ୍ଷିଣ-ପୂର୍ବରେ ଅବସ୍ଥିତ ଏକ ପ୍ରମୁଖ ଦେଶ ହେଉଛି ବୁଲ୍‌ଗେରିଆ। ଦେବଗଡ଼ ଜିଲା ପାଲୁଣିପଡ଼ା(କଂସର)ଗ୍ରାମରେ ଜନ୍ମଲାଭ କରିଥିବା ଅରୁଣଙ୍କୁ ଏହି ସଫଳତା ମିଳିବା ପରେ ଜିଲାରେ ଖୁସି ଦେଖାଦେଇଛି। ଅରୁଣ ହେଉଛନ୍ତି ୧୯୯୬ ବ୍ୟାଚ୍‌ର ଭାରତୀୟ ବର୍ହିବିଭାଗ ସେବା(ଆଇଏଫ୍ଏସ୍) ସେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାର ସହ ନିଜର କାର୍ଯ୍ୟ ସମ୍ପାଦନ କରିଆସିଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ ଅରୁଣ ସମ୍ପ୍ରତି କାର୍ଯ୍ୟରତ ଅଛନ୍ତି। ଖୁବଶୀଘ୍ର ସେ ବୁଲ୍‌ଗେରିଆ ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆନୁଷ୍ଠାନିକ ଭାବେ ସୂଚନା ମିଳିଛି।

# ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼,୧୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡସ୍ଥିତ ଐତିହ୍ୟ ସମ୍ପନ୍ନ ତଥା ଶତାୟୁ ଶିକ୍ଷାନୁଷ୍ଠାନ ରାଜା ବାସୁଦେବ ହାଇସ୍କୁଲ ଖେଳ ପଡ଼ିଆଠାରେ ମଙ୍ଗଳବାଠାରୁ ଆରମ୍ଭ ହୋଇଥିବା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ଓ ବିଜ୍ଞାନ ଶିକ୍ଷକ ପଞ୍ଚାନନ ବ୍ରହ୍ମାଙ୍କ ସଂଯୋଜନାରେ ଆୟୋଜିତ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ, ବରିଷ୍ଠ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପ୍ରଧାନ ଓ ସତ୍ୟରଞ୍ଜନ ସାହୁ ଏବଂ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ରାମକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ରୀଡା ଧ୍ୱଜା ଅବତରଣ ଓ କ୍ରୀଡା ମଶାଲ ନିର୍ବାପନ ପୂର୍ବକ ଉତ୍ସବ ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ କରାଯାଇଥିଲା। ଶେଷରେ ଅନୁଷ୍ଠାନ ଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କ୍ରୀଡ଼ା ଉତ୍ସବ ପୂର୍ବତନ କ୍ରୀଡ଼ା ଶିକ୍ଷକ ବାତ୍ସଲ୍ୟ ବିଶ୍ୱାଳଙ୍କ ତ୍ୱାବଧାନରେ ଏହି କ୍ରୀଡା ଉତ୍ସବକୁ କ୍ରୀଡା ଶିକ୍ଷକ ପିଣ୍ଟୁ କୁମାର ବେହେରା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

### ୨୩ରେ ଚାର୍ଜଶିଟ ଦାଖଲ କରିବ ଭିଜିଲାନ୍ସ

**ମଶାତେଲ ଦୁର୍ନୀତି ଘଟଣା**

ଝାରସୁଗୁଡ଼ା,୧୮।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ମ୍ୟୁନିସିପାଲିଟିରେ ମଶାତେଲ କିଣା ଦୁର୍ନୀତିରେ ସମ୍ପୃକ୍ତ ଥିବା ୩ ଅଧିକାରୀଙ୍କୁ ନିଲମ୍ବନ କରିବା ପାଇଁ ଭିଜିଲାନ୍ସ ବିଭାଗ ସମ୍ବଲପୁର ଭିଜିଲାନ୍ସ କୋର୍ଟରେ ଆଗାମୀ ୨୩ରେ ଚାର୍ଜଶିଟ ଦାଖଲ କରିବ। ଚାର୍ଜସିଟ ଦାଖଲ ହେଲା ପରେ ସମ୍ପୃକ୍ତ ୩ ଜଣଙ୍କୁ ନିଲମ୍ବନ କରାଯିବ। ଝାରସୁଗୁଡ଼ା ମ୍ୟୁନିସିପାଲିଟିରେ ଦୁର୍ନୀତି ହୋଇଥିବା ୬୧ ଲକ୍ଷ ୪୪ ହଜାର ୬୦୦ ଟଙ୍କା ପାଇଁ ମ୍ୟୁନିସିପାଲିଟିର ପୂର୍ବତନ ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡି, ପରିମଳ ନିରୀକ୍ଷକ ବିକାଶ ପଶାୟତ, ପରିମଳ ବିଶେଷଜ୍ଞ ବିଶ୍ୱରଞ୍ଜନ ସାହୁଙ୍କୁ କିଛି ଦିନ ତଳେ ଝାରସୁଗୁଡା ଭିଜିଲାନ୍ସ ବିଭାଗ ଗିରଫ କରିଥିଲା। ତଥ୍ୟ ଅନୁଯାୟୀ ମ୍ୟୁନିସିପାଲଟିର ଆକାଉଟାଣ୍ଟ ଅଚ୍ୟୁତାନନ୍ଦ ସ୍ୱାଇଁଙ୍କୁ ମଧ୍ୟ ଭିଜିଲାନ୍ସ ବିଭାଗ ଜେରା କରିଛି। ଭିଜିଲାନ୍ସର ଭୟରେ ମ୍ୟୁନିସିପାଲିଟିର କିଛି ବଡ଼ ଅଧିକାରୀମାନେ ମଧ୍ୟ ଆସନ୍ନ ଗିରଫଦାରି ଭୟରେ ଆଗୁଆ ଜାମିନ ପାଇଁ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

# ପୋଲିସ ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର



ଝାରସୁଗୁଡ଼ା,୧୮।୧୨(ଆଶିଷ ରଞ୍ଜନ ଦାଶ)

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

ଝାରସୁଗୁଡ଼ା ସହରସ୍ଥିତ ବିଟିଏମ୍ ଛକ ନିକଟରେ ବୁଧବାର ଅପରାହ୍ନ ୫ଟାରେ ପୋଲିସ ଗାଡ଼ି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବୃଦ୍ଧ ଜଣଙ୍କ ହେଲେ ସ୍ଥାନୀୟ ବିଟିଏମ୍ ଅଞ୍ଚଳର ମୁନୁ ଓରାମ (୬୦)। ମୁନୁଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଅତ୍ୟନ୍ତ ଶଙ୍କଟ ହେବାରୁ ତୁରନ୍ତ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଯେ, ସ୍ଥାନୀୟ ବିଟିଏମ୍ ଅଞ୍ଚଳର ମୁନୁ ଜିନିଷ କିଣିବାକୁ ବଜାରକୁ ଆସୁଥିଲେ। ଏହି ସମୟରେ ସଦର ଥାନାର ଏକ ପୋଲିସ ଗାଡି(ନଂ.ଓଡି୦୫ଟି-୬୫୨୩) ବିଟିଏମ ଛକଠାରେ ମୁନଙ୍କୁ ପଛପଟେ ଧକ୍କା ଦେଇଥିଲା। ଫଳରେ ମୁନୁ ତଳେ କଚାଡି ପଡି ଯାଇଥିଲେ। ତାଙ୍କ ମୁଣ୍ଡ ପଛପଟେ ଏବଂ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ଲୋକେ ପୋଲିସ ଗାଡି ଅଟକାଇବା ପାଇଁ ଚେଷ୍ଟା କରୁଥିବା ବେଳେ ଡ୍ରାଇଭର ଦ୍ରୁତ ଗତିରେ ଚଳାଇ ଫେରାର ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ ପୋଲିସ ବିରୋଧରେ ନାରାବାଜି ଦେଇ ଝାରସୁଗୁଡା ସହରର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସଦର ଥାନା ଆଇଆଇସି ସନ୍ଧ୍ୟାରାଣୀ ଗୋଛାୟତ ଗୁରୁତର ମୁନୁଙ୍କ ପରିବାରକୁ ସମସ୍ତ ପ୍ରକାର ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଲୋକେ ରାସ୍ତା ଅବରୋଧରୁ ଉଠିଥିଲେ। ଗାଡି ଚଳାଉଥିବା ଡ୍ରାଇଭରଙ୍କୁ ସଦର ଥାନାରେ ଅଟକ ରଖାଯାଇଛି।

# ସୁଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ

ଦେବଗଡ଼,୧୮।୧୨(ଶଶାଙ୍କ ଶେଖର ଝାଙ୍କର)




କୃତୀ ଛାତ୍ରୀଛାତ୍ର ଏବଂ ଅତିଥି।

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡ଼ାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତାଙ୍କ ସଭାପତିତ୍ୱ ତଥା ଇଂଲିଶ ଅଧାପିକା ଦେବଜାନୀ କରଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ବରିଷ୍ଠ ଖବରଦାତା ସିଦ୍ଧାର୍ଥ ଗୁରୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ, ଅନୁଷ୍ଠାନ ପ୍ରତିଷ୍ଠାତା ସଦସ୍ୟ ଡମ୍ବରୁଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ସାହେବ ସାହୁ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଅଧାପିକା ସୁବ୍ରତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ରୀଡ଼ା ଧ୍ୱଜ ଅବତରଣ କରାଯିବା ସହ କ୍ରୀଡ଼ା ମଶାଲ ନିର୍ବାପନ କରାଯାଇଥିଲା। ଶେଷରେ ଅନୁଷ୍ଠାନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଉତ୍ସବ କ୍ରୀଡ଼ା ଶିକ୍ଷକ କାଶୀନାଥ ଶବର ପରିଚାଳନା କରିଥିବା ବେଳେ ପୁରସ୍କାର ବିତରଣି କାର୍ଯ୍ୟକ୍ରମ ଅନୁଷ୍ଠାନ ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

### ଗୌଡ଼ସୁଗୁଡ଼ା ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଦେବଗଡ଼,୧୮।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୌଡ଼ସୁଗୁଡ଼ା ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ଦେହୁରୀଙ୍କ ସଭାପତିତ୍ୱରେ ବାର୍ଷିକ କ୍ରୀଡ଼ା ଉତ୍ସବ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟକତୀ ଶିକ୍ଷକ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ ଯୋଗଦେଇ ଶିକ୍ଷା ସହ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ଦୟାନିଧି ସାହୁ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସମ୍ମାନିତ ଅତିଥି ଓ ସଭାପତି ସାର୍ଟିଫିକେଟ ପୁରସ୍କାର ପ୍ରଦାନ କରିଥିଲେ। ୨୦୨୩-୨୪ ମସିହାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା କିରନକାନ୍ତ ବେହେରା ଓ ରାଜ୍ୟ ସୁରଭି ଉତ୍ସବ-୨୦୨୪ରେ ସୃଜନଶୀଳ ଲିଖନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୁମାରୀ ପ୍ରିୟଦର୍ଶିନୀ ସାହୁଙ୍କୁ ମାନପତ୍ର ସହ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଦୟାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାୟୁସେନାରେ ନିଯୁକ୍ତି ପାଇଁ ପରାମର୍ଶ, ସଚେତନତା ଶିବିର

ଦେବଗଡ଼,୧୮।୧୨(ଶଶାଙ୍କ ଶେଖର ଝାଙ୍କର)




କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଉଛି।

ଜିଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଦେବଗଡ଼ ଏବଂ ନବମ ଏଆର ମ୍ୟାନ୍ ସର୍ଭିସ୍ ସେଣ୍ଟର ଭୁବନେଶ୍ୱରର ମିଳିତ ଉଦ୍ୟମରେ ଗତ ମଙ୍ଗଳବାର ଭାରତୀୟ ବାୟୁ ସେନାରେ ନିଯୁକ୍ତି ନିମନ୍ତେ ପରାମର୍ଶ ଏବଂ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର କାର୍ଯ୍ୟାଳୟରୁ ସର୍ଜଣ୍ଟ ଦିପେଶ ପାଲ୍ ଓ କର୍ପୋଲ୍ ଅବିଶ ଏମ ଭି ପ୍ରମୁଖ ଯୋଗଦେଇ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ କଲେଜ ଏବଂ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ବାୟୁ ସେନାରେ ବିଭିନ୍ନ ସୁଯୋଗ, ଯୋଗ୍ୟତା ମାନଦଣ୍ଡ ଏବଂ ଆବଶ୍ୟକ ପରୀକ୍ଷା ବିଷୟରେ ସଚେତନ କରିଥିଲେ। ବିଭିନ୍ନ ଅନୁଷ୍ଠାନରେ ଭଗବାନ ସାହୁ ଅଧ୍ୟକ୍ଷ କେନ୍ଦ୍ରୀୟ ବିଦ୍ୟାଳୟ, ଡ଼. ସୁଦାମ କୁମାର ପରିଡ଼ା ଅଧ୍ୟକ୍ଷ ଦେବଗଡ଼ ମହାବିଦ୍ୟାଳୟ ଏବଂ ବିଭୁରଞ୍ଜନ ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ ତଥା ଅଧ୍ୟକ୍ଷ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରମୁଖ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ ଏବଂ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ସୃଷ୍ଟି ଅବିନାଶ ପୁରୀ ଏହାର ଉଦ୍ଦେଶ୍ୟ ଜଣେଇବା ସହ ପିଲାଙ୍କୁ ନିଜ ପାଇଁ ଏକ ଉତ୍ତମ ବୃତ୍ତି ଚୟନ ନିମନ୍ତେ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା ଏବଂ କୃତୀ ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜିଲାରେ ପିଲାମାନଙ୍କୁ ପ୍ରତିରକ୍ଷା କ୍ଷେତ୍ରରେ ବିଭିନ୍ନ ସୁଯୋଗ ବିଷୟରେ ସଚେତନ କରି ନିଯୁକ୍ତିର ଏକ ପନ୍ଥା ଦେବା ସହ ଦେଶ ସେବାରେ ନିଯୁକ୍ତ ହେବା ନିମନ୍ତେ ଛାତ୍ରୀଛାତ୍ରମାନଙ୍କୁ ସହଯୋଗ କରିବାରେ ଜିଲା ଦକ୍ଷତା ବିକାଶ ମିଶନର ଏହା ଏକ ଅଭିନ୍ନ ପ୍ରୟାସ।

# କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଦେବଗଡ଼,୧୮।୧୨(ଶଶାଙ୍କ ଶେଖର ଝାଙ୍କର)




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଂସର ଗ୍ରାମପଞ୍ଚାୟତ ସଦର ମହକୁମାସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ୬୪ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବଙ୍କ ତତ୍ତ୍ୱାବଧାନ ଓ ଜିଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତିଲେଇବଣିର ପକଳ୍ପ ପ୍ରଶାସିକା ସନ୍ଧ୍ୟାରାଣୀ ମାଝି, ସମ୍ମାନିତ ଅତିଥି ଭାବେ କଂସର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ଚିତରଞ୍ଜନ ସାହୁ ଓ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଯୋଗଦେଇ ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତୀରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଂସ୍କୃତ ଶିକ୍ଷକ ନବୀନ କୁମାର ନନ୍ଦ ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁନୀତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ରୋହିତ କୁମାର ସାହୁ, ଗୌରାଙ୍ଗ ବିଶ୍ୱାଳ, ରାଜୀବ ମହାପାତ୍ର, ଉଦ୍ଧବ ପ୍ରଧାନ, ଶିକ୍ଷୟିତ୍ରୀ ମଥୁରା ବେହେରା, ସ୍ମିତା ଦାଶ, ଜୟଶ୍ରୀ ଦେବତା ଓ ଦିପ୍ତୀବାଳା ପଟ୍ଟାଙ୍କ ସମେତ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

# 'କଟ୍‌ନି ଛଟ୍‌ନି ନ କରି ଧାନ ଉଠାଅ'

ବଲାଙ୍ଗୀର,୧୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଚାଷୀଙ୍କ ଧାନ କଟ୍‌ନି ଛଟ୍‌ନି କରିବାକୁ ରାଜ୍ୟ ସରକାର କହୁଥିଲେ ମଧ୍ୟ ମଣ୍ଡିରେ ଠିକ୍ ଓଲଟା କଥା ଦେଖିବାକୁ ମିଳୁଛି। ଚାଷୀଙ୍କ ଧାନ କଟନି ଛଟନି ନ କଲେ ସେମାନଙ୍କ ଧାନ ମଣ୍ଡିରୁ ଉଠାଯିବ ନାହିଁ ବୋଲି ଯୋଗାଣ ବିଭାଗ, ପ୍ୟାକ୍ସ ଅଧିକାରୀ ଓ ମିଲର୍ସମାନେ ଏକରକମ ଯୋଜନା କରିଛନ୍ତି। ଫଳରେ ବଲାଙ୍ଗୀର ଜିଲାରେ ଧାନକିଣା ଅଚଳାବସ୍ଥା ଲାଗି ରହିଛି। ଜିଲାର ବଲାଙ୍ଗୀର ଓ ଦେଓଗାଁ ବ୍ଲକରେ ଧାନକିଣା ସୁଚାରୁ ରୂପେ ସମ୍ପାଦନ ହେଉନାହିଁ। ଚାଷୀଙ୍କ ଧାନ ପ୍ରତି କୁଇଣ୍ଟାଲ ବସ୍ତାରୁ ପ୍ରାୟ ୫ କେଜି କଟନି ଛଟନି କରିବାକୁ ଚାପ ପକାଯାଉଛି। ପଲିଥିନ ବସ୍ତାରେ ଧାନ ଦେଲେ ନେଉନାହାନ୍ତି। ଅଖା ବସ୍ତାରେ ଧାନ ନିଆଯିବ ବୋଲି କହି ଅଯଥା ଚାଷୀଙ୍କୁ ହଇରାଣ କରାଯାଉଛି। ମଣ୍ଡିଗୁଡିକରେ ଅଚଳାବସ୍ଥା ଲାଗି ରହିଥିଲେ ମଧ୍ୟ ଯୋଗାଣ ବିଭାଗ ଓ ସମବାୟ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ବୁଧବାର ବହୁ ଚାଷୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ଜିଲାପାଳଙ୍କୁ ଭେଟି ତୁରନ୍ତ ଏହାର ସମାଧାନ କରି ଚାଷୀଙ୍କ ଧାନ ଉଠାଣ ଏବଂ ଉଚିତ୍ ପ୍ରାପ୍ୟ ପ୍ରଦାନ କରିବାକୁ ଦାବି କରିଥିଲେ। ଏହା ଶୀଘ୍ର କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଚାଷୀ ଓ ବିଜେଡି ତରଫରୁ ବଡଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ପ୍ରକାଶ ଯେ, ଅପରାହ୍ଣ ପ୍ରାୟ ୪ଟା ସମୟରେ ବଲାଙ୍ଗୀର ଓ ଦେଓଗାଁ ବ୍ଲକର ବହୁ ଚାଷୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାନ ବିକ୍ରିରେ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଶିବତଲା ଗ୍ରାମ ପଞ୍ଚାୟତର ଚାଷୀ ଛବିଳ କୁମାର ଭୋଇ କହିଥିଲେ, ୫ କେଜି କଟନି ଛଟନି ନ ହେଲେ ଚାଷୀଙ୍କ ଧାନ ଉଠିବ ନାହିଁ ବୋଲି ମିଲର୍ସ କହୁଛନ୍ତି। ଏହି କାରଣରୁ ଚାଷୀମାନେ ଧାନ ବିକ୍ରି କରିପାରୁନାହାନ୍ତି। ଚାଷୀ ଧାନ ବିକ୍ରି କରି ନ ପାରି ଅଡୁଆ ସ୍ଥିତିରେ ପଡିଛି। ଶ୍ରମିକଙ୍କ ମଜୁରି ଦେଇପାରୁନାହିଁ। ଜିଲାପାଳଙ୍କୁ ଏହି ସମସ୍ୟା କହିବା ପରେ ଗୁରୁବାରଠାରୁ ପ୍ରଶାସନିକ ଅଧିକାରୀମାନେ ମଣ୍ଡିକୁ ଯାଇ ସ୍ଥିତି ଯାଞ୍ଚ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଇଥିଲେ। ପୁଇଁତଲା ବ୍ଲକ ଛତାପିପଲ ଗାଁର ଚାଷୀ ଗୌରୀ ଶଙ୍କର ଖମାରୀ କହିଥିଲେ, ରାଜ୍ୟ ସରକାର ବିନା କଟନି ଛଟନିରେ ଧାନ କିଣା ଯିବ ବୋଲି କହିଛନ୍ତି। ମାତ୍ର ମଣ୍ଡିରେ ଚାଷୀଙ୍କ ଧାନ ଉଠାଯାଉନାହିଁ। ଫଳରେ ଆଜି ପର୍ଯ୍ୟନ୍ତ ଚାଷୀ ଧାନବିକ୍ରି କରି ନ ପାରି ଅଡୁଆ ସ୍ଥିତିରେ ପଡିଛି। ପଲିଥିନ ବସ୍ତା କଥା ଉଠାଯାଉଛି। ତୁରନ୍ତ ଚାଷୀଙ୍କ ଧାନ କିଣାଯାଉ ବୋଲି କହିଥିଲେ। ପ୍ୟାକ୍ସ ସଭାପତି ତଥା ବିଜେଡି ନେତା ଗୋଲାପ ବାଗ ସାଂଘାତିକ କଥା ଉଠାଇଥିଲେ। ଚାଷୀଙ୍କ ଧାନରୁ ୫ କେଜି କଟନି ଛଟନି କରାଯାଉଛି। ଯେଉଁ ଚାଷୀ ରାଜି ହେଉଛି ତା'ର ଧାନ ଉଠାଯାଉଛି ଏବଂ ଯିଏ ରାଜି ନ ହେଲା ତାର ଧାନ ଉଠାଯାଉନାହିଁ। ଖାଲି ଏତିକି ନୁହେଁ ଜିଲାର ଅନ୍ୟ ସ୍ଥାନରେ ଯେଭଳି ଚାଷୀଙ୍କ ଧାନ କଟନି ଛଟନି କରି ଉଠାଯିବ ସେଥିପାଇଁ ବାର୍ତ୍ତା ଦେବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି। ତୁରନ୍ତ ଧାନ କଟନି ଛଟନି ବନ୍ଦ କରାଯାଉ ବୋଲି ସେ କହିଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ସୁଶୀଳ କୁମାର ଚାନ୍ଦ, ପ୍ରଦ୍ୟୁମ୍ନ ହୋତା ଓ ବିଭିନ୍ନ ଗ୍ରାମର ଚାଷୀ ପ୍ରତିନିଧି ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

**ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ ପ୍ରଦର୍ଶନ**

# ବିଫ୍ରାତ ଜୋଏଲଙ୍କୁ ଲିଟିଲ ମିସ୍ ଇଣ୍ଡିଆ ଟାଇଟଲ



ଟାଇଟଲ ବିଜେତା ବିଫ୍ରାତ।

ଲୋଇସିଂହା,୧୮।୧୨(ସୁଶାନ୍ତ ବାରିକ)

ଗତ ୧୫ ତାରିଖରେ ମହାରାଷ୍ଟ୍ରର ପୁଣେସ୍ଥିତ ଏଲପ୍ରୋ ସିଟି ସ୍କୋୟାରରେ ଗ୍ଲୋବାଲ ମଡେଲ ଇଣ୍ଡିଆ ତରଫରୁ ଆୟୋଜିତ ହୋଇଥିବା ଲିଟିଲ ମିସ୍ ଇଣ୍ଡିଆ ଜାତୀୟ ମଡେଲିଂ ପ୍ରତିଯୋଗିତାରେ ବଲାଙ୍ଗୀରର କୁନି ଝିଅ ଚମକିଛନ୍ତି। ସେ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଜଡାମୁଣ୍ଡାର ୮ବର୍ଷର ଝିଅ ବିଫ୍ରାତ ଜୋଏଲ। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟର ୩୦ ଜଣ ପ୍ରତିଯୋଗୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ସେ ଏହି ଟାଇଟଲ ହାସଲ କରିଛନ୍ତି। ଏହି ଅବସରରେ ତାଙ୍କୁ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ୨୦୨୫ ମାର୍ଚ୍ଚ ୨୯ରେ ନେପାଳରେ ଅନୁଷ୍ଠିତ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବିଫ୍ରାତ ଭାରତରୁ ପ୍ରତିନିଧିତ୍ୱ କରିବେ ବୋଲି ତାଙ୍କ ଅଭିଭାବକ ଜଣାଇଛନ୍ତି। ବିଫ୍ରାତଙ୍କ ଏହି ସଫଳତା ନେଇ ତାଙ୍କ ପରିବାର, ଲୋଇସିଂହା ଏବଂ ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ହାସଲ ପାଇଁ ଶୁଭମନାସି ଅଭିନନ୍ଦନ ଜଣାଉଛନ୍ତି । ପ୍ରକାଶ ଯେ, ଲୋଇସିଂହା ଜଡାମୁଣ୍ଡାର ମା' ବି. ନିବେଦିତା, ବାପା ଜୀବନ ଜ୍ୟୋତି ବାଗଙ୍କ ଏକମାତ୍ର ଝିଅ ହେଉଛନ୍ତି ବିଫ୍ରାତ । ସେ ଲୋଇସିଂହାର ଝାରମୁଣ୍ଡାସ୍ଥିତ ବେଥାନୀ କନ୍‌ଭେଣ୍ଟ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ରୀ। ତାଙ୍କ ମା' ବାପା ବଲାଙ୍ଗୀରରେ ଗ୍ଲୋବାଲ ଇଣ୍ଡିଆ ଲିଟିଲ ମିସ୍ ଇଣ୍ଡିଆ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ଜାଣିବାକୁ ପାଇଥିଲେ । ମଡେଲିଂ ପ୍ରତି ରୁଚି ରଖୁଥିବା ଝିଅଙ୍କୁ ଧରି ଅକ୍ଟୋବର ୭ ତାରିଖରେ ବଲାଙ୍ଗୀର ମଣ୍ଡେଶ୍ୱରୀ ପବ୍ଲିକ ସ୍କୁଲ ପ୍ରତିଯୋଗିତା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ବିଫ୍ରାତ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ । ନଭେମ୍ବର ୧୦ରେ ଭୁବନେଶ୍ୱରର ବାପୁଜୀନଗର ଏକ ଷ୍ଟୁଡିଓରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ୟୁଟ୍ୟୁବରୁ ସେ ମଡେଲିଂ ଶିକ୍ଷା ଲାଭ କରି ଏହି ସଫଳତା ହାସଲ କରିଥିବା ତାଙ୍କ ଅଭିଭାବକ କହିଛନ୍ତି। ବିଫ୍ରାତ ଟାଇଟଲ ହାସଲ କରି ବୁଧବାର ଲୋଇସିଂହାରେ ପହଞ୍ଚିଥିଲେ । ଲୋଇସିଂହା ବ୍ଲକ ଛକରେ ତାଙ୍କୁ ପରିବାର, ବନ୍ଧୁ ପରିଜନ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏପରି କି ଭଜନ, ସଂକୀର୍ତ୍ତନ କରି ତାଙ୍କୁ ଘରକୁ ପାଛୋଟି ନେବା ଦେଖିବାକୁ ମିଳିଥିଲା ।

## ସଂକ୍ଷେପରେ

### ଶବରୀ ନାରାୟଣ ମନ୍ଦିର ଭୂମି ପୂଜନ ଉତ୍ସବ

ଲୋଇସିଂହା,୧୮।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ସେମେଲମୁଣ୍ଡାରେ ଶବରୀ ସମାଜର ଆରାଧ୍ୟ ଦେବତା ଶବରୀ ନାରାୟଣ ମନ୍ଦିର ନିର୍ମାଣ ଲାଗି ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱାବସୁ ଶବର(ହରା) ସମାଜର ଲୋଇସିଂହା ଆଞ୍ଚଳିକ କେନ୍ଦ୍ର ଅଧୀନସ୍ଥ ଲୋଇସିଂହା, ସେମେଲମୁଣ୍ଡ, ବୁର୍ଡା, ହୀରାପୁର ଓ ବୁଦେଲ ବାହାଲି ଗ୍ରାମରୁ ସମାଜର ମହିଳା ପୁରୁଷ ଉତ୍ସବରେ ସାମିଲ ହୋଇଥିଲେ । ନିକଟସ୍ଥ କୁଶଙ୍ଗାଇ ନାଳରୁ ପୂର୍ଣ୍ଣ କଳସ ଆଣି ଗ୍ରାମ ପରିକ୍ରମା ପରେ ମନ୍ଦିର ନିର୍ମାଣ ସ୍ଥଳରେ ସ୍ଥାପନ କରାଯାଇଥିଲା। ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇ ମନ୍ଦିର ନିର୍ମାଣ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏଠାରେ ସତ୍ୟବାଦୀ ଭୋଇ, ପ୍ରସନ୍ନ ଭୋଇ ଓ ଜୟ ବେହେରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । କେନ୍ଦ୍ର ସମ୍ପାଦକ ପୃଥୀରାଜ ବୁଡେକ ସଂଯୋଜନା କରିଥିଲେ । ସଭାପତି ନାରାୟଣ ବର୍ଗେଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର କିପରି ଖୁବଶୀଘ୍ର ପୂର୍ଣ୍ଣାଙ୍ଗ ରୂପ ନେଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଓ ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ ।

### ଅଗ୍ରୱାଲ ମହାସଭାର ନୂତନ ସଭାପତି ଶମ୍ଭୁ ଗୋୟଲ

ଟିଟିଲାଗଡ଼,୧୮।୧୨(ଶରତ ମିଶ୍ର)

ଅଖିଳ ଭାରତୀୟ ଅଗ୍ରୱାଲ ମହାସଭା ଓଡ଼ିଶା ପ୍ରାନ୍ତର ପ୍ରାନ୍ତୀୟ ଅଧିବେଶନ ତଥା ଶପଥ ଗ୍ରହଣ ସମାରୋହ ସ୍ଥାନୀୟ ଏକ ରିସର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଅଗ୍ରସେନଙ୍କ ପୂଜାର୍ଚ୍ଚନା, ସାମୁହିକ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ତେରାପନ୍ଥ ମହିଳା ମଣ୍ଡଳ ଅଧ୍ୟକ୍ଷା ବବି ଜୈନ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଓଡିଶା ପ୍ରାନ୍ତର ନୂତନ ସଭାପତି ଭାବେ ଶମ୍ଭୁ ପ୍ରସାଦ ଗୋୟଲ, ରାଜ୍ୟ ମହାମନ୍ତ୍ରୀ ଭାବେ ଗୋପାଲକ୍ରିଷ୍ଣ ଜୈନ ତଥା ରାଜ୍ୟ କୋଷାଧ୍ୟକ୍ଷ ଭାବେ ବିଜୟ ଜୈନ ଦାୟିତ୍ୱ ଗ୍ରହଣ କରିବା ସହ ରାଷ୍ଟ୍ରୀୟ ପଦାଧିକାରୀଙ୍କ ଗହଣରେ ଶପଥ ଗ୍ରହଣ କରିଥିଲେ। ସଂଗଠନର ସଭ୍ୟା ଖୁସବୁ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଗ୍ରୱାଲ ମହାସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ ସତୀଶ ଅଗ୍ରୱାଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ, ସୋହନ ଅଗ୍ରୱାଲ, ପ୍ରାନ୍ତୀୟ ମହାମନ୍ତ୍ରୀ ଦିନେଶ ଅଗ୍ରୱାଲ, ପ୍ରାନ୍ତୀୟ ମହିଳା ମହାମନ୍ତ୍ରୀ ଅର୍ଚ୍ଚନା ଗୋୟଲ, ସୁନିଲ ଜୈନ, ରାଷ୍ଟ୍ରୀୟ ପ୍ରବକ୍ତା ଜଗଦୀଶ ଜୈନ ପ୍ରମୁଖ ସାମିଲ ହୋଇଥିଲେ। ଟିଟିଲାଗଡ଼ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ସଂଗଠନର ପଦାଧିକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ଛାତ୍ର ଜୀବନରୁ ମିଳିଥାଏ ଭବିଷ୍ୟତ ଜୀବନର ସୂଚନା

ଲାଠୋର,୧୮।୧୨(ଭୁବନେଶ୍ୱର ବାରିକ)



ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଞ୍ଚାୟତ ଡ଼ିଗ୍ରୀ କଲେଜର ୨୩ ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରସନ୍ନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରୁ ଭବିଷ୍ୟତ ଜୀବନର ସୂଚନା ମିଳିଥାଏ ବୋଲି କହିଥିଲେ । ଭଲ ପାଠ ପଢିବା ସହ ନିଜ ମା' ବାପା, ଗୁରୁଜନ ଏବଂ ପାରିପାର୍ଶ୍ୱିକ ପରିବେଶରୁ ସଂସ୍କାର ଶିକ୍ଷା ଲାଭ କରିବାର ନିହାତି ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସେହିପରି କଣ୍ଟାବାଞ୍ଜି କେଭି ଡ଼ିଗ୍ରୀ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଡ. ସଞ୍ଜୟ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦର୍ଶ ଛାତ୍ର ଭାବେ ନିଜକୁ ଗଢି ତୋଳିବା ପାଇଁ ସଂକଳ୍ପ ନେବାକୁ କହିଥିଲେ। ଅନ୍ୟ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ଘାସିରାମ ଅଗ୍ରୱାଲ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଦାଶ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇ ଉତ୍ସବ ଆରମ୍ଭ ହୋଇଥିଲା। ଶିକ୍ଷାଠାରୁ ଆରମ୍ଭ କରି କ୍ରୀଡ଼ା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରୀଛାତ୍ରମାନଙ୍କୁ ଏହି ଅବସରରେ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ବିଭିନ୍ନ ସମ୍ବଲପୁରୀ ଗୀତ, ନୃତ୍ୟ ପରିବେଷଣ କରିବା ସହ ଢୋଲ, ଲିଶାନ, ତାସା ବଜାଇ ମଞ୍ଚ ଦୁଲକାଇ ଦେଇଥିଲେ। ଏହାଛଡା ଛାତ୍ରୀଛାତ୍ରମାନେ ଯୌତୁକକୁ ନେଇ ନାଟକ ପରିବେଷଣ କରିବା ସହ ସମାଜକୁ ବାର୍ତ୍ତା ଦେଇଥିଲେ। ଗ୍ରନ୍ଥାଗାରିକ ସଚ୍ଚିକାନ୍ତ ଦାସଙ୍କ ନିର୍ଦ୍ଦେଶନାରେ କୋରାପୁଟିଆ ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ଏଥିରେ ଛାତ୍ରୀ ଯୋଶବନ୍ତୀ ସୁନା, ପ୍ରଜ୍ଞା ପରିମିତା ମିଶ୍ର, ଅରୁଣି ନିଆଲ, ଶ୍ରାବଣୀ ସାହୁ, ପ୍ରିୟଙ୍କା ମେହେର, ହେନାବତୀ ଶବର, ସଂଗୀତା ମେହେର, ସ୍ନେହାମୟୀ ମେହେର ଏବଂ ଛାତ୍ର ସୁମନ୍ତ ନିଆଲ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନ ମୋହି ନେଇଥିଲେ। ପୂର୍ବତନ ଛାତ୍ରୀ ଜ୍ୟୋତିର୍ମୟୀ ବନଛୋର ସହଯୋଗ କରିଥିଲେ । ମଞ୍ଚ ପରିଚାଳନା ଅଧାପକ ଭଗବାନ ଦାସ କରିଥିବା ବେଳେ ଅଧାପିକା ମନ୍ଦାକିନୀ ପୋଢ ଧନ୍ୟବାଦ ଅର୍ପଣ କରିଥିଲେ।

**ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜର ବାର୍ଷିକୋତ୍ସବ**
■ମନ ମୋହିଲା ଆଦିବାସୀ ନୃତ୍ୟ

# ଜାନୁଆରୀ ୫ରୁ ମଠଖାଇ ମହୋତ୍ସବ


ମଠଖାଇ ମହୋତ୍ସବ ପ୍ରଚାର କମିଟି ବୈଠକରେ ମଞ୍ଚାସୀନ ସଦସ୍ୟ।

ବଲାଙ୍ଗୀର,୧୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ଜାନୁୟାରୀ ୫ରୁ ୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ୧୬ ତମ ସର୍ବଭାରତୀୟ ନାଟକ ସମାରୋହ ମଠଖାଇ ମହୋତ୍ସବ ଅନୁଷ୍ଠିତ ହେବ। ସ୍ଥାନୀୟ ମହାଲକ୍ଷ୍ମୀ ନଗରସ୍ଥିତ ସଂସ୍କୃତି ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ମଠଖାଇ ମହୋତ୍ସବ ପ୍ରଚାର କମିଟିର ବୈଠକରେ ଏହି ସୂଚନା ଦିଆଯାଇଛି। 'ଭୂମିକା'ର ବରିଷ୍ଠ ସଭ୍ୟ ବୀରେନ୍ଦ୍ର ବନ୍‌ଛୋରଙ୍କ ସଭାପତିତ୍ୱରେ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ପ୍ରଚାର କମିଟିର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୧୬ ତମ ମଠଖାଇ ମହୋତ୍ସବରେ ଦୁଇଟି କୋଶଲୀ ନାଟକ, ଦୁଇଟି ହିନ୍ଦୀ ନାଟକ ଓ ଗୋଟିଏ ଓଡ଼ିଆ ନାଟକ ମଞ୍ଚସ୍ଥ ହେବ। ଏହାସହିତ ୫ଟି ସାଂସ୍କୃତିକ ଦଳ ନିଜର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ବରିଷ୍ଠ ସଭ୍ୟ ଧର୍ମେନ୍ଦ୍ର ନନ୍ଦ ସୂଚନା ଦେଇଥିଲେ। ପ୍ରତ୍ୟେକ ଦିନ ଓଡ଼ିଶାର ବିଶିଷ୍ଟ ରାଜନେତା, ବିଶିଷ୍ଟ ବ୍ୟକ୍ତିବିଶେଷ, ଗଣମାଧ୍ୟମ ସମ୍ପାଦକ ତଥା ନାଟ୍ୟ କଳାକାର ଅତିଥି ଭାବେ ଯୋଗଦେବେ ବୋଲି ସୂଚନା ଦେଇଥିଲେ। ପ୍ରତିବର୍ଷ ପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୫ ଜଣ ବ୍ୟକ୍ତିଙ୍କୁ ଚଳିତବର୍ଷ ମଠଖାଇ ସମ୍ମାନ ପ୍ରଦାନ କରାଯିବ। ଏହି ମହୋତ୍ସବର ପ୍ରାରମ୍ଭିକ ଦିନ ସହରର ବିଭିନ୍ନ ସ୍ଥାନରେ ପଥ ମହୋତ୍ସବର ଆୟୋଜନ କରାହେବ ବୋଲି ମହୋତ୍ସବ ସାଂସ୍କୃତିକ କମିଟି ପକ୍ଷରୁ କୁହାଯାଇଛି। ପ୍ରଚାର କମିଟି ବୈଠକରେ ଭୂମିକା ତଥା ମଠଖାଇ ମହୋତ୍ସବର ବରିଷ୍ଠ ସଭ୍ୟ ରୁଦ୍ରଦେବ ପ୍ରଧାନ, ମହେନ୍ଦ୍ର ମଲ୍ଲିକ, ଶିରିଷ ହୋତା, ନୟନ ମହାନ୍ତି, ଶିବ ମେହେର, ଡା. ପ୍ରକାଶ ଦାଶ, ମୁକେଶ ବହିଦାର ମତାମତ ରଖିଥିଲେ । ଶେଷରେ ନୟନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଭାନପୁରରେ କରମା ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ଅତିଥି।

ଖପ୍ରାଖୋଲ,୧୮।୧୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଭାନପୁର ଗାଁରେ ଚାଲିଥିବା ବାର୍ଷିକ କରମା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଭଗବାନ ବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ମୁଖ୍ୟବକ୍ତା ଭାବେ ରାଜ୍ୟ ଉପସଭାପତି କଳାକାର ସଂଘ ଅମିଲ ପୁଟେଲ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କଳାକାର ହରିବୋଲ ପୋଡ଼, ଥବିର ଚରଣ ସାହୁ, ଜିଲା ସଂଯୋଜକ ମିନିକେତନ ପ୍ରଧାନ ଯୋଗ ଦେଇଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ମହୋତ୍ସବରେ ଭାଗ ନେଇଥିବା ବିଭିନ୍ନ କଳାକାରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଳା, ଲୋକକଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ କରମା ମହୋତ୍ସବ ଏକ ଉଦ୍ୟମ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

# ବିଦେଶୀ ମଦ ଜବତ, ୨ ଗିରଫ

ସଇଁତଲା,୧୮।୧୨(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଥାନା ଅନ୍ତର୍ଗତ ଆମ୍ବପାଲି ଗ୍ରାମ ନିକଟରୁ ୪୩.୨୭୫ ଲିଟର ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ପୋଲିସ ସଚିନ କୁମାର (୨୪) ଓ ଆୟୁଷ ସିଂ (୨୭) ଙ୍କୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲାଣ କରିଛି। ସଇଁତଲା ଥାନା ଅଧିକାରୀ ଶୁଶାନ୍ତ ବଡ଼େଇଙ୍କ ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ସଇଁତଲାରୁ ଆମ୍ବପାଲି ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଦୁଇ ଜଣ ଯୁବକ ପୋଲିସକୁ ଦେଖି ଦ୍ରୁତ ଗତିରେ ବାଇକ୍ ଚଳାଇ ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ ପୋଲିସ ଗୋଡ଼ାଇ ଧରିଥିଲା। ଯାଞ୍ଚ ହେବାରୁ ସେମାନେ ଏକ ଜରି ବସ୍ତାରେ ବିଦେଶୀ ମଦ ନେଉଥିବା ଜଣାପଡିଥିଲା।


ଗିରଫ ଦୁଇ ଯୁବକ ଓ ଜବତ ବିଦେଶୀ ମଦ ।

# ବିଭିନ୍ନ ଉନ୍ନୟନ କାମର ସଫଳ ରୂପାୟନ ଉପରେ ଗୁରୁତ୍ୱ

ଖପ୍ରାଖୋଲ,୧୮।୧୨(ଅଭୟ ତ୍ରିପାଠୀ)



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ବୁଧବାର ଅପରାହ୍ଣରେ ସ୍ଥାନୀୟ ବ୍ଲକ ସଭାଗୃହଠାରେ ବଲାଙ୍ଗୀର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ବ୍ଲକରେ ବିଭିନ୍ନ ଯୋଜନାରେ ଚାଲିଥିବା ଉନ୍ନୟନ କାମର ସମୀକ୍ଷା କରିଛନ୍ତି। ବ୍ଲକ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏ ପିଡି ପ୍ରଶାସନିକ ତରଣୀ ସୁନା, ଏ ପିଡି ଗ୍ରାମୀଣ ଆବାସ ଅନନ୍ୟା ଆଚାର୍ଯ୍ୟ, ପିଏମଆଇଟି କ୍ଷୀରୋଦ ମିଶ୍ର, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏମସି ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ମାଓବାଦୀ ପ୍ରଭାବିତ ଗାଁରେ କାର୍ଯ୍ୟକାରୀ ହେଉଥିବା ଗ୍ରାମୋଦୋୟ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମୀଣ ଆବାସ ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ବିଦ୍ୟାଳୟ କାର୍ଯ୍ୟକ୍ରମ ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଉନ୍ନୟନ କାମଗୁଡ଼ିକ କିଭଳି ସଫଳ ରୂପାୟନ ହୋଇପାରିବ ସେନେଇ ଉପସ୍ଥିତ ବିଭିନ୍ନ ବିଭାଗର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଏପିଓ ପ୍ରଶାନ୍ତ କୁମାର ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ଗ୍ରାମୀଣ ଆବାସ ବ୍ଲକ ସଂଯୋଜକ ଗୋବର୍ଦ୍ଧନ ବାଗ, ରାଜ କିଶୋର ନାଏକ ସମେତ ବ୍ଲକର କନିଷ୍ଠ ଯନ୍ତ୍ରୀ, ପିଇଓ,ଏଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

**ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମୀକ୍ଷା ବୈଠକ**

# ଧିମେଇ ଚାଲିଛି ଧାନ ସଂଗ୍ରହ

**ସୋନପୁର, ୧୮।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଧାନବିକ୍ରି ସମସ୍ୟା ଲାଗିରହିଛି। ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ୮ଦିନ ବିତିଛି। କିନ୍ତୁ ଆରମ୍ଭରୁ ଦେଖା ଦେଖାଯାଇଥିବା ସମସ୍ୟା ସମାଧାନ ହୋଇ ପାରିନାହିଁ। ଡୁଙ୍ଗୁରିପାଲି ଓ ବିନିକା ବ୍ଲକ ଭଳି ଜଳସେଚିତ ଅଞ୍ଚଳର ଅଧିକାଂଶ ମଣ୍ଡି ଖୋଲିନାହିଁ। କିନ୍ତୁ ମଣ୍ଡିରେ ଶତାଧିକ ବସ୍ତା ଧାନ ପଡି ରହିଛି। କେତେକ ସ୍ଥାନରେ ଚାଷୀଙ୍କୁ ଧାନ ଆଣିବାକୁ କ୍ରୟକାରୀ ସଂସ୍ଥା ମନା କରୁଛନ୍ତି। ସେହିଭଳି ଟାର୍ଗେଟ୍ ପାଇଥିବା ମିଲର୍ସ ମଣ୍ଡିକୁ ଟ୍ରକ୍ ପଠାଉ ନଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇ ପାରୁ ନ ଥିବା ପାକ୍ସ ଓ ଡବ୍ଲ୍ୟୁଏସ୍‌ଏଚ୍‌ଜି ପକ୍ଷରୁ ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଚାଷୀ ସଙ୍ଗଠନଗୁଡିକ ପକ୍ଷରୁ ଅଭିଯୋଗ କରାଯାଇଛି। ଗ୍ରେନ୍ ଏନାଲାଇଜର ମେଶିନ୍, ଟୋକନ କଟକଣା, ଗନିବ୍ୟାଗ୍(ବସ୍ତା) ଓ କଟ୍‌ନୀ ଛଟ୍‌ନୀ ସମସ୍ୟା ମଧ୍ୟ ଲାଗି ରହିଛି। ଜିଲାରେ ଧାନ ସଂଗ୍ରହ ଧିମେଇ ଚାଲିଥିବା କାରଣରୁ ଚାଷୀ ଅସନ୍ତୋଷ ବଢ଼ିଛି। ଏଭଳି ଅବ୍ୟବସ୍ଥା ଲାଗି ରହିଲେ ଆଗକୁ ଏକ ବଡ ଆନ୍ଦୋଳନ ମୁଣ୍ଡ ଟେକିବାର ଆଶଙ୍କା ପ୍ରକାଶ ପାଇଛି।

ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ଡୁଙ୍ଗୁରିପାଲି ବ୍ଲକର କେବଳ ଡୁଙ୍ଗୁରିପାଲି ଓ ସହଲା ପାକ୍ସରେ ଧାନ କିଣାଯାଇଛି। ବିନିକା ବ୍ଲକର ବିନିକା, ସିଲାଟି, ମେଘଲା, ମହଦା, ସିନ୍ଦୁରପୁର, କଇଁତରା, ଚରଦା, ଶଙ୍କରା ଓ ବାଉଁଶୁଣି ପାକ୍ସ ଏବଂ ମେଘଲାର ମା ବିଶ୍ୱଲକ୍ଷ୍ମୀ ଡବ୍ଲ୍ୟୁଏସ୍‌ଏଚ୍‌ଜି ଚାଷୀଙ୍କ ନିକଟରୁ ଧାନ କିଣିଛି। ଉଲୁଣ୍ଡା ବ୍ଲକର ଏସ୍ ପତ୍ରାପାଲି ଓ ବିଶିପଡା ପାକ୍ସ ପକ୍ଷରୁ ବୁଧବାର ଧାନ କିଣା ଶୁଭାରମ୍ଭ ହୋଇଛି। ଜିଲାର ମୋଟ ୯୪ ମଣ୍ଡିରୁ ମାତ୍ର ୧୪ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଛି। ୮୩ ଚାଷୀ ୪ହଜାର ୬୬୯କୁଇଣ୍ଟାଲ ୭୮କିଲୋ ଧାନ ବିକ୍ରି କରିଛନ୍ତି। ୮୦ ମଣ୍ଡିରେ ଧାନ କିଣା ଏପର୍ଯ୍ୟନ୍ତ ଆରମ୍ଭ ହୋଇନି। ଜିଲାର ୬୧ ପାକ୍ସ ଓ ୧୯ ଡବ୍ଲ୍ୟୁଏସ୍‌ଏଚ୍‌ଜି ଧାନକିଣା ଆରମ୍ଭ କରି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସାରସମାଲ ମାର୍କେଟ୍ ୟାର୍ଡରେ ୮୦୦ବସ୍ତା ଧାନ ପଡି ରହିଥିବା ବେଳେ ମିଲର୍ସ ଟ୍ରକ୍ ନପଠାଇବାରୁ ଧାନ ଉଠୁନି। ଅଣଜଳସେଚିତ ବୀରମହାରାଜପୁର, ସୋନପୁର ଓ ତରଭା ବ୍ଲକରେ ଧାନ ମଣ୍ଡି ଆଦୌ ଖୋଲିନି। ଜିଲା କୃଷକ ସଙ୍ଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ କହିଛନ୍ତି, ଚାଷୀମାନଙ୍କୁ ମିଳିଥିବା ଟୋକନରେ ଜମି ଅନୁପାତରେ ବିକ୍ରିଯୋଗ୍ୟ ଧାନ ପରିମାଣ ଯଥେଷ୍ଟ କମ୍ ରହିଛି। ଫଳରେ ଏହାକୁ ସଂଶୋଧନ କରାଯାଉ। ସବୁ ମଣ୍ଡିରେ ଗ୍ରେନ ଏନାଲାଇଜର ମେଶିନ ନଥିବାରୁ ଧାନର ଗୁଣମାନ ପରୀକ୍ଷା ପାଇଁ ମେଶିନ ବ୍ୟବହାରକୁ ଜିଲାରେ ବନ୍ଦ କରିବାକୁ ଚାଷୀମାନେ ଦାବି କରିଛନ୍ତି। ରାଜ୍ୟ ସରକାର ଚଳିତ ବର୍ଷ ବିନା କଟ୍‌ନି ଛଟ୍‌ନିରେ ଚାଷୀଙ୍କ ନିକଟରୁ ଧାନ କ୍ରୟ ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ମିଲର୍ସ ଓ କ୍ରୟକାରୀ ସଂସ୍ଥା ଧାନକ୍ରୟରେ ସହଯୋଗ କରୁନାହାନ୍ତି। ଟାର୍ଗେଟ୍ ପାଇ ଧାନ ସଂଗ୍ରହରେ ଅସହଯୋଗ କରୁଥିବା ମିଲର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ଭୟ କରୁଛି। ଗତବର୍ଷ ଏହି ସମୟରେ ୩ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ସରିଥିବା ବେଳେ ଚଳିତ ବର୍ଷର ମନ୍ଥରତାକୁ ନେଇ ଶତପଥୀ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ଜିଲା ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଛି। ଗୁରୁବାର ଜିଲାପାଳଙ୍କ ସହିତ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷେ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇ ନ ପାରିବା କାରଣରୁ ଜିଲାର ମିଲର୍ସଙ୍କ ଗୋଦାମରେ ୨ ରୁ ୩ ମାସ ମିଲିଂ ପାଇଁ ଧାନ ଗଚ୍ଛିତ ହୋଇରହିଛି। ସେମାନେ ଧାନ ସଂଗ୍ରହ ଅପେକ୍ଷା ଏଫ୍‌ସିଆଇକୁ ଚାଉଳ ଯୋଗାଣ କରିବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଧାନ ସଂଗ୍ରହ ପାଇଁ ମିଲର୍ସମାନେ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ପୂର୍ବରୁ ଚାଷୀଙ୍କ ଧାନକୁ ନନ୍ ଏଫ୍‌ଏକ୍ୟୁ ମାନର କହି ମିଲର୍ସ ମନଇଛା କଟ୍‌ନି ଛଟ୍‌ନି କରୁଥିଲେ। କୁଇଣ୍ଟାଲ ପ୍ରତି ୨ ରୁ ୩ କିଲୋ କଟ୍‌ନି ଛଟ୍‌ନି ହେଲେ ତାହା ଏଫ୍‌ଏକ୍ୟୁ ମାନର ହେଉଥିଲା। ଚଳିତବର୍ଷ ରାଜ୍ୟ ସରକାରଙ୍କ କଟକଣା ଯୋଗୁ ଧାନ ସଂଗ୍ରହ ଧିମେଇ ଯାଇଥିବା ସାଧାରଣରେ ଆଲୋଚନା ହେଉଛି।


ଡୁଙ୍ଗୁରିପାଲି ବ୍ଲକର ଏକ ମଣ୍ଡିରେ ଚାଷୀଙ୍କ ଧାନ ପଡିରହିଛି।

**■ ୮୩ ଚାଷୀ ବିକିଛନ୍ତି ୪୬୬୯ କୁଇଣ୍ଟାଲ**

**■ ୮୦ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇନି**

## ବୀରମହାରାଜପୁର କଲେଜର ବାର୍ଷିକ କ୍ରୀଡ଼ା


ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନ ସମାରୋହରେ ଛାତ୍ରୀଛାତ୍ର।

**ଅମରପାଲି, ୧୮।୧୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ଖେଳ ପଡିଆରେ ଦ୍ୱିଦିବାସୀୟ ୪୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ତଥା କଲେଜ ପରିଚାଳନା ପରିଷଦ ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରୀ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ଡ଼. ହିମାଂଶୁ ଶେଖର ପାଢ଼ୀ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଖଣ୍ଡଗିରୀଙ୍କ ସମେତ ବିଜୟ କୁମାର ପଧାନ, ନରେନ୍ଦ୍ର ଚାନ୍ଦ, ସୁପ୍ରଭା ନନ୍ଦ, ନିତାରାଣୀ ପଧାନ, ବିଦ୍ୟୁତପ୍ରଭା ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପିକା ଯାମିନୀ ଦାଶ ସଭା ସଂଯୋଜନା ଓ ପରିଚାଳନା କରିଥିଲେ । ପ୍ରଥମ ଦିବସରେ ସମୁଦାୟ ୨୮ ଟି ବିଭାଗର କ୍ରୀଡା ପ୍ରତିଯୋଗିତା ହୋଇଛି। କ୍ରୀଡା ଶିକ୍ଷକ ନରେନ୍ଦ୍ର ଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସରିତା ଦାଶ, ଅଭିନନ୍ଦନ ପୂଜାହାରୀ, କୃତିବାସ ଶତପଥୀ, ଡ଼. ଶିଶିର ବଣିଆ, ହରପ୍ରିୟା ମହାପାତ୍ର, ନରେନ୍ଦ୍ର ଝା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## କଟ୍‌ନି ବନ୍ଦ କର, ମାସ ଶେଷ ସୁଦ୍ଧା ଟୋକନ୍ ଦିଅ


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଡୁଙ୍ଗୁରିପାଲି, ୧୮।୧୨ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପ୍ରାଥମିକ ସେବା ସମବାୟ ସମିତିର ଶତାଧିକ ଚାଷୀ ବୁଧବାର ରାମପୁର ତହସିଲଦାର ବିମଳ କିଶୋର ପାତ୍ରଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାରେ ଗତ ୧୦ରୁ ବିଭିନ୍ନ ପାକ୍ସରେ ଧାନ କ୍ରୟ ଆରମ୍ଭ ହୋଇଥିବା ବେଳେ ରାମପୁର ପାକ୍ସରେ ଏଯାଏ ଚାଷୀଙ୍କ ଧାନ ଉଠିନାହିଁ। ସମସ୍ତ ଚାଷୀଙ୍କ ଟୋକନ ଡିସେମ୍ବର ସୁଦ୍ଧା ଆସିବାର ବ୍ୟବସ୍ଥା କରାଯାଉ ଓ କଟ୍‌ନୀ ଛଟନିକୁ ବନ୍ଦ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପାକ୍ସର ଶତାଧିକ ଚାଷୀ ରାମପୁର ତହସିଲଦାରଙ୍କ ପାଖକୁ ଆସି ଧାନବିକ୍ରିରେ ସ୍ୱଚ୍ଛତା ଆଣିବା ଦାବି ରଖିଥିଲେ। ଅଗାମୀ ୪୮ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଚାଷୀମାନେ ପାକ୍ସ ସମ୍ପାଦକ ତ୍ରିଲୋଚନ ସାହୁଙ୍କୁ ଦାବିପତ୍ର ପ୍ରଦାନ ଖବରପାଇ ବ୍ଲକ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଲିକ, ନୋଡାଲ ଅଫିସର ସୌଇତାବାସନ୍ତୀ ଜଗଦଲା, ଡୁଙ୍ଗୁରିପାଲି ବିଡିଓ ଦିଲୀପ କୁମାର ବାରା, ରାମପୁର ସରପଞ୍ଚ ମନୋଜ କୁମାର ପୁରୋହିତ ପହଞ୍ଚି ଚାଷୀମାନଙ୍କ ସହ ଧାନବିକ୍ରି ଓ ଟୋକନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଉମେଶ ପୂଜାରୀ, ସର୍ଜନ ମେହେର, ଉଦୟନାଥ ଭୋଇ, ଦେବରାଜକୁମାର ଦରୁଆନ, ବିପିନ ବିହାରୀ ବେହେରା, ସୁଜିତ କୁମାର ପାତ୍ର, ଆନନ୍ଦ କୁମାର ପଧାନ, କିଶୋର ଭୁଏ, ଜଳେଶ୍ୱର ମହାନନ୍ଦ, ବିଶେଶ୍ୱର ସାହୁ, ଦେବପ୍ରସାଦ ରଣା, କୃଷ୍ଣ ରାଉତ, ଶେଷଦେବ ମେହେର, ଡୁଲେଶ୍ୱର ମେହେର, ଧିରେନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କଠିନ ପରିଶ୍ରମ କରି ଲକ୍ଷ୍ୟ ହାସଲ କର

**ଅମରପାଲି, ୧୮।୧୨ (ପୀତାମ୍ବର ସାହୁ)**

**ସ୍କାଉଟ, ଗାଇଡ ଶିବିରର ଦ୍ୱିତୀୟ ଦିବସ**

ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣପୁର ଜିଲା ଭାରତ ସ୍କାଉଟ ଗାଇଡର ୧୨ତମ ଜିଲା ସ୍ତରୀୟ ଶିବିରର ବୁଧୁବାର ଥିଲା ଦ୍ୱିତୀୟ ଦିବସ। ଜିଲର ୧୦୦ଗୋଟି ବିଦ୍ୟାଳୟର ୮୬ଜଣ ସ୍କାଉଟ ମାଷ୍ଟର, ୨୧ ଜଣ ଗାଇଡ କ୍ୟାପଟେନ ଓ ୪୧୦ ଜଣ ସ୍କାଉଟ ଛାତ୍ରୀଛାତ୍ର ଏହିପରି ସର୍ବମୋଟ ୫୧୭ ଜଣ ଅଂଶଗ୍ରହଣ କରିଛନ୍ତି। ଦ୍ୱିତୀୟ ଦିବସ ପ୍ରାରମ୍ଭରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗାଚାର୍ଯ୍ୟ ଡ.ଦ୍ୱିତୀକୃଷ୍ଣ ପଣ୍ଡା ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପରେ ପରେ ଆଧାତ୍ମିକ କାର୍ଯ୍ୟକ୍ରମରେ ସନ୍ତୋଷ ବିଶିଙ୍କ ପ୍ରବଚନ ହୋଇଥିଲା। ପୂର୍ବାହ୍ନ ବୈଠକରେ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟ ଓ ଗାଇଡ ଜାତୀୟ ଉପସଭାପତି କାଳୀପ୍ରସାଦ ମିଶ୍ର ଏବଂ ସମ୍ମାନିତ ଅତିଥିଭାବେ ଆସିଷ୍ଟାଣ୍ଟ ଷ୍ଟେଟ କମିଶନର ଦୁଃଶାସନ ସ୍ୱାଇଁ, ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ବିନିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମଞ୍ଚାସୀନ ଥିଲେ। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ସମ୍ପାଦକ ସ୍କାଉଟ ଓ ଗାଇଡ ସତ୍ୟ ନାରାୟଣ ତ୍ରିପାଠୀ ବିବରଣୀ ସହିତ କ୍ୟାମ୍ପ ରିପୋର୍ଟ ଉପସ୍ଥାପନ କରିଥିଲେ। ଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସ୍କାଉଟ ମାଷ୍ଟର ସଞ୍ଜିବ କୁମାର ସାହୁ ସଭା ସଂଯୋଜନା କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କାଉଟ ଓ ଗାଇଡମାନଙ୍କୁ କଠିନ ପରିଶ୍ରମ କରି ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବିଧାୟକଙ୍କ ସହିତ ମଞ୍ଚାସୀନ ଅତିଥିମାନେ।

## ମାହେଶ୍ୱରୀ କ୍ରିକେଟ: ପଣ୍ଡିଆପାଲି ଚାମ୍ପିୟନ


ଚାମ୍ପିୟନ ପଣ୍ଡିଆପାଲି ଦଳକୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରୁଛନ୍ତି।

**ଅମରପାଲି, ୧୮।୧୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କାନପୁର ଖେଳ ପଡ଼ିଆରେ ଚାଲିଥିବା ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି ପଣ୍ଡିଆପାଲି। କଳାପଥରକୁ ହରାଇ ଦଳ ଟାଇଟଲ ହାସଲ କରିଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ଟି -୧୨ ଓ ଦ୍ୱିତୀୟ ଫର୍ମାଟ ଟି-୬ ଓଭର ବିଶିଷ୍ଟ ମ୍ୟାଚ ହୋଇଥିଲା। ପ୍ରଥମ ଫର୍ମାଟରେ କଳାପଥର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ ରନ କରିଥିଲା। ଜବାବରେ ପଣ୍ଡିଆପାଲି ଦଳ ଆବଶ୍ୟକ ୧୦୪ ରନକୁ ୯ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ପଣ୍ଡିଆପାଲି ଦଳ ପ୍ରଥମେ ବ୍ୟାଟିଂ ୬ ଓଭରରେ ୫ ଉଇକେଟ ହରାଇ ୫୬ ରନ କରିଥିଲା। ଜବାବରେ କଳାପଥର ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୩୬ ରନ କରି ପରାସ୍ତ ହୋଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ପଣ୍ଡିଆପାଲି ଦଳ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଏବଂ କ୍ରୀଡାବିତ ଧ୍ରୁବଚରଣ ବାଘ, ଲକ୍ଷ୍ମଣ ବାଦୀ, ବିବସ୍ୱ ବାଦୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ପଣ୍ଡିଆପାଲିର ପିଣ୍ଟୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ମନୋରଞ୍ଜନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାମ୍ପିୟନ ପଣ୍ଡିଆପାଲି ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା କଳାପଥର ଦଳକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା।

## ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

**ବିନିକା, ୧୮।୧୨ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲଡା ବିନିକା କନିଷ୍ଠ ମହାବିଦ୍ୟାଳୟରେ ବୁଧବାର ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ଼ ରେଖା ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କ୍ରୀଡା ବିଭାଗ ଅଧ୍ୟାପକ ନାରାୟଣ ଚୌଧୁରୀ, ସମ୍ମାନୀତ ଅତିଥିଭାବେ ବିଜୟ ସାହୁ, ଝଲକ ମିଶ୍ର, ଆଶୀର୍ବାଦ ପଧାନ, ଦେବେଶ ଗଡ଼ନାୟକ, ନୀଳମାଧବ ଛତ୍ର, ଦୀପ୍ତି ଭୋଇ, ମିନିଷ ଆଚାର୍ଯ୍ୟ, ବିଶ୍ୱମ୍ଭର ଗୁରୁ, ସପ୍ତସାଗର ପଧାନ, ରୋହିତ ଧରୁଆ, ରେଡ଼କ୍ରସ କାଉନସେଲର ଧନେଶ୍ୱର ସାହୁ ଯୋଗଦେଇଥିଲେ। ଯୋଗ ଦ୍ୱାରା ସମସ୍ତେ ଯେପରି ଫିଟ ରହି ପରିବା ତାହା ଉପରେ ଅତିଥିମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଅଧାପକ ନୀଳମାଧବ ଛତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ରୋହିତ ଧରୁଆ ଧନ୍ୟବାଦ ଦେଇଥିଲେ । ସମସ୍ତ ଛାତ୍ରୀଛାତ୍ର ଫିଟ୍ ଇଣ୍ଡିଆ ହେବା ପାଇଁ ପ୍ରତିଜ୍ଞା ପଠନ କରିଥିଲେ ।

## ଗୁରୁକୁଳ ଶିକ୍ଷାନିକେତନର ବାର୍ଷିକ କ୍ରୀଡ଼ା

**ସୋନପୁର, ୧୮।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ପିପିଲିପାଲି ସ୍ଥିତ ଗୁରୁକୁଳ ଶିକ୍ଷା ନିକେତନଠାରେ ବାର୍ଷିକ କ୍ରୀଡ଼ା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ନକୁଳ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ଜ୍ୟୋତିରଞ୍ଜନ ବହିଦାର, ବାଉଁଶୁଣୀ ପଞ୍ଚାୟତର ସରପଞ୍ଚ ରୀନା ମହଲା ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି କ୍ରୀଡ଼ାକ୍ଷେତ୍ରରେ ସଫଳତା କାମନା କରିଥଲେ। ସୁସ୍ଥ ମନ ଓ ସୁସ୍ଥ ଶରୀକ ପାଇଁ କ୍ରୀଡା ନିହାତି ଆବଶ୍ୟକ ବୋଲି ଅତିଥି ମାନେ କହିଥିଲେ। ଅଧାପକ ଲଳିତ ମୋହନ ସା ଧନ୍ୟବାଦ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ଆୟୋଜନରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଚାଷ ପ୍ରଣାଳୀ, ବଜାର ସୁବିଧା ସମ୍ପର୍କରେ ଆଲୋଚନା

**ସୋନପୁର, ୧୮।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

**ତେଲ ତାଳ ଚାଷ ପାଇଁ ପ୍ରଶିକ୍ଷଣ ଶିବିର**

ତେଲ ତାଳ(ଅଏଲ ପାମ୍) ଚାଷ ନିମନ୍ତେ ଜିଲାସ୍ତରୀୟ ଚାଷୀ ପ୍ରଶିକ୍ଷଣ ଶିବିର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରିୟନିକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଉଦ୍ୟାନ କୃଷି ଅଧିକାରୀ, ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଯୋଗଦାନ କରି ଅଏଲ ପାମ୍ ଚାଷ ପାଇଁ ଉପଯୁକ୍ତ ମୃତ୍ତିକା, ଚାରା ଚୟନ, ଚାଷ ପ୍ରଣାଳୀ, ଫଳ ଅମଳ, ବଜାର ସୁବିଧା ଓ କୃଷକଙ୍କ ଆୟ ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷୀକେଶ ଦାସ ଯୋଗଦେଇ ଜିଲାରେ ଅଏଲ ପାମ ଚାଷ ପାଇଁ ଅନୁକୂଳ ଜଳବାୟୁ, ଉପଯୁକ୍ତ ମୃତ୍ତିକା ଓ ଜଳ ଉପଲବ୍ଧତା ସମ୍ପର୍କରେ ସୂଚନା ଦେଇଥିଲେ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ଯୋଗଦେଇ ବୈଜ୍ଞାନିକ ପ୍ରଣାଳୀରେ ତେଲ ତାଳ ଚାଷ କଲେ ଚାଷୀର ଆୟ ଅନେକ ପରିମାଣରେ ବୃଦ୍ଧି ପାଇବ ବୋଲି କହିଥିଲେ। ପ୍ରିୟୁନିକ୍ ଇଣ୍ଡିଆର ଏଜିଏମ୍ ଦେବବ୍ରତ ସାହୁ ତାଳ ଚାଷ ପାଇଁ ସରକାରଙ୍କ ସହାୟତା, ଅମଳ, ପ୍ରକ୍ରିୟାକରଣ ଓ ବଜାର ସୁବିଧା ସମ୍ପର୍କରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଫସଲ ସଂରକ୍ଷଣ ବୈଜ୍ଞାନିକ ଡ. ତ୍ରିନାଥ ଖଣ୍ଡାୟତରାଏ ଅଏଲ ପାମ୍ ଚାଷରେ ଅନ୍ୟ ଚାଷ ଅପେକ୍ଷା ରୋଗପୋକ କମ୍ ହୋଇଥାଏ ବୋଲି କହିବା ସହ ତାର ନିରାକରଣ ସମ୍ପର୍କରେ ବୁଝାଇଥିଲେ। ସୋନପୁର ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶିନୀ ପୂଜାହାରୀ ମଞ୍ଚାସୀନ ଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିନିକା ଉଦ୍ୟାନ କୃଷି ଅଧିକାରୀ ତ୍ରିଦେବ ବଘାର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଶିବିରରେ ଜିଲାର ୬ ଗୋଟି ବ୍ଲକର ଅଏଲ ପାମ୍ ଚାଷୀ ଓ ଆଗ୍ରହୀ ଚାଷୀମାନେ ଅଂଶଗ୍ରହଣ କରିଥିଲେ।


ଶିବିରରେ ମଞ୍ଚାସୀନ ବୈଜ୍ଞାନିକ ଓ ଉଦ୍ୟାନ କୃଷି ଅଧିକାରୀ।

## ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ

**ରାଉରକେଲା,୧୮।୧୨(ବିପ୍ଲବ ରଞ୍ଜନ ଦାଶ):** ଆର୍‌ଏସପିର ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଏମଓଏମଟି ଚାରୋ ଟପ୍ପୋ ଓ ଜୟଶ୍ରୀ ଟପ୍ପୋଙ୍କ ସୁପୁତ୍ରୀ ବିଶାଖା ଟପ୍ପୋ ଇସ୍ପାତ ସହର ପାଇଁ ବ୍ୟାଡମିଣ୍ଟନରେ ଗୌରବ ଆଣି ଦେଇଛନ୍ତି। ସେ ୟୋନେକ୍ସ ସନରାଇଜ ୪୭ତମ ଆନ୍ତଃ ରାଜ୍ୟ, ଆନ୍ତଃ ଜୋନାଲ ଏବଂ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍-୨୦୨୪ରେ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଜିଣି ଏହି ଗୌରବ ଅର୍ଜନ କରିଛନ୍ତି। ଅନୁରୂପ ଭାବେ ମିଶ୍ରିତ ଡବଲ ଜୁନିୟର ନ୍ୟାଶନାଲ ବ୍ୟାଡମିଣ୍ଟନ ଚାମ୍ପିୟନଶିପ-୨୦୨୪ରେ ବି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ବାଳିକା ଇଭେଣ୍ଟରେ ବିଶାଖା ଓ ପ୍ରଗତି ପରିଡା ଯୁଗଳ ଦଳ ଫାଇନାଲରେ ବିଜୟୀ ହୋଇଥିଲେ। ସେ ମିକ୍ସଡ ଡବଲ୍ସରେ ମିଜୋରାମର ଲାଲ୍ରାମସାଣ୍ଡା ସି ଙ୍କ ସହିତ ଖେଳିଥିଲେ। ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବିଶାଖା ତାଙ୍କ ପିତା ଏବଂ ଆଥଲେଟ ମାଉସୀଙ୍କ ପ୍ରେରଣାରେ ୨୦୧୯ ମସିହାରୁ ବ୍ୟାଡମିଣ୍ଟନ ଖେଳରେ ବିଶେଷ ଭାବେ ଧ୍ୟାନ ଦେଇ ଆସୁଛନ୍ତି। ଏପରିକି କୋଭିଡ-୧୯ ମହାମାରୀ ସମୟରେ ମଧ୍ୟ ବିଶାଖା ତାଙ୍କର ଅଭ୍ୟାସ ଜାରି ରଖିଥିଲେ।।





ମହାବିଦ୍ୟାଳୟ ଛାତ୍ରୀମାନେ କ୍ରୀଡା ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି।

# ଯୁବ ସମାଜ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି

**ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍‌ଘାଟିତ**

**ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ**

ରାଉରକେଲା,୧୮।୧୨(ବିପ୍ଲବ ରଞ୍ଜନ ଦାଶ)

ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ୪୦ ତମ ବାର୍ଷିକ କ୍ରୀଡା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ ସ୍ଥାନୀୟ କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ସ୍ୱାମୀ ଅଗ୍ନିବାବାଙ୍କ ଦ୍ୱାରା କ୍ରୀଡା ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ମହୋତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶ୍ରୀନିବାସ ପାଠୀ ଶର୍ମା ଯୋଗଦାନ କରି ଯୁବ ସମାଜ ପାଇଁ କ୍ରୀଡାର ଆବଶ୍ୟକତା ଓ ଉପକାରିତା ରହିଛି ବୋଲି କହି ଏହା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ତଥା ଶିକ୍ଷାବିତ ଶଶଧର ପଣ୍ଡା ଯୋଗଦେଇ ବିବେକାନନ୍ଦଙ୍କର ଦୃଷ୍ଟିରେ ଏକ ସୁସ୍ଥ ସମାଜ ଗଠନ ପାଇଁ କ୍ରୀଡାନୁରାଗୀ ହେବା ଜରୁରି। ଏଣୁକରି ଶିକ୍ଷା ସହ କ୍ରୀଡା କ୍ଷେତ୍ରରେ ମଧ୍ୟ ଛାତ୍ର ସମାଜ ନିଜର ମନୋନିବେଶ କରିବା ଆବଶ୍ୟକ ବୋଲି କହିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ରୀଡା ପ୍ରତିଯୋଗିତା ମହାବିଦ୍ୟାଳୟର ଖେଳ ଶିକ୍ଷକ ଚନ୍ଦ୍ରଧ୍ୱଜ ମାଝୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ, ଶ୍ୟାମମାଳା ଦାସ, ରବୀନ୍ଦ୍ର କୁମାର ପୃଷ୍ଟୀ, ସନ୍ତୋଷ କୁମାର ଲେଙ୍କା, ଡ. ପରମେଶ୍ୱର ଶତପଥି,କାଳିକିଙ୍କର ପଣ୍ଡା, କେଦାରନାଥ ପାଢୀଙ୍କ ପ୍ରତ୍ୟକ୍ଷ ସହଯୋଗ କ୍ରମେ କ୍ରୀଡା ମହୋତ୍ସବ ସଫଳ ରୂପାୟନ ହୋଇଥିଲା। ଟିମ ଅଫ ଓ୍ୱର ରଶିଟଣା କ୍ରୀଡାରେ ମହାବିଦ୍ୟାଳୟର ଶେଷ ବର୍ଷ ଛାତ୍ରୀମାନେ ବିଜୟ ଲାଭ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉତ୍ସାହ ସହକାରେ ଅଂଶଗ୍ରହଣ କରି ନିଜର କ୍ରୀଡା ପ୍ରତିଭା ପ୍ରଦର୍ଶନ କରିଥିଲେ।

## ଏନ୍‌ଆଇଟି ସର୍ବଭାରତୀୟ ସ୍ତରରେ ୧୯ତମ ସ୍ଥାନ

**କ୍ୟୁଏସ୍ ସଷ୍ଟନେବିଲିଟି ର୍ୟାଙ୍କିଂ ୨୦୨୫**

ରାଉରକେଲା,୧୮।୧୨(ସଙ୍ଗୀତା ଜେନା)

ଏନ୍‌ଆଇଟି ରାଉରକେଲା ସର୍ବଭାରତୀୟ ସ୍ତରରେ ୬୬୪ତମ ,ଏସିଆରେ ୧୬୭ତମ , ଭାରତରେ ୧୯ତମ ସ୍ଥାନ ହାସଲ କରିଛି। ଶିକ୍ଷାନୁଷ୍ଠାନ ଏହାର ମାନ୍ୟତା ବଜାୟ ରଖିଛି। ୨୦୨୪ ର୍ୟାଙ୍କି ତୁଳନାରେ ଏହା ଅଗ୍ରଗତି କରିଛି। ପୂର୍ବବର୍ଷ ସର୍ବଭାରତୀୟ ସ୍ତରରେ ୬୭୬ତମ ଓ ଭାରତରେ ୨୧ ତମ ସ୍ଥାନରେ ରହିଥିଲା। ବିଶ୍ୱର ସର୍ବଶ୍ରେଷ୍ଠ ପରିବେଶ, ସାମାଜିକ ଏବଂ ଶାସନ (ଇଏସ୍‌ଜି) ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ଏକ ସଂସ୍ଥାର ଦକ୍ଷତା ମାପିବା ପାଇଁ ପରିକଳ୍ପିତ ଏକ ପଦ୍ଧତି ବ୍ୟବହାର କରି କ୍ୟୁଏସ୍ ସଷ୍ଟନେବେଲିଟି ର୍ୟାଙ୍କିଂ ୨୦୨୫ ସମଗ୍ର ବିଶ୍ୱରୁ ପ୍ରାୟ ୧୮ଶହ ବିଶ୍ୱବିଦ୍ୟାଳୟ ତାଲିକାଭୁକ୍ତ କରିଥିଲା। ସେଥିମଧ୍ୟରୁ ଏନ୍‌ଆଇଟି ରାଉରକେଲା ତାହାର ସ୍ଥିତିକୁ ପରିବର୍ଦ୍ଧିତ କରିପାରିଥିଲା। ଉକ୍ତ ସଫଳତା ପାଇଁ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ.ଉମା ମହେଶ୍ୱର ରାଓ ଏହି ଶିକ୍ଷାନୁଷ୍ଠାନ ଉଭୟ ଏକାଡେମିକ ଓ ଦୈନନ୍ଦିନ ଜୀବନର ନିରନ୍ତରତାକୁ ଏକତ୍ର କରିଥାଏ ବୋଲି କହିଥିଲେ।

## କଳୁଙ୍ଗା ଫ୍ଲାଏଓଭର ନିର୍ମାଣ ଦାବି

**ଅଣ୍ଡରପାସ୍ ପ୍ରଚଳନ କରାଯାଉ**

ରାଉରକେଲା,୧୮।୧୨( ସଙ୍ଗୀତା ଜେନା)

କଳୁଙ୍ଗା ଫାଟକ ନିକଟରେ ମଙ୍ଗଳବାର ରାତିରେ ଟ୍ରେନ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ପରେ ବୁଧବାର ସ୍ଥାନୀୟ ଲୋକମାନେ ତୁରନ୍ତ ଫ୍ଲାଏଓଭର ନିର୍ମାଣ ଦାବି କରିଛନ୍ତି। ଏଠାରେ ପୂର୍ବରୁ ଥିବା ଅଣ୍ଡରପାସ୍‌କୁ ପୁନଃ ପ୍ରଚଳନ କରାଯାଉ ବୋଲି ଦାବି ହୋଇଛି। ଦାବି ପୂର୍ଣ୍ଣ ନ ହେଲେ ଆଗାମୀ ଦିନରେ ଜନଆନ୍ଦୋଳନ ତେଜିବ ବୋଲି ଚେତାବନୀ ଦିଆଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାଉରକେଲାକୁ କଳୁଙ୍ଗା ସହ ପୂର୍ବରୁ ଏକ ଅଣ୍ଡରପାସ୍‌ରେ ସଂଯୁକ୍ତ କରାଯାଉଥିଲା। କ୍ରମଶଃ ଏଠାରେ ରେଳବାଇ ସିଗନାଲ ନିର୍ମାଣ ହେବା ପରେ ଅଣ୍ଡରପାସ୍‌କୁ ବନ୍ଦ କରିଦିଆଯାଇଥିଲା। ଏହା ମେନ୍ ରୁଟ୍‌ରେ ଥିବା ଯୋଗୁ କଳୁଙ୍ଗା ଫାଟକ ଘଣ୍ଟା ଘଣ୍ଟା ବ୍ୟାପି ବନ୍ଦ ରହୁଛି। ଯାହାଦ୍ୱାରା ଆମ୍ବୁଲାନ୍ସ, ସ୍କୁଲ ବସ୍ ଓ ଜରୁରୀ କାର୍ଯ୍ୟରେ ଲୋକଙ୍କ ଯା'ଆସ ପାଇଁ ବେଶ ସମସ୍ୟା ହେଉଛି। ଉକ୍ତ ଫାଟକ ବହୁ ସମୟ ବନ୍ଦ ରହୁଥିବାରୁ ସେଠାରେ ଲୋକମାନେ ଗଳାବାଟରେ ଯା'ଆସ କରୁଛନ୍ତି। ଫଳରେ ଦୁର୍ଘଟଣାର ଶିକାର ହେଉଛନ୍ତି। କିଛି ମାସ ପୂର୍ବେ ଏଠାରେ ରାଉରକେଲାର ଜଣେ କଲେଜ ଛାତ୍ରୀ ତାଙ୍କ ବାପାଙ୍କ ସହ ଆସୁଥିବା ସମୟରେ ଏକ ମାଲବାହୀ ଟ୍ରେନ ଦୁର୍ଘଟଣାରେ ଉକ୍ତ ଫାଟକ ନିକଟରେ କଟି ମୃତ୍ୟୁବରଣ କରିଥିଲେ। ଅନୁରୂପ ଭାବେ ଅନେକ ଦୁର୍ଘଟଣା ହେଉଛି। ଏହାର ସ୍ଥାୟୀ ସମାଧାନ ଆବଶ୍ୟକ ଅଟେ ବୋଲି ଦାବି ହୋଇଛି। ସୂଚନାଯୋଗ୍ୟ, ଏଠାରେ ରେଳବାଇ ଫ୍ଲାଏଓଭର ନିର୍ମାଣ ପ୍ରକ୍ରିୟା ଜାରି ରହିଛି। ମାତ୍ର କିଛି ପିଲାର ନିର୍ମାଣ ହୋଇଛି। ଏହାକୁ ପୂର୍ଣ୍ଣ କରିବା ପାଇଁ ଜମି ଅଧିଗ୍ରହଣ ଓ ଅନ୍ୟ ସମସ୍ୟା ପ୍ରତିବନ୍ଧକ ସାଜିଥିବା କୁହାଯାଉଛି।

## ଭାନପୁରରେ କରମା ମହୋତ୍ସବ ଉଦ୍‌ଯାପିତ

ଖପ୍ରାଖୋଲ,୧୮।୧୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଭାନପୁର ଗାଁରେ ଚାଲିଥିବା ବାର୍ଷିକ କରମା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଭଗବାନ ବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ମୁଖ୍ୟବକ୍ତା ଭାବେ ରାଜ୍ୟ ଉପସଭାପତି କଳାକାର ସଂଘ ଅମିଲ ପୁଟେଲ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କଳାକାର ହରିବୋଲ ପୋଢ଼, ଥବିର ଚରଣ ସାହୁ, ଜିଲା ସଂଯୋଜକ ମିନିକେତନ ପ୍ରଧାନ ଯୋଗ ଦେଇଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ମହୋତ୍ସବରେ ଭାଗ ନେଇଥିବା ବିଭିନ୍ନ କଳାକାରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଳା, ଲୋକକଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ କରମା ମହୋତ୍ସବ ଏକ ଉଦ୍ୟମ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

## ପ୍ରଦତ୍ତ ଜମିକୁ ଫେଂରାଇ ନେବା ଚକ୍ରାନ୍ତ

**ଅତିଷ୍ଠ ମହିଳା ଉଦ୍ୟୋଗୀ ଶିଳ୍ପମନ୍ତ୍ରୀଙ୍କୁ ଚିଠି ଲେଖିଲେ**

ବେଦବ୍ୟାସ, ୧୮।୧୨(ଆଲୋକ ସ୍ୱାଇଁ)



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ରାଜ୍ୟରେ ମହିଳାଙ୍କୁ ସ୍ୱାଲମ୍ବୀ କରିବା ପାଇଁ ସରକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ମହିଳା ଉଦ୍ୟୋଗୀମାନଙ୍କୁ ସ୍ୱାବଲମ୍ବନ ଯୋଜନାରେ ଜମିଜାଗା ପ୍ରଦାନ କରାଯାଉଛି। କଳୁଙ୍ଗା ଶିଳ୍ପାଞ୍ଚଳରେ ଜଣେ ମହିଳା ଉଦ୍ୟୋଗୀଙ୍କୁ ପ୍ରାୟ ୨/୩ ବର୍ଷ ପୂର୍ବେ ଇଡ୍‌କୋ ପକ୍ଷରୁ ମସଲା ୟୁନିଟ୍ ତିଆରି କରିବା ପାଇଁ ଏକ ପ୍ଲଟ ମିଳିଥିଲା। ଏହାର ଖଜଣା ଓ ସମସ୍ତ ସରକାରୀ ଦେୟ ପ୍ରତ୍ୟେକ ବର୍ଷ ଜମା କରିବା ସତ୍ତ୍ୱେ ଖୋଦ୍ ଇଡ଼କୋ କର୍ତ୍ତୃପକ୍ଷ ସମ୍ପ୍ରତି ଉକ୍ତ ଜମିକୁ ଫେରସ୍ତ ନେଇ ଯିବାକୁ ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ହୋଇଛି। ବାରମ୍ବାର ଇଡ଼କୋ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ଅତିଷ୍ଠ ହୋଇ ମହିଳା ଶିଳ୍ପମନ୍ତ୍ରୀଙ୍କୁ ଏ ସମ୍ବନ୍ଧରେ ଚିଠି ଲେଖିଛନ୍ତି। ଏନେଇ ସମ୍ପୃକ୍ତ ମହିଳା ଗୁରୁବାର ଆଇଡିସିର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମସ୍ତ ମାମଲା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଇଡ଼କୋ ପକ୍ଷରୁ ଘଟଣାର ଖଣ୍ଡନ କରାଯିବା ସହ ପ୍ରଦତ୍ତ ଜମି ପ୍ରତିବଦଳରେ ଅନ୍ୟତ୍ର ଜମି ଦେବାକୁ ପ୍ରସ୍ତାବ ରହିଛି ବୋଲି କୁହାଯାଇଛି। ଗୁରୁବାର ସକାଳେ ଆଇଡିସିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉକ୍ତ ମହିଳା ଉଦ୍ୟୋଗୀ ଆଶାଲତା ନାୟକଙ୍କ ଅଭିଯୋଗ ଅନୁଯାୟୀ, ନାୟକ ଫୁଡ୍ ଆଣ୍ଡ ସ୍ପାଇସେସ୍ ନାମକ ମସଲା ୟୁନିଟ୍ ପାଇଁ ଓ ୨୦୨୧ରେ ସିଙ୍ଗଲ ୱିଣ୍ଡୋ ପୋର୍ଟାଲରେ ଆବେଦନ କରିଥିଲେ। ଡିଏଲ୍‌ଏଫ୍‌ସି ରେ ୨୦୨୧ ଅକ୍ଟୋବରରେ ବୈଠକ ଓ ପରେ ଜିଲାସ୍ତରୀୟ ବୈଠକ ୨୦୨୨ ମାର୍ଚ୍ଚରେ ଜିଲାପାଳଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ଯେଉଁଥିରେ ଆଶାଙ୍କୁ ୫ ଡେସିମିଲ୍ ଜମି କଳୁଙ୍ଗାରେ ମିଳିଥିଲା। ଉକ୍ତ ଜମି ପାଇଁ ୩ ଲକ୍ଷ ୪୧ ହଜାର ଟଙ୍କା ଦେୟ ପାଇଁ ଚିଠି ଆସିଥିଲା। ଆଶାଲତାଏହାକୁ ଜମା କରିଦେଇଥିଲେ। ହେଲେ ନିୟମମୁତାବକ ୧୫ଦିନ ମଧ୍ୟରେ ସରକାରୀ ଡିଡ୍ ପ୍ରଦାନ କରାଯାଇ ନ ଥିଲା। ଏହା ମଧ୍ୟରେ ପ୍ରାୟ ୩ ବର୍ଷ ବିତିଯାଇଥିଲା। ନିୟମ ଅନୁଯାୟୀ ସମୟରେ ଖଜଣା ଓ ସରକାରୀ ଦେୟ ପ୍ରଦାନ କରୁଥିଲେ ସେ। ମାର୍ଚ୍ଚ ୨୦୨୪ କାର୍ଯ୍ୟ ଆରମ୍ଭ କରିବା ସମୟରେ ଇଡ଼କୋ କର୍ତ୍ତୃପକ୍ଷ ଏଠାରେ (ପ୍ରଦତ୍ତ ୫ ଡେସିମିଲ୍ ଯାଗା) ସରକାରୀ କ୍ୱାର୍ଟର୍ସ ଓ ପାର୍କି ନିର୍ମାଣ ହେବ ବୋଲି କହି କାମ ବନ୍ଦ କରିଦେଇଥିଲେ। ଏହା ବଦଳରେ ଅନ୍ୟତ୍ର ଯାଗା ପ୍ରଦାନ କରାଯିବ ବୋଲି କହିଥିଲେ କର୍ତ୍ତୃପକ୍ଷ। ୧ ମାସରେ ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା।ହେଲେ କ୍ରମଶଃ ପ୍ରତିଶ୍ରୁତି ବିଳମ୍ବ ହୋଇଚାଲିଲା। ହଠାତ୍ ୨୦୨୪ ଡିସେମ୍ବର ୧୭ରେ ଇଡ଼କୋ କର୍ତ୍ତୃପକ୍ଷ ଉକ୍ତ ଯାଗାରେ ପହଞ୍ଚି (ଇଡକୋରକ୍ୱାର୍ଟର୍ସ)ପାଚେରୀ ନିର୍ମାଣ ପାଇଁ କହିଥିଲେ। ମୌଖିକ ଭାବେ ସମସ୍ତ କଥା କର୍ତ୍ତୃପକ୍ଷ କରୁଛନ୍ତି ଲିଖିତ ଭାବେ କୌଣସି ପତ୍ରାଚାର କରୁନାହାନ୍ତି। ଏହି ମଧ୍ୟରେ ଉଦ୍ୟୋଗୀସଂଘ ସହ ଆଲୋଚନା କରାଯାଇଛି। ଏହାର ସମାଧାନ ପାଇଁ ଶିଳ୍ପମନ୍ତ୍ରୀ, ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଆଗାମୀ ଦିନରେ ଏହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠିରେ ଅବଗତ କରାଯିବ ବୋଲି ଅଭିଯୋଗକାରିଣୀ ଆଶାଲତା କହିଥିଲେ। ଏ ସମ୍ପର୍କରେ ଇଡ଼କୋ ଡିଭିଜିନାଲ୍ ମୁଖ୍ୟ ନନ୍ଦନକୁମାର କରାତ୍‌ଙ୍କୁ ପଚରାଯିବାରୁ ସେ ସମ୍ପୂର୍ଣ୍ଣ ଘଟଣାକୁ ଖଣ୍ଡନ କରିବା ସହିତ ମହିଳା ଉଦ୍ୟୋଗୀଙ୍କୁ ହଇରାଣ କରାଯାଉନାହିଁ। ତାଙ୍କୁ ଜମି ବଦଳରେ ଅନ୍ୟତ୍ର ଜମି ପ୍ରଦାନ କରାଯିବ ବୋଲି କରାତ କହିଥିଲେ।

## ଟ୍ରେନ୍ ଧକ୍କାରେ ୨ ମୃତକଙ୍କ ପରିଚୟ ମିଳିଲା

ରାଉରକେଲା,୧୮।୧୨(ସଙ୍ଗୀତା ଜେନା)

ରାଉରକେଲା ଉପକଣ୍ଠ କଳୁଙ୍ଗା ରେଳଫାଟକ ନିକଟରେ ମଙ୍ଗଳବାର ରାତିରେ ଟ୍ରେନ ଧକ୍କାରେ ମୃତ୍ୟୁବରଣ କରିଥିବା ୨ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ ପଙ୍କଜ ଶର୍ମା(୩୪)। ସେ ହିମାଚଳପ୍ରଦେଶ ହମିରପୁର ଜିଲା ରାଜୟରର ନିବାସୀ। ସେ କଳୁଙ୍ଗାବସ୍ତିରେ ରହୁଥିବା ବେଳେ ଆଇଡିସିର ଏକ ପେପର ମିଲ୍‌ରେ କାର୍ଯ୍ୟରତ ଥିଲେ। ଘରକୁ ଫେରୁଥିବା ବେଳେ ସେ ଅଘଟଣର ଶିକାର ହୋଇଥିଲେ। ସକାଳେ ତାଙ୍କ ପରିବାର ଲୋକ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ. ୮୧/୨୪) ରୁଜୁ କରିଛି। ସେହିପରି ଅନ୍ୟଜଣ ମୃତକ ହେଉଛନ୍ତି ବିହାର ମୁଜାଫରପୁରର ଲଳିତ କୁମାର(୨୫)। ସେ ମଧ୍ୟ କଳୁଙ୍ଗାରେ ରହୁଥିଲେ। କଳୁଙ୍ଗା ବଜରଙ୍ଗ ଷ୍ଟିଲ୍‌ରେ କାର୍ଯ୍ୟ କରୁଥିଲେ। ସନ୍ଧ୍ୟାରେ କାରଖାନାକୁ ଯାଉଥିବାବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁବାର ତାଙ୍କ ପରିବାରଲୋକ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଏ ନେଇ ପୋଲିସ ଏକ ମାମଲା(ନଂ. ୮୨/୨୪) ରୁଜୁ କରିଛି। ଏହି ଦୁର୍ଘଟଣା ଦରଭଙ୍ଗା ଏକ୍ସପ୍ରେସ ଦ୍ୱାରା ହୋଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ୩ ଜଣ ଯୁବକ ଫାଟକ ପଡ଼ିଥିବା ବେଳେ ନିଜ ବାଇକରେ ରେଳଧାରଣା ଅତିକ୍ରମ କରୁଥିଲେ। ଅପରପାର୍ଶ୍ୱରୁ ଆସୁଥିବା ଟ୍ରେନ ଏମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ବାଇକଗୁଡ଼ିକ ଭାଙ୍ଗିରୁଜି ରେଳଲାଇନ୍‌ରେ ପଡ଼ିଥିବା ଦେଖାଯାଇଥିଲା। ହେଲେ ଏଥିରେ ସମୁଦାୟ କେତେ ଜଣ ଆହତ ହୋଇଛନ୍ତି, ସେନେଇ ପୋଲିସ ନିକଟରେ କୌଣସି ସ୍ପଷ୍ଟ ସୂଚନା ନାହିଁ। କିଛି ଲୋକଙ୍କ କହିବା ଅନୁଯାୟୀ ମୋଟ ୩ ଜଣ ବା ତତୋଧିକ ଆହତ ହୋଇଥିଲେ। ହେଲେ ବୁଧବାର ଜିଆର୍‌ପି ପୋଲିସ ଆହତବ୍ୟକ୍ତିଙ୍କୁ ଖୋଜି ଖୋଜି ନୟାନ୍ତ ହୋଇଥିବା କୁହାଯାଇଛି।

## ପ୍ଲାଟଫର୍ମରୁ ଅଚେତ ଅବସ୍ଥାରେ ଉଦ୍ଧାର ଅଜଣାବୃଦ୍ଧ ମୃତ

ରାଉରକେଲା,୧୮।୧୨(ସଙ୍ଗୀତା ଜେନା)

ମଙ୍ଗଳବାର ବିଳମ୍ବିତ ରାତିରେ ରାଉରକେଲା ରେଳବାଇ ଷ୍ଟେଶନ ପ୍ଲାଟଫର୍ମ ନଂ. ୭ରୁ ଅଚେତ ଅବସ୍ଥାରେ ଉଦ୍ଧାର ଅଜଣାବୃଦ୍ଧଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ତାଙ୍କ ମୃତଦେହ ମର୍ଗହାଉସରେ ରଖାଯାଇଛି। ମୃତକଙ୍କ ବୟସ ପ୍ରାୟ ୬୦ ବର୍ଷ ହେବ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୮୦/୨୪) ରୁଜୁ କରିଛି।

## ଗ୍ରାମୀଣ ଫୁଟ୍‌ବଲ ଟୁର୍ନାମେଣ୍ଟ: ଉଡୁସୁ ଚାମ୍ପିୟନ

ରାଉରକେଲା, ୧୮।୧୨(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସଆର ବିଭାଗ ଦ୍ୱାରା ବିଶ୍ରା ବ୍ଲକ ଅନ୍ତର୍ଗତ ବଡବମବୁଆ ଗ୍ରାମ ପଞ୍ଚାୟତର କୁଲନବାହାଲ ଗ୍ରାମ ଖେଳ ପଡିଆଠାରେ ବୁଧବାର ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଡୁସୁ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ମେଂଟେନାନ୍ସ ବିଭାଗ ସିଜିଏମ୍ ଇନଚାର୍ଜ ଏସ.ଏସ ରାୟ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜୟୀ ଦଳ ଓ ଫୁଟବଲ କ୍ରୀଡାବିତମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଆରଏସପି ସିଏସଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ ମିତ୍ରା, ପୂର୍ବତନ ବିଧାୟକ ତଥା ଜିଲା ପରିଷଦ ହାଲୁ ମୁଣ୍ଡାରୀ, ସିଏସ୍‌ଆର ବିଭାଗର ଜିଏମ ବି.ମଲ୍ଲିକ,ଏଜିଏମ ଟି.ବି ଟପ୍ପୋ ,ଏ.ଏନ ପତି, ସ୍ଥାନୀୟ ସରପଞ୍ଚ ଜାନଭି ନାୟକ,ସମିତି ସଭ୍ୟା ଯମୁନା ଓରାମ ପ୍ରମୁଖ ଉପସ୍ଥିତ ରହିଥିଲେ। ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଉଡୁସୁ ଫୁଟବଲ କ୍ଲବ ଏବଂ ସାରୁବାହାଲ ମଧ୍ୟେ ଫାଇନାଲ ଖେଳ ହୋଇଥିଲା। ଏଥିରେ ଉଡୁସୁ ଫୁଟବଲ କ୍ଲବ ସାରୁବାହାଲ ଦଳକୁ ୩-୧ ଗୋଲରେ ପରାସ୍ତ କରିଥିଲା। ଚାମ୍ପିୟନ ଦଳ ଉଡୁସୁକୁ ୧୦ହଜାର ଓ ଉପବିଜେତା ଦଳ ସାରୁବାହାଲକୁ ୮ହଜାର ଟଙ୍କା ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ଏଥିସହ ଝିରପାଣି ଫୁଟବଲ କ୍ଲବ, କୁଲାନବାହାଲ ଫୁଟବଲ କ୍ଲବକୁ ଯଥାକ୍ରମେ ୬ହଜାର ଓ ୪ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉଡୁସୁ ଦଳର ଶୁଭମ ଓରାମ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହୋଇଥିବାବେଳେ ସୁଜିତ ଓରାମ ଶ୍ରେଷ୍ଠ ସ୍କୋରର, ନିଖିଲ ମୁଣ୍ଡାରୀ ଶ୍ରେଷ୍ଠ ଗୋଲ ରକ୍ଷକ ଓ ସରୁବାହାଲର ଶେଖର ଓରାମ ଶ୍ରେଷ୍ଠ ଡିଫେନସର ଭାବେ ଘୋଷିତ ହୋଇଥିଲେ।



ଚାମ୍ପିୟନ ଦଳ ଉଡୁସୁ ସହ ଅତିଥିମାନେ।

## ୨୦ରୁ ହେବ ବାଣିଜ୍ୟ, ଉଦ୍ୟୋଗ ସମ୍ମେଳନ

**ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସୌଜନ୍ୟରେ ହେବ**

ରାଉରକେଲା,୧୮।୧୨(ବିପ୍ଲବ ରଞ୍ଜନ ଦାଶ)




ଖବରଦାତା ସମ୍ମିଳନୀରେ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ କର୍ମକର୍ତ୍ତା ସୂଚନା ପ୍ରଦାନ କରୁଛନ୍ତି।

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସୌଜନ୍ୟରେ ୨୦ରୁ ହେବ ବାଣିଜ୍ୟ, ଉଦ୍ୟୋଗ ସମ୍ମେଳନ। ରାଉରକେଲା ଶିଳ୍ପ ବାଣିଜ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ରାଉରକେଲା ଶିଳ୍ପ ଏବଂ ବାଣିଜ୍ୟ କେନ୍ଦ୍ରର ସଭାପତି ପ୍ରଭାତ କୁମାର ଟେବ୍ରିୱାଲ ସ୍ଥାନୀୟ ବିମାନବନ୍ଦର ନିକଟସ୍ଥ ପ୍ରଦର୍ଶନୀ ପଡିଆଠାରେ ରାଉରକେଲା ଚ୍ୟାମ୍ବର ଅଫ କମର୍ସ ସୌଜନ୍ୟରେ ହେବାକୁ ଥିବା ବାଣିଜ୍ୟ ଓ ଉଦ୍ୟୋଗ ସମ୍ମେଳନ-୨୦୨୪ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଚଳିତ ଡିସେମ୍ବର ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଏହି ସମ୍ମେଳନ ଚାଲିବ। ବାଣିଜ୍ୟ ଓ ଉଦ୍ୟୋଗ ସମ୍ମେଳନ-୨୦୨୪ରେ ବାଣିଜ୍ୟ ବ୍ୟବସାୟଗତ ସଭା, ବାଣିଜ୍ୟ ପ୍ରଦର୍ଶନୀ, ଦଳଗତ ବ୍ୟବସାୟ, ତୃଣମୂଳସ୍ତରୀୟ ବାଣିଜ୍ୟଗତ ସମ୍ମିଳନୀ ସହିତ ଖଣିଜ ଧାତୁ, ସୂଚନା ପ୍ରାଦ୍ୟୋଗିକ, ନବୀକରଣଗତ ସୌରଶକ୍ତି, ଖାଦ୍ୟ ସଂସ୍କରଣ, ଲଜିଷ୍ଟିକ, ଷ୍ଟାର୍ଟଅପ ସହିତ ମହିଳା ଶସକ୍ତୀକରଣ ଆଦି କ୍ଷେତ୍ରାଦିରେ ସଫଳତା ହାସଲ କରିଥିବା ବହୁନାମୀ ବାଣିଜ୍ୟ ବ୍ୟବସାୟୀଙ୍କ ପାଇଁ ବିଭିନ୍ନ ବାଣିଜ୍ୟ ବ୍ୟବସାୟ ଆଦି କର୍ମଶାଳା ଆୟୋଜନ ହେବ। ଏହି ସମ୍ମେଳନ କ୍ଷୁଦ୍ର ବ୍ୟବସାୟୀ, ନବୀନ ଉଦ୍ୟମତା ପାଇଁ ନୂତନ ଷ୍ଟାର୍ଟଅପ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି। ଏଥିସହ ନୂତନ ଭାବରେ ଉଦ୍ୟୋଗ ଜଗତରେ ପାଦ ଥାପୁଥିବା ପ୍ରଦ୍ୟୋଗୀମାନଙ୍କ ଆର୍ଥିକ ବିକାଶ ସାଧନ ନିମନ୍ତେ ଡିଜିଟାଲ ଉଦ୍ୟୋଗ କ୍ଷେତ୍ରରେ ବୃହତ୍ତ ପରିବର୍ତ୍ତନ ଆଣିବା ସମ୍ମେଳନର ମୁଖ୍ୟ ଶୀର୍ଷକ ରହିବ। ଏହି ସମ୍ମେଳନରେ ସମୁଦାୟ ୬୦ଟି ବାଣିଜ୍ୟ ବ୍ୟବସାୟ ପ୍ରଦର୍ଶନୀ ଷ୍ଟଲ ପ୍ରଦର୍ଶିତ ହେବ। ଯାହା ଜିଲାର ବିଭିନ୍ନ କ୍ଷୁଦ୍ର ବ୍ୟବସାୟୀ ଏବଂ ପ୍ରଦ୍ୟୋଗୀଙ୍କ ଦ୍ୱାରା ପ୍ରଦର୍ଶିତ ହେବ। ରିଏଲ ଇଷ୍ଟେଟ, ଇଲେକ୍ଟ୍ରିକାଲ, ହାର୍ଡୱେୟାର ଏବଂ ଫର୍ଣ୍ଣିଚର ପ୍ରମୁଖ ବ୍ୟବସାୟିକ ଉଦ୍ୟୋଗମାନ ପ୍ରଦର୍ଶିତ ହେବ। ପ୍ରତ୍ୟେକ ଦିନ ସମ୍ମେଳନ ପୂର୍ବାହ୍ନ ୧୧ଟାରୁ ଶୁଭାରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ। ଏହା ପରେ ସନ୍ଧ୍ୟା ୫ଟା ୩୦ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମ୍ମେଳନ ଦ୍ୱିତୀୟ ଦିନ କଳାକାର ସୁସ୍ମିତା ଦାସ ଓ ସାଥିଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ଖବରଦାତା ସମ୍ମିଳନୀରେ ରାଉରକେଲା ଚ୍ୟାମ୍ବର ଅଫ କମର୍ସ ସଭାପତି ପ୍ରଭାତ କୁମାର ଟିବ୍ରେୱାଲଙ୍କ ସହିତ ଉପସଭାପତି ସନ୍ତୋଷ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ଶୁଭମ କପୁର, ଉପସଭାପତି ବିଶ୍ୱନାଥ ଦେ, ଅର୍ଥ ସମ୍ପାଦକ ମନୀଷ ମୋଦୀ ଏବଂ ପୂର୍ବତନ ଅଧ୍ୟକ୍ଷ ସୁନୀଲ କୟାଲ ପ୍ରମୁଖ ସମ୍ମିଳିତ ରହି ସୂଚନା ପ୍ରଦାନ କରିଥିଲେ।

**ସଟ୍ଟା କାରବାର, ୩ ଗିରଫ**

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ସହର ମୁଦିପଡ଼ା ଛକରେ ସଟ୍ଟା କାରବାରରେ ଲିପ୍ତ ୨ ଜଣଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଠେଲକୋପଡ଼ାର ଶିଷ୍ୟ ସୁନା ଓ ମୁଦିପଡ଼ା ସମଲେଶ୍ୱରୀ କଲୋନୀର ସତ୍ୟନାରାୟଣ ରାଉତ। ସେମାନଙ୍କ ନିକଟରୁ ୪୩୪୦ ଟଙ୍କା, ଦୁଇଟି ଖାତା, ଗୋଟିଏ କାଲକୁଲେଟର, ୪ଟି କାର୍ବନ ପେପର ଜବତ ହୋଇଛି। ସେହିପରି କ୍ଷେତ୍ରରାଜପୁର ଥାନା ପୋଲିସ ସମଲେଶ୍ୱରୀ ମନ୍ଦିର ନିକଟ ରିଂରୋଡରେ ଚଢ଼ାଉ କରି ବଡ଼ବଜାର ତେଲିପାଟଣା ରାଜେଶ ପାଣ୍ଡେ(୫୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ୨୫୫୦ ଟଙ୍କା ଜବତ ହୋଇଛି।

## ସଂକ୍ଷେପରେ

### ନିଯୁକ୍ତି ଆଶାୟୀଙ୍କ ପାଇଁ ହେବ ବୃତ୍ତିଗତ ପରାମର୍ଶ ଶିବିର

ସମ୍ବଲପୁର,୧୮।୧୨(ଭବାନୀ ଶଙ୍କର ଭୋଇ)

ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ସମ୍ବଲପୁର ଜିଲା ପ୍ରଶାସନ ସହଯୋଗରେ ଜିଲାର ନଅଟି ଯାକ ବ୍ଲକରେ ବୃତ୍ତିଗତ ଏବଂ ବୈଷୟିକ ପରାମର୍ଶ ଶିବିର ଆୟୋଜନ ହେବ। ଏ ନେଇ ବୁଧବାର ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ୨୦ ତାରିଖରେ ବାମରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୧ ରେ ନାକଟିଦେଉଳ, ୨୩ ରେ ମାନେଶ୍ୱର, ୨୪ ରେ ଯୁଯୋମୁରା, ୨୬ରେ ରେଙ୍ଗାଲି, ୨୭ରେ ଜମନକିରା, ୩୦ରେ ରେଢ଼ାଖୋଲ, ୩୧ରେ ଧନକଉଡା, ଜାନୁୟାରୀ ୩ ତାରିଖରେ କୁଚିଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏହି ପରାମର୍ଶ ଶିବିର ଆୟୋଜିତ ହେବ। ଏହି ପରାମର୍ଶ ଶିବିର ପ୍ରତିଦିନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି। ୧୮ରୁ ୩୫ ବର୍ଷର ନିଯୁକ୍ତି ଆଶାୟୀ ଯୁବତୀଯୁବକ ମାନେ ଏହି ପରାମର୍ଶ ଶିବିରରେ ସାମିଲ ହେବାକୁ ଅନଚରୋଧ କରାଯାଇଛି।

### ମହୁକୁଦ ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ନାକଟିଦେଉଳ,୧୮।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ମହୁକୁଦ ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ଉତ୍ସବ ଓ କ୍ରୀଡା ସମାରୋହ ବୁଧବାର ସମ୍ପନ୍ନ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୁଭାସିନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସ୍କୁଲ ନିରୀକ୍ଷକ ଅଚ୍ୟୁତାନନ୍ଦ ବିଶ୍ୱାଳ, ମୁଖ୍ୟବକ୍ତାଭାବେ ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ କନ୍ଦର୍ପ ରାଉଳ, ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର୍ ଦୀପେନ କୁମାର ପଟ୍ଟନାୟକ, ଗ୍ରାମ କମିଟି ପୂର୍ବତନ ସଭାପତି ନିରାକାର ବିଶ୍ୱାଳ, ପୂର୍ବତନ ଛାତ୍ର ସଂଘ ସଭାପତି ସନ୍ତୋଷ ବେହେରା ଓ ସ୍କୁଲ ପରିଚାଳନା କମିଟି ସଭାପତି ମନୋରଞ୍ଜନ ସାହୁ ଯୋଗଦେଇ ମହୁକୁଦ ସେବାଶ୍ରମ ବିଦ୍ୟାଳୟ ମହାନତା ତଥା ବିଦ୍ୟାର୍ଥୀମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷକ ସୌଭାଗ୍ୟ ମେହେର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରିଙ୍କୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୮।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବୁଧବାର ବ୍ୟବସ୍ଥିତ ମତଦାନ ଏବଂ ନିର୍ବାଚନ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଉଭୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ବିଇଡି ମହାବିଦ୍ୟାଳୟରେ ପୃଥକ ଭାବେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସଞ୍ଜୀବ ମେହେର, ଆସିଷ୍ଟାଣ୍ଟ କଲେକ୍ଟର ସୁଶାନ୍ତ ନାୟକ, ଜିଏମ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କେଶବ ଚନ୍ଦ୍ର ରଥ, ବିଏଡ କଲେଜ ଅଧକ୍ଷ ଡ ଦିବାକର ଷଡଙ୍ଗୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ନୂତନ ଭୋଟର ମାନଙ୍କୁ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ କରି ସଚେତନତା ସୃଷ୍ଟି କରିବା ଏହି ସଚେତନତା କାର୍ଯ୍ୟକ୍ରମର ଲକ୍ଷ୍ୟ। ବିଶେଷ କରି ମହାବିଦ୍ୟାଳୟରେ ପଢୁଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନିଜର ନାଗରିକ ଅଧିକାର ବିଷୟରେ ଅବଗତ କରାଯାଇଥିଲା ।

# ଧାନ ଉଠୁନି, ଜଗି ବସିଛନ୍ତି ଚାଷୀ

## ବଡ଼ମାଳ ମଣ୍ଡି

ରେଢ଼ାଖୋଲ,୧୮।୧୨(ଅଚ୍ୟୁତାନନ୍ଦ ପୁରୋହିତ)


ମଣ୍ଡିରେ ଧାନବସ୍ତା ଜଗି ବସିଛନ୍ତି ଚାଷୀ।

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବଡମାଳ ଧାନମଣ୍ଡିରେ ଅଚଳାବସ୍ଥା ଦେଖାଦେଇଛି। ମଣ୍ଡିରୁ ଧାନ ଉଠୁନାହିଁ। ଏଥିଯୋଗୁ ଗତ ୧୦ ଦିନ ହେବ ୫୦ ଜଣ ଚାଷୀଙ୍କ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ ଖୋଲା ଆକାଶ ତଳେ ପଡିରହିଛି। ଶୀତ କାକରରେ ଚାଷୀ ଏହାକୁ ଜଗି ବସିଛି। ତେବେ ଏ ଦିଗରେ ତତ୍ପରତା ପ୍ରକାଶ କରିବା ପରିବର୍ତ୍ତେ ପ୍ରଶାସନ ଚୁପ୍ ହୋଇ ବସିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଧାନର ମାନକୁ ନେଇ ମିଲର କ୍ରୟ କରୁ ନ ଥିବା ଆରଏମ୍‌ସି ସମ୍ପାଦକ ସଲମାନ ଟେଟେ ସୂଚନା ଦେଇଛନ୍ତି। ବୁଧବାର ମିଲର ମଣ୍ଡିକୁ ଆସି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଜରିବସ୍ଥାରେ ଥିବା ଧାନରୁ ୭ କେଜି ଓ ଅଖାବସ୍ଥାରେ ଥିବା ଧାନରୁ ୫ କେଜି ଧାନ କାଟି କିଣିବାକୁ ଚାଷୀମାନଙ୍କୁ କହିଥିଲେ। ହେଲେ ଚାଷୀମାନେ ବସ୍ତାପ୍ରତି ୩କେଜି କାଟିବାକୁ ରାଜି ହୋଇଥିଲେ। ମିଲର ଏଥିରେ ରାଜି ନ ହୋଇ ଫେରିଯାଇଥିବା ଜଣାପଡିଛି। ଏ ନେଇ ଆରଏମ୍‌ସି ସମ୍ପାଦକ ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ଏହି ପରିସ୍ଥିତିରେ ସେମାନଙ୍କ ଧାନ କେବେ ବିକ୍ରି ହେବ ଚାଷୀମାନେ ଚିନ୍ତାରେ ରହିଛନ୍ତି। ସରକାର ମଣ୍ଡିରେ କଟ୍‌ନି ଛଟ୍‌ନି ହେଉ ନ ଥିବା କହୁଥିବା ବେଳେ ମିଲରଙ୍କ ଯୋଗୁ ଚାଷି ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି।

# ୨୧ରୁ ଦୁଇଦିନିଆ କୁଚିଣ୍ଡା ମେରୁ ମହୋତ୍ସବ



ଖବରଦାତା ସମ୍ମିଳନୀରେ ଲଗୋ ପ୍ରଦର୍ଶନ କରାଯାଉଛି।

କୁଚିଣ୍ଡା,୧୮।୧୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଆଗାମୀ ୨୧ ଓ ୨୨ତାରିଖ ଦୁଇଦିନ ଧରି ହେବାକୁ ଥିବା ମେରୁ ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ କୁଚିଣ୍ଡା ଅଭୟ ଆର୍ଟ ଏକାଡେମୀ ପକ୍ଷରୁ କଳାକାରଙ୍କ ବିକାଶ ତଥା କଳା ସଂସ୍କୃତିକୁ ବିଶ୍ୱସ୍ତରରେ ପହଞ୍ଚାଇବା ମେରୁ ମହୋତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ଏକ ଖବରଦାତା ସମ୍ମିଳନୀରେ ଅଭୟ ଆର୍ଟ ଏକାଡେମୀର ନିର୍ଦ୍ଦେଶିକା ପଙ୍କଜିନୀ ସାହୁ ଓ ବିଶିଷ୍ଟ ନୃତ୍ୟ ଶିଳ୍ପୀ ରିଙ୍କୁ ସାହୁ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ହେବାକୁ ଥିବା ୭ମ ମେରୁ ମହୋତ୍ସବରେ କଳା ଓ କଳାକାରଙ୍କୁ ବିଶ୍ୱସ୍ତରରେ ପହଞ୍ଚାଇବା ସହ କଳାକାରଙ୍କୁ ସମ୍ମାନିତ କରି ତାଙ୍କ ଉତ୍ସାହ ଦ୍ୱିଗୁଣିତ କରିବା ଅଭୟ ଆର୍ଟ ଏକାଡେମୀର ମୂଳ ଲକ୍ଷ୍ୟ । ମୁଖ୍ୟତଃ କଳା ଓ ସଂସ୍କୃତି ଆମର ପରିଚୟ । କଳାକାରଙ୍କ ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଅଭୟ ଆର୍ଟ ଏକାଡେମୀ ସହ କୁଚିଣ୍ଡାବାସୀ ମେରୁ ଖମ୍ବ ଭଳି ଛିଡା ହୋଇ ଆସୁଛନ୍ତି। ତେଣୁ ଚଳିତ ବର୍ଷ ମହୋତ୍ସବରେ ସଞ୍ଚାରରେ ଗୁରୁ ଦୁଃଖ ନାସନ ବେହେରା, ନୃତ୍ୟରେ ଗୁରୁ ନିରଞ୍ଜନ ରାଉତ, ଯୁବ ପ୍ରତିଭା ନୃତ୍ୟରେ ସାନୁମାଲ କର, ସାମାଜିକ ସେବାରେ ରଜତ କୁମାର ପାଣିଗ୍ରାହୀ ପ୍ରମୁଖଙ୍କୁ ରୌପ୍ୟସ୍ମୃତି ଚିହ୍ନ ପ୍ରଦାନ କରି ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ରହିଥିବା ନୃତ୍ୟ ଶିଳ୍ପୀ ରିଙ୍କୁ ସାହୁ କହିଛନ୍ତି। ଅଭୟ ଆର୍ଟ ଏକାଡେମୀ ନିର୍ଦ୍ଦେଶିକା ସାହୁ ଓ ନୃତ୍ୟ ଶିଳ୍ପୀ ସାହୁ ଖବରଦାତା ସମ୍ମିଳନୀରେ ଲଗୋ ପ୍ରଦର୍ଶନ କରିଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ


ସଭାରେ ମଞ୍ଚାସୀନ ଅତିଥି।

ନାକଟିଦେଉଳ,୧୮।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୭ ଉଚ୍ଚ ବିଦ୍ୟାଳୟରୁ ୧୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ ତର୍କ, ଗଳ୍ପ ଲିଖନ, କବିତା ଲିଖନ, ସଙ୍ଗୀତ, ସାଧାରଣ ଜ୍ଞାନ ଆଦି ସମୁଦାୟ ୧୦ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ତର୍କରେ ସରାପାଲି ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ଶୀୟା ବେହେରା, ଗଳ୍ପରେ ବାପୁଜୀ ଉଚ୍ଚ ବିଦ୍ୟାଳୟ ଡଙ୍ଗଚାର ନବମ ଶ୍ରେଣୀ ଛାତ୍ରୀ ଚୁଲବୁଲି ସାହୁ, କବିତା ଲିଖନରେ କିସିଣ୍ଡା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପିଙ୍କି ସାହୁ, ସଙ୍ଗୀତରେ ସାଲେଇଜିପ କୁଞ୍ଜାମୁରା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଶ୍ରାବଣୀ ପ୍ରଧାନ, ସାଧାରଣ ଜ୍ଞାନରେ ଘୋଷରାମାଳ ଉଚ୍ଚ ବିଦ୍ୟାଳୟ ଛାତ୍ର ଆୟୁଷ ଅଂଶୁମାନ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ନାକଟିଦେଉଳ ବ୍ଲକ ଓଷ୍ଟା ସଭାପତି ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଓଷ୍ଟା ସାଧାରଣ ସମ୍ପାଦକ ଦେବରାଜ ବିଶି, ସମ୍ମାନିତ ଅତିଥିଭାବେ ଓଷ୍ଟାର ଜିଲା ସଭାପତି କ୍ଷୀରୋଦ କୁମାର ପଣ୍ଡା, ପୂର୍ବତନ ଓଷ୍ଟା ବ୍ଲକ ସଭାପତି ରେବତୀ ମୋହନ ଦଳବେହେରା, ସମ୍ବଲପୁର ଜିଲା ପୂର୍ବତନ ଓଷ୍ଟା କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ସ୍ୱାଇଁ, ରେଢ଼ାଖୋଲ ବ୍ଲକ ସଭାପତି କୈଳାଶ ଚନ୍ଦ୍ର ବେହେରା, ନାକଟିଦେଉଳ ବ୍ଲକ ଓଷ୍ଟା ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ବ୍ଲକ ଉପ ସଭାପତି ସସ୍ମିତା ମାଝୀ ଓ କିସିଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଅବସର ପ୍ରାପ୍ତ ଶିକ୍ଷକ ଦର୍ଶନୀ ଷଣ୍ଢ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଅତିଥି ପରିଚୟ କିସିଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଓଷ୍ଟା ବ୍ଲକ ସହସମ୍ପାଦକ ଜୀନାତମୟୀ ଦଲେଇ। ବିଚାରକଭାବେ ଯୋଗଦେଇଥିଲେ ଲୋକନାଥ ସାହୁ, କୁମୁଦବନ୍ଧୁ ସାହୁ, ବ୍ରଜ ମୋହନ ସାହୁ, ମହେଶ୍ୱର ପ୍ରଧାନ, ଶୋଭାଗିନୀ ମାଝୀ, ଗୀତାଞ୍ଜଳୀ ସାହୁ।

### ଶିଶୁ ମନ୍ଦିରରେ ଜେଜେବାପା, ଜେଜେମା' ସମ୍ମିଳନୀ

ନାକଟିଦେଉଳ,୧୮।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ଶିଶୁ ମନ୍ଦିରରେ ବୁଧବାର ଜେଜେବାପା ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁଙ୍କ ସଭାପତିତ୍ୱ ଓ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାବେଶରେ ସମ୍ମାନୀତ ଅତିଥିଭାବେ ବିଦ୍ୱତ ପରିଷଦ ସମ୍ପାଦକ ଡକ୍ଟର୍ ଦୀପେନ କୁମାର ପଟ୍ଟନାୟକ ଓ ଜେଜେମା' ଜେଜେ ବାପାମାନଙ୍କର ପ୍ରତିନିଧି ଭାବେ ବୀରବର ବଘାର ଯୋଗଦେଇଥିଲେ। ଲକ୍ଷ୍ମୀପ୍ରିୟାମା ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ମଧୁସ୍ମିତା ଗୁରୁମା ଓ ନିରୁପମା ଗୁରୁମାବନ୍ଦନା ଗାନ କରିଥିଲେ। ଜେଜେବାପା ଜେଜେମା'ମାନେ ପରିଚୟ ପ୍ରଦାନ କରିଥିଲେ। ଗୀତାଞ୍ଜଳି ଦାସ ବୋଧ କଥା କହିଥିଲେ । ଜେଜେ ବାପା ଜେଜେ ମା'ମାନଙ୍କର ସମସ୍ୟା ଆଧାରିତ ନାଟକ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଡକ୍ଟର ଦୀପେନ ପଟ୍ଟନାୟକ ଯୌଥ ପରିବାରର ପତନ, ଜେଜେବାପା ଜେଜେ ମା'ଙ୍କର ଭୂମିକା ଓ ମାତାପିତାଙ୍କ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ।

# ଏମ୍‌ସିଏଲକୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର


ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କଠାରୁ ଏମସିଏଲ ଅଧିକାରୀମାନେ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ଗ୍ରହଣ କରୁଛନ୍ତି ।

ସମ୍ବଲପୁର,୧୮।୧୨(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ)କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୩ରେ ଉଲ୍ଲେଖନୀୟ ସୁରକ୍ଷା ପ୍ରଦର୍ଶନ ପାଇଁ ୫ଟି ଏମସିଏଲର ୫ଟି କୋଇଲା ଖଣିକୁ ପୁରସ୍କାର ମିଳିଛି । ଏଥି ମଧ୍ୟରୁ ପ୍ଲାଟିନମ୍ ବର୍ଗରେ ସିଆରମାଲ ଏବଂ ଅନନ୍ତ ଓପନ କାଷ୍ଟ ପ୍ରୋଜେକ୍ଟ (ଓସିପି) ପୁରସ୍କାର ପାଇଥିବାବେଳେ କାନିହା ଓସିପି, କୁଲଡା ଓସିପି ଏବଂ ବାସୁନ୍ଧରା (ପଶ୍ଚିମ) ଓସିପି ସ୍ୱର୍ଣ୍ଣ ପଦକ ହାସଲ କରିଛି। ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ସୁରକ୍ଷା କନକ୍ଲେଭ-୨୪ରେ ଉପମୁଖ୍ୟ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ନିରାପତ୍ତା ପ୍ରତି ଏମସିଏଲ ନିରନ୍ତର ପ୍ରତିବଦ୍ଧତା ଏବଂ ଏହାର କାର୍ଯ୍ୟକଳାପରେ ନିରାପଦ କାର୍ଯ୍ୟ ସ୍ଥିତିକୁ ବଜାୟ ରଖିବାରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ଏମ୍‌ସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ବିଜେତା ଖଣିକୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଦଳ ଦ୍ୱାରା କରାଯାଇଥିବା ଅତୁଳନୀୟ ଉଦ୍ୟମକୁ ପ୍ରସଂଶା କରିଛନ୍ତି। ଏହି ପୁରସ୍କାରଗୁଡିକ ଏକ ନିରାପଦ ଏବଂ ଦକ୍ଷ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ପାଇଁ ଆମ ଦଳର ନିରନ୍ତର ଉଦ୍ୟମକୁ ପ୍ରତିଫଳିତ କରିଥାଏ। ନିରାପତ୍ତାରେ ଉତ୍କର୍ଷତା ଦିଗରେ ଆମର ଏହି ସ୍ୱୀକୃତି ଏକ ପଦକ୍ଷେପ । ସର୍ବୋତ୍ତମ ଶ୍ରେଣୀର ସୁରକ୍ଷା ଅଭ୍ୟାସ ଏବଂ କାର୍ଯ୍ୟଦକ୍ଷତାକୁ ସମ୍ମାନ ଦେଇ କୋଇଲା ଶିଳ୍ପରେ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ମିଳିଛି ବୋଲି ଅଧକ୍ଷ କାଓଲେ କହିଛନ୍ତି ।

# ତାଲା ପକାଇ ପ୍ରତିବାଦ କଲେ ଗ୍ରାମବାସୀ

## ତେଲିଘଣା ପ୍ରାଥମିକ ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

ରେଢ଼ାଖୋଲ,୧୮।୧୨(ଅଚ୍ୟୁତାନନ୍ଦ ପୁରୋହିତ)


ଗେଟରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକ ଧରଣା ଦେଇଛନ୍ତି।

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ତେଲିଘଣା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ବିଦ୍ୟାଳୟରେ ବୁଧବାର ତାଲା ପକାଇ ଦେଇଛନ୍ତି। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଥିବା ବେଳେ ଜଣେ ମାତ୍ର ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଶିକ୍ଷକ ନିଯୁକ୍ତି କରାଯିବାକୁ ଗ୍ରାମବାସୀ ଦୀର୍ଘଦିନ ହେବ ଦାବି କରିଆସୁଥିବା ବେଳେ ଗତ ନଭେମ୍ବର ୨୯ରେ ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ନାଏକ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୩୧ରେ ଜଣେ ଶିକ୍ଷକଙ୍କୁ ଡିମିରିମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ତେଲିଘନା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରିଥିଲେ। ତେବେ ଶିକ୍ଷକ ଜଣକ ବ୍ଲକ ଶିକ୍ଷାଧିକାରୀଙ୍କ ବଦଳି ନିର୍ଦ୍ଦେଶକୁ ବେଖାତିର କରି ତେଲିଘନା ବିଦ୍ୟାଳୟରେ ଯୋଗ ଦେଇ ନ ଥିଲେ। ଫଳରେ ପୁଣିଥରେ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଫେରାଦ ହୋଇଥିଲେ। ଶିକ୍ଷକ ନିଯୁକ୍ତି କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଥିଲେ। ସେହି ଅନୁସାରେ ବୁଧବାର ସକାଳେ ସେମାନେ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ ନାଏକ ତେଲିଘନା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗୁରୁବାର ସକାଳ ସୁଦ୍ଧା ଶିକ୍ଷକ ନିଯୁକ୍ତ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟ ଗେଟ୍ ତାଲା ଖୋଲା ଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ପ୍ରଧାନ, ଅମରେଶ ପ୍ରଧାନ, ୱାର୍ଡ ସଭ୍ୟା ସୁଜାତା ପ୍ରଧାନଙ୍କ ସମେତ ଗ୍ରାମବାସୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଉଦ୍ୟାନ କୃଷିର ପ୍ରସାର ପାଇଁ କୃଷି ବିଭାଗର ଉଦ୍ୟମ

ସମ୍ବଲପୁର,୧୮।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ସନାତନପାଲି କୁ ବୁଧବାର କୃଷି ବିଭାଗର ଏକ ଟିମ ପରିଦର୍ଶନ କରି ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସନାତନପାଲିରେ କରାଯାଇଥିବା ଷ୍ଟ୍ରବେରୀ, ଆଳୁ ଏବଂ ସୋରିଷ ଚାଷ ବିଷୟରେ ପଚାରି ବୁଝିବା ସହ ଫସଲ ବୁଲି ଦେଖିଥିଲେ। କୃଷି ବିଭାଗର ନୋଡାଲ ଅଧିକାରୀ ବସନ୍ତ କୁମାର ଦେଓ, ଜିଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଯୁଯୋମୁରା ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ସେଠୀ, ଜିଲା ଉଦ୍ୟାନ କୃଷି ଅଧିକାରୀ ମୌସୁମୀ ଶତପଥୀ, ନୀଳଜୁଙ୍ଗୁରି ସ୍ଥିତ ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ କୁନି ମେହେରଙ୍କ ସହ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ନିର୍ଦ୍ଦେଶକ ମନବୋଧ ବାରିକ ଏହି ସମୟରେ ଉପସ୍ଥିତ ରହି ଚାଷୀଙ୍କ ସହ ପରିଚିତ କରାଇଥିଲେ। ଜିଲାରେ ଉଦ୍ୟାନ କୃଷିକୁ ଅଧିକ ଗୁରୁତ୍ୱ ଦିଆଯିବା ନେଇ ଚାଷୀ ମାନଙ୍କୁ କିଭଳି ପ୍ରୋତ୍ସାହିତ କରାଯାଇପାରିବ ସେନେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ।


କୃଷି ବିଭାଗ ଟିମ୍ ଚାଷୀଙ୍କ ସହ କ୍ଷେତରେ ଆଲୋଚନା କରୁଛନ୍ତି।

# ତତ୍କାଳ ସେବା ପ୍ରଦାନ ରେଡ଼କ୍ରସର ମୂଳ ଲକ୍ଷ୍ୟ

## ରାଜ୍ୟସ୍ତରୀୟ ଜୁନିୟର ରେଡ଼କ୍ରସ ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୧୮।୧୨(ଭବାନୀ ଶଙ୍କର ଭୋଇ)



ଜୁନିୟର ରେଡ଼କ୍ରସ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

ସମ୍ବଲପୁର ମହାନଗର ଧନକଉଡା ବ୍ଲକ ଗୋପାଳପାଲି ଶୋଭାରାମ ବୁଢ଼ିଆ ଉଚ୍ଚ ବିଦ୍ୟାଳୟରେ ବୁଧବାର ରାଜ୍ୟସ୍ତରୀୟ ଜୁନିୟର ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ ଉଦଘାଟନ କରିଥିଲେ। ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱବନ୍ଧୁତାର ବାର୍ତ୍ତା ବହନ କରୁଥିବା ଏହି ପ୍ରଶିକ୍ଷଣ ଶିବିରର ଉଦଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜଗବନ୍ଧୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବେହେରା କୌଣସି ଦୁର୍ଘଟଣା ଘଟିଲେ ତତ୍କାଳ ସେବା ପ୍ରଦାନ ରେଡ଼କ୍ରସର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଳାସିନୀ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜୁନିୟର ରେଡ଼କ୍ରସ ଅଫିସର ଲକ୍ଷ୍ମଣ କୁମାର ସ୍ୱାଇଁ ଏବଂ ସୁରେନ୍ଦ୍ର ସାମଲ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉଦଘାଟନୀ ସଭାକୁ ଚିତ୍ତରଞ୍ଜନ ସ୍ୱାଇଁ ଏବଂ ଆନନ୍ଦ ତନସନା ସଂଯୋଜନା କରିଥିଲେ। ଜିଲା ଜୁନିୟର ରେଡ଼କ୍ରସ ଅଫିସର ବିଶ୍ୱାମିତ୍ର ଦୀପଙ୍କ ତତ୍ତ୍ୱାବଧାନରେ ଏହି ଶିବିର ୩ଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଦିନର ଦ୍ୱିତୀୟ ଅଧିବେଶନରେ ଜିଲା ବ୍ଲଡ଼ବ୍ୟାଙ୍କ ଅଧିକାରୀ ଡ.କନ୍ଳେଶ୍ୱର କକ୍କଡ଼ ରକ୍ତଦାନ ସମ୍ପର୍କରେ ଆଲୋଚନା କରି ପ୍ରଶିକ୍ଷଣାର୍ଥୀ ମାନଙ୍କ ସମସ୍ତ ଶଙ୍କା ଦୂର କରିଥିଲେ। ଉକ୍ତ ଶିବିରରେ ପଶ୍ଚିମ ଓଡ଼ିଶାର ୪ଟି ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ମୋଟ ୧୦୦ ଜଣ କାଉନସେଲର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜୁନିୟର ରେଡ଼କ୍ରସ କାଉନସେଲର ତ୍ରିବିକ୍ରମ ରଣା, ପ୍ରତାପ ସେନାପତି, ରମେଶ ବେରିହା, ରାଜାରାମ ପଣ୍ଡା,ଦେବଦତ୍ତ ପଣ୍ଡା, ତୃପ୍ତିମୟୀ ସ୍ୱାଇଁ ତଥା ଶୋଭାରାମ ବୁଢ଼ିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



ଆଉ ଦିନ କେଇଟା ପରେ ବିଦାୟ ନେବ ୨୦୨୪ । ତା'ର ଚଳଚଞ୍ଚଳ ଧାରାର ପରିସମାପ୍ତି ଘଟିବା ପଛରେ ସ୍ମୃତି ହୋଇ ରହିଯିବ ଏ ବର୍ଷର ଅନେକ ଘଟଣା, ଦୁର୍ଘଟଣା। ପୃଥିବୀର ଏହି ଧାରାରୁ ବାଦ୍ ପଡ଼ିନାହିଁ ଉପକୂଳ ଓଡ଼ିଶା। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ହାବେଳିଖଟିରେ ସାମୁଦ୍ରିକ ଝଡ଼ 'ଦାନା'ର ଲ୍ୟାଣ୍ଡଫଲ୍ ହେଉ କି ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ୍ ଶିଆଳି ବେଳାଭୂମିରେ ଥିବା ଭ୍ୟୁ ଟାୱାର ଭୁଶୁଡ଼ି ପଡ଼ିବା ଘଟଣା ଭୟ ସୃଷ୍ଟି କରିଥିଲା। ଯାଜପୁର ଜିଲାର ରାଜନୈତିକ ବିବାଦକୁ ନେଇ ଧର୍ମଶାଳା ବିଧାୟକଙ୍କୁ ମାଡ଼ ଘଟଣା ହେଉ କି ବଲେ ବଲେ ଢାବା ପ୍ରସଙ୍ଗ ଚଳିତ ବର୍ଷ ଚର୍ଚ୍ଚାର ବିଷୟ ହୋଇଥିଲା। ୮୨ବର୍ଷ ବୟସରେ ଗୋପୀନାଥ ବିଶ୍ୱାଳ ପୋଷ୍ଟ ଗ୍ରାଜୁଏଟ ହେବା, କେନ୍ଦ୍ରାପଡ଼ାରେ ଯାତ୍ରୀ ରେଳସେବା ଆରମ୍ଭ ହେବା ଘଟଣା ନୂଆ ଉନ୍ମାଦନା ସୃଷ୍ଟି କରିଥିଲା।



## ଚର୍ଚ୍ଚାରେ ଶିବାନୀ

ଅକ୍ଟୋବରର ସାମୁଦ୍ରିକ ଝଡ଼ 'ଦାନା' ଆଶା କର୍ମୀ ଶିବାନୀ ମଣ୍ଡଳଙ୍କୁ ନୂଆ ପରିଚୟ ଦେଇଥିଲା। ସବୁଠି ଛାଇ ଯାଇଥିଲା ତାଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା। 'ଦାନା' ଝଡ଼ ଭିତରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଖାସମୁଣ୍ଡା ଗାଁରେ ଆଶାକର୍ମୀ ଶିବାନୀ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ବାଟ କଢ଼ାଇ ନେଇଥିଲେ। ଏଥିସହ ସେ ଜଣେ ବୃଦ୍ଧାଙ୍କୁ ନିଜ ପିଠିରେ ବୋହି ବାତ୍ୟା ଆଶ୍ରୟସ୍ଥଳକୁ ନେଇଥିଲେ। ଏହି ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ତାଙ୍କ ପାଖକୁ ପ୍ରଶଂସା ସୁଅ ଛୁଟିଥିଲା। ଏପରି କି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ପୁରସ୍କୃତ କରିଥିଲେ।

# ହାବେଳିଖଟିରେ ମାଟି ଛୁଇଁଲା 'ଦାନା'

ଚଳିତ ବର୍ଷର ବଡ଼ ସାମୁଦ୍ରିକ ଝଡ଼ 'ଦାନା' ଭୟ ସୃଷ୍ଟି କରିଥିଲା। କେନ୍ଦ୍ରାପଡ଼ା ଜିଲାରେ ଏହାର ବେଶ୍ ପ୍ରଭାବ ପଡ଼ିଥିଲା। ରାଜନଗର ବ୍ଲକ ହାବେଳିଖଟିଠାରୁ ଧାମରା ମୁହାଣ ପର୍ଯ୍ୟନ୍ତ ଲ୍ୟାଣ୍ଡଫଲ୍ ସ୍ଥାନ ଚିହ୍ନଟ ହୋଇଥିଲା। ସମଗ୍ର ଜିଲା ଏଥିରେ ପ୍ରଭାବିତ ହୋଇଥିଲା। ୨୦୦୦ରୁ ଊର୍ଦ୍ଧ୍ୱ ଘର ଆଂଶିକ ଓ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଲ୍ୟାଣ୍ଡଫଲ ସ୍ଥାନ ହାବେଳିଖଟି ୱାଚ୍ ଟାୱାର ମୂଳ ପର୍ଯ୍ୟନ୍ତ ସମୁଦ୍ର ମାଡ଼ିଯାଇ ପର୍ଯ୍ୟଟନ କ୍ଷେତ୍ରର ବ୍ୟାପକ କ୍ଷତି କରିଥିଲା।





## ୮୨ ବର୍ଷ ବୟସରେ ପୋଷ୍ଟ ଗ୍ରାଜୁଏଟ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ମେଘପୁର ଗ୍ରାମର ଗୋପୀନାଥ ବିଶ୍ୱାଳ ଚଳିତ ବର୍ଷ ୮୨ବର୍ଷ ବୟସରେ ପୋଷ୍ଟ ଗ୍ରାଜୁଏଟ ଡିଗ୍ରୀ ହାସଲ କରିଛନ୍ତି। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଓଡ଼ିଆ ବିଷୟରେ ପରୀକ୍ଷା ଦେଇଥିଲେ। ପାଠ ପଢ଼ିବା ପାଇଁ ବୟସ ବାଧକ ନୁହେଁ ବୋଲି ବିଶ୍ୱାଳ ପ୍ରମାଣିତ କରିଥିଲେ।

## ୬ ଶ୍ରମିକଙ୍କ ଜୀବନ ଗଲା

ମେ'୧୬ରେ ପାର୍ବତୀଗିରି ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ବିଞ୍ଝାରପୁର ବ୍ଲକ ରାହାଁସ ଗ୍ରାମ ନିକଟରେ ମାଟି ଧସି ୩ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ଫିରୋଜ ଆନସାରୀ, ଚିଦାମ୍ବରମ ଭେଲୁଲାଇ ଓ ଅନସାରୀ ମିଆନ। ଏହି ଦୁଃଖଦ ଘଟଣା ମନରୁ ନ ଲିଭୁଣୁ ସେଦିନ ରାତିରେ ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ ପାହାଡରୁ ପଥର ଓ ମାଟି ଧସି ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣା ଆତଙ୍କ ସୃଷ୍ଟି କରିଥିଲା।



## ପରଲୋକରେ ଦୁଃଖ





କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ା, ଜଗତ୍‌ସିଂହପୁରର ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ପୂର୍ବତନ ଏମ୍‌ପି ପ୍ରଭାତ ସାମନ୍ତରାୟଙ୍କ ସହିତ ଡେରାବିଶ ବ୍ଲକ ନୂଆଗାଁ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଫକୀର ମୋହନ ଦାସଙ୍କ ପରଲୋକ ଚଳିତ ବର୍ଷର ଦୁଃଖଦ ଘଟଣା ଥିଲା।

## ଜାହାଜରେ ୩ ସନ୍ଦିଗ୍ଧ

୩୧ ଅଗଷ୍ଟରେ ଏକ ପଣ୍ୟବାହୀ ଜାହାଜ ପାରାଦୀପରେ ପହଞ୍ଚିଥିଲା। ଏଥିରେ ତାଞ୍ଜାନିଆର ୩ ସନ୍ଦିଗ୍ଧ ନାଗରିକ ଥିବା ଜଣାପଡ଼ିଥିଲା। ଏହାପରେ ତନାଘନା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଯାଞ୍ଚ ପରେ ସେହି ଜାହାଜରେ ସେମାନଙ୍କୁ ବିଦେଶକୁ ପଠାଇ ଦିଆଯାଇଥିଲା।

## କାଳିଆ ନନା ନେଲା ୫ ଜୀବନ

ଏପ୍ରିଲ ୧୫ କାଳିଆ ନନା ବସ୍ ଭାରସାମ୍ୟ ହରାଇ ପୋଲ ତଳ ଆପ୍ରୋଚ ରୋଡ୍‌ରେ ଥିବା ଏକ ଢାବା ସମ୍ମୁଖରେ ଖସି ପଡିଥିଲା। ପୁରୀରୁ ହଳଦିଆ(ଦୀଘା) ଯାଉଥିବା ଏହି ବସ୍ ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ୫ଜଣଙ୍କ ମୃତ୍ୟୁ ଘଟଣା ଚଳିତ ବର୍ଷର ଅନ୍ୟତମ ଦୁଃଖଦ ଖବର ଥିଲା।



## ଭିତରକନିକାରେ ବଢ଼ିଲା ପକ୍ଷୀ, କୁମ୍ଭୀର ସଂଖ୍ୟା

ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ ସାମୁଦ୍ରିକ ଜୀବ ଓ ବନ୍ୟପ୍ରାଣୀଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିଛି। ଚଳିତ ବର୍ଷ ଜାନୁଆରୀରେ ଗଣନା ସମୟରେ ମୋଟ ୧୨୧ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିଲା। ଗତବର୍ଷ ପକ୍ଷୀ ସଂଖ୍ୟା ୧,୩୮,୧୦୭ ଥିବାବେଳେ ଚଳିତ ବର୍ଷ ୧,୫୧,୪୨୧ରେ ପହଞ୍ଚିଛି। ସେହିପରି ୨୦୨୩ରେ କୁମ୍ଭୀର ସଂଖ୍ୟା ୧୭୯୩ ଥିବାବେଳେ ଚଳିତ ବର୍ଷ ୧୮୧୧କୁ ବୃଦ୍ଧି ପାଇଛି।



## କୁମ୍ଭୀର ମୁହଁରେ ଗଲା ୪ ଜୀବନ

ଚଳିତ ବର୍ଷ କୁମ୍ଭୀର-ମଣିଷ ଲଢ଼େଇ ଚର୍ଚ୍ଚାକୁ ଆସିଥିଲା। ଏହି ଲଢ଼େଇରେ ୪ ଜଣଙ୍କ ଜୀବନ ଯାଇଛି। ଜୁନ୍ ୪ରେ ସିଙ୍ଗିଡି ଯୋରରେ ଗାଧୋଉଥିବା ବେଳେ ରାଜକନିକା ଥାନା ସିଙ୍ଗିଡି ଗ୍ରାମର ସନାତନ ସାମଲଙ୍କୁ କୁମ୍ଭୀର ଟାଣି ନେଇଥିଲା। ସେହିପରି ଅଗଷ୍ଟ ୧୨ରେ ପଟ୍ଟାମୁଣ୍ଡାଇ ଥାନା ଅଳପୁଆ ଗ୍ରାମର ମଞ୍ଜୁଲତା ଭଞ୍ଜ, ସେପ୍ଟେମ୍ବର ୧୬ରେ ଆଳି ଥାନା ଇଚ୍ଛାପୁର ଗ୍ରାମର ଅଜାମ୍ବର ନାୟକ ଓ ଅକ୍ଟୋବର ୧୬ରେ ମୁଣ୍ଡତଳ ସହରକଣୀ ଗ୍ରାମର ଶିବଶଙ୍କର ସାମନ୍ତଙ୍କ ଜୀବନ କୁମ୍ଭୀର ମୁହଁରେ ଯାଇଥିଲା।



## ବାର୍ଡ ଫ୍ଲୁ ଭୟ

ଅଗଷ୍ଟରେ ପୁରୀ ଜିଲା ପିପିଲିରେ ବାର୍ଡ ଫ୍ଲୁ ପରେ କେନ୍ଦ୍ରାପଡ଼ା ଜିଲା ଡେରାବିଶରେ ଏହାର ପ୍ରଭାବ ସେପ୍ଟେମ୍ବରରେ ଦେଖିବାକୁ ମିଳିଥିଲା। ଏହି ବ୍ଲକର ବାଲିଆ ଓ ଏଣ୍ଡରଠାରେ ଏଚ୍୫ଏନ୍୧ ଭୂତାଣୁ ଚିହ୍ନଟ ପରେ କୁକୁଡ଼ା ଫାର୍ମ ବନ୍ଦ ହୋଇଥିଲା। ବହୁସଂଖ୍ୟକ କୁକୁଡ଼ା ମରାଯାଇଥିଲା।

## ବିଧାୟକଙ୍କୁ ଆକ୍ରମଣ

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ)ଙ୍କୁ ନଭେମ୍ବର୨୦ରେ କୁଆଖିଆ-ଯାଜପୁର ଟାଉନ ରାସ୍ତାର ବୁଢାପୋଲ ନିକଟରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ୧୯ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାର ପରଦିନ ବିରଜା ହାଟରେ ଚାଷୀମାନଙ୍କୁ ନିର୍ଯାତନା ଓ ମାଡ ଘଟଣାରେ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସ(ଲଲ)ଙ୍କୁ ଗିରଫ କରାଯାଇଥିଲା।




## ବଲେ ବଲେ ଢାବା

ଜୁନ୍ ଶେଷ ବେଳକୁ ଯାଜପୁର ଜିଲା ଧର୍ମଶାଳା ଭବନ ନିକଟରେ ବେଆଇନ ବଲେ ବଲେ ଢାବା ଓ ଲଜ୍‌ରେ ମଉଜ ମଜ୍‌ଲିସ ଅଭିଯୋଗ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ପରେ ଉକ୍ତ ଲଜ୍ ଓ ଢାବାକୁ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଖାଲି କରାଯାଇଥିଲା। ଖାଲି ସେତିକି ନୁହେଁ, କୁସୁମା ପରିସରରେ ଥିବା ସୌଖୀନ ଗୃହକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

## ଯୁବତୀ ବେଶରେ ଅଭିଯୁକ୍ତ

ଜଣେ ଅଭିଯୁକ୍ତ ଯୁବକ ଯୁବତୀ ପୋଷାକ ପିନ୍ଧି ପୋଲିସ ଆଖିରୁ ଖସିଯିବାକୁ ଉଦ୍ୟମ କରିବା ଘଟଣା ମାର୍ଶାଘାଇ ବ୍ଲକ ପାଟକୁରା ଥାନା ଅଧୀନ ମଧୁସୂଦନପୁର ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଗ୍ରାମର ବିକ୍ରମ ଦାସ ପାରିବାରିକ କଳହ ପାଇଁ ସ୍ତ୍ରୀ ଓ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରି ବେଶ ବଦଳାଇ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ମାଡ଼ି ବସିଥିଲା।






## ପାରାଦୀପରେ ୨ ବାଂଲାଦେଶୀ ବୋଟ୍

ଡିସେମ୍ବର ୯ରେ ୨ଟି ବାଂଲାଦେଶୀ ମାଛଧରା ବୋଟ୍ ଭାରତ ସୀମାକୁ ପଶି ଆସିଥିଲା। ଏଥିରେ ୭୮ ଜଣ ବାଂଲାଦେଶୀ ଥିଲେ। କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ (ଅମୋଘ) ଏହା ଦେଖି ସେମାନଙ୍କୁ ଅଟକ ରଖିଥିଲା। ପରେ ଭାରତ ସରକାରଙ୍କ ବୈଦେଶିକ କୂଟନୀତି ମାଧ୍ୟମରେ ସେମାନଙ୍କୁ ଛଡ଼ାଯାଇଥିଲା।

## କେନ୍ଦ୍ରାପଡ଼ାରେ ଆରମ୍ଭ ହେଲା ଯାତ୍ରୀ ରେଳସେବା

ଗତ ମାର୍ଚ୍ଚ ୫ରେ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ସ୍ୱପ୍ନ ପୂରଣ ହୋଇଥିଲା। ପ୍ରଥମ ଥର ପାଇଁ ଏହି ଜିଲା ଦେଇ ଯାତ୍ରୀବାହୀ ଟ୍ରେନ୍ ଗଡ଼ିଥିଲା। ପାରାଦୀପ ହରିଦାସପୁର ରେଳପଥ ମଧ୍ୟ ଦେଇ ଏକ ମେମୁ ଟ୍ରେନ କେନ୍ଦୁଝର ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଥିଲା। ଯାଜପୁର ଜିଲା ଚଣ୍ଡିଖୋଲଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ରେଳ ସେବାକୁ ଉଦ୍‌ଘାଟନ କରିଥିଲେ।




## ଭୁଶୁଡ଼ିଲା ଶିଆଳି ଭ୍ୟୁ ଟାୱାର



ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ବେଳାଭୂମିରେ ଥିବା ଭ୍ୟୁ ଟାୱାର ୨୦୧୬ରେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିଲା। ସମୁଦ୍ର ଜଳ ପତ୍ତନ ଆଶାତୀତ ଭାବେ ବୃଦ୍ଧି ପାଇ କୂଳ ଲଂଘିବା ଯୋଗୁ ୨ ଅଗଷ୍ଟରେ ଏହାର ଭିତ୍ତିଭୂମି ଭୁଶୁଡ଼ି ପଡ଼ିଥିଲା। ବାଧ୍ୟହୋଇ ପ୍ରଶାସନ ପକ୍ଷରୁ ଏହାକୁ ଭାଙ୍ଗି ଦିଆଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦର ବୃଦ୍ଧିକୁ ବିରୋଧ: ଜାନୁଆରୀ ୬ରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର,୧୮।୧୨(ଅନିଲ ଦାସ)

ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଜନସାଧାରଣଙ୍କୁ ଅତିଷ୍ଠ କଲାଣି । ଦର ବୃଦ୍ଧି ବିରୋଧରେ ଆସନ୍ତା ଜାନୁଆରୀ ୬ରେ ସଚିବାଳୟ ସମ୍ମୁଖରେ ବିଜେଡି ଏକ ଗଣବିକ୍ଷୋଭ କରିବ। ବୁଧବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା, ଦଳର ବରିଷ୍ଠ ମିଡିଆ ସଂଯୋଜକ ପ୍ରତାପ ଜେନା, ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଦଳର ଯୁବ ସଭାପତି ବ୍ୟୋମକେଶ ରାୟ ଏହି ସୂଚନା ଦେଇଛନ୍ତି । ଏହାଛଡ଼ା ଡିସେମ୍ବର ୨୬ରେ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ପାଳିତ ହେବ। ସେହିଦିନ ବିଜେଡି ମୁଖ୍ୟାଳୟ ଶଙ୍ଖଭବନଠାରେ ଆୟୋଜିତ ହେବାକୁ ଥିବା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗ ଦେବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ମୋଦିଙ୍କୁ ଭେଟିଲେ ଶରଦ ପାୱାର



ନୂଆଦିଲ୍ଲୀ,୧୮।୧୨(ପି.ଟି.)

ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାୱାର ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ପାୱାର ମହାରାଷ୍ଟ୍ରର ଫଲଟନ୍‌ରୁ ଆସିଥିବା ୨ ଜଣ କୃଷକଙ୍କୁ ସାଙ୍ଗରେ ନେଇ ସଂସଦ ଭବନସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୋଦିଙ୍କୁ ଭେଟିଥିଲେ। ୨ ଚାଷୀ ସାଙ୍ଗରେ ଆଣିଥିବା ନିଜ ଉତ୍ପାଦିତ ଡାଳିମ୍ବ ପ୍ୟାକେଟକୁ ପାୱାର ମୋଦିଙ୍କୁ ଉପହାର ଦେଇଥିଲେ। ଏକ୍ସ'ରେ ପାୱାର ଏହାର ଫଟୋ ପୋଷ୍ଟ କରିଛନ୍ତି।



ଆମ୍ବେଡକରଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟ ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ କ୍ଷମା ପ୍ରାର୍ଥନା ଦାବି କରି ବୁଧବାର ପାର୍ଲାମେଣ୍ଟ ପରିସରରେ ଲୋକ ସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ରାଜ୍ୟ ସଭା ବିରୋଧୀଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓ ଇଣ୍ଡିଆମେଣ୍ଟର ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# କଂଗ୍ରେସର ଆମ୍ବେଡ୍‌କର ବିରୋଧୀ ଷଡ଼ଯନ୍ତ୍ର ସାମ୍ନାକୁ ଆସିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୮।୧୨(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବାବାସାହେବ ଆମ୍ବେଡ୍‌କରଙ୍କ ପାଇଁ କଂଗ୍ରେସ ରଚିଥିବା ଷଡ଼ଯନ୍ତ୍ରର ବାସ୍ତବ ତଥ୍ୟକୁ ଦେଶବାସୀଙ୍କ ସାମ୍ନାରେ ରଖିଛନ୍ତି। ଏ ପ୍ରସଙ୍ଗରେ କଂଗ୍ରେସ ପାଖରେ ତଥ୍ୟଭିତ୍ତିକ ଜବାବ ନ ଥିବା କାରଣରୁ ଜାଣିଶୁଣି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଭିଡିଓ ଏଡିଟ୍ କରି ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରାଯାଉଛି। ଏହି କାମରେ ସେମାନେ କେବେ ବି ସଫଳ ହେବେ ନାହିଁ ବୋଲି ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଆମ ସରକାର ଗତ ୧ ଦଶନ୍ଧି ଧରି ବାବା ସାହେବ ଆମ୍ବେଡ୍‌କରଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛି। ୨୫


ଧର୍ମେନ୍ଦ୍ର ପ୍ରଧାନ

କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା, ଏସ୍‌ସି/ଏସ୍‌ଟି ଆଇନକୁ ମଜଭୁତ କରିବା ସହ ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ଉଜ୍ଜ୍ୱଳା ଯୋଜନା ଭଳି ଆମ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ଗରିବ ଓ ଅବହେଳିତଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ତେବେ କ୍ରମାଗତ ପରାଜୟ ଏବଂ ଦେଶର ଦଳିତ ଓ ପଛୁଆ ସମାଜ ଦ୍ୱାରା ହୋଇଥିବା ପ୍ରତ୍ୟାଖ୍ୟାନର ହତାଶା ଭାବ ଯୋଗୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ 'ମିଥ୍ୟାର ଗନ୍ତାଘର' ଭାବେ ପରିଣତ ହୋଇଛି। କଂଗ୍ରେସ ଏବେ ନିଜ ହିସାବରେ ଭିଡିଓ ଏଡିଟ୍‌କରି ଦେଶବାସୀଙ୍କୁ ଠକିବା କାମ କରୁଛି। ଦେଶର ଦଳିତ ଓ ପଛୁଆ ସମାଜ କଂଗ୍ରେସର ଏହି ଦଳିତ ଏବଂ ପଛୁଆ ବିରୋଧୀ କାର୍ଯ୍ୟ ବିଷୟରେ ବେଶ୍ ଅବଗତ ଅଛନ୍ତି। ବାବା ସାହେବ ଆମ୍ବେଡ୍‌କରଙ୍କୁ ସଂସଦରେ ନ ପହଞ୍ଚାଇବା, ଭାରତରତ୍ନ ନ ଦେବା ପାଇଁ ଷଡ଼ଯନ୍ତ୍ର କରିଥିବା ଗୋଟିଏ ପରିବାର ଓ କଂଗ୍ରେସ ନିଜର ଏହି ଅପରାଧକୁ କେବେ ବି ଲୁଚାଇପାରିବ ନାହିଁ। ସେମାନଙ୍କ ପ୍ରକୃତ ମୁଖା ଦେଶବାସୀଙ୍କ ସାମ୍ନାରେ ଖୋଲିସାରିଛି। ବାବା ସାହେବଙ୍କ ପ୍ରତି ଘୃଣ୍ୟ ମାନସିକତା ପାଇଁ କଂଗ୍ରେସ ଦେଶବାସୀଙ୍କୁ କ୍ଷମା ମାଗିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

> ବି.ଆର୍. ଆମ୍ବେଡକରଙ୍କୁ ନେଇ ଅମିତ ଶାହାଙ୍କ ମନ୍ତବ୍ୟକୁ କଂଗ୍ରେସ କଦର୍ଥ କରିଛି। ତାଙ୍କ ପୂରା ଭାଷଣର ଏକ ଛୋଟ କ୍ଲିପ୍‌କୁ ଏଡିଟ୍ କରି ଭାଇରାଲ କରିବା ସମ୍ପୂର୍ଣ୍ଣ ନିନ୍ଦନୀୟ।
> -କିରେନ୍ ରିଜିଜୁ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ

## LEGAL NOTICE

I R No.-1213
Date - 06.12.2024

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨**
**ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା**
**ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ**
**ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର-୩୩/୨୦୨୩**

**ନୋଟିସ**

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଶ୍ରୀମତୀ ଶାନ୍ତିଲତା ତ୍ରିପାଠୀ ... ... ... ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର ଏବଂ ଅନ୍ୟମାନେ ... ... ... ପ୍ରତିବାଦୀମାନେ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା-

୧. ପ୍ରତିବାଦୀ ନଂ.-୭, ବଇନା ଓଝା, ପିତା - ଭଜମନ ଓଝା, ଗ୍ରାମ/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
୨. ପ୍ରତିବାଦୀ ନଂ.-୮, ବାସନ୍ତି ପଣ୍ଡା, ସ୍ୱାମୀ- ପ୍ରଫୁଲ୍ଲ କୁମାର ପଣ୍ଡା, ଗ୍ରାମ- ତାନସୁର, ପୋଷ୍ଟ/ଥାନା- ବାଙ୍କୀ, ଜିଲ୍ଲା- କଟକ
୩. ପ୍ରତିବାଦୀ ନଂ.୯, ଦୁର୍ଗା ପ୍ରସାଦ ମିଶ୍ର, ପିତା- ଅନ୍ତର୍ଯ୍ୟାମୀ ମିଶ୍ର, ଗ୍ରାମ- ତଳବେଢ଼ା, ଥାନା- ତଳଚେରା, ଜିଲ୍ଲା- ଅନୁଗୁଳ, ବର୍ତ୍ତମାନର ଠିକଣା- ବରମୁଣ୍ଡା ଜଗନ୍ନାଥ ବିହାର, ପୋ.- ସୂର୍ଯ୍ୟନଗର, ଥାନା- ଖଣ୍ଡଗିରି, ଭୁବନେଶ୍ୱର-୦୩, ଜିଲ୍ଲା- ଖୋର୍ଦ୍ଧା
୪. ପ୍ରତିବାଦୀ ନଂ.-୧୦, ପ୍ରଶାନ୍ତ କୁମାର ଚୌଧୁରୀ, ପିତା- ଦେବେନ୍ଦ୍ରନାଥ ଚୌଧୁରୀ, ବା- ବାମଦେବୀ ପ୍ରଶାନ୍ତ ନିଳୟ, ପାଣିଗ୍ରାହୀ ଷ୍ଟ୍ରିଟ୍, ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ ବର୍ତ୍ତମାନର ଠିକଣା- ଜଗନ୍ନାଥ ବିହାର-୪୦, ବରମୁଣ୍ଡା, ପୋ.- ସୂର୍ଯ୍ୟନଗର, ଥାନା- ଖଣ୍ଡଗିରି, ଭୁବନେଶ୍ୱର-୦୩, ଜିଲ୍ଲା- ଖୋର୍ଦ୍ଧା
୫. ପ୍ରତିବାଦୀ ନଂ.-୧୩, ସ୍ମୃତି ରଞ୍ଜନ ଜେନା, ପିତା- ଆଦିକନ୍ଦ ଜେନା, ଗ୍ରାମ- ଭାଟଶିରା, ବର୍ତ୍ତମାନର ଠିକଣା- ପ୍ଲଟ ନଂ.୪୦, ଜଗନ୍ନାଥପୁର, ବରମୁଣ୍ଡା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
୬. ପ୍ରତିବାଦୀ ନଂ.-୧୫, ସୀମାନ୍ତିନି ଦାଶ, ସ୍ୱାମୀ- ଅଜୟ କୁମାର ଦାଶ, ସା.- ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର, ପୋ.- ବରମୁଣ୍ଡା, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା
୭. ପ୍ରତିବାଦୀ ନଂ.-୧୬, ଅମିୟ କୁମାର ଦାଶ, ପିତା- ମୋହନ ଚରଣ ଦାଶ, ସା.- ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର, ପୋ.- ବରମୁଣ୍ଡା, ଥାନା- ଖଣ୍ଡିଗିରି, ଜିଲ୍ଲା- ଖୋର୍ଦ୍ଧା ।
୮. ପ୍ରତିବାଦୀ ନଂ.-୧୭, ତରୁଲତା ମହାନ୍ତି, ସ୍ୱାମୀ- ରଘୁନାଥ ମହାନ୍ତି, ସା.- ବମିଖାଲ, ଭୁବନେଶ୍ୱର, ପୋଷ୍ଟ/ଥାନା- ଲକ୍ଷ୍ମୀସାଗର, ଜିଲ୍ଲା- ଖୋର୍ଦ୍ଧା
୯. ପ୍ରତିବାଦୀ ନଂ.-୧୮, ହାସାମ ଖାନ, ପିତା- ମହମଦ୍ ୟୁସୁଫ ଖାନ, ଗ୍ରାମ/ପୋ.- ସରକାର ନଗର, ଭଦ୍ରକ
୧୦. ପ୍ରତିବାଦୀ ନଂ.-୨୦, ଶୃତି ରଞ୍ଜନ ମହାନ୍ତି, ପିତା- ବିଷ୍ଣୁ ଚରଣ ମହାନ୍ତି, ସା./ପୋ.- ବମିଖାଲ, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ।
୧୧. ପ୍ରତିବାଦୀ ନଂ.-୨୧, ପୀୟୂଷ ରଞ୍ଜନ ପଟ୍ଟନାୟକ, ପିତା- ଅମୂଲ୍ୟ ମୋହନ ପଟ୍ଟନାୟକ, ସା./ପୋ.- ଆଇ.ଆର.ସି. ଭିଲେଜ, ଥାନା- ନୟାପଲ୍ଲୀ, ଭୁବନେଶ୍ୱର
୧୨. ପ୍ରତିବାଦୀ ନଂ.-୨୨, ପିନାକି ନନ୍ଦନ ପଟ୍ଟନାୟକ, ପିତା- ଅମୂଲ୍ୟ ମୋହନ ପଟ୍ଟନାୟକ, ସା./ପୋ.- ଆଇ.ଆର.ସି. ଭିଲେଜ, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୧୩. ପ୍ରତିବାଦୀ ନଂ.-୨୪, ଅଶୋକ କୁମାର ପଣ୍ଡା, ପିତା- ବନମାଳୀ ପଣ୍ଡା, ସା.- କୋଇଲିପାଙ୍ଗି, ପୋ./ଥାନା- ଭାପୁର, ଜିଲ୍ଲା- ଢେଙ୍କାନାଳ
୧୪. ପ୍ରତିବାଦୀ ନଂ.-୨୯, ସ୍ନିଗ୍ଧା ମହାପାତ୍ର, ପିତା- ସୁରେଶ ଚନ୍ଦ୍ର ମହାପାତ୍ର, ସା./ପୋ.- ବରଗଡ଼ ବ୍ରିଟ୍ କଲୋନୀ, ଶ୍ୟାମାଚରଣପୁର, ଥାନା/ଜିଲ୍ଲା- ଢେଙ୍କାନାଳ
୧୫. ପ୍ରତିବାଦୀ ନଂ.-୩୨, ନିନାରାଣୀ ଦାସ, ସ୍ୱାମୀ- ମାଧବ ଚରଣ ଦାସ, ସା./ପୋ.- ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା
୧୬. ପ୍ରତିବାଦୀ ନଂ.-୩୮, ସୌମେନ୍ଦ୍ର ରାଉତରାୟ, ପିତା- ଯଦୁମଣି ରାଉତରାୟ, ସା.- ଅନ୍ଦୋଳ, ଥାନା/ ଜିଲ୍ଲା- ଯାଜପୁର, ବର୍ତ୍ତମାନର ଠିକଣା- ଜଗନ୍ନାଥ ବିହାର-୪୦, ବରମୁଣ୍ଡା, ଭୁବନେଶ୍ୱର
୧୭. ପ୍ରତିବାଦୀ ନଂ.-୪୪, ବୀରେନ ସାହୁ, ପିତା- ବୈଷ୍ଣବ ଚରଣ ସାହୁ, ସା.- ପାଟେଣି ଗାଁ, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
୧୮. ପ୍ରତିବାଦୀ ନଂ.-୪୫, ବିଶ୍ୱଜିତ ସାହୁ, ପିତା- ବୈଷ୍ଣବ ଚରଣ ସାହୁ, ସା.- ପାଟେଣି ଗାଁ, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
୧୯. ପ୍ରତିବାଦୀ ନଂ.-୪୬, ସଞ୍ଜୟ ରାଉତ, ପିତା- ଉଦୟନାଥ ରାଉତ, ପ୍ଲଟ୍ ନଂ.- ଜି.୩୯୮, ସେକ୍ଟର-୭, ସି.ଡି.ଏ., କଟକ, ବର୍ତ୍ତମାନର ଠିକଣା- ପ୍ଲଟ ନଂ.-୪୦, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
୨୦. ପ୍ରତିବାଦୀ ନଂ.-୪୭, ସୁମିତ୍ରା ମିଶ୍ର, ସ୍ୱାମୀ- ବ୍ରଜ କିଶୋର ସାହୁ, ସା.- ମାଛୁଆ ବଜାର, ଥାନା- ବକ୍ସିବଜାର, ଜିଲ୍ଲା- କଟକ, ବର୍ତ୍ତମାନର ଠିକଣା- ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର।
୨୧. ପ୍ରତିବାଦୀ ନଂ.-୪୮, ପ୍ରଶାନ୍ତ କୁମାର ନାୟକ, ପିତା- ବନମାଳୀ ନାୟକ, ସା.- ମାଟିଆ, ଥାନା- ରାଜକନିକା, ଜିଲ୍ଲା- କେନ୍ଦ୍ରାପଡ଼ା, ବର୍ତ୍ତମାନର ଠିକଣା- ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର।
୨୨. ପ୍ରତିବାଦୀ ନଂ.-୫୦, ରଘୁନାଥ ମହାନ୍ତି, ପିତା- ବ୍ରଜରାଜ ମହାନ୍ତି, ସା.- ବମିଖାଲ, ଭୁବନେଶ୍ୱର
୨୩. ପ୍ରତିବାଦୀ ନଂ.-୫୨, ଅଜିତ କୁମାର ପଣ୍ଡା, ପିତା- ଦାମୋଦର ପଣ୍ଡା, ସା.- ବରମୁଣ୍ଡା, ଭୁବନେଶ୍ୱର
୨୪. ପ୍ରତିବାଦୀ ନଂ.-୫୩, ରମାକାନ୍ତ ପଣ୍ଡା, ପିତା- ଲକ୍ଷ୍ମଣ ପଣ୍ଡା, ସା.- ଧାଂସୁର, ଥାନା- ବାଙ୍କୀ, ଜିଲ୍ଲା- କଟକ, ବର୍ତ୍ତମାନର ଠିକଣା- ବରମୁଣ୍ଡା, ଭୁବନେଶ୍ୱର
୨୫. ପ୍ରତିବାଦୀ ନଂ.-୫୪, ଆଶାଲତା ପଣ୍ଡା, ସ୍ୱାମୀ- ଦାମୋଦର ପଣ୍ଡା, ସା.- ବରମୁଣ୍ଡା, ଭୁବନେଶ୍ୱର
୨୬. ପ୍ରତିବାଦୀ ନଂ.-୫୫, ରାଜେଶ କୁମାର ପଣ୍ଡା, ପିତା- ଜୟକୃଷ୍ଣ ପଣ୍ଡା, ସା.- କୋଇଲିପିଙ୍ଗା, ଜିଲ୍ଲା- ଢେଙ୍କାନାଳ, ବର୍ତ୍ତମାନର ଠିକଣା - କଳିଙ୍ଗବିହାର, ଭୁବନେଶ୍ୱର
୨୭. ପ୍ରତିବାଦୀ ନଂ.-୫୬, ମିତେଶ କୁମାର ପଣ୍ଡା, ପିତା- ଜୟକୃଷ୍ଣ ପଣ୍ଡା, ସା.- କୋଇଲିପିଙ୍ଗା, ଜିଲ୍ଲା- ଢେଙ୍କାନାଳ, ବର୍ତ୍ତମାନର ଠିକଣା- କଳିଙ୍ଗବିହାର, ଭୁବନେଶ୍ୱର
୨୮. ପ୍ରତିବାଦୀ ନଂ.-୫୮, ସୁଶିଲ କୁମାର ଅଗ୍ରୱାଲ, ପିତା- ବନବାରି ଅଗ୍ରୱାଲ, ସା.- ଉମାକ୍ୟାଣ୍ଟ ପ୍ରାଇଜର୍ସ, ନୟାଗଡ଼, ଥାନା- ପୁରୀଘାଟ, ଜିଲ୍ଲା- କଟକ
୨୯. ପ୍ରତିବାଦୀ ନଂ.-୬୦, ସୁଲେମାନ ଇକା, ପିତା- ଦୁରା ଇକା, ସା.-ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼
୩୦. ପ୍ରତିବାଦୀ ନଂ.-୬୧, ଅମୂଲ୍ୟ କୁମାର ପଣ୍ଡା, ପିତା- ଦାମୋଦର ପଣ୍ଡା, ସା.- ବରମୁଣ୍ଡା
୩୧. ପ୍ରତିବାଦୀ ନଂ.-୬୨, ସୁଦୀପ ସିଂ, ପିତା- ପ୍ରଦୀପ ସିଂ, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
୩୨. ପ୍ରତିବାଦୀ ନଂ.-୬୩, ଜିତେସ କୁମାର ପଣ୍ଡା, ପିତା- ଜୟକୃଷ୍ଣ ପଣ୍ଡା, ସା.- କୋଇଲି ପିଙ୍ଗା, ଜିଲ୍ଲା- ଢେଙ୍କାନାଳ
୩୩. ପ୍ରତିବାଦୀ ନଂ.-୬୪, ଇନ୍ଦ୍ରମଣୀ ସାହୁ, ପିତା- ମାୟାଧର ସାହୁ, ସା.- ବେଢ଼ିଆ, ଥାନା- ପଜଙ୍ଗ, ଜିଲ୍ଲା- ଢେଙ୍କାନାଳ
୩୪. ପ୍ରତିବାଦୀ ନଂ.-୬୫, ମନୋଜ କୁମାର ପୁହାଣ, ପିତା- କୃଷ୍ଣ ଚନ୍ଦ୍ର ପୁହାଣ, ସା.- ଗୋବିନ୍ଦପୁର, ଜିଲ୍ଲା- କେନ୍ଦ୍ରାପଡ଼ା
୩୫. ପ୍ରତିବାଦୀ ନଂ.୬୬, ସୌଭାଗ୍ୟ ପ୍ରସାଦ ରାୟ, ପିତା- ସହଦେବ ରାୟ, ସା.- ବରମୁଣ୍ଡା, ଭୁବନେଶ୍ୱର
୩୬. ପ୍ରତିବାଦୀ ନଂ.-୭୨, ବିଭୁରି ଭୂଷଣ କର, ପିତା- ମହେଶ୍ୱର କର, ସା.- ସଉଡ଼ା, ଥାନା- ସୋର, ଜିଲ୍ଲା- ବାଲେଶ୍ୱର
୩୭. ପ୍ରତିବାଦୀ ନଂ.-୭୭, କୃପାସିନ୍ଧୁ ବେହେରା, ପିତା- ପୂର୍ଣ୍ଣଚନ୍ଦ୍ର ବେହେରା, ସା.- ପାଟପୁର, ଥାନା- ବାଙ୍କୀ, ଜିଲ୍ଲା- କଟକ
୩୮. ପ୍ରତିବାଦୀ ନଂ.-୭୮, ଦିନେଶ ଚନ୍ଦ୍ର ମହାପାତ୍ର, ପିତା- ବିକ୍ରମ ମହାପାତ୍ର, ସା.- ବଳଭଦ୍ରପୁରଶାସନ, ଥାନା/ଜିଲ୍ଲା- ଢେଙ୍କାନାଳ
୩୯. ପ୍ରତିବାଦୀ ନଂ.-୭୯, ଅଜୟ କୁମାର ଦାଶ, ପିତା- ମୋହନ ଚରଣ ଦାଶ, ସା./ପୋ.- ବରମୁଣ୍ଡା, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜଲାସରେ ଆସନ୍ତା ତା୨୪।୦୧।୨୦୨୫ରିଖ ଅପରାହ୍ନ ୨.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା (ନଂ.-୩୦), ମୌଜା- ସିମିଳିପାଟଣା

ସାବକ

| ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ରକବା | ସ୍ୱତ୍ୱ |
|---|---|---|---|---|
| ୫୮ | ୭୧ | ବଗାଏତ ଦୁଇ | ଏ.୨.୦୦୬ଡି. ସ୍ମଧରୁ ଏ.୦.୧୦୮ଡି. | ସ୍ଥିତିବାନ |

ହାଲ୍

| ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ରକବା | ସ୍ୱତ୍ୱ |
|---|---|---|---|---|
| ୧୯୬ | ୨୪୦ | ତଇଲା | ଏ.୨.୩୯୫ଡି. ସ୍ମଧରୁ ଏ.୦.୧୦୮ଡି. | ସ୍ଥିତିବାନ |

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା
ଭୁବନେଶ୍ୱର

**ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ**
**ସ୍ୱା./- କୋର୍ଟ ଅଫିସର**

ଧ-୨୩୦୯

# Classified Everyday

0674-2580101, 9692975378


REAL ESTATE

## SALE

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2310

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925. D-2287

**ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ। 9658562429.** D-76224

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834. D-76225

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9777554170, 7978874990.** D-2305

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-2304

## AFFIDAVIT

By virtue of affidavit No.- 3392, dtd.3.12.2024 before the Executive Magistrate, Jajpur Road, I, Sanapala Narayana Murty, S/o- Sanapala Daleppa of Yethurallapadu, Andhrapradesh- 532474 at present Mahatabnagar, Gosala, Jajpur Road, Dist.-Jajpur hereby declare that my son name has changed from Yaswanth Sanapala to Sanapala Yaswanth. Henceforth, my son will be known as Sanapala Yaswanth for all purposes. Sanapala Narayana Murty D-2314

By virtue of an affidavit sworn before Notary Public, Puri dated 16.12.2024, I, Sushant Kumar Mallick, At- Singhamapur, P.O.- Birabalabhadrapur, P.S.- Chandanpur, Dist.- Puri declare that I have changed my name from Susanta Kumar Malika to Sushant Kumar Mallick. Henceforth, I shall be known as Sushant Kumar Mallick for all purposes. D-75616

I, Khusbu Agrawal, W/o. Sumit Agrawal, R/o. P.O./P.S.-Loisingha, Dist.- Balangir, Pin- 767020, Odisha declare by this affidavit No.7714 dt. 17.12.2024 that now onwards I shall be known as KHUSBOO AGRAWAL for all future purposes. D-2311

Your classified advertisement published in Dharitri will be listed free in Dharitri online edition: **dharitriepaper.in**

I, Sauria Agrawal, S/o. Late Ghanashyam Das Agrawal, R/o. P.O./P.S. Loisingha, Dist.- Balangir, Pin- 767020, Odisha declare by this affidavit No.7715 dt.17.12.2024 that now onwards I shall be known as SAUNRIA AGRAWAL for all future purposes. D-2312

By virtue of an affidavit sworn before Executive Magistrate, Bhubaneswar of Affidavit No. 80 on dtd. 07.12.24 I Sri SAI KRISHNA PATRA, S/o Sunil Kumar Patra, Residence of House No.07, Anand Harmony Villa, Kanan Vihar, PH.-II, P.O.- Patia, P.S.- Infocity, BBSR, Odisha declare that I have changed my name from SAI KRISHNA to SAI KRISHNA PATRA. Henceforth, I shall be known as SAI KRISHNA PATRA for all purposes. SAI KRISHNA PATRA D-2308

## LOST

Original RSD No.- 10501602078, dtd. 07.06.2016 of Mouza- Banamaliprasad lost anywhere on 09.10.2024 when going to Xerox to Mahisapat Chhaka. Anybody found please contact-9437287539. Laxmidhar Das D-75473

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ଶ୍ରୀ ରମେଶ ଚନ୍ଦ୍ର ଖଣ୍ଡାଇ, ପିତା- ରତ୍ନାକର ଖଣ୍ଡାଇ ମୋ ଗ୍ରାମରୁ ପଟ୍ଟାମୁଣ୍ଡାଇ ଯିବା ବାଟରେ ମୌଜା- କଣ୍ଟିଲୋ, କେଶପୁର, ଜିଲ୍ଲା- କଟକସ୍ଥିତ ସମ୍ପତ୍ତିର ବିକ୍ରି କବଲା ୧୦୮୭/୧୨.୦୩.୧୯୯୩ ତଥା ତତ୍ ସମ୍ବନ୍ଧିତ ଆର୍‌ଓଆର୍ (ଖାତା ନଂ.- ୩୭୫/୪୪, ପ୍ଲଟ୍ ନଂ.- ୫୮/୧୦୬୩) କେଉଁଠାରେ ହଜାଇଦେଇଛି । ତାହା ହଜିବା ସମ୍ପର୍କରେ ଏକ ରିପୋର୍ଟ ତା୧୬।୧୧।୨୪ରିଖ ଦିନ ପଟ୍ଟାମୁଣ୍ଡାଇ ଥାନାରେ ଜିଡି ନଂ.୧୪, ତା୧୬।୧୧।୨୪ରିଖ ଅଧୀନରେ ଦାଏର କରାଯାଇଛି । ମୁଁ ଉକ୍ତ ସମ୍ପତ୍ତିକୁ ବିକ୍ରି କରିବାକୁ ଚାହୁଁଛି ଏବଂ ତାହାର କ୍ରେତା ଉକ୍ତ ସମ୍ପତ୍ତିକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଗୃହ ଋଣ କେନ୍ଦ୍ର, କଟକରେ ବନ୍ଧକ ରଖି ଗୃହ ଋଣ ହାସଲ କରିବା ଲାଗି ଇଚ୍ଛୁକ ଅଟନ୍ତି । ଉକ୍ତ ମୂଳ ଦସ୍ତାବିଜଗୁଡ଼ିକୁ ପାଇଥିବା ବ୍ୟକ୍ତିଙ୍କୁ ତାହାକୁ ଏସ୍‌ବିଆଇ, ଏଚ୍‌ଏଲ୍‌ସି, କଟକରେ ଫେରସ୍ତ କରିବା କିମ୍ବା ମୋର ମୋବାଇଲ ନମ୍ବର- 9938388510 ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଧ-୨୩୧୫

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ମନେ ପଡ଼ନ୍ତି

ଦ୍ୱାଦଶ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



✓ ପ୍ରଶାନ୍ତ କୁମାର ମିଶ୍ର
ମାଁସଡ଼ା, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ : ୧୫.୦୬.୧୯୬୨
ତିରୋଧାନ : ୦୮.୧୨.୨୦୨୪

ହେ ପୁଣ୍ୟାତ୍ମା ଆପଣଙ୍କ ଅବର୍ତ୍ତମାନ ଚାହୁଁ ଚାହୁଁ ବାରଦିନ ବିତିଗଲାଣି । ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଅଛୁ । ଆଜିର ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ପ୍ରାର୍ଥନା କରୁଅଛୁ ।

ଶୋକସନ୍ତପ୍ତ
ଡଂ. ସୁଶାନ୍ତ କୁମାର ମିଶ୍ର, ଦିଲ୍ଲୀପ କୁମାର ମିଶ୍ର, ଗିରିଜା, ବିରଜା, ଗୋପୀନାଥ, ସ୍ୱୟଂସିଦ୍ଧା, କିଟୁ, ଲିଜା, ଦକ୍ଷପ୍ରସାଦ, ସ୍ୱିଟି, ବିକି, ସୋନାଲି, ହାପି, ମୋନି, ଆଲ୍‌ଫା, କୁନି, ବନ୍ଧୁ ଓ ପରିବାରବର୍ଗ ।

D-2303

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଫକୀର ମୋହନ ମହାପାତ୍ର
ଭଗୀରଥପୁର, କାମାକ୍ଷାନଗର, ଢେଙ୍କାନାଳ
ଆବିର୍ଭାବ: ୦୨।୦୫।୧୯୨୯
ତିରୋଧାନ: ୦୧।୦୧।୨୦୨୪
ପୌଷମାସ କୃଷ୍ଣପକ୍ଷ ପଞ୍ଚମୀ

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମେ କେବେହେଲେ ଭୁଲିପାରିବୁ ନାହିଁ। ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ପରିଜନ

ଧ-୨୩୧୩

# ଚଢ଼ାଉ ବେଳେ ଆଇଆଇସିଙ୍କୁ ଆକ୍ରମଣ

■ ପଥର ମାଡ଼ରେ ଥାନା ଗାଡ଼ି ଭାଙ୍ଗିଲା

■ ବେଆଇନ ଗଚ୍ଛିତ ଥିବା ବାଲି ଉଠାଇ ଆଣିଲା ପୋଲିସ

ଉଦଳା, ୧୮।୧୨
(ସନ୍ତୋଷ କୁମାର ବାଛିନୀ)

ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ରୋକିବାକୁ ଚଢ଼ାଉ ବେଳେ ସଂଘବଦ୍ଧ ଆକ୍ରମଣରେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଆଇଆଇସି ପ୍ରକାଶ କୁମାର ରଥ ଆହତ ହୋଇଛନ୍ତି। ଚୋରାଚାଲାଣକାରୀଙ୍କ ପଥର ମାଡ଼ରେ ଥାନା ଗାଡ଼ି ଭାଙ୍ଗିରୁଜିଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୧୧/୨୪) ରୁଜୁ ହୋଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।


ଗାଁରେ ମୁତୟନ ହୋଇଥିବା ପୋଲିସ ଫୋର୍ସ।

କପ୍ତିପଦା ଥାନା ଅଧୀନ କପ୍ତିପଦା ଗାଁରେ ବୁଧବାର ପୂର୍ବାହ୍ନରେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କପ୍ତିପଦା ତହସିଲଦାର ଏବଂ ପୋଲିସ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। କପ୍ତିପଦା ଗାଁର ଗୋଟିଏ ସ୍ଥାନରେ ବ୍ୟାପକ ପରିମାଣର ବାଲି ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ଦେଖିବାକୁ ପାଇଥିଲେ। ଉକ୍ତ ବାଲି ବାବଦରେ ପଚାରିବା ସମୟରେ ଘେରା ନାମକ ଜଣେ ବ୍ୟକ୍ତି ଏବଂ ତାଙ୍କ ସ୍ତ୍ରୀଙ୍କ ସମେତ ୫ରୁ ୬ଜଣ ମହିଳା ସଂଘବଦ୍ଧ ଭାବେ ଆଇଆଇସି ରଥଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣକାରୀଙ୍କ ପଥର ମାଡ଼ରେ ଆଇଆଇସି ଆହତ ହେବା ସହ ଥାନା ଗାଡ଼ି ଭାଙ୍ଗିରୁଜିଯାଇଥିଲା। କପ୍ତିପଦା ମେଡିକାଲରେ ଆଇଆଇସି ଚିକିତ୍ସିତ ହେବା ପରେ କାର୍ଯ୍ୟରେ ଯୋଗଦେଇଥିଲେ। ଏହି ଘଟଣା ପରେ ମାଇନିଂ ବିଭାଗ ଅଧିକାରୀ, କପ୍ତିପଦା ତହସିଲଦାରଙ୍କ ସମେତ ପରିବହନ ବିଭାଗ ଅଧିକାରୀଙ୍କୁ ନେଇ ଥାନା ପରିସରରେ ଆଲୋଚନା ହୋଇଥିଲା। ପୁନଶ୍ଚ ସମସ୍ତେ ୧ ପ୍ଲାଟୁନ ପୋଲିସ ସହାୟତାରେ ମିଳିତ ଭାବେ ଉକ୍ତ ଗ୍ରାମରେ ପହଞ୍ଚିଥିଲେ। ନିକଟରେ ପ୍ରବାହିତ ସୋନ ନଦୀରୁ ବେଆଇନ ଭାବେ ଉତ୍ତୋଳନ କରି ବିକ୍ରି ଉଦ୍ଦେଶ୍ୟରେ ଗଚ୍ଛିତ ରଖାଯାଇଥିବା ପ୍ରାୟ ୨୦ ଟ୍ରାକ୍ଟର ବାଲି ଜବତକରି ଥାନାକୁ ନିଆଯାଇଛି। ଆକ୍ରମଣକାରୀମାନେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ ବୋଲି ଆଇଆଇସି ରଥ କହିଛନ୍ତି।

# କ୍ଷୀରୋଦ ମଲ୍ଲିକଙ୍କ ଘରେ ଇଡି ଚଢ଼ାଉ

■ ୨୩୧ କୋଟି ଟଙ୍କା ଠକେଇ ଅଭିଯୋଗରେ ହୋଇଛି ଚଢ଼ାଉ

■ ୨୮ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କରୁ ନେଇଥିଲେ ଋଣ


ସମ୍ବଲପୁର ଦାନିପାଲିସ୍ଥିତ ବିଶ୍ୱ କାର୍ଯ୍ୟାଳୟରେ ଇଡି ଚଢ଼ାଉ ବେଳେ କୋଠା ବାହାରେ ମୁତୟନ ସଶସ୍ତ୍ର ପୋଲିସ ବାହିନୀ।

ସମ୍ବଲପୁର, ୧୮।୧୨ (ପ୍ରମୋଦ ବହିଦାର)

ସାମାଜିକ ତଥା ମାଇକ୍ରୋ ଫାଇନାନ୍ସ ସଙ୍ଗଠନ ଭାରତ ଇଣ୍ଟିଗ୍ରେଟେଡ୍ ସୋସିଆଲ ୱେଲଫେୟାର ଏଜେନ୍ସି(ବିଶ୍ୱ)ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସ୍ୱର୍ଗତ କ୍ଷୀରୋଦ ମଲ୍ଲିକଙ୍କ ସମ୍ବଲପୁରସ୍ଥିତ ଘରେ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ତାଙ୍କ ସମ୍ବଲପୁର ଦାନିପାଲିସ୍ଥିତ ଚାରିତାଲା କୋଠା ବିଶିଷ୍ଟ ବିଶ୍ୱ ମୁଖ୍ୟ କାର୍ଯ୍ୟାଳୟ, ଏହା ନିକଟରେ ଥିବା ତାଙ୍କ ମ୍ୟାନେଜର ରହୁଥିବା ଘର ଓ ଭଡ଼ା ସୂତ୍ରରେ ଲାଗିଥିବା ବୁଢ଼ାରଜା ଫାଟକସ୍ଥିତ ଘରେ ଏକକାଳୀନ ଚଢ଼ାଉ ହୋଇଛି। ଏହାବ୍ୟତୀତ ତାଙ୍କ ଦିଲ୍ଲୀସ୍ଥିତ ଘରେ ମଧ୍ୟ ଇଡି ପକ୍ଷରୁ ଚଢ଼ାଉ ହୋଇଥିବା ଶୁଣିବାକୁ ମିଳିଛି। ବିଶ୍ୱ ବିରୋଧରେ ୨୩୧ କୋଟି ଠକେଇ ଅଭିଯୋଗରେ ଇଡିର ଏକ ୬ ଜଣିଆ ଦଳ ସମ୍ବଲପୁରରେ ଏହି ଚଢ଼ାଉକରି ଖାତାପତ୍ର ତନଖି କରିଛନ୍ତି। ଇଡି ଚଢ଼ାଉ ସମ୍ପର୍କିତ କୌଣସି ସୂଚନା ଅଧିକୃତ ରୂପେ ଉପଲବ୍ଧ ହୋଇନାହିଁ। ଚଢ଼ାଉ ବେଳେ ସୁରକ୍ଷା ଦୃଷ୍ଟିରୁ ସେଠାରେ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ହୋଇଥିବାରୁ ଭିତରକୁ କାହାକୁ ଛଡ଼ାଯାଉନାହିଁ।

ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଭାଇ ତଥା ବିଶ୍ୱ ଅଧ୍ୟକ୍ଷ କ୍ଷୀରୋଦ ମଲ୍ଲିକ ତାଙ୍କ ସଙ୍ଗଠନ ନାମରେ ତିନୋଟି ବିଦେଶୀ ବ୍ୟାଙ୍କ ସହ ପ୍ରାୟ ୨୮ଟି ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କରୁ ୨୩୧.୮୦ କୋଟି ଟଙ୍କା ଋଣ ନେଇ ପରିଶୋଧ କରି ନ ଥିଲେ। ଏହି ଅର୍ଥରେ ସେ ମାଇକ୍ରୋ ଫାଇନାନ୍ସ ସଙ୍ଗଠନ ପରିଚାଳନା କରୁଥିଲେ। ସେ ଏକାଧିକ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କରୁ ନେଇଥିବା ଋଣ ଟଙ୍କାକୁ ନିର୍ବାଚନରେ ଲଗାଇଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ମଧ୍ୟ ବିଶ୍ୱରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୩ ଥର ଚଢ଼ାଉ କରାଯାଇଥିଲା। ଏପରିକି ୨୦୧୨ ମସିହାରେ ଏକ ଆପରାଧିକ ମାମଲାରେ ଛନ୍ଦି ହୋଇଥିବା ମଲ୍ଲିକଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ବଳରେ ସେ ଜାମିନରେ ଖଲାସ ହୋଇଥିଲେ। କ୍ଷୀରୋଦଙ୍କ ଗତ ସେପ୍ଟେମ୍ବର ୧୮ରେ ମୃତ୍ୟୁ ଘଟିସାରିଥିବା ବେଳେ ବିଶ୍ୱ ସଂସ୍ଥା କିଛି ବର୍ଷ ହେବ ବନ୍ଦ ରହିଛି। ତାଙ୍କର ଏକମାତ୍ର ପୁତ୍ର ଦେବବ୍ରତ ମଲ୍ଲିକ ବର୍ତ୍ତମାନ ସେଠାରେ ସପରିବାର ରହୁଛନ୍ତି।

# ନକଲି ସୁନା ଦେଇ ଋଣ, ୭ ଜଣଙ୍କ ନାଁରେ ମାମଲା

ଧର୍ମଶାଳା, ୧୭।୧୨ (ବଟକୃଷ୍ଣ ପରିଡ଼ା)

**ଜାରକା ଗ୍ରାମ୍ୟ ବ୍ୟାଙ୍କ**

ଯାଜପୁର ଜିଲା ଧର୍ମଶାଳା ଥାନା ଜାରକାସ୍ଥିତ ଜାରକା ଗ୍ରାମ୍ୟ ବ୍ୟାଙ୍କରେ ଋଣ କାରବାରରେ ବଡ଼ଧରଣର ହେରଫେର ହୋଇଛି। ଏନେଇ ଚଣ୍ଡିଖୋଲ ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ଶାଖାର ପରିଚାଳକ ଦିଗ୍‌ବିଜୟ ବାହାଦୁର ଦାସ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଜାରକା ଗ୍ରାମ୍ୟ ବ୍ୟାଙ୍କରେ ଚଳିତବର୍ଷ ଜାନୁଆରୀରୁ ଜୁନ ମଧ୍ୟରେ ୩୭ଜଣଙ୍କଠାରୁ ସୁନା ବନ୍ଧକ ରଖାଯାଇ ୪୨ ଲକ୍ଷ ୬୭ହଜାର ୧୨୫ଟଙ୍କା ଋଣ ଦିଆଯାଇଛି। ଗଣେଶ୍ୱର ସାହୁ ଓ ବ୍ୟାଙ୍କର ପୂର୍ବତନ ପରିଚଳକ ଶତାବ୍ଦୀ ପ୍ରଧାନ ଏବଂ ସହପରିଚାଳକ ପ୍ରତିଭା ମିଶ୍ରଙ୍କ ସମୟରେ ୭ଜଣ ନକଲି ସୁନା ଦେଇ ଋଣ ଉଠାଇ ନେଇଥିବା ଜଣାପଡ଼ିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଖୋଳତାଡ଼ କରିଥିଲେ। ଖୋଳତାଡ଼ ବେଳେ ଚଳିତବର୍ଷ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ କୁଆଖିଆ ଥାନା ଅଞ୍ଚଳର ସନ୍ତୋଷ କୁମାର ସାହୁ, ପୁଷ୍ପଲତା ସାହୁ, ଅଖିଳେଶ ସାହୁ, ଅବିନାଶ ସାହୁ, କାର୍ତ୍ତିକ ମହାରଣା, ପ୍ରଭାତ କୁମାର ପହି, ଝୁନିଲତା ସାହୁ ବ୍ୟାଙ୍କରେ ନକଲି ସୁନା ଦେଇ ଋଣ ନେଇଥିବା ଜଣାପଡ଼ିଛି। ଘଟଣାରେ ତତ୍କାଳୀନ ବ୍ୟାଙ୍କ୍ ଶାଖା ପରିଚାଳକ ଶତାବ୍ଦୀ ପ୍ରଧାନ ଓ ସହପରିଚଳକ ପ୍ରତିଭା ମିଶ୍ରଙ୍କୁ ଜାଲିଆତି ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏଥିସହିତ ନକଲି ସୁନା ଦେଇ ଋଣ ନେଇଥିବା ୭ଜଣ ଗ୍ରାହକଙ୍କ ସମେତ ଶାଖାର ତତ୍କାଳୀନ ପରିଚାଳକ, ସହପରିଚାଳକ ଓ ସୁନା ଚିହ୍ନଟକାରୀ ବଣିଆଙ୍କ ବିରୋଧରେ ଏହି ଅଭିଯୋଗ କରାଯାଇଛି। ପୋଲିସ ନଂ.୮୭୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ଏକାଧିକ ଗ୍ରାହକଙ୍କୁ ଲକ୍ଷାଧିକ ଠକେଇ, ସେଲ୍ସମ୍ୟାନ ଗିରଫ

ଭୁବନେଶ୍ୱର, ୧୮।୧୨
(ସୂର୍ଯ୍ୟକାନ୍ତ ବେହେରା)

ଶୋ'ରୁମ୍‌କୁ ଗାଡ଼ି କିଣିବାକୁ ଆସୁଥିବା ଏକାଧିକ ଗ୍ରାହକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକୁଥିବା ଜଣେ ସେଲ୍ସମ୍ୟାନଙ୍କୁ ଇନଫୋସିଟି ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ବ୍ରହ୍ମଗିରି ଅଞ୍ଚଳର ବିଶ୍ୱଜିତ ଦଲାଇ(୨୨)। ଏନେଇ ପୋଲିସ ଏକ ଠକେଇ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ଗତ ନଭେମ୍ବର ୨୦ରେ ଜଣେ ଗ୍ରାହକ ଇନ୍‌ଫୋସିଟି ଅଞ୍ଚଳର ଏକ ଏକ ଶୋ'ରୁମକୁ ଆସି ସେଲ୍ସମ୍ୟାନ ଥିବା ଅଭିଯୁକ୍ତ ବିଶ୍ୱଜିତଙ୍କୁ ବିଭିନ୍ନ ଦୁଇଚକିଆ ଯାନ ବିଷୟରେ ପଚାରି ବୁଝିଥିଲେ। ଏକ ଦୁଇଚକିଆ ଯାନ ବୁକିଂ ନିମନ୍ତେ ଅଭିଯୁକ୍ତଙ୍କ କହିବା ମୁତାବକ ଗ୍ରାହକ ଜଣଙ୍କ ତାଙ୍କର ବ୍ୟକ୍ତିଗତ ଆକାଉଣ୍ଟକୁ ୫ହଜାର ଟଙ୍କା ଦେଇ ଏକ ରସିଦ ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଗାଡ଼ି ଡେଲିଭରି ପାଇଁ ୬୦ ହଜାର ଦାବି କରିବାରୁ ଗ୍ରାହକ ଜଣଙ୍କ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ୫୦ ହଜାର ନଗଦ ଓ ୨୫ ହଜାର ବିଶ୍ୱଜିତଙ୍କ ଆକାଉଣ୍ଟକୁ ପଠାଇଥିଲେ। ଟଙ୍କା ଦେବା ପରେ ଗ୍ରାହକ ଜଣକ ଅଭିଯୁକ୍ତଙ୍କୁ ରସିଦ ମାଗିବାରୁ, ନେଟ୍‌-ସ୍ଲୋ ଥିବା ତଥା ରସିଦ ତାଙ୍କୁ ପରେ ମିଳିଯିବ କହି ଫେରାଇ ଦେଇଥିଲେ। ସମୟ ଗଡ଼ିବା ସହ ଗାଡ଼ି ଡେଲିଭରି ହୋଇ ନ ଥିବାରୁ ଗ୍ରାହକ ଶୋ'ରୁମକୁ ଯାଇ ମୁଖ୍ୟଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଶୋ'ରୁମ ମୁଖ୍ୟ ଏନେଇ ଖୋଳତାଡ କରିବା ପରେ ଅଭିଯୁକ୍ତ ବିଶ୍ୱଜିତ ଆସୁଥିବା ବିଭିନ୍ନ ଗ୍ରାହକଙ୍କ ନିକଟରୁ ମୋଟ ୧ ଲକ୍ଷ ୨୮ ହଜାର ୬୨୧ ଟଙ୍କା ହଡ଼ପ କରିଥିବା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ।

# ଆଉ ୨ ନାବାଳକ ଧରାପଡ଼ିଲେ

ବାରଙ୍ଗ, ୧୮।୧୨ (ଲିଙ୍ଗରାଜ ରାଉତ)

**ପୁଅ ଆଗରେ ବାପାଙ୍କୁ ହତ୍ୟା ଘଟଣା**

କଟକ ଜିଲା ବାରଙ୍ଗ ଥାନା ଅଞ୍ଚଳର ନରଣପୁର ଅଞ୍ଚଳରେ ପୁଅ ଆଗରେ ବାପାଙ୍କୁ ଇଟାରେ ଛେଚି ହତ୍ୟା କରିବା ଘଟଣାରେ ବାରଙ୍ଗ ପୋଲିସ ବୁଧବାର ୨ ଜଣ ନାବାଳକଙ୍କୁ ଧରି ବାଳ ସୁଧାର ଗୃହକୁ ପଠାଇଛି। ପୂର୍ବରୁ ଏହି ଘଟଣାରେ ୨ ଜଣ ଗିରଫ ହୋଇଥିବାବେଳେ ଜଣେ ନାବାଳକଙ୍କୁ ପୋଲିସ ଧରିଥିଲା। ତେବେ ଧରାପଡ଼ିଥିବା ୨ ନାବଳକଙ୍କ ଘର ଉକ୍ତ ବସ୍ତି ନିକଟ ଆପାର୍ଟମେଣ୍ଟରେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଘଟଣାରେ ପୋଲିସ ଅଦ୍ୟାବଧି ୫ଜଣଙ୍କୁ ଧରିଥିବାବେଳେ ଆଉ ୫ ରୁ ୭ ଜଣ ଏବେବି ଫେରାର ରହିଛନ୍ତି। ସେମାନଙ୍କୁ ଧରିବାକୁ ବାରଙ୍ଗ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

କେନ୍ଦ୍ରାପଡ଼ାର ତୋଫାନ ସାମଲ ୱେଲ୍‌ଡିଂ ମିସ୍ତ୍ରି ଭାବେ ନରଣପୁର ଅଞ୍ଚଳର ଏକ ଆପାର୍ଟମେଣ୍ଟ କଡ଼ ବସ୍ତିରେ ରହି କାର୍ଯ୍ୟ କରୁଥିଲେ। ଆପାର୍ଟମେଣ୍ଟରେ ରହୁଥିବା କେତେଜଣ ଯୁବକ ତାଙ୍କ ଆଜବେଷ୍ଟ ଉପରକୁ ଟେକାପଥର ପକାଇବାରୁ ସେ ଉକ୍ତ ଯୁବକଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକମାନେ ତୋଫାନଙ୍କୁ ଟେକାପଥର ମାଡ଼ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିବାବେଳେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ସାନଭାଇ ଅମର ସାମଲଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମକଦ୍ଦମା (କେସ୍ ନଂ. ୪୭୯/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

**ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ମାମଲା**

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡା, ୧୮।୧୨
(ଆଶିଷ ରଞ୍ଜନ ପଣ୍ଡା)

ଗୁଣିଗାରେଡ଼ି ସନ୍ଦେହରେ ଏକ ହତ୍ୟା ମାମଲାର ଶୁଣାଣିକରି ରାୟଗଡ଼ା ଅତିରିକ୍ତ ଜିଲା ଦୌରା ଜଜ୍ ଏଡିଜେ ଅକ୍ସନା ସ୍ୱାଇଁ ବୁଧବାର ଅଭିଯୁକ୍ତ କାର୍ତ୍ତିକ ମାଝୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି । ଜରିମାନା ଅନାଦାୟ ହେଲେ ୧ ବର୍ଷ ଅଧିକ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି । ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ସ୍ୱାଇଁ ଏହି ରାୟ ଶୁଣାଇଛନ୍ତି ।

ସୂଚନା ଅନୁଯାୟୀ, ଟିକିରି ଥାନା ଅନ୍ତର୍ଗତ ସୁଦିନଗାଗୁଡା ଗ୍ରାମର ପ୍ରହଲ୍ଲାଦ ମାଝି ଗୁଣିଗାରେଡି କରି ଲୋକଙ୍କୁ ଅସୁସ୍ଥ କରୁଥିବା ଏବଂ ଜୀବନ ନେଉଥିବା ସେହି ଗ୍ରାମର କାର୍ତ୍ତିକ ଏବଂ ତାଙ୍କ ସହଯୋଗୀ ନାୟକ ମାଝି ସନ୍ଦେହକରି ତାଙ୍କ ସହ ବାରମ୍ବାର ବଚସା କରୁଥିଲେ। ୨୦୧୬ ଏପ୍ରିଲ ୯ରେ ପ୍ରହଲ୍ଲାଦ ଓ ତାଙ୍କ ସ୍ତ୍ରୀ ସାଲାଇ ମାଝି ଗ୍ରାମ ନିକଟସ୍ଥ ଚାଷଜମିରେ କାର୍ଯ୍ୟ କରୁଥିବା ବେଳେ ଅଭିଯୁକ୍ତ କାର୍ତ୍ତିକ ଓ ନାୟକ ପ୍ରହଲ୍ଲାଦଙ୍କୁ ଜୋର ଜବରଦସ୍ତି ଉଠାଇ ଗ୍ରାମକୁ ଆଣି ସେଠାରେ ଏକ ଠେଙ୍ଗାରେ ମାଡ଼ ମାରିଥିଲେ। ଫଳରେ ସ୍ତ୍ରୀ ସାଲାଇଙ୍କ ଉପସ୍ଥିତିରେ ଘଟଣାସ୍ଥଳରେ ପ୍ରହଲ୍ଲାଦଙ୍କ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ପୋଲିସ କିମ୍ବା କାହାରିକୁ ଜଣାଇଲେ ଘରେ ନିଆଁ ଲଗାଇଦେବେ ବୋଲି ୨ ଅଭିଯୁକ୍ତ ମୃତକଙ୍କ ସ୍ତ୍ରୀ ସାଲାଇ ଏବଂ ଗ୍ରାମବାସୀଙ୍କୁ ଚେତାବନୀ ଦେଇଥିଲେ। ଫଳରେ ଗ୍ରାମବାସୀ ଏବଂ ସାଲାଇ ଭୟରେ ଥାନାରେ ଅଭିଯୋଗ କରି ନ ଥିଲେ । କିନ୍ତୁ ବାହାରେ କାର୍ଯ୍ୟ କରୁଥିବା ପ୍ରହଲ୍ଲାଦଙ୍କ ପୁଅ ଘରକୁ ଆସି ବାପାଙ୍କୁ ନ ପାଇ ମା'କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ପରେ ୨୦୧୬ ଏପ୍ରିଲ ୧୬ରେ ପୁଅର ପରାମର୍ଶ କ୍ରମେ ସାଲାଇ ଏ ନେଇ ଟିକିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଟିକିରି ପୋଲିସ ହତ୍ୟାକାରୀ କାର୍ତ୍ତିକଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସରକାରଙ୍କ ତରଫରୁ ଆଇନଜୀବୀ ରାମସ୍ତପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ମୁଢ଼ି ପି ପାଣି**
**ବାପ ଯାଇଛି ବଇଦ ଆଣି।**

ସାଧାରଣତଃ ମୁଢ଼ି ଖାଇ ସାରିବା ପରେ ପାଣି ପିଆଯାଇ ନ ଥାଏ। ଏପରି କରିବା ସ୍ୱାସ୍ଥ୍ୟପକ୍ଷେ ଅହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖଟ ତଳେ ଗଲା ନେଉଳ**
**କାନ କୁହାକୁହି ଗୁପତ କଥା**
**ମତେ କହୁନାହୁଁ ବଉଳ।**

ସମ୍ପର୍କ ଯେତେ ମଧୁର ଓ ନିବିଡ଼ ହୋଇଥିଲେ ମଧ ଏପରି କିଛି କଥା ଥାଏ, ଯାହା ଅନ୍ୟ ଆଗରେ ଖୋଲିକରି କହି ହୋଇ ନ ଥାଏ। କାରଣ ଗୋପନୀୟ କଥା ପ୍ରକାଶ କରିଦେଲେ ଗୁମର ଫିଟି ଯିବାର ଭୟ ରହିଥାଏ। ଏପରିସ୍ଥଳେ ବାନ୍ଧବୀ ମୁହଁରୁ କିଛି ଗୁପ୍ତ କଥା ଶୁଣିବା ଲାଗି ଅଳି କରୁଥିବା ଯୁବତୀର ବ୍ୟାକୁଳତାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ


# ହଷ୍ଟେଲ କେୟାର ଟେକରଙ୍କୁ ଆକ୍ରମଣ, ବିଦେଶୀ ଛାତ୍ର ଗିରଫ

ଭୁବନେଶ୍ୱର, ୧୮।୧୨ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଅନ୍ତର୍ଗତ ଏକ ଘରୋଇ କଲେଜ ହଷ୍ଟେଲରେ ଜଣେ ବିଦେଶୀ ଛାତ୍ର ହଷ୍ଟେଲ କେୟାର ଟେକରଙ୍କୁ ଛୁରିରେ ଆକ୍ରମଣ କରିଛନ୍ତି। ଆହତ କେୟାର ଟେକର ହେଲେ ଜଗତ୍‌ସିଂହପୁରର ସ୍ୱାଭିମାନ ନାଏକ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଭୁବନେଶ୍ୱରେ ପଢୁଥିବା ଛାତ୍ର ପପୁଆ ନ୍ୟୁ ଗିନିଆର ଜୁନିୟର ୱାଫି ୱହିଙ୍ଗୁଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ ୱାଫି ଏକ ଘରୋଇ ବୈଷୟିକ ମହାବିଦ୍ୟାଳୟରେ ପଢୁଥିବା ବେଳେ ଉକ୍ତ କଲେଜ ହଷ୍ଟେଲରେ ରହୁଥିଲେ। ସେହି ସ୍ଥାନରେ ସ୍ୱାଭିମାନ ହଷ୍ଟେଲ କେୟାର ଟେକର ଭାବେ କାମ କରନ୍ତି। ଗତ ୫ ଦିନ ତଳେ ୱାଫି ହଷ୍ଟେଲ କେୟାରଟେକରଙ୍କୁ ଏକ ଗଦି ମାଗିଥିଲେ। ମାତ୍ର ଗଦି ନ ଥିବାରୁ ଆସିଲେ ଦିଆଯିବ ବୋଲି ଛାତ୍ରଙ୍କୁ ସ୍ୱାଭିମାନ କହିଥିଲେ। ଏଥିରେ ୱାଗି ରାଗି ଯାଇ ସ୍ୱାଭିମାନଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ।

# ନାବାଳିକା ଝିଅଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ବାପାଙ୍କୁ ୪ବର୍ଷ ଜେଲ

ଭୁବନେଶ୍ୱର, ୧୮।୧୨
(ସୂର୍ଯ୍ୟକାନ୍ତ ବେହେରା)

ଖୋର୍ଦ୍ଧା ବାଣପୁରରେ ୨୦୨୧ରେ ଘଟିଥିବା ଏକ ନାବାଳିକା ବଳାତ୍କାର ଉଦ୍ୟମ ମାମଲାର ରାୟ ଭୁବନେଶ୍ୱରସ୍ଥିତ ୪ର୍ଥ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବୁଧବାର ପ୍ରକାଶ ପାଇଛି। ଝିଅକୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୁକ୍ତ ବାପା ଗୟାଧର ସ୍ୱାଇଁଙ୍କୁ ବିଚାରପତି ପ୍ରଦୀପ କୁମାର ବେହେରା ୪ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲ ଦଣ୍ଡ ରହିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି। ୫ ଜଣ ସାକ୍ଷୀ ଓ ବିଭିନ୍ନ ଦସ୍ତାବିଜ ଆଧାରକୁ ଭିତ୍ତି କରି ଏହି ରାୟ ପ୍ରକାଶ ପାଇଛି।

ଘଟଣାନୁଯାୟୀ ଗୟାଧର ସୁରଟରେ କାମ କରୁଥିବାବେଳେ ବିଭିନ୍ନ ପର୍ବରେ ଘରକୁ ଆସନ୍ତି। ନାବାଳିକା ଝିଅ ଶୋଇଥିବା ସମୟରେ ଗୟାଧର ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଚିତ୍କାର କରିବାରୁ ଅଭିଯୁକ୍ତ ଘରୁ କେଉଁଆଡେ ପଳାଇଯାଇଥିଲେ। ଏନେଇ ନାବାଳିକା ଜଣଙ୍କ ଘଟଣା ସଂକ୍ରାନ୍ତରେ ନିଜ ମା'ଙ୍କୁ କହିବାରୁ ସେ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ସରକାରୀ ଓକିଲ ସୁବ୍ରତ ପ୍ରିୟଦର୍ଶୀ ପରିଚାଳନ କରୁଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୨୨ କେଜି ଗଞ୍ଜେଇ ଜବତ, ଦମ୍ପତିଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, ୧୮।୧୨
(ସୂର୍ଯ୍ୟକାନ୍ତ ବେହେରା)

ଫୁଲବାଣୀରୁ ବେଆଇନ ଭାବେ ଗଞ୍ଜେଇ ଆଣିବା ପରେ ରାଜଧାନୀର ବିଭିନ୍ନ ସ୍ଥାନକୁ କାର୍‌ରେ ଚାଲାଣ କରୁଥିବା ବେଳେ ଖଣ୍ଡଗିରି ପୋଲିସ ହାତରେ ଦମ୍ପତିଙ୍କ ସମେତ ୪ ଧରାପଡ଼ିଛନ୍ତି। ଅଭିଯୁକ୍ତମାନେ ହେଲେ କନ୍ଧମାଳର ପ୍ରକାଶ ଦିଗଲ ଓ ତାଙ୍କ ସ୍ତ୍ରୀ ମଧୁସ୍ମିତା ଦିଗଲ। ସେହିପରି ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ଦିଲୀପ ଦିଗଲ ଓ ଭୀମସେନ ଦିଗଲ। ସେମାନଙ୍କଠାରୁ ୨୨ କେଜି ଗଞ୍ଜେଇ, ଅପରାଧରେ ବ୍ୟବହୃତ କାର, ହଜାରେ ଟଙ୍କା ଜବତ ହୋଇଛି। ଏହି ଘଟଣାରେ ଖଣ୍ଡଗିରି ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଏତଲା ଦେବାକୁ ଚାପ ପକାଇଥିଲେ ତତ୍କାଳୀନ ଆଇଜି

ବ୍ରହ୍ମପୁର, ୧୮।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ନେଇ ପୃଥକ୍ ୩ଟି ମାମଲାର ସାକ୍ଷ୍ୟ ଗ୍ରହଣ ପାଇଁ ବୁଧବାର ଦିନ ଧାର୍ଯ୍ୟ ହୋଇଥିଲା। ତେଣୁ ମାମଲାରେ ଅଭିଯୁକ୍ତ ଥିବା ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ କୋର୍ଟରେ ହାଜର ହୋଇଥିଲେ। ଏମ୍‌ପି ଓ ବିଧାୟକଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର କୋର୍ଟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଗ୍ରାମାଞ୍ଚଳ) ଜୁଏଲ ପଟ୍ଟନାୟକଙ୍କ କୋର୍ଟରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ସାକ୍ଷୀ ଭାବେ ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ମାମଲା ଜିଆର୍ ନଂ.୨୨୬୮/୨୦ର ଏତଲାକାରୀ ପ୍ରଶାନ୍ତ କର ଓ ଜିଆର୍ ନଂ.୬୭୮/୨୧ର ଏତଲାକାରୀ ବି. ଶିବ ପାତ୍ର ଏବଂ ବୈଦ୍ୟନାଥପୁର ଥାନାରେ ରୁଜୁ ମାମଲା ଜିଆର୍ ନଂ. ୫୧୧/୨୧ର ଏତଲାକାରୀ କାର୍ତ୍ତିକ ପ୍ରଧାନ କୋର୍ଟରେ ସାକ୍ଷ୍ୟ ଦେଇଥିଲେ। ମାମଲା ସମ୍ପର୍କରେ କେହି କିଛି ଜାଣି ନାହାନ୍ତି, ତାଙ୍କ ଉପରେ ଚାପ ପ୍ରୟୋଗ କରିବାରୁ ବାଧ ହୋଇ ଏତଲା ଦେଇଥିଲେ ବୋଲି ସେମାନେ କୋର୍ଟରେ କହିଛନ୍ତି। ଏତଲାକାରୀ ଶିବ କୋର୍ଟରେ ଦେଇଥିବା ବୟାନ ଅନୁସାରେ ତତ୍କାଳୀନ ଆଇଜି ତାଙ୍କୁ ଅଫିସକୁ ଡାକି ମାମଲା ରୁଜୁ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ ବୋଲି ଏମ୍‌ପିଙ୍କ ଓକିଲ ଅସିତ ଶତପଥୀ କହିଛନ୍ତି।


ଏମ୍‌ପି ପ୍ରଦୀପ ପାଣିଗ୍ରାହୀ କୋର୍ଟକୁ ଯାଉଛନ୍ତି।

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା**

ଗତ ୧୦ ତାରିଖରେ ମଧ୍ୟ ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ୨ଟି ଟଙ୍କା ଠକେଇ ମାମଲା ଜିଆର୍ ନଂ.୨୨୨୫/୨୦ର ଏତଲାକାରୀ ଲକ୍ଷ୍ମୀଧର ନାୟକ ଓ ଜିଆର୍ ନଂ.୬୨/୨୧ର ଏତଲାକାରୀ ପ୍ରଭାତ ନାୟକ ନିଜର ସାକ୍ଷ୍ୟ ଦେଇଥିଲେ। ସେମାନେ ମଧ୍ୟ ଚାପରେ ଆସି ଏତଲା ଦେଇଥିବା କହିଥିଲେ। ତେବେ ୫ଟି ମାମଲାର ଏତଲାକାରୀ କୋର୍ଟରେ ତାଙ୍କର ବୟାନ ବଦଳାଇ ଚାପରେ ପଡି ମାମଲା ରୁଜୁ କରିଥିବା କହିଛନ୍ତି। ତେଣୁ ଏହି ୫ଟି ମାମଲାର ସତ୍ୟତାକୁ ନେଇ ସାଧାରଣରେ ଏବେ ପ୍ରଶ୍ନ ସୃଷ୍ଟି ହୋଇଛି। ଏମ୍‌ପି ପ୍ରଦୀପଙ୍କୁ ଫସାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ନେଇ ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହେଲାଣି।

# କିଟ୍-କିସ୍‌ରେ ମେଗା ସ୍ପୋର୍ଟ୍ସ ଇଭେଣ୍ଟ

**ଭୁବନେଶ୍ୱର, ୧୮।୧୨ (ବିଜୟ ରଣା):** ସ୍ଥାନୀୟ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ମେଗା ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଛି। ଏହା ଡିସେମ୍ବର ୨୪ରୁ ୩୦ ପର୍ଯ୍ୟନ୍ତ ହେବ। ଏଥିରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୫,୦୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେବେ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି (ଏଆଇୟୁ) ଅଧୀନରେ ଆୟୋଜିତ ହେବାକୁଥିବା ଏହି ଇଭେଣ୍ଟ ଅବସରରେ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ (ପୁରୁଷ ଓ ମହିଳା), ଯୋଗାସନ (ପୁରୁଷ ଓ ମହିଳା) ଆଥଲେଟିକ୍ସ (ପୁରୁଷ ଓ ମହିଳା) ଚାମ୍ପିୟନଶିପ୍ ୨୦୨୪-୨୫ ଅନୁଷ୍ଠିତ ହେବ। ଇଭେଣ୍ଟରେ ବିଶିଷ୍ଟ ଅଲିମ୍ପିଆନ୍ସ, ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆଥଲେଟଙ୍କ ସମେତ ବହୁ ଅନ୍ତର୍ଜାତୀୟ ଖେଳାଳି ଭାଗ ନେବେ। ଏଆଇୟୁର ସଭାପତି ପ୍ରଫେସର ବଲ୍‌ଜିତ ସିଂ ଶେଖନ ଇଭେଣ୍ଟର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

# ଭିନିସିଅସ୍, ବୋନ୍‌ମାଟି ପ୍ଲେୟର ଅଫ୍ ଦି ଇୟର

ଦୋହା, ୧୮।୧୨ (ଏପି)

ରିଅଲ ମାଡ୍ରିଡ୍ ଷ୍ଟାର ଭିନିସିଅସ୍ ଜୁନିୟର ଓ ବାର୍ସିଲୋନା ପ୍ଲେମେକର ଆଇଟାନା ବୋନମାଟି ଯଥାକ୍ରମେ ଫିଫା'ର ପୁରୁଷ ଓ ମହିଳା ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ଅକ୍ଟୋବରରେ ଭିନିସିଅସଙ୍କୁ ପରାସ୍ତ କରି ମାଞ୍ଚେଷ୍ଟର ସିଟି ମିଡ୍‌ଫିଲ୍ଡର ରୋଡ୍ରି ବାଲନ ଡି'ଅର ପୁରସ୍କାର ପାଇଥିଲେ। ଏହା ୨୪ ବର୍ଷୀୟ ରିଅଲ ମାଡ୍ରିଡ୍ ଖେଳାଳିଙ୍କୁ ଖୁବ୍ ବ୍ୟଥିତ କରିଥିଲା। ଏପରିକି ପ୍ୟାରିସରେ ଅନୁଷ୍ଠିତ ଉତ୍ସବରେ ମାଡ୍ରିଡ ଦଳ ପକ୍ଷରୁ ଏନେଇ ଆପତ୍ତି ଉଠାଯାଇଥିଲା। ଅନ୍ୟପକ୍ଷରେ ବୋନମାଟି ବିଶ୍ୱ ଫୁଟ୍‌ବଲର ପଛକୁ ପଛ ଦୁଇଟି ବଡ଼ ପୁରସ୍କାର ଜିତିପାରିଛନ୍ତି। ସ୍ପେନର ଏହି ୨୬ ବର୍ଷୀୟା ଖେଳାଳି କ୍ରମାଗତ ଦ୍ୱିତୀୟ ଥର ବାଲନ ଡି'ଅର ପୁରସ୍କାର ଜିତିପାରିଛନ୍ତି। ୨୦୨୪ରେ ସେ ବାର୍ସିଲୋନା ସହ ସ୍ପାନିଶ ଲିଗ୍,



ଶ୍ରେଷ୍ଠ ଖେଳାଳି ପୁରସ୍କାର ସହ ଭିନିସିଅସ୍ ଜୁନିୟର ଓ ଆଇଟାନା ବୋନମାଟି।

ସ୍ପାନିଶ କପ୍ ଓ ଚାମ୍ପିୟନ୍ସ ଲିଗ୍ ବିଜେତା ହୋଇପାରିଛନ୍ତି। ଉଭୟ ପୁରସ୍କାର ପାଇଁ ୧୧ ଖେଳାଳିଙ୍କୁ ନେଇ ଏସ ଶର୍ଟ ଲିଷ୍ଟ ପ୍ରସ୍ତୁତ କରାଯାଇଥିଲା। ୨୦୨୩ ଅଗଷ୍ଟ ୨୧ରୁ ଆରମ୍ଭ କରି ୨୦୨୪ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଖେଳାଳିଙ୍କ ପ୍ରଦର୍ଶନକୁ ଭିତ୍ତି କରି ଖେଳାଳି ତାଲିକା ପ୍ରସ୍ତୁତ କରାଯାଇଥିଲା। ଭିନସେଣ୍ଟଙ୍କ କ୍ୟାରିୟରରେ ତାଙ୍କ ପାଇଁ ଏହା ଶ୍ରେଷ୍ଠ ସିଜନ ଥିଲା। ମାଡ୍ରିଡ ପକ୍ଷରୁ ସେ ୩୯ ମ୍ୟାଚ ଖେଳି ୨୪ ଗୋଲ୍ ସ୍କୋର କରିଛନ୍ତି। ସ୍ପାନିଶ ଟିମ୍‌କୁ ରେକର୍ଡ ୧୫ତମ ୟୁରୋପିଆନ କପ୍ ଏବଂ ଦ୍ୱିତୀୟ ଥର ଚାମ୍ପିୟନ୍ସ ଲିଗ୍ ଟ୍ରଫି ଜିତାଇବାରେ ତାଙ୍କର ଭୂମିକା ରହିଥିଲା। ଡାନି କାର୍ଭାଜଲ ଓ ଲାମିନେ ୟାମାଲଙ୍କ ଆଗରେ ମାଡ୍ରିଡ ଟିମ୍‌ମେଟ ଜୁଡ୍ ବେଲିଙ୍ଗ ହାମ ତୃତୀୟ ସ୍ଥାନରେ ରହିଥିଲେ। ଗତ ଦୁଇଥର ପୁରସ୍କାର ଜିତିଥିବା ଲିଓନେଲ ମେସିଙ୍କୁ ୬ଷ୍ଠ ସ୍ଥାନ ମିଳିଥିଲା। ଭିନିସିଅସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରୋଡ୍ରିଙ୍କୁ ୫ ପଏଣ୍ଟ ପଛରେ ପକାଇ ଦେଇଥିଲେ। ବ୍ରାଜିଲ ଫରୱାର୍ଡ ପୁରସ୍କାର ଗ୍ରହଣ କରିବା ଲାଗି ଦୋହାରୁ ଫିଫା ଉତ୍ସବକୁ ଆସିଥିଲେ। ମାଡ୍ରିଡ ପାଇଁ ପାଚୁକା ବିପକ୍ଷ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଖେଳିବା ଲାଗି ସେ ସୋମବାର ଦୋହା ଯାଇଥିଲେ। ଅନ୍ୟପକ୍ଷରେ ମାଡ୍ରିଡ ମ୍ୟାନେଜର କାର୍ଲୋ ଆନ୍‌ସିଲୋଟି ଶ୍ରେଷ୍ଠ ପୁରୁଷ କୋଚ୍ ଏବଂ ଯୁକ୍ତରାଷ୍ଟ୍ର ମହିଳା କୋଚ୍ ଏମ୍ମା ହେଜ୍‌ଙ୍କୁ ମହିଳା ପୁରସ୍କାର ମିଳିଥିଲା।

# ଭାରତ-ପାକିସ୍ତାନ ଉଦ୍‌ଘାଟନୀ ମୁକାବିଲା

**ଖୋଖୋ ବିଶ୍ୱକପ୍**

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ଖୋ ଖୋ ବିଶ୍ୱକପ୍‌ର ଉଦ୍‌ଘାଟନୀ ସଂସ୍କରଣ ଜାନୁଆରୀ ୧୩ରୁ ଖେଳାଯିବ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଆୟୋଜକଙ୍କ ତରଫରୁ ବୁଧବାର ଏ ବିଷୟ ଘୋଷଣା କରାଯାଇଛି। ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ହେବାକୁଥିବା ଏହି ମ୍ୟାଚରେ ୨୪ଟି ଦେଶ ଭାଗ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ମ୍ୟାଚ୍‌ଗୁଡ଼ିକ ଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ଏବଂ ନଏଡା ଇନ୍‌ଡୋର ଷ୍ଟାଡିୟମରେ ଖେଳାଯିବ। ପ୍ରତିଯୋଗିତାର ଲିଗ୍ ମ୍ୟାଚ୍‌ଗୁଡ଼ିକ ଜାନୁଆରୀ ୧୩ରୁ ଆରମ୍ଭ ହେବ। ସେହିଦିନ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ୧୪, ୧୫ ଓ ୧୬ ତାରିଖରେ ଅବଶିଷ୍ଟ ଲିଗ୍ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଜାନୁଆରୀ ୧୭ରେ କ୍ୱାର୍ଟରଫାଇନାଲ ଓ ଜାନୁଆରୀ ୧୮ରେ ସେମିଫାଇନାଲ ଖେଳାଯିବାକୁଥିବା ବେଳେ ଜାନୁଆରୀ ୧୯ରେ ଫାଇନାଲ ଖେଳାଯିବ। ଟୁର୍ନାମେଣ୍ଟରେ ୨୧ ପୁରୁଷ ଓ ୨୦ ମହିଳା ଦଳ ଭାଗନେବେ ବୋଲି ଖୋ ଖୋ ୱାର୍ଲ୍ଡ କପ୍ ସିଇଓ ବିକ୍ରମ ଦେବ ଡୋଗ୍ରା ପ୍ରକାଶ କରିଛନ୍ତି। ଇଭେଣ୍ଟ ପାଇଁ ଉଭୟ ପୁରୁଷ ଓ ମହିଳା ବିଭାଗ ଭାରତୀୟ ଦଳ ମନୋନୟନ ପୂର୍ବରୁ ୬୦ ଲେଖାଏଁ ଖେଳାଳିଙ୍କୁ ନେଇ ଜବାହର ଲାଲ ନେହେରୁ ଷ୍ଟାଡିୟମରେ ଜାତୀୟ କ୍ୟାମ୍ପ ଚାଲିଛି।

# ସାଇ ଅଲିମ୍ପିକ୍ସ ୨୦୨୪ ଉଦ୍‌ଘାଟିତ



ସାଇ ଅଲିମ୍ପିକ୍ସର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଭୁବନେଶ୍ୱର,୧୮।୧୨(ସରୋଜ ଜେନା)

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ସାଇ ଅଲିମ୍ପିକ୍ସର ୯ମ ସଂସ୍କରଣ ବୁଧବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଖେଳ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ବ୍ୟକ୍ତି ରୂପେ ଗଢ଼ିତୋଳିବାରେ ସାହାଯ୍ୟ କରିଥାଏ ବୋଲି ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ। ତେଣୁ ପାଠପଢା ସହିତ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗନେବା ସହ ଖେଳକୁ ଜୀବନର ଏକ ଅଭିନ୍ନ ଅଙ୍ଗ ରୂପେ ଗଢ଼ିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସ୍କୁଲର ଛାତ୍ରୀଛାତ୍ରଙ୍କୁ ରାଜ୍ୟ ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗନେଇ ଉତ୍କୃଷ୍ଟ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ।

ସାଇ ଇଣ୍ଟରନ୍ୟାଶନାଲ୍ ମୁଖ୍ୟ ଡଃ ଶିଳ୍ପୀ ସାହୁ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ନିଜ ଭିତରେ ଖେଳୁଆଡ଼ ମନୋଭାବ ରଖିବା ଦ୍ୱାରା ସେମାନଙ୍କ ଭିତରେ ବିନମ୍ରତା, ଭଦ୍ରତା ଓ କଠିନ ପରିଶ୍ରମ କରିବାର ସଂକଳ୍ପ ବିକଶିତ ହୋଇପାରିବ ଯାହା ଦ୍ୱାରା ସେମାନଙ୍କୁ ଜାତୀୟ ଓ ଆ'ର୍ଜାତୀୟ କ୍ଷେତ୍ରରେ ସଫଳତା ଅର୍ଜନ କରିପାରିବେ। କରାଟେ, ଚେସ୍, ସୁଇମିଙ୍ଗ୍ ଓ ବ୍ୟାଡମିଣ୍ଟନ ଭଳି ବିଭିନ୍ନ କ୍ରୀଡାରେ ବିଦ୍ୟାଳୟ ଏକ ପରିଚୟ ସୃଷ୍ଟି କରିପାରିଛି। କ୍ରୀଡ଼ା ଶିକ୍ଷକ ଶେଖ୍ ସମିମ୍ ଓ ସଞ୍ଜୟ ସାହୁ ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ବାଂଲାଦେଶର ଦ୍ୱିତୀୟ ବିଜୟ

**କିଙ୍ଗ୍‌ସଟାଉନ, ୧୮।୧୨ (ଏପି):** ପ୍ରଭାବୀ ବୋଲିଂ ଯୋଗୁ ବାଂଲାଦେଶ ଏଠାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚକୁ ୨୭ ରନରେ ଜିତି ନେଇଛି। ଏଥିସହିତ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ ବିଶିଷ୍ଟ ସିରିଜ ଆଗୁଆ କବ୍‌ଜା କରି ନେଇଛି। ମ୍ୟାଚରେ ବିଜୟୀ ଦଳର ସବୁଠାରୁ ସଫଳ ବୋଲର ତସ୍କିନ ଅହମଦ ୧୬ ରନ ଦେଇ ୩ ଉଇକେଟ ନେଇଥିଲେ। ଟପ୍ ସ୍କୋରର ଶମିମ ହୋସେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୧୭ ବଲ୍‌ରୁ ୩୫ ରନ କରିଥିଲେ। ଭ୍ରମଣକାରୀ ଦଳର ଅନ୍ୟତମ ବ୍ୟାଟର ମେହିଦି ହସନ ମିରାଜ ୨୬ ରନ କରିଥିଲେ। ଘରାଇ ଦଳର ଗୁଡାକେଶ ମୋତି ୨୫ ରନ ବିନିମୟରେ ୨ ଉଇକେଟ ନେଇଥିଲେ। ବର୍ଷାଯୋଗୁ ଖେଳ ଦୁଇଥର ବାଧାପ୍ରାପ୍ତ ହୋଇଥବଲେ ମଧ୍ୟ ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭର ଖେଳି ୭ ଉଇକେଟ ବିନିମୟରେ ୧୨୯ ରନ କରିଥିଲା। ଟସ୍‌ରେ ହାରି ଦ୍ୱିତୀୟ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଘରୋଇ ଦଳ ଶେଷ ୪ ଉଇକେଟ ବିନିମୟରେ ମାତ୍ର ୧୩ ରନ କରିଥିଲା। ଦଳର ଟପ୍ ସ୍କୋରର ରୋଷ୍ଟନ ଚେଜ୍ ୩୨ ରନ କରିଥିବାବେଳେ ୱେଷ୍ଟଇଣ୍ଡିଜ ୧୮.୩ ଓଭରରେ ୧୦୨ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା।

# ଉଭୟ ବର୍ଗରେ କେନ୍ଦୁଝର ଚାମ୍ପିୟନ



ବାଳିକା ବର୍ଗ ଚାମ୍ପିୟନ କେନ୍ଦୁଝର ଦଳର ଖେଳାଳିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**୨୧ ତମ ସବ୍ ଜୁନିୟର ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍**

କେନ୍ଦୁଝର,୧୮।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଦୁଇ ଦିନ ଧରି ଚାଲିଥିବା ୨୧ ତମ ସବ ଜୁନିୟର ବାଳକ ଓ ବାଳିକା ରାଜ୍ୟ ଚାମ୍ପିୟନଶିପ ବୁଧବାର ଉଦ୍‌ଯାପିତ ହୋଇଛି। ଉଭୟ ବର୍ଗରେ କେନ୍ଦୁଝର ଚାମ୍ପିୟନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବୁଧବାର ଉଭୟ ବର୍ଗର ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। କେନ୍ଦୁଝର ବାଳକ ଦଳ ଗଞ୍ଜାମକୁ ୨୬ - ୧୬ ଗୋଲରେ ପରାସ୍ତ କରିଥିବା ବେଳେ ବାଳିକା ଦଳ ଯାଜପୁରକୁ ୧୨ - ୧୦ ଗୋଲରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି।

ପୂର୍ବରୁ ବାଳକ ବର୍ଗ ସେମି ଫାଇନାଲରେ କେନ୍ଦୁଝର ୨୨ - ୧୨ ଗୋଲରେ ଯାଜପୁରକୁ ଓ ଗଞ୍ଜାମ ୧୬ - ୮ ଗୋଲରେ ଦେବଗଡ଼କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ବାଳିକା ବର୍ଗ ସେମିଫାଇନାଲରେ କେନ୍ଦୁଝର ୧୫-୪ ଗୋଲରେ ଢେଙ୍କାନାଳକୁ ଓ ଯାଜପୁର ୮-୪ ଗୋଲରେ ଦେବଗଡକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ବାଳିକା ବର୍ଗରେ କେନ୍ଦୁଝର ଦଳର ଶ୍ରେୟାସି ସୁନୟନା ପାଣି ଶ୍ରେଷ୍ଠ ଖେଳାଳି ଓ ନିକିତା ପ୍ରିୟଦର୍ଶିନୀ ମହାନ୍ତ ଶ୍ରେଷ୍ଠ ଗୋଲ କିପର ବିବେଚିତ ହୋଇଥିଲେ। ଅନ୍ୟପକ୍ଷରେ ବାଳକ ବର୍ଗରେ କେନ୍ଦୁଝରର ସୌରଭ ଜେନା ଶ୍ରେଷ୍ଠ ଖେଳାଳି ଓ ଗଞ୍ଜାମର ଦେବାଶିଷ ଗନ୍ତାୟତ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି।

# ୱିଲିୟମସନଙ୍କ ସ୍ଥାନରେ ସାଣ୍ଟନର ଅଧିନାୟକ

ଅକ୍‌ଲାଣ୍ଡ, ୧୮।୧୨ (ପି.ଟି.)

କେନ୍ ୱିଲିୟମସନଙ୍କ ସ୍ଥାନରେ ବାମହାତୀ ସ୍ପିନ୍ ବୋଲର ମିଚେଲ ସାଣ୍ଟନର ବୁଧବାର ବିଧିବଦ୍ଧ ଭାବେ ନ୍ୟୁଜିଲାଣ୍ଡ ହ୍ୱାଇଟ୍‌ବଲ୍ କ୍ରିକେଟ ଦଳର ଅଧିନାୟକ ଭାବେ ନିଯୁକ୍ତି ପାଇଛନ୍ତି। ୱିଲିୟମସନ ଜୁନ୍ ଟି୨୦ ବିଶ୍ୱକପ୍ ପରେ ଅଧିନାୟକ ପଦବୀରୁ ଓହରିଯାଇଥିଲେ। ସାଣ୍ଟନର ନ୍ୟୁଜିଲାଣ୍ଡ ତରଫରୁ ୨୪୩ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ବର୍ତ୍ତମାନ ସେ ଉଭୟ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଦଳର ନିୟମିତ ଅଧିନାୟକ ହୋଇଛନ୍ତି। ସାଣ୍ଟନର ପୂର୍ବରୁ ୨୪ ଅନ୍ତର୍ଜାତୀୟ ଟି୨୦ ଏବଂ ୪ ଅନ୍ତର୍ଜାତୀୟ ଦିନିକିଆରେ ଦଳର କାମଚଳା ଅଧିନାୟକ ପଦବୀ ତୁଲାଇଛନ୍ତି। ଡିସେମ୍ବର ଶେଷ ଭାଗ ଏବଂ ଜାନୁଆରୀ ପ୍ରାରମ୍ଭରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯିବାକୁଥିବା ଟି୨୦ ଓ ଦିନିଆ ସିରିଜରେ ୩୨ ବର୍ଷୀୟ ସାଣ୍ଟନର ଫୁଲ-ଟାଇମ୍ ଅଧିନାୟକ ଭାବେ ତାଙ୍କ କାର୍ଯ୍ୟ ଆରମ୍ଭ କରିବେ।

# ସେମିଫାଇନାଲରେ ସେଣ୍ଟ୍ରାଲ ରେଲୱେ ବମ୍ବେ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ**

ଢେଙ୍କାନାଳ,୧୮।୧୨
(ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡା ସଂଘ ପକ୍ଷରୁ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଥିବା ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତାରେ ସେମିଫାଇନାଲରେ ପ୍ରବେଶ କରିଛି ସେଣ୍ଟ୍ରାଲ ରେଲୱେ ବମ୍ବେ। ବୁଧବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଦଳକୁ ୩-୦ ଗୋଲରେ ହରାଇଥିଲା ସେଣ୍ଟ୍ରାଲ ରେଲୱେ ବମ୍ବେ। ସେଣ୍ଟ୍ରାଲ ରେଲୱେ ବମ୍ବେ ପକ୍ଷରୁ କମେଲେଶ ପି. ୨ଟି ଓ ମହମ୍ମଦ ଆସିକ୍ ଗୋଟିଏ ଗୋଲ ଦେଇଥିଲେ । କମେଲେଶ ପି.ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଜିଲା ଦେବୋତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ରେଫରି ଆଶୀର୍ବାଦ କାନୁନଗୋ, ଶଶିକାନ୍ତ ଦାଶିଆ, ଅରୁଣ ନାୟକ, ଦେବରାଜ ସ୍ୱାଇଁ ଓ ବୋନସନ ବରାଳ ମ୍ଯାଚ ପରିଚାଳନା କରିଥିବା ବେଳେ ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ ମୁଖ୍ୟ ଅତିଥି, ସାଗର ସିମେଣ୍ଟ ଓଡିଶାର ରାଜ୍ୟ ମୁଖ୍ୟ ରାଜେଶ ମେନନ, ଆଞ୍ଚଳିକ ମୁଖ୍ୟ ପ୍ରସନ୍ନ ତ୍ରିପାଠୀ ଓ ବିଶିଷ୍ଟ କ୍ରୀଡାବିତ୍ ଅକ୍ଷୟ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ସରୋଜ ପାଢୀ, ପ୍ରତାପ ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ର, ବାବୁ ପାଢୀ ଓ ସୁନିଲ ପଣ୍ଡା ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଥମ ଦିନିକିଆରେ ପାକିସ୍ତାନ ବିଜୟୀ

ପାର୍ଲ, ୧୮।୧୨ (ଏପି)

ଅଲରାଉଣ୍ଡର ସଲମନ ଆଘାଙ୍କ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ବଳରେ ପାକିସ୍ତାନ ଏଠାରେ ମଙ୍ଗଳବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଓପନିଂ ଦିନିକିଆ ମ୍ୟାଚ ୩ ଉଇକେଟରେ ଜିତି ନେଇଛି। ସଲମନ ୯୦ ବଲ୍‌ରୁ ୮୨ ରନ କରି ଅପରାଜିତ ରହିଥିବା ବେଳେ ପାକିସ୍ତାନ ୩ ଉଇକେଟ ଓ ୩ ବଲ୍ ବାକିଥାଇ ମ୍ୟାଚ ଜିତିନେଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୨୩୯ ରନ କରିଥିଲା। ପାର୍ଟଟାଇମ୍ ଅଫ୍-ସ୍ପିନର ସଲମନ ମାତ୍ର ୩୨ ରନ ବିନିମୟରେ ୪ ଉଇକେଟ ନେଇ ଘରୋଇ ଦଳର ଟପ୍ ଅର୍ଡରେ ବିପର୍ଯ୍ୟୟ ଘଟାଇଥିଲେ। ୨୪୦ରନର ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ପାକିସ୍ତାନ ଏକଦା ୨୦ ଓଭରରେ ୬୦ ରନ ସ୍କୋରରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ପରେ ସଲମନ ତାଙ୍କର ବ୍ୟକ୍ତିଗତ ସ୍କୋର ୬ରନରେ ଏକ ଜୀବନଦାନ ପାଇବା ପରେ ବିପକ୍ଷ ଦଳକୁ ଆଉ ସୁଯୋଗ ଦେଇ ନ ଥିଲେ। ସଲମନ ପ୍ରଥମେ ଓପନର ଆୟୁବଙ୍କ ସହଯୋଗରେ ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଏକ ଟି୨୦ରେ ୯୮ରନ କରି ଅପରାଜିତ ରହିଥିବା ସଇମ ତାଙ୍କ କ୍ୟାରିୟର ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଶତକ ହାସଲ କରିଥିଲେ। ସେ ୧୧୯ ବଲ୍‌ରୁ ୧୦୯ କରି କାଗିସୋ ରାବାଡାଙ୍କ ବଲ୍‌ରେ ଫାଇନ୍ ଲେଗ୍‌ରେ କ୍ୟାଚ୍‌ଆଉଟ ହୋଇଯାଇଥିଲେ। ସେ ଓ ସଲମନ ୪୨ତମ ଓଭର ବେଳକୁ ପାର୍ଟନରଶିପ୍‌ରେ ୧୪୧ରନ ଯୋଗ କରବାପରେ ଦଳର ବିଜୟ ପାଇଁ ପଥ ଉନ୍ମୁକ୍ତ ହୋଇଯାଇଥିଲା। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଦିନିକିଆ ନ୍ୟୁଲାଣ୍ଡସଠାରେ ଗୁରୁବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଇନିଂସ: ୫୦ ଓଭରରେ ୨୩୯/୯ (ହେନରିଚ୍ କ୍ଲାସେନ-୮୬, ର୍‍ୟାନ ରିକେଲଟନ-୩୬; ସଲମନ ଆଘା-୪/୩୨, ଆବ୍ରାର ଅହମଦ-୨/୩୨)। ପାକିସ୍ତାନ ଇନିଂସ: ୪୯.୩ ଓଭରରେ ୨୪୨/୭ (ସଇମ ଆୟୁବ-୧୦୯, ସଲମନ ଅଘା-୮୨*; ଓର୍ଟେନିଲ୍ ବାର୍ଟମ୍ୟାନ୍-୨/୩୭, କାଗିସୋ ରାବାଡା-୨/୪୮)।

# ଲିଙ୍ଗରାଜ ଫୁଟ୍‌ବଲ କ୍ଲବ୍ ବିଜୟୀ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଅନୀଲ ନାୟକ।

**ଗତିକୃଷ୍ଣ ପଣ୍ଡା ସ୍ମାରକୀ ଫୁଟ୍‌ବଲ**

ଭୁବନେଶ୍ୱର,୧୮।୧୨(ସରୋଜ ଜେନା)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ବୁଧବାର ବିଜୟୀ ହୋଇଛି ଲିଙ୍ଗରାଜ କ୍ଲବ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ବିପକ୍ଷ ମ୍ୟାଚକୁ ଦଳ ୫-୨ରେ ଜିତି ନେଇଥିଲା। ଲିଙ୍ଗରାଜ କ୍ଲବ ପକ୍ଷରୁ ଉଦିତ ନାରାୟଣ ପତି(୪), ନେତ୍ରାଗିନି ବିନାୟକ(୧୪, ୨୦) ଓ ଅନୀଲ ନାୟକ(୫୪, ୫୮) ମିନିଟରେ ଗୋଲ ଦେଇଥିଲେ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ହ୍ରିଦୁଲ ରୀନେଶ(୧୦) ଓ ରୋହିତ ରାଉତ(୪୧) ମିନିଟରେ ସ୍କୋର କରିଥିଲେ। ଲିଙ୍ଗରାଜ କ୍ଲବର ଅନୀଲ ନାୟକଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସଦସ୍ୟ ଗଣେଷ ପାଲ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।



କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ପକ୍ଷରୁ ବୁଧବାର ଅନୁଷ୍ଠିତ ୭୫ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣ କରିଥିବା ଖେଳାଳି। (ଫଟୋ: ରାଜକିଶୋର ମହାନ୍ତି)।

ପରଦାରେ

# ଅକ୍ସିଜେନ୍

ମଣିଷ ବଞ୍ଚିବା ପାଇଁ ଅକ୍ସିଜେନ୍‌ର ଭୂମିକା କ'ଣ ତାହା କହିବା ଅନାବଶ୍ୟକ। ଏହା ଯଦି ଶେଷ ହୋଇଯାଏ ତେବେ ମାନବ ସମାଜ ଧ୍ୱଂଶ ହୋଇଯିବ। ଏବେ କଳକାରଖାନା, ଆପାର୍ଟମେଣ୍ଟ ଆଦି ତିଆରି କରିବାକୁ ଜଙ୍ଗଲ କଟାଯାଉଛି। ଏହାଦ୍ୱାରା ବାୟୁମଣ୍ଡଳରେ ଅକ୍ସିଜେନ୍ ସ୍ତର ପ୍ରଭାବିତ ହେଉଛି। ତେବେ ଏପରି ଏକ ସେନସେସନାଲ ବିଷୟବସ୍ତୁକ ନେଇ ନିର୍ମିତ ହୋଇଛି ଏକ ଭିନ୍ନ ଧରଣର ଓଡିଆ ସିନେମା। ଏହାର ଟାଇଟଲ ରହିଛି 'ଅକ୍ସିଜେନ୍'। ଏହି ଫିଲ୍ମଟି ଡିସେମ୍ବର ୨୦ରେ ରିଲିଜ ହେବାକୁ ଯାଉଛି। ଉକ୍ତ ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଡା. ରଶ୍ମିରଞ୍ଜନ ପଣ୍ଡା। ଶିବ ପ୍ରସାଦ ପଣ୍ଡାଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର କାହାଣୀ ବିଷୟରେ ରଶ୍ମି କହନ୍ତି, 'ଏହା ଏକ ରୋମାଣ୍ଟିକ କମେଡି ଫିଲ୍ମ। ହେଲେ ଏଥିରେ ଫ୍ୟାମିଲି ଡ୍ରାମା, ଇମୋଶନ ଏବଂ ଆକ୍ସନ ରହିଛି। ଏଥିରେ ଏପରି ଏକ ସୋସିଆଲ ମେସେଜ ରହିଛି ଯାହା ସମାଜ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ। ଫିଲ୍ମଟିର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି 'ଜୋର୍ କା ଝଟକା', 'ଇନ୍ଦ୍ରଜାଲ୍' ଏବଂ 'ଲଗାମ୍'ର ନିର୍ଦ୍ଦେଶକ ପିନୁ ନାୟକ। ଡ. ନିର୍ମଳ ନାୟକ, ତପୁ ନାୟକ ଏବଂ ସତ୍ୟ ରଞ୍ଜନ ବଳଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ଅନ୍ୟତମ ସ୍ୱର ସଂଯୋଜକ ଅଭିଜିତ୍ ମଜୁମଦାର। ଏଥିରେ ସମ୍ବିତ, ତମନ୍ନା, ବବି ମିଶ୍ର, ବାବୁ ପ୍ରଧାନ, ଟନିଆ, ନିଖିଲେଶ ଘୋଷ, ଉମାକାନ୍ତ ମୁଦୁଲି, କ୍ରିଷ୍ଣା, ଶ୍ରାବଣୀ, ରଶ୍ମି ପ୍ରମୁଖଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।


'ଅକ୍ସିଜେନ୍' ଫିଲ୍ମରେ ସମ୍ବିତ-ତମନ୍ନା

# କେତେବେଳେ ହଁ, କେତେବେଳେ ନା

କଥାରେ ପରା ଅଛି– 'ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରିଆସେନା।' ଦେଖୁନାହାନ୍ତି, ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା, ସେଥିରେ ଅଭିନୟ କରିବେ ନାହିଁ ବୋଲି କହି ଏଭଳି ସୁଯୋଗକୁ ହାତଛଡ଼ା କରିଥିଲେ। ହେଲେ କିଛି ଦିନ ପରେ ସେ ନିଜ ନିଷ୍ପତ୍ତିକୁ ପୁଣି ଥରେ ତର୍ଜମା କରି ତାହାକୁ ବଦଳାଇବାକୁ ଠିକ୍ କଲେ। ତା'ପରେ ନିଜର ନୂଆ ନିଷ୍ପତ୍ତି ବିଷୟରେ ଯେତେବେଳେ ପ୍ରଯୋଜନା ସଂସ୍ଥା ସହ ଯୋଗାଯୋଗ କଲେ, ସେତେବେଳେ ସବୁକିଛି ଓଲଟ ପାଲଟ ହୋଇ ଯାଇଥିଲା। ହଁ, ଏପରି ସୁଯୋଗ କାହାକୁ ମିଳିଥିଲା ଜାଣନ୍ତି ? ନୂସରତ ଭରୁଚାଙ୍କୁ। ଅଫରଟି ହାତଛଡ଼ା କରିବା ପରେ ଏବେ ତାଙ୍କ ସ୍ଥାନରେ ଜଣେ ନବାଗତାଙ୍କୁ ସାଇନ୍ କରାଯିବାର ଯୋଜନା ରହିଛି। ଏ ନେଇ ନୂସରତ କହନ୍ତି, 'ଏହି ଅଫରଟି ମିଳିବା ସମୟରେ ମୁଁ ସେଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି। ହେଲେ ପରେ ଯେତେବେଳେ ସେ ନେଇ ଗଭୀର ଭାବେ ଚିନ୍ତା କଲି ଏବଂ ପ୍ରଯୋଜନା ସଂସ୍ଥାକୁ ମୋ ପକ୍ଷରୁ ନିଷ୍ପତ୍ତି ପରିବର୍ତ୍ତନ ନେଇ ଜଣାଇଲି, ସେତେବେଳକୁ ସବୁକିଛି ଶେଷ ହୋଇ ଯାଇଥିଲା। ମୁଁ ଅଫରଟିକୁ ହାତଛଡ଼ା କରିବା ପରେ ସେମାନେ ଜଣେ ନବାଗତାଙ୍କୁ ସାଇନ୍ କରାଇଛନ୍ତି ବୋଲି ଶୁଣିବାକୁ ମିଳୁଛି।


ନୂସରତ

ନୂଆ ସିନେମା

# ଦେବକନ୍ୟା


(ବାମରୁ) ନୂତନ, ଶୁଭାଶିଷ, ସୁଶ୍ରୀ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ଦେବକନ୍ୟା'। ସେ ପୁରୁଷ ନୁହେଁ, ସେ ନାରୀ ନୁହେଁ, ସେ' ଦେବକନ୍ୟା। ସମାଜ ଯେଉଁଠି ପ୍ରତିବନ୍ଧକ ହୁଏ, ସେଠି ସଂଘର୍ଷ ଆରମ୍ଭ ହୁଏ। ଆଉ ପରିବାର ଯେଉଁଠି ପ୍ରତିବନ୍ଧକ ହୁଏ, ସେଠି ସଂଘର୍ଷ ହାରିଯାଏ। ପରିବାର ଆଉ ସମାଜର ବିରୋଧାଭାସରେ ଲୋକ କଳାକାରଟିଏ କେମିତି ନିଆଁର ଶେଯରେ ଚାଲୁଛି ସେଇଠି ଦେବକନ୍ୟା କାହାଣୀର ଆରମ୍ଭ। ସୁପ୍ରିମ ଏଣ୍ଟରଟେନମେଣ୍ଟର ଏହା ହେଉଛି ଦ୍ୱିତୀୟ ଅବଦାନ। ଏହି ନୂଆ ଓଡ଼ିଆ ସିନେମାର ନାମ ସମର୍ପଣ ଓ ଦୀପଦାନ ପୂଜା ଶ୍ରୀମନ୍ଦିର ସିଂହଦ୍ୱାର ପାଖ ଶ୍ରୀ ପତିତପାବନଙ୍କ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହାର ସଂଳାପ ରଚନା କରିଛନ୍ତି ବିଶିଷ୍ଟ ନାଟ୍ୟକାର ଶଙ୍କର ତ୍ରିପାଠୀ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ସୁରେଶ ସାହୁ ଏବଂ ଏହାର ସହ ପ୍ରଯୋଜକ ଅଛନ୍ତି ଭାର୍ଗବୀ ତ୍ରିପାଠୀ। ନିର୍ଦ୍ଦେଶନା ଭାର ସମ୍ଭାଳିବେ ରାସେଶ ମହାନ୍ତି (ସିଲୁ)। କ୍ରିଏଟିଭ ହେଡ୍ ଅଛନ୍ତି ଶ୍ୟାମା ପ୍ରସାଦ ମିଶ୍ର। ଶୁଭାଶିଷ ଶର୍ମା (ମଣ୍ଟୁ), କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ରବି ମିଶ୍ର, ସୁଶ୍ରୀ, ନୂତନ, କେଦାର ମିଶ୍ର, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର ନାଥ ସିଂ, ଦେବ, ଶମ୍ଭୁ ଖୁଣ୍ଟିଆ ପ୍ରମୁଖ ଏହି ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି।

# ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ : ଏକ ଅଭିସନ୍ଧି

ଓଡ଼ିଆ ସିନେମାକୁ ନେଇ ଏଇ କେତେ ବର୍ଷ ହେବ ଜୋରସୋର ଚର୍ଚ୍ଚା ହେଉଛି। ଏହାର ଭବିଷ୍ୟତକୁ ନେଇ ଲମ୍ବା ଭାଷଣ ଶୁଣିବାକୁ ମିଳୁଛି। ହେଲେ ବାସ୍ତବତା ବହୁତ ଦୂରରେ। କାରଣ ଓଡ଼ିଆ ଚଳଚ୍ଚିତ୍ର ଏବେ କେଉଁ ଅବସ୍ଥାରେ ଅଛି ଏବଂ ତାହାର ଉନ୍ନତି ପାଇଁ କେବଳ କଥା ନୁହେଁ ଉପଯୁକ୍ତ ଉପାୟର ଆବଶ୍ୟକତା ରହିଛି। ଜଗନ୍ନାଥ ଧାମ ପୁରୀରେ ପ୍ରେକ୍ଷାଳୟଟିଏ ନାହିଁ। ଏ ନେଇ ଉଦ୍ୟମ ଆରମ୍ଭ ହେବା ନିହାତି ଦରକାର। ନିକଟରେ କେତୋଟି ଓଡ଼ିଆ ସିନେମା ଦର୍ଶକାଦୃତ ହୋଇଛି। କେବଳ ସେତିକି ନୁହେଁ, 'ଦମନ', 'ପ୍ରତୀକ୍ଷା' ପରି ଚଳଚ୍ଚିତ୍ର ଜାତୀୟ ପୁରସ୍କାର ପାଇଛି। ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ। କିନ୍ତୁ ସେହି ଅନୁସାରେ ଅଧିକ ଭଲ ସିନେମା ନିର୍ମାଣ ହେଲେ ପ୍ରେକ୍ଷାଳୟରେ ଦର୍ଶକ ମରୁଡି ଦେଖିବାକୁ ମିଳନ୍ତା ନାହିଁ।

ଓଡ଼ିଶାରେ ଯେଉଁ ୬୦ଟି ପ୍ରେକ୍ଷାଳୟ ଅଛି ତନ୍ମଧ୍ୟରେ ହିନ୍ଦୀ ଚଳଚ୍ଚିତ୍ର କୋଟି କୋଟି ଟଙ୍କା ବ୍ୟବସାୟ କରୁଥିବା ସ୍ଥଳେ ଓଡ଼ିଆ ସିନେମାର ଅବସ୍ଥା କ'ଣ ହେଉଛି ତାହା ନ କହିବା ଭଲ। ଗୋଟିଏ ଗୋଟିଏ ସିନେମାର ଭାଗ୍ୟ କେବଳ ପ୍ରିମିୟର ଶୋ'ରେ ସୀମିତ ହୋଇଯାଉଛି। ଏବେ ଅନେକ ନବାଗତ ପ୍ରଯୋଜକ ଓଡ଼ିଆ ସିନେମା ପ୍ରଯୋଜନା କରୁଛନ୍ତି। ଏହା ନିଶ୍ଚୟ ଭଲ କଥା। ହେଲେ ସିନେମା ଭଳି ସିନେମାଟିଏ ସିନା ତିଆରି କଲେ ହୁଅନ୍ତା ? ଫିଲ୍ମ ପାଇଁ ନିର୍ଦ୍ଧାରିତ ବଜେଟକୁ ହରିଲୁଟ କରାଯାଉଛି। ଶୁଟିଂ ସମୟରେ ଆର୍ଥିକ ସମସ୍ୟା ଦେଖାଦେଲେ 'ମାର ତାଳି ଉଠା ଥାଳି' ପରି ଯେନତେନ ପ୍ରକାରେ ଶୁଟିଂ ଶେଷ କରାଯାଉଛି। ଫଳରେ ସିନେମାଟି ଦିଅଁ ଗଢୁ ଗଢୁ ବାନ୍ଦର ପରି ହୋଇଯାଉଛି। କାହାଣୀ ସହ ଦୃଶ୍ୟାୟନର ତାଳମେଳ ରହୁନାହିଁ। କଳାକାର ଚୟନ, ସଙ୍ଗୀତ, ସଂଳାପ କଥା ନ କହିବା ଭଲ। ତେଣୁ ଅନେକ ସିନେମା ଦର୍ଶକାଦୃତ ନ ହୋଇପାରିବାର ଏଗୁଡିକ ହେଉଛି ପ୍ରମୁଖ କାରଣ।

ଦିନ ଥିଲା ସୁନ୍ଦର ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀଟିଏ ପ୍ରଯୋଜକମାନେ ଖୋଜୁଥିଲେ। ପ୍ରେକ୍ଷାଳୟରେ ବସି ସିନେମା ଦେଖିବା ବେଳେ ତାହା ଦର୍ଶକଙ୍କୁ ଶତ ପ୍ରତିଶତ ପ୍ରଭାବିତ କରୁଥିଲା। କିନ୍ତୁ ଏବେ ହିନ୍ଦୀ ସିନେମାଟିଏ ରିଲିଜ ହେଲେ ପ୍ରେକ୍ଷାଳୟ ସାମନାରେ ଭିଡ ହେଲେ ଓଡ଼ିଆ ଚିତ୍ରଟିଏ ମୁକ୍ତିଲାଭ କଲେ ହାତଗଣତି ଦର୍ଶକଙ୍କୁ ଦେଖିବାକୁ ମିଳୁଛି।

ଓଡ଼ିଶାରେ ପ୍ରଯୋଜକ ସଂଘ ରହିଛି। ହେଲେ ସେମାନଙ୍କ ସକ୍ରିୟ ଭୂମିକା ନାହିଁ କହିଲେ କିଛି ଭୁଲ୍ ହେବ ନାହିଁ। ଓଡ଼ିଆ ସିନେମାର ଉନ୍ନତି ପାଇଁ ବର୍ତ୍ତମାନର ପ୍ରଯୋଜକମାନେ ଏକାଠି ହୋଇ ଉଦ୍ୟମ କରିବା ଆବଶ୍ୟକ। ଏ ନେଇ ସରକାରଙ୍କ ସହ ଆଲୋଚନା କରାଯାଉ। ପ୍ରଥମ କଥା ହେଲା ଆମ ରାଜ୍ୟରେ ପ୍ରେକ୍ଷାଳୟ ସଂଖ୍ୟା ବଢ଼ିବା ଦରକାର। ଯେହେତୁ ଅଧିକାଂଶ ଓଡ଼ିଆ ସିନେମା ଅସଫଳ ହେଉଛି ତେଣୁ ପ୍ରେକ୍ଷାଳୟ ମାଲିକମାନେ ହିନ୍ଦୀ ସିନେମାକୁ ଗୁରୁତ୍ୱ ଦେଉଛନ୍ତି। ପ୍ରେକ୍ଷାଳୟ ମାଲିକମାନେ ଅତୀତରେ ପ୍ରଯୋଜନା ସଂସ୍ଥାମାନଙ୍କୁ ଅଗ୍ରିମ ଅର୍ଥ ପ୍ରଦାନ କରି ନିଜେ ପ୍ରେକ୍ଷାଳୟରେ ଓଡ଼ିଆ ସିନେମା ପ୍ରଦର୍ଶନ ପାଇଁ ଚୁକ୍ତି କରୁଥିଲେ। ନୂଆବର୍ଷ, ରଜ ଓ ଦୁର୍ଗାପୂଜା ନିମନ୍ତେ ମୁଖ୍ୟତଃ ପ୍ରଯୋଜକମାନେ ନିଜ ନିଜର ସିନେମା ଜରିଆରେ କିଛି ଅର୍ଥ ଲାଭ କରୁଥିଲେ। ଚଳିତ ବର୍ଷ ଅନୁପମ ପଟ୍ଟନାୟକଙ୍କ 'କର୍ମ' ଦୁର୍ଗାପୂଜା ସମୟରେ ରିଲିଜ ହୋଇ ଆଶାତୀତ ବିଜନେସ୍ କରିଛି। ଏହା ଅନ୍ୟ ପ୍ରଯୋଜକମାନଙ୍କୁ ନିଶ୍ଚୟ ପ୍ରେରଣା ଦେବ ଯେ ଭଲ କାହାଣୀ ଚୟନ କଲେ ଏବଂ ସେହି ଅନୁସାରେ କଳାକାର ଚୟନ, ଉପସ୍ଥାପନା ଆଦି ହେଲେ ଫିଲ୍ମଟି ନିଶ୍ଚୟ ଭଲ ବିଜନେସ କରିବ। ହେଲେ ନିର୍ମାଣ କରୁଥିବା ସିନେମାରେ କିଛି ନ ଥାଇ କେବଳ ବାହୁସ୍ଫୋଟ ମାରିଲେ କିଛି ଲାଭ ନାହିଁ।

ଓଡ଼ିଆ ସିନେମାର ଏପରି ଅସ୍ତିତ୍ୱରେ ଖିଅ ନ ଖୋଜିଲେ ୮୭ ବର୍ଷର ଓଡ଼ିଆ ସିନେମା ନୀରବତା ମଧ୍ୟରେ ମଉଳିଯିବ। କେବଳ ପ୍ରଚାର ସର୍ବସ୍ୱ ହେଲେ ଓଡ଼ିଆ ସିନେମାର ସ୍ଥିତି ବୁଡି ଗଲା ଗୋଡ ତଳକୁ ତଳକୁ ପରି ହେବ। ସମସ୍ତେ ଏକାଠି ହୋଇ ଓଡ଼ିଆ ସିନେମାର ଉନ୍ନତି ପ୍ରକୃତରେ କିପରି ହୋଇପାରିବ ତାହା ଚିନ୍ତା କରିବା ଦରକାର। ତେଣୁ ସାମଗ୍ରିକ ଉଦ୍ୟମ ହେଲେ ଆମ ଓଡ଼ିଆ ସିନେମା ତାହାର ପୂର୍ବ ଗୌରବ ଫେରିପାଇବ–ଏକଥା ନିଃସନ୍ଦେହରେ କୁହାଯାଇପାରେ।

**–ଦିଲ୍ଲୀପ ହାଲି,** ବଡଗଡ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଟିପ୍ସ ବାଣ୍ଟୁଛନ୍ତି ଦିଶା

ଦିଶା ପଟାନିଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କେଉଁ ପ୍ରକାର ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି ? କଥା କ'ଣ କି ନିକଟରେ କେତେ ଜଣ ସାଙ୍ଗମାନଙ୍କ ସହ ତାଙ୍କର ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ ନେଇ କିଛି କହିବାକୁ ଭୁଲି ନ ଥିଲେ ସେ। ଏ ନେଇ ଦିଶା କହନ୍ତି, 'ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର। କାରଣ ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ହେଉଛି ସବୁଠାରୁ ବଡ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହେ।'

# ଅନନ୍ୟାଙ୍କ ସଜବାଜ

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ଭାରି ବ୍ୟସ୍ତ ଅଛନ୍ତି। ହେଲେ କ'ଣ ପାଇଁ ଜାଣିବେନି ? ଏବେ ଏକ କଥା ପାଇଁ ପ୍ରସ୍ତୁତିରେ ବ୍ୟସ୍ତ। କଥା କ'ଣ କି ନିକଟରେ ତାଙ୍କୁ ଏକ ନୂଆ ଅଫର ମିଳିଥିଲା। ଏହାକୁ ଭଲ ଭାବରେ ତର୍ଜମା କରିବା ପରେ ସେଥିରେ ଅଭିନୟ କରିବାକୁ ରାଜି ହୋଇଛନ୍ତି। କେବଳ ସେତିକି ନୁହେଁ, ଏଥିରେ ସଂଯୋଜିତ ଗୀତଗୁଡିକୁ ଶୁଣିବା ପରେ ସେଗୁଡିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ମଧ୍ୟ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' ତେବେ ଏଥିରେ ତାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।


ଅନନ୍ୟା


ଦିଶା

# ଇମୋଶନାଲ କ୍ରୀତି

କ୍ରୀତି ସାନନ କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। କିଛି ସପ୍ତାହ ପୂର୍ବରୁ ତାଙ୍କୁ ଏକ ନୂଆ ଅଫର ମିଳିଥିଲା। ନୂଆ ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ତାଙ୍କୁ ସହଯୋଗ କରିଥିଲେ। ହେଲେ କାହାଣୀର କ୍ଲାଇମାକ୍ସ ସମୟରେ କ୍ରିତିଙ୍କ ଆଖି ଛଳଛଳ ହୋଇଯାଇଥିଲା। ହଠାତ୍ କ'ଣ ହେଲା ତାହା ମଧ୍ୟ ପ୍ରଯୋଜକ ଜାଣିପାରିଲେ ନାହିଁ। ଏ ସମ୍ପର୍କରେ କ୍ରୀତି କହନ୍ତି, 'ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ହେଲେ ମୁଁ କାହାଣୀ ସହ ଏପରି ମଜି ଯାଇଥିଲି ଯେ ହଠାତ୍ ଇମୋଶନାଲ ହୋଇପଡିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀ ନେଇ କାହାଣୀ ଗତିଶୀଳ। ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। ତା'ସହ ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡିବ।' ତେବେ ଏହି ନୂଆ ଫିଲ୍ମର ଟାଇଟଲ ଏବଂ ଅବଶିଷ୍ଟ କାଷ୍ଟିଂ ଫାଇନାଲ ହୋଇନାହିଁ।

# ବର୍ଷା ପାଇଁ ମ୍ୟାଚ୍ ଡ୍ର

**ବ୍ରିସବେନ୍,୧୮।୧୨(ପି.ଟି.)**

ବ୍ରିସବେନ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳା ଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଡ୍ରରେ ଶେଷ ହୋଇଛି। ଚତୁର୍ଥ ଦିନରେ ଭାରତୀୟ ବୋଲରଙ୍କ ଲଜ୍ଜୁଆ ବ୍ୟାଟିଂ ଓ ଅନ୍ତିମ ଦିନରେ ବର୍ଷା ଫଳରେ ଭାରତ ଏକ ବିପର୍ଯ୍ୟୟକୁ ଏଡାଇ ଯାଇଛି। ଚତୁର୍ଥ ଦିନରେ ଭାରତ ପକ୍ଷରୁ ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା ଲଜ୍ଜୁଆ ଅର୍ଦ୍ଧଶତକ ହାସଲ କରବା ସହ ଅନ୍ତିମ ଉଇକେଟରେ ୪୭ ରନ୍ ଯୋଡିବା ଫଳରେ ଭାରତ ଫଲୋଅନ୍ ଏଡାଇଥିଲା। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୭ ଉଇକେଟରେ ୮୯ ରନ୍ ସ୍କୋର କରିଥିବା ବେଳେ ଭାରତ ସମ୍ମୁଖରେ ୨୭୫ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ବର୍ଷା ଯୋଗୁ ଖେଳ ସମ୍ଭବ ନ ହେବା କାରଣରୁ ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା। ତୃତୀୟ

## ତୃତୀୟ ଟେଷ୍ଟ

ମ୍ୟାଚ ପରେ ଉଭୟ ଦଳ ଗୋଟିଏ ଲେଖାଏ ବିଜୟ ସହ ୧-୧ରେ ରହିଥିବା ବେଳେ ମେଲବୋର୍ନରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।

ଚତୁର୍ଥ ଦିନର ଅସମାପ୍ତ ସ୍କୋର ୨୫୨/୯ରୁ ଖେଳ ଆରମ୍ଭ କରିଥିଲା ଭାରତ। ପୂର୍ବ ଦିନର ସ୍କୋରରେ ଆଉ ୮ ରନ୍ ଯୋଡିଥିବା ବେଳେ ସମସ୍ତ ରନ୍ ଅତିରିକ୍ତ ଭାବରେ ଆସିଥିଲା। ଟ୍ରାଭିସ ହେଡ୍‌ଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଆକାଶ ଦୀପ୍ ଷ୍ଟମ୍ପ ଆଉଟ ହେବା ପରେ ଭାରତୀୟ ଇନିଂସ ୨୬୦ ରନ୍‌ରେ ଶେଷ ହୋଇଥିଲା। ପୂର୍ବରୁ ଚତୁର୍ଥ ଦିନରେ ଲଜ୍ଜୁଆ ଇନିଂସ ଖେଳି ଭାରତକୁ ଫଲୋଅନରୁ ବଞ୍ଚାଇଥିଲେ ଆକାଶ ଦୀପ୍ ଓ ଯଶପ୍ରୀତ୍ ବୁମରା। ଅନ୍ୟ ମାନଙ୍କ ମଧ୍ୟରେ ଓପନର ଲୋକେଶ ରାହୁଲ ୮୪ ଓ ରବୀନ୍ଦ୍ର ଜାଡେଜା ୭୭ ରନ୍‌ର ଇନିଂସ ଖେଳିଥିଲେ।

୧୮୫ ରନ୍‌ରେ ଆଗୁଆ ରହିବା ପରେ ଅଷ୍ଟ୍ରେଲିଆ ଇନିଂସ ଆରମ୍ଭ କରିଥିଲା। ଦ୍ରୁତ ବ୍ୟାଟିଂ କରି ଭାରତକୁ ଖେଳାଇବାକୁ ଦଳର ଯୋଜନା ରହିଥିଲେ ମଧ୍ୟ ଭାରତୀୟ ବୋଲର ଚମତ୍କାର ବୋଲିଂ କରିଥିଲେ। ଯଶପ୍ରୀତ୍ ବୁମ୍‌ରା ୩ ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିବା ବେଳେ ଆକାଶ ଦୀପ୍ ଓ ମହମ୍ମଦ ସିରାଜ ମଧ୍ୟ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ୍ କୁମିନ୍ସ ସର୍ବାଧିକ ୧୦ ବଲ୍‌ରୁ ୨୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍ସ କେରୀ ୨୦ ଓ ଟ୍ରାଭିସ୍ ହେଡ୍ ୧୭ ରନ୍ କରିଥିଲେ। ଦଳୀୟ ସ୍କୋର ୮୯/୭ ଥିବା ବେଳେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଦିନରେ ଆଉ ୫୪ ଓଭରର ଖେଳ ବାକି ରହିଥିବା ବେଳେ ଉଭୟ ଦଳ ନିକଟରେ ସୁଯୋଗ ରହିଥିଲା। ତେବେ ଭାରତୀୟ ଇନିଂସର ମାତ୍ର ୨ ଓଭରର ଖେଳ ସମ୍ଭବ ହୋଇ ପାରିଥିଲା। ବର୍ଷା କାରଣରୁ ଚା ପାନ ବିରତି ପରେ ଖେଳ ସମ୍ଭବ ନ ହେବାରୁ ମ୍ୟାଚ୍‌କୁ ଡ୍ର ଘୋଷଣା କରାଯାଇଥିଲା। ପ୍ରଥମ ଇନିଂସରେ ଶତକୀୟ ପାଳି ଖେଳିଥିବା ଟ୍ରାଭିସ୍ ହେଡଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ଉସ୍‌ମାନ ଖ୍ୱାଜାଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍‌ରା।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୪୪୫/୧୦। ଭାରତ ପ୍ରଥମ ଇନିଂସ ୭୮.୫ ଓଭରରେ ୨୬୦/୧୦ (ଲୋକେଶ ରାହୁଲ-୮୪, ରବୀନ୍ଦ୍ର ଜାଡେଜା-୭୭, ଆକାଶ ଦୀପ୍-୩୧, ପ୍ୟାଟ୍ କୁମିନ୍ସ-୪/୮୧, ମିଚେଲ ଷ୍ଟାର୍କ-୩/୮୩, ଜୋଶ ହାଜେଲଉଡ୍-୧/୨୨)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୧୮ ଓଭରରେ ୮୯/୭ (ପ୍ୟାଟ୍ କୁମିନ୍ସ-୨୨, ଆଲେକ୍ସ କେରୀ-୨୦, ଟ୍ରାଭିସ୍ ହେଡ୍-୧୭, ଯଶପ୍ରୀତ୍ ବୁମରା-୩/୧୮,ଆକାଶ ଦୀପ-୨/୨୮, ମହମ୍ମଦ ସିରାଜ-୨/୩୬)। ଭାରତ ଦ୍ୱିତୀୟ ଇନିଂସ ୨.୧ ଓଭରରେ ୮/୦ (ଯଶସ୍ୱୀ ଜୟସ୍ୱାଲ-୪*, ଲୋକେଶ ରାହୁଲ-୪*)।

# ଅଶ୍ୱିନଙ୍କ ଅବସରକୁ ନେଇ ପ୍ରତିକ୍ରିୟା



ରୋହିତ ଶର୍ମାଙ୍କ ଉପସ୍ଥିତିରେ ଅବସର ଘୋଷଣା କରୁଛନ୍ତି ରବିଚନ୍ଦ୍ରନ ଅଶ୍ୱିନ।

**ନୂଆଦିଲ୍ଲୀ,୧୮।୧୨(ପି.ଟି.)**

ଭାରତୀୟ କ୍ରିକେଟ ଇତିହାସର ଅନ୍ୟତମ ଶ୍ରେଷ୍ଠ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅବସର ଘୋଷଣା କରିଥିଲେ। ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ପରି ଟେଷ୍ଟ ସିରିଜ୍ ଅଧାରୁ ଅଶ୍ୱିନ ଅବସର ନେଇ ସମସ୍ତଙ୍କୁ ଚକିତ କରି ଦେଇଥିଲେ। ଏହାପରେ ଅନେକ ସାଥୀ ଖେଳାଳି ତାଙ୍କ ପାଇଁ ଟୁଇଟ୍ କରିଥିଲେ। ଭାରତୀୟ ଡ୍ରେସିଂ ରୁମ୍‌ରେ ଅଶ୍ୱିନଙ୍କ ଦୀର୍ଘ ଦିନର ବନ୍ଧୁ ରହିଥିବା ବିରାଟ କୋହଲି, ଗୌତମ ଗମ୍ଭୀର ଓ ଅଜିଙ୍କ୍ୟ ରାହାନେଙ୍କ ପରି ଖେଳାଳି ଏକ୍ସରେ ପୋଷ୍ଟ କରିଥିଲେ।

କୋହଲି ଲେଖିଥିଲେ ତୁମ ସହ ୧୪ ବର୍ଷ ସାଥୀ ହୋଇ ଖେଳିଛି। ଆଜି ଯେତେବେଳେ ତୁମ ଅବସର ନିଷ୍ପତ୍ତି ସମ୍ପର୍କରେ ଶୁଣିଲି ଏହା ମୋତେ ଭାବବିହ୍ୱଳ କରି ଦେଇଥିଲା। ଏତେ ବର୍ଷ ସାଥୀ ହୋଇ ଖେଳିବାର ସ୍ମୃତି ଗୁଡିକ ମୋ ସାମ୍ନାକୁ ଆସି ଯାଇଥିଲା ବୋଲି କୋହଲି ଏକ୍ସରେ ପୋଷ୍ଟ କରିଥିଲେ। ଏହା ସହ ସେ ଲେଖିଥିଲେ ଭାରତୀୟ ଦଳକୁ ମ୍ୟାଚ୍ ଜିତାଇବାରେ ତୁମ ଦକ୍ଷତା ଅଦ୍ୱିତୀୟ। ତୁମେ ସର୍ବଦା ଭାରତୀୟ କ୍ରିକେଟର କିମ୍ବଦନ୍ତୀ ଭାବରେ ରହିବ ବୋଲି କୋହଲି ଲେଖିଥିଲେ।

ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଲେଖିଥିଲେ 'ଜଣେ ଯୁବ ବୋଲରରୁ ଆଧୁନିକ ଯୁଗର କିମ୍ବଦନ୍ତୀ ଭାବରେ ଦେଖିବାର ସୌଭାଗ୍ୟ ଅର୍ଜନ କରିଥିବାରୁ ମୁଁ ଗର୍ବିତ। ଏକାଧିକ ପିଢିକୁ ବୋଲିଂକୁ କ୍ୟାରିୟର ଭାବରେ ଗ୍ରହଣ କରିବାକୁ ତୁମେ ପ୍ରେରଣା ଯୋଗାଇବ। ତୁମକୁ ଭାରତୀୟ କ୍ରିକେଟ ସର୍ବଦା ମିସ୍ କରିବ।

ପୂର୍ବତନ ଭାରତୀୟ କ୍ରିକେଟ ଦଳ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ଅଶ୍ୱିନଙ୍କୁ ପ୍ରଶଂସା କରିଥିଲେ। ଏକ ଚମତ୍କାର କ୍ୟାରିୟରର ଶେଷ ପାଇଁ ତୁମକୁ ଧନ୍ୟବାଦ। ମୋ ସମୟରେ ତୁମେ ଜଣେ ଚମତ୍କାର ଖେଳାଳି ରହିଥିଲ। ନିଜ ଦକ୍ଷତା ବଳରେ ହିଁ ତୁମେ ଏହାକୁ ସମ୍ଭବ କରି ପାରିଥିଲ ବୋଲି ଲେଖିଥିଲେ ଶାସ୍ତ୍ରୀ।

ଟେଷ୍ଟରେ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ଅନୀଲ କୁମ୍ବଲେ ମଧ୍ୟ ଅଶ୍ୱିନଙ୍କ ପାଇଁ ଲେଖିଥିଲେ। ଟେଷ୍ଟ କ୍ରିକେଟରେ ୭୦୦ରୁ ଅଧିକ ଉଇକେଟ ନେଇଥିବା ବେଳେ ତୁମ କ୍ରିକେଟିଂ ବ୍ରେନ୍ ଅତ୍ୟନ୍ତ ଚମତ୍କାର। ଏକ ଚମତ୍କାର କ୍ୟାରିୟରର ସମାପ୍ତିରେ ତୁମକୁ ଶୁଭେଚ୍ଛା।

ଅନ୍ୟତମ ଭାରତୀୟ କ୍ରିକେଟର ଅଜିଙ୍କ୍ୟ ରାହାନେ ମଧ୍ୟ ଅଶ୍ୱିନଙ୍କ ପ୍ରଶଂସା କରିଥିଲେ। ତୁମ ପରି ବୋଲରଙ୍କ କାରଣରୁ ସ୍ଲିପ୍‌ରେ ଫିଲ୍ଡିଂ କରିବା ଆଦୌ ବୋରିଙ୍ଗ ଲାଗି ନ ଥାଏ। ଜୀବନର ଅନ୍ୟ ଏକ ଅଧ୍ୟାୟକୁ ସ୍ୱାଗତ ବୋଲି ରାହାନେ ଲେଖିଥିଲେ।

ଟେଷ୍ଟରେ ଭାରତର ଚତୁର୍ଥ ସର୍ବାଧିକ ଉଇକେଟ ହାସଲକାରୀ ହରଭଜନ ସିଂ ଓ ଯୁବରାଜ ସିଂ ମଧ୍ୟ ଅଶ୍ୱିନଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ପୂର୍ବତନ ଉଇକେଟ କିପର ଦୀନେଶ କାର୍ତ୍ତିକ ତାଙ୍କୁ ଗୋଟ୍ ବୋଲି ସମ୍ବୋଧନ କରିଥିବା ବେଳେ ତାମିଲନାଡୁର ଶ୍ରେଷ୍ଠ ଖେଳାଳି ମଧ୍ୟ କହିଥିଲେ। ତୁମ ସହ ଖେଳିଥିବାରୁ ମୁଁ ଗର୍ବିତ ବୋଲି ଲେଖିଥିଲେ କାର୍ତ୍ତିକ। ଅନ୍ୟ ମାନଙ୍କ ମଧ୍ୟରେ ସୁରେଶ ରାଇନା, ମହମ୍ମଦ କୈଫ୍ ମଧ୍ୟ ଅଶ୍ୱିନଙ୍କୁ ପ୍ରଶଂସା କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ